


ଡିସେମ୍ବରର ଶ୍ରେଷ୍ଠ ଆଇସିସି ଖେଳାଳି ପୃଷ୍ଠା ୭


# ସଂଚାର

THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 293 | ଭାଗ ୩୨ | ସଂଖ୍ୟା ୨୯୩ | Bhubaneswar | Thursday 16 January 2025 | Page 8 Rs. 4.00 | ଭୁବନେଶ୍ୱର ଗୁରୁବାର ୧୬ ଜାନୁଆରୀ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


ଶିକ୍ଷା ବ୍ୟବସ୍ଥାରେ ବଡ଼ ପରିବର୍ତ୍ତନ

## ସ୍କୁଲ ସ୍ତରରେ ଲାଗୁ ହେବ ଜାତୀୟ ଶିକ୍ଷା ନୀତି



**ଭୁବନେଶ୍ୱର,୧୫।୧(ସଂଚାର ବ୍ୟୁରୋ):** ଗଣଶିକ୍ଷା ବିଭାଗରେ ଲାଗୁ ହେଲା ଜାତୀୟ ଶିକ୍ଷା ନୀତି-୨୦୨୦। ଉଚ୍ଚଶିକ୍ଷା ପରେ ଏବେ ଗଣଶିକ୍ଷା ବିଭାଗରେ ଏନଇପି ଲାଗୁ କରିବା ପାଇଁ ସ୍କୁଲ ଓ ଗଣଶିକ୍ଷା ବିଭାଗର ବିଜ୍ଞପ୍ତି ପ୍ରକାଶ ପାଇଛି। ଶିକ୍ଷା ବିଭାଗକୁ ସୁଦୃଢ଼ କରିବା ପାଇଁ ଏହି ନିଷ୍ପତ୍ତି ହୋଇଛି । ଏଥିପାଇଁ ବୁଧବାର ଗଣଶିକ୍ଷା ବିଭାଗ ପକ୍ଷରୁ ଜାରି ହୋଇଛି ବିଜ୍ଞପ୍ତି। ରାଜ୍ୟରେ ଶିକ୍ଷା ବ୍ୟବସ୍ଥା ସୁଦୃଢ଼ କରିବାକୁ ଧ୍ୟାନରେ ରଖି ନୀତି ଲାଗୁ କରିବାକୁ ନିଷ୍ପତ୍ତି ନିଆଯାଇଥିବା କୁହାଯାଇଥିବାବେଳେ, ଏନଇପି-୨୦୨୦ ଲାଗୁ ପୂର୍ବରୁ ପାଠ୍ୟ ଖସଡ଼ା ପ୍ରସ୍ତୁତିବେଳେ ଆଞ୍ଚଳିକ ବିଷୟବସ୍ତୁକୁ ବିଚାରକୁ ନେବାକୁ ମଧ ବିଜ୍ଞପ୍ତରେ କୁହାଯାଇଛି। ସୂଚନା ଥାଉକି, ଗତ ବର୍ଷ ନଭେମ୍ବରରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ୨୦୨୪-୨୫ ଶିକ୍ଷା ବର୍ଷରେ ଜାତୀୟ ଶିକ୍ଷା ନୀତି ୨୦୨୦ କାର୍ଯ୍ୟକାରୀ କରାଯିବା ନେଇ ଘୋଷଣା କରିଥିଲେ। ତେବେ ଏହି ନୂତନ ଶିକ୍ଷା ନୀତି-୨୦୨୦ ଅନୁସାରେ ଓଡ଼ିଶାରେ ଚାରି ବର୍ଷିଆ ସ୍ନାତକ ପାଠ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି, ଯେଉଁଥିରେ ପ୍ରତ୍ୟେକ ବର୍ଷ ପରେ ଯୋଗ୍ୟ ଛାତ୍ରମାନଙ୍କୁ ସାର୍ଟିଫିକେଟ୍, ଡିପ୍ଲୋମା, ଡିଗ୍ରୀ ଓ ଡିଗ୍ରୀ ଅନର୍ସ ପ୍ରଦାନ କରାଯିବ । ୟୁଜିସି ଦ୍ୱାରା ପ୍ରଦତ୍ତ କ୍ରେଡିଟ୍ ଫ୍ରେମ୍ୱାର୍କ ଆଧାରରେ ରାଜ୍ୟସ୍ତରୀୟ କ୍ରେଡିଟ୍ ଫ୍ରେମ୍ୱର୍କ ପ୍ରସ୍ତୁତ ହୋଇଛି ଏବଂ ଏଥିରେ ଦକ୍ଷତା ବିକାଶ ଏବଂ ଇର୍ଣ୍ଟର୍ଣ୍ଣସିପ୍ ପାଇଁ ସୁଯୋଗ ପ୍ରଦାନ ସହିତ ଉପଯୁକ୍ତ କ୍ରେଡିଟ୍ ପ୍ରଦାନ କରାଯାଇଛି । କମ୍ୟୁନିଟି ସର୍ଭିସ ଓ ଏକ୍ସା କରିକୁଲାର ଆକ୍ଟିଭିଟି, ଏନସିସି, ଏନଏସଏସ ଇତ୍ୟାଦି ପାଇଁ ମଧ କ୍ରେଡିଟ ପ୍ରଦାନ କରାଯିବ। ଏତଦ୍ୱାରା ଛାତ୍ରଛାତ୍ରୀମାନେ ନିଜ ସ୍ୱେଚ୍ଛାରେ ତାଙ୍କର ବିଷୟଗୁଡ଼ିକ ଚୟନ କରି ଏକାଧିକ ଥର ପାଇଁ ଉଚ୍ଚ ଶିକ୍ଷା ଅନୁଷ୍ଠାନ ମାନଙ୍କରେ ପ୍ରବେଶ ଓ ପ୍ରସ୍ଥାନ ସହ ୭ ବର୍ଷ ଭିତରେ ତାଙ୍କର ଡିଗ୍ରୀ କୋର୍ସକୁ ପୂର୍ଣ୍ଣ କରିପାରିବେ । ନୂତନ ଶିକ୍ଷା ନୀତି ୨୦୨୦ ଅନୁସାରେ ଓଡ଼ିଶାର ଉଚ୍ଚ ଶିକ୍ଷା ବ୍ୟବସ୍ଥାକୁ ଅଧିକ ଗୁଣାତ୍ମକ, ସ୍ୱାୟତ୍ତ ଏବଂ ସମାବେଶୀ କରିବାକୁ ପଦକ୍ଷେପ ନିଆଯାଉଛି। ଏଥିରେ ଭିନ୍ନ ଯୋଜନାମାନଙ୍କ ମାଧ୍ୟମରେ ଅନୁସନ୍ଧାନ ଓ ନୂତନତାକୁ ବଢ଼ାଇବା, ପ୍ରାକ୍ଟିକାଲ୍ ଆଧାରିତ ଶିକ୍ଷାକୁ ଓ ଶିଳ୍ପ ସହିତ ଇର୍ଣ୍ଟର୍ଣ୍ଣସିପ୍ ➪ପୃଷ୍ଠା-୬

## କଥା ରଖିଲେ ମୋହନ: ଆଜିଠୁ ମାସିକ ୩୫ଶହ




**ଭୁବନେଶ୍ୱର,୧୫।୧(ସଂଚାର ବ୍ୟୁରୋ):** ପୂର୍ବରୁ ରାଜ୍ୟ ସରକାର ୮୦ ବର୍ଷ କିମ୍ବା ତଦୁର୍ଦ୍ଧ୍ୱ ବୟୋଜ୍ୟେଷ୍ଠ ନାଗରିକ ଓ ୮୦ କିମ୍ବା ତଦୁର୍ଦ୍ଧ୍ୱ ପ୍ରତିଶତ ଅକ୍ଷମ ଥିବା ବ୍ୟକ୍ତିବିଶେଷଙ୍କୁ ମାସିକ ସାଢ଼େ ୩ ହଜାର ଟଙ୍କା ପେନ୍‌ସନ୍ ବାବଦରେ ପ୍ରଦାନ କରିବା ସକାଶେ ଘୋଷଣା କରିଥିଲେ। ଆଜିଠାରୁ ଏହି ଯୋଜନାକୁ ଲାଗୁ

- ଉପକୃତ ହେବେ ୪.୧୭ ଲକ୍ଷ ହିତାଧିକାରୀ
- ବୟୋଜ୍ୟେଷ୍ଠ ଓ ଅସହାୟଙ୍କୁ ସମ୍ମାନ ଆଦର୍ଶ ସମାଜର ଲକ୍ଷଣ: ମୁଖ୍ୟମନ୍ତ୍ରୀ

କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସମ୍ପ୍ରତି କେନ୍ଦୁଝରର ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ସେଠାରେ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି। ପୂର୍ବରୁ ଏହି ବୟସ ବର୍ଗର ନାଗରିକ ଓ ଅକ୍ଷମ ବ୍ୟକ୍ତିଙ୍କୁ ମାସିକ ୧୨୦୦ ଟଙ୍କା ମାସିକ ପେନ୍‌ସନ୍ ଆକାରରେ ପ୍ରଦାନ କରାଯାଉଥିଲା। କିନ୍ତୁ ଗତ ନିର୍ବାଚନ ସମୟରେ ବିଜେପି କ୍ଷମତାକୁ ଆସିଲେ ଏହାକୁ ସାଢ଼େ ୩ ହଜାରକୁ ବୃଦ୍ଧି କରିବା ସକାଶେ ପ୍ରତିଶ୍ରୁତି ଦେଇଥିଲା। କ୍ଷମତାକୁ ଆସିବା ପରେ ଶ୍ରୀ ମାଝୀଙ୍କ ନେତୃତ୍ୱାଧୀନ ବିଜେପି ସରକାର ତା'ର ପ୍ରତିଶ୍ରୁତି ପାଳନ କରିବା ସହ ଏ ସଂକ୍ରାନ୍ତ ପ୍ରସ୍ତାବରେ ରାଜ୍ୟ କ୍ୟାବିନେଟ୍ ମୋହର ମାରିଥିଲା। ସାଢ଼େ ୩ ହଜାର ମାସିକ ପେନ୍‌ସନ୍ ବ୍ୟବସ୍ଥା ଲାଗୁ ହେବା ପରେ ଏଥିରୁ ରାଜ୍ୟର ମୋଟ ୪ ଲକ୍ଷ ୧୭ ହଜାର ୪୯୬ ଜଣ ହିତାଧିକାରୀ ଉପକୃତ ହୋଇପାରିବେ ବୋଲି ଜଣାପଡ଼ିଛି।

ଏନେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବରିଷ୍ଠ ନାଗରିକ, ଭିନ୍ନକ୍ଷମ ଓ ଅସହାୟ ବ୍ୟକ୍ତିଙ୍କୁ ସମ୍ମାନ ଓ ଆଦର ଦିଆଯିବା ଏକ ଆଦର୍ଶ ସମାଜର ଲକ୍ଷଣ। ଏମାନଙ୍କ ପ୍ରତି ସମାଜ ସମ୍ବେଦନଶୀଳ ହେବା ଆବଶ୍ୟକ। ବରିଷ୍ଠ ନାଗରିକମାନେ ଆମ ଆସ୍ଥା ଓ ବିଶ୍ୱାସର ମନ୍ଦିର। ସେମାନଙ୍କ ହସ, ଖୁସି ଏବଂ ଯୁବ ସମାଜ ଉପରେ ସେମାନଙ୍କ ଅଖଣ୍ଡ ଆସ୍ଥା ହିଁ ➪ପୃଷ୍ଠା-୬

ଏଚ୍‌ଏମ୍‌ପିଭି ସମ୍ପର୍କିତ ସମୀକ୍ଷା ବୈଠକ, ଆତଙ୍କିତ ନ ହେବାକୁ ପରାମର୍ଶ

## ରାଜ୍ୟରେ ଏଚ୍‌ଏମ୍‌ପିଭି ପ୍ରଭାବ ଶୂନ



**ଭୁବନେଶ୍ୱର,୧୫।୧(ସଂଚାର ବ୍ୟୁରୋ):** ଚୀନ୍‌ରୁ ଭାରତ ମାଟିରେ ପ୍ରବେଶ କରିଥିବା ହ୍ୟୁମାନ୍ ମେଟା ନ୍ୟୁମୋ ଭାଇରସ୍ (ଏଚ୍‌ଏମ୍‌ପିଭି) ସମ୍ପର୍କିତ ଏକ ସମୀକ୍ଷା ବୈଠକ ଆଜି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍‌ଙ୍କ ଅଧ୍ୟକ୍ଷତାରେ ବିଭାଗୀୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଏଥିରେ ରାଜ୍ୟ ଜନସାଧାରଣ ଏଚ୍‌ଏମ୍‌ପିଭି ଭୂତାଣୁ ନେଇ ବିଚଳିତ କିମ୍ବା ଆତଙ୍କିତ ହେବାର କୌଣସି କାରଣ ନାହିଁ ବୋଲି ମତ ପ୍ରକାଶ ପାଇଛି। ଏହି ସଂକ୍ରମଣକୁ ରୋକିବା ସକାଶେ ଭାରତ ଓ ଓଡ଼ିଶା ସରକାର ଏବଂ ସର୍ବୋପରି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହାକୁ ନେଇ ସମ୍ପୂର୍ଣ୍ଣ ସଜାଗ ରହିଛନ୍ତି। ଅଦ୍ୟାବଧି ଅଦ୍ୟାବଧି ରାଜ୍ୟରେ ଏହି ଭୂତାଣୁର ପ୍ରଭାବ ଶୂନ ରହିଛି। ତା' ସତ୍ତ୍ୱେ ଓଡ଼ିଶା ସରକାର ସମସ୍ତ ପରିସ୍ଥିତି ପାଇଁ ପ୍ରସ୍ତୁତ ଅଛନ୍ତି। ଆଇଡିଏସ୍‌ପି, ଏନ୍‌ସିଡିସିଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ସମସ୍ତ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ, ଭୁବନେଶ୍ୱର ଏମସ୍, ଆର୍‌ଏମ୍‌ଆର୍‌ସି, ଆଇଏଲ୍‌ଏସ୍ ପ୍ରଭୃତି ଏହା ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ତେଣୁ ଜନସାଧାରଣ ତଥା ଗଣମାଧ୍ୟମ ଅଯଥା ବ୍ୟସ୍ତବିବ୍ରତ କିମ୍ବା ବିଚଳିତ ହେବାର କୌଣସି କାରଣ ନାହିଁ। ବ୍ୟାପକ ଜନସଚେତନତା ଓ ସତର୍କତା ଦ୍ୱାରା ସଂକ୍ରମଣକୁ ସହଜରେ ପ୍ରତିହତ କରାଯାଇପାରିବ। ତେଣୁ ସଦାସର୍ବଦା ବ୍ୟକ୍ତିଗତ ତଥା ପରିବେଶର ପରିଷ୍କାର ପରିଚ୍ଛନ୍ନତା ➪ପୃଷ୍ଠା-୬

## ବିଜେଡିରେ ଅଜବ ସ୍ଥିତି: ବରିଷ୍ଠ ବନାମ କ୍ରୀତଦାସ ସେନା

- ସନ୍ୟାସୀଙ୍କ ମାମଲାତି ବିରୋଧରେ ବରିଷ୍ଠଙ୍କ ମେଳି
- ବିକଳ୍ପ ନେତା ପାଇଁ କ୍ରୀତଦାସ ସେନା କରୁଛି ଷଡଯନ୍ତ୍ର





**ଭୁବନେଶ୍ୱର,୧୫।୧ (ସଂଚାର ବ୍ୟୁରୋ):** ରାଜ୍ୟ ବିଜେଡି ଏବେ ଅଜବ ସ୍ଥିତି ଦେଇ ଗତି କରୁଛି। ତାସ ଘର ଭଳି ଛିଡା ହୋଇଥିବା ଦଳର ଗୋଟିଏ ପରେ ଗୋଟିଏ ପତା ଦୋହଲିବା ଆରମ୍ଭ କଲାଣି। ବରିଷ୍ଠ ନେତାମାନେ ନବୀନ ପଟ୍ଟନାୟକଙ୍କ ବଦଳରେ ସନ୍ୟାସୀଙ୍କ ଦବଦବାକୁ ଗ୍ରହଣ କରିବାକୁ ନାରାଜ। ସେପଟେ କ୍ରୀତଦାସଙ୍କ ସେନା ଦଳରେ ନେତୃତ୍ୱ ପରିବର୍ତ୍ତନ ପାଇଁ ପ୍ରେସର ଗ୍ରୁପ ତିଆରି କରୁଛନ୍ତି। ଏଥିପାଇଁ ଆଜି ରାଜଧାନୀରେ ଦୁଇଟି ସମାନ୍ତରାଳ ବୈଠକ ବସିଥିବା ଦେଖିବାକୁ ମିଳିଥିଲା।

ଗତ ସାଧାରଣ ନିର୍ବାଚନରେ ସନ୍ୟାସୀଙ୍କ ଏକଛତ୍ରବାଦ ପାଇଁ ବିଜେଡି ହାରିଗଲା। ଏକଥା ବିଜେଡିର ସାଧାରଣ କର୍ମୀଙ୍କ ଠାରୁ ଆରମ୍ଭ କରି ବରିଷ୍ଠ ନେତାମାନେ ଅନୁଭବ କରୁଛନ୍ତି। ତେଣୁ ସେମାନେ ଦଳରେ ଆଉ ସନ୍ୟାସୀଙ୍କୁ ସହ୍ୟ କରିବା ସ୍ଥିତିରେ ନାହାଁନ୍ତି। ନବୀନ ପଟ୍ଟନାୟକ କିନ୍ତୁ ସନ୍ୟାସୀଙ୍କୁ ଛାଡିବାକୁ ନାରାଜ। ଯେଉଁଥିପାଇଁ ଆଜି ବିଧାୟକ ପ୍ରସନ୍ନ ଆଚାର୍ଯ୍ୟଙ୍କ ଭୁବନେଶ୍ୱରସ୍ଥିତ ଘରେ ବସିଥିଲା କିଛି ବରିଷ୍ଠ ନେତାଙ୍କ ବୈଠକ।

ବୈଠକରେ ଅଶୋକ ପଣ୍ଡା, ପ୍ରଫୁଲ୍ଲ ମଲ୍ଲିକ, ପଦ୍ମନାଭ ବେହେରା, ଦେବେଶ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ। ଯଦିଓ ବୈଠକକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଆଉ କିଛି ବରିଷ୍ଠ ନେତାଙ୍କୁ ଡକାଯାଇଥିଲା, ସେମାନେ କିନ୍ତୁ ଆସିନଥିଲେ। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବିଜେଡି ହାରିଯିବା ପରେ ପାଣ୍ଡିଆନ ରାଜନୀତିରୁ ସନ୍ୟାସ ନେଇଥିବା ଘୋଷଣା କରିଥିଲେ ବି ଏବେ ମଧ ସେ ପରଦା ପଛରେ ରହି ବିଜେଡିକୁ ପରିଚାଳନା କରୁଛନ୍ତି। ନବୀନ ନିବାସ ଭିତରୁ ନବୀନ ପଟ୍ଟନାୟକଙ୍କ ନାଁ ନେଇ ପୂର୍ବପରି ନେତାଙ୍କୁ ନିର୍ଦ୍ଦେଶ ଦିଆଯାଉଛି। ବରିଷ୍ଠ ନେତାମାନେ ଏଭଳି ରାଜନୀତିକୁ ଗ୍ରହଣ କରିପାରୁନାହାଁନ୍ତି। ସେମାନେ ନବୀନଙ୍କ ନେତୃତ୍ୱକୁ ମାନୁଛନ୍ତି, କିନ୍ତୁ ସନ୍ୟାସୀଙ୍କୁ ନୁହେଁ।

ସେପଟେ କ୍ରୀତଦାସ ସେନା ଚଳାଇଛନ୍ତି ସାଂଘାତିକ ଷଡଯନ୍ତ୍ର। ଏଥିପାଇଁ ଆଜି କ୍ରୀତଦାସଙ୍କ ନିର୍ଦ୍ଦେଶରେ କିଛି ଯୁବ ନେତାଙ୍କୁ ନେଇ ଆୟୋଜିତ ହୋଇଥିଲା ଏକ ସମାନ୍ତରାଳ ବନ୍ଧୁମିଳନ କାର୍ଯ୍ୟକ୍ରମ। ଏହି କାର୍ଯ୍ୟକ୍ରମ ଜରିଆରେ କିଛି ଯୁବ ନେତା କ୍ରୀତଦାସଙ୍କ ସପକ୍ଷରେ ଦଳରେ ଚାପ ସୃଷ୍ଟି କରୁଛନ୍ତି। କ୍ରୀତଦାସଙ୍କ ଅନୁଗତ ➪ପୃଷ୍ଠା-୬

## ନନ୍ଦନକାନନରେ ବାଘଛୁଆର ମୃତ୍ୟୁ

**ଭୁବନେଶ୍ୱର,୧୫।୧(ସଂଚାର ବ୍ୟୁରୋ):** ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଜୀବଜନ୍ତୁମାନେ ଅସୁରକ୍ଷିତ ହୋଇପଡ଼ିଥିବା ଚର୍ଚ୍ଚା ହେଉଛି। କାରଣ ଆଜି ଅସୁସ୍ଥ ଥିବା ଏକ ବାଘଛୁଆର ମୃତ୍ୟୁ ହୋଇଥିବା ବେଳେ ଏକ ହାତୀଛୁଆ ମଧ ଗୁରୁତର ଭାବେ ଅସୁସ୍ଥ ହୋଇପଡ଼ିଛି। ଉକ୍ତ ବାଘଛୁଆଟି ବାଘୁଣୀ ରୂପାର ଛୁଆ ହୋଇଥିବା ବେଳେ ସେ ଅସୁସ୍ଥଜନିତ କାରଣରୁ ଗତ କିଛିଦିନ ହେଲା ଚିକିତ୍ସାଧୀନ ଥିଲା। ବାଘ ଛୁଆ ଚିକିତ୍ସେ ନନ୍ଦନକାନନ ଚିକିତ୍ସାଳୟର ପଶୁ ଲାଳନପାଳନ କେନ୍ଦ୍ରରେ ଚାଲିଥିଲା। ମିଳିଥିବା ସୂଚନା ମୁତାବକ, ନନ୍ଦନକାନନର ଧଳା ବାଘୁଣୀ ରୂପା ଗତ ବର୍ଷ ନଭେମ୍ବର ୨ ତାରିଖରେ ତା'ର ତୃତୀୟ ଗର୍ଭରୁ ୪ଟି ଶାବକଙ୍କୁ ଜନ୍ମ ଦେଇଥିଲା। ଜନ୍ମ ପରେ ସମସ୍ତ ଛୁଆଙ୍କୁ ରୂପ ଗ୍ରହଣ କରିଥିଲା। ମେଲାନିଷ୍ଟିକ ବାଘ କ୍ରିଷ୍ଣା ସହ ରୂପାର ମିଳନ ଫଳରେ ପର୍ଯ୍ୟାୟ କ୍ରମେ ଏହି ୪ଟି ଶାବକ ଜନ୍ମ ନେଇଥିଲେ। ଜନ୍ମ ପରେ ସମସ୍ତ ଶାବକ ବେଶ୍ ସୁସ୍ଥ ଥିଲେ। ନନ୍ଦନକାନନ କର୍ତ୍ତୃପକ୍ଷ ସମସ୍ତ ଶାବକ ଓ ➪ପୃଷ୍ଠା-୬

## କେବେ ଛିଡ଼ିବ କଂଗ୍ରେସ ଅଙ୍କ ?

ଦ୍ୱନ୍ଦ୍ୱରେ ନେତା ଓ କର୍ମୀ

**ଭୁବନେଶ୍ୱର,୧୫।୧ (ସଂଚାର ବ୍ୟୁରୋ):** ଓଡ଼ିଶାରେ କଂଗ୍ରେସ ସଂଗଠନ ଭାଙ୍ଗିବାର ଛଅ ମାସ ବିତିଥିଲେ ବି ରାଜ୍ୟ ପାଇଁ ଦଳର ସଭାପତି ବାଛିପାରୁନି ଏଆଇସିସି। ପ୍ରତିଦିନ ନୂଆ ନୂଆ ତାରିଖ ମାର୍କେଟରେ ବୁଲୁଛି। ହେଲେ ସଭାପତି ଚୟନ ହୋଇପାରୁନି। ରେସରେ ଥିବା ରାଜ୍ୟ ନେତାଙ୍କ ପାଖରେ ବି ଏ ପ୍ରଶ୍ନର ନାହିଁ। ଫଳରେ ଧିରେ ଧିରେ କର୍ମୀଙ୍କ ମଧ୍ୟରେ ହତାଶା ଦେଖାଦେଲାଣି। ଗତ ସାଧାରଣ ନିର୍ବାଚନ ସମୟରେ କଂଗ୍ରେସ ଗୋଟିଏ ବି ଆସନ ଜିତି ପାରିବନି ବୋଲି ଚର୍ଚ୍ଚା ହେଉଥିବା ବେଳେ ଦଳ ୧୪ଟି ଆସନ ଦଖଲ କରିପାରିଥିଲା। ➪ପୃଷ୍ଠା-୬

## ଧର୍ମେନ୍ଦ୍ରଙ୍କ ଉପରେ ଭରସା ରଖିଲା ବିଜେପି



ପ୍ରଭାବିତ ହେବେ ଓଡ଼ିଆ ଭୋଟର

**ନୂଆଦିଲ୍ଲୀ,୧୫।୧:** କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପରେ ପୁଣି ଥରେ ଭରସା କରିଛି ବିଜେପି । ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଦଳର ଷ୍ଟାର ପ୍ରଚାରକ ତାଲିକାରେ ସ୍ଥାନ ଦେଇଛି । ହରିଆନା, ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ ଭଳି ରାଜ୍ୟରେ ନିଜର ଦକ୍ଷତା ପ୍ରତିପାଦନ କରିଥିବା ଧର୍ମେନ୍ଦ୍ର ଏବେ ଦିଲ୍ଲୀରେ ବିଜେପିକୁ ବଡ ସଫଳତା ଆଣିଦେବ। ଏହାର କାରଣ ହେଉଛି ଧର୍ମେନ୍ଦ୍ରଙ୍କ ଉପସ୍ଥିତି ଦିଲ୍ଲୀରେ ଥିବା ଓଡ଼ିଆ ଭୋଟରଙ୍କ ଉପରେ ନିଶ୍ଚିତ ଭାବେ ବଡ ପ୍ରଭାବ ପକାଇବ। ଦିଲ୍ଲୀ ନିର୍ବାଚନ ପାଇଁ ଆଜି ବିଜେପି ତାହାର ଷ୍ଟାର କ୍ୟାମ୍ପେନର ତାଲିକା ପ୍ରକାଶ କରିଛି । ମୋଦି, ଶାହଙ୍କ ସମେତ ପ୍ରଚାର କରିବେ ୪୦ ଜଣ ହେଭିୱେଟ୍। ତାଲିକାରେ ରହିଛନ୍ତି ଦୁଇ ଜଣ ଓଡ଼ିଆ । ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ସାଂସଦ ବୈଜୟନ୍ତ ପଣ୍ଡାଙ୍କ ନାଁ ମଧ ଏହି ତାଲିକାରେ ରହିଛି । ଏହାଛଡ଼ା କେନ୍ଦ୍ରମନ୍ତ୍ରୀ ଜେପି ନଡ୍ଡା, ➪ପୃଷ୍ଠା-୬

## ପୌରାଧକ୍ଷା ହଟାଅ ଅଭିଯାନରେ ଦୀପାଳି ଭିଲିଆନ୍



- ମୁଖା ଖୋଲିଲେ ପୌରାଧକ୍ଷା
- ନବୀନଙ୍କ ନିକଟକୁ ପଠାଇଲେ ଭିଡିଓ

**ଭୁବନେଶ୍ୱର,୧୫।୧(ସଂଚାର ବ୍ୟୁରୋ):** ବିଜେଡିରେ ଏବେ ମାମଲତକାର ସାଜିଛନ୍ତି ବିଭୀଷଣ। ଦଳରେ ଦୁଇ ଗୋଷ୍ଠି ହୋଇ ପରସ୍ପର ବିରୁଦ୍ଧରେ ଲଢୁଛନ୍ତି । କାହା କଥାକୁ କର୍ମୀ ବିଶ୍ୱାସ କରିବେ ଜାଣିପାରୁ ନାହାନ୍ତି । ଦଳକୁ ଖଣ୍ଡ ଖଣ୍ଡ କରିବାକୁ ଦିନରାତି ଗୋଟି ଚଳାଇଛନ୍ତି। ଏଭଳି ବିଭୀଷଣମାନଙ୍କର ମୁଖା ଖୋଲିଛନ୍ତି ବ୍ରଜରାଜନଗର ପୌର ପରିଷଦ ଅଧ୍ୟକ୍ଷା ଯାଜ୍ଞସେନୀ ଓରାମ। ଶ୍ରୀମତୀ ଓରାମ ପ୍ରମାଣ ସ୍ୱରୂପ ବିଜେଡି ସଭାପତିଙ୍କ ନିକଟକୁ ଏକ ଭିଡିଓ ପଠାଛନ୍ତି ।

ଅଳ୍ପଦିନ ତଳେ ବିଜେଡି ପୌରାଧକ୍ଷାଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆସିଥିଲା। ୨୪ ଆସନ ବିଶିଷ୍ଟ ପୌର ପରିଷଦରେ ୨୨ଜଣ ବିଜେଡିର ଥିବାବେଳେ ନିଜ ଅଧ୍ୟକ୍ଷାଙ୍କ ବିରୁଦ୍ଧରେ ଅନାସ୍ଥା ଆଣିଛନ୍ତି ୨୦ ଜଣ। ଏଭଳି ଅନାସ୍ଥା କିଭଳି ଆସିଲା ତାହାକୁ ନେଇ ପ୍ରଶ୍ନ କରିଛନ୍ତି ଯାଜ୍ଞସେନୀ। ଜାରି ଭିଡିଓରେ ସେ ସିଧାସଳଖ ପୂର୍ବତନ ବିଧାୟିକା ଦୀପାଳି ଦାସଙ୍କ ନାଁ ନେଇଛନ୍ତି। ଦଳକୁ ଭାଙ୍ଗିବାକୁ କେଉଁମାନେ ଷଡଯନ୍ତ୍ର କରୁଛନ୍ତି ପୂର୍ବରୁ ସେ ଏଥିନେଇ ସଭାପତିଙ୍କୁ ପତ୍ର ଲେଖିଥିବାବେଳେ ଏବେ ଭିଡିଓ ଜାରି କରିଥିବା କହିଛନ୍ତି । ଅନାସ୍ଥା ପ୍ରସ୍ତାବ ଆଣି ବ୍ରଜରାଜନଗରରୁ ଫେରାର ମାରିଥିବା ବିଜେଡି କାଉନସିଲରମାନେ କେଉଁଠି ଲୁଚିଛନ୍ତି ଓ ତାଙ୍କୁ କିଏ ଲୁଚାଇଛି ବୋଲି ସେମାନଙ୍କ ମୋବାଇଲ୍ ଫୋନ୍ ଯାଞ୍ଚ କଲେ ସବୁ ସ୍ପଷ୍ଟ ହୋଇଯିବ ବୋଲି ଯାଜ୍ଞସେନୀ କହିଛନ୍ତି । ଏଥି ସହିତ ସେ ଜଣେ ଗରିବ ଆଦିବାସୀ ଝିଅ ହୋଇଥିବାରୁ ଦଳର ମାମଲତକାରମାନେ ➪ପୃଷ୍ଠା-୬

## ଚର୍ଚ୍ଚାରେ ପରିବର୍ତ୍ତିତ ଆଭିମୁଖ୍ୟ



**ଭୁବନେଶ୍ୱର:** ଦୁଇ ବର୍ଷ ପରେ ହଠାତ କାହିଁକି ବାପା ନବ ଦାସଙ୍କ ମୃତ୍ୟୁର ସିବିଆଇ ତଦନ୍ତ ପାଇଁ ସହମତି ପ୍ରକାଶ କରୁଛନ୍ତି ପୂର୍ବତନ ବିଧାୟିକା ଦୀପାଳି ଦାସ। ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ପ୍ରଶ୍ନ ଛଳରେ ସେ ସିବିଆଇ ତଦନ୍ତ ପାଇଁ ରାଜି ହେବା ନେଇ ରାଜନୈତିକ ମହଲରେ ଚର୍ଚ୍ଚା ସୃଷ୍ଟି ହୋଇଛି। ଯଦିଓ ସେ ଗଣମାଧ୍ୟମକୁ ଏଥିପାଇଁ ଦାୟୀ କରୁଛନ୍ତି, କିନ୍ତୁ ରାଜନୈତିକ ସମୀକ୍ଷକଙ୍କ ମତରେ ପରିବର୍ତ୍ତିତ ରାଜନୈତିକ ପରିସ୍ଥିତିରେ ଦୀପାଳିଙ୍କ ଏଭଳି ପ୍ରଶ୍ନ କିଛି ➪ପୃଷ୍ଠା-୬



### କାନ ଡେରିଆ

ନିଶା କବଳରେ ରାଜଧାନୀ
ବାସୀ
ଆସୁଛି ନିଶା ପ୍ରବଳ
ବିମାନ ବନ୍ଦର ଗେଟ ୱେ
ହୋଇଛି
ବିଭାଗ ଲାଗେ ଦୁର୍ବଳ
କୋଟି କୋଟି ଅର୍ଥ ବଳ...
ଏହି ନିଶା ପାଇଁ ଜୀବନ ଯାଉଛି
ଗ୍ୟାଙ୍ଗ ରେ ଲେଡି ଦଳ!

■ ଦେବାଶିଷ

## ନିଗମ ପଦବୀ ପୂରଣ ବୋଝ ମୁଣ୍ଡାଇଛନ୍ତି ସରକାର

**ଭୁବନେଶ୍ୱର,୧୫।୧(ସଂଚାର ବ୍ୟୁରୋ):** ରାଜ୍ୟର ସରକାରୀ ସରକାରୀ ନିଗମଗୁଡିକରେ ଖାଲି ପଡିଥିବା ପଦବୀ ପୂରଣ କରିବା ଏବେ ବିଜେପି ସରକାରଙ୍କ ପାଇଁ କାଠିକରପାଠ ହେଲାଣି। ପୂର୍ବ ସରକାର ଆଉଟସୋର୍ସିଂ ଓ ଅବସରପ୍ରାପ୍ତ କର୍ମଚାରୀଙ୍କ ଜରିଆରେ କାମ ଚଳାଇ ନେଉଥିବାବେଳେ ତାହା ଏବେ ସରକାରଙ୍କ ପାଇଁ ଅଡୁଆ ହୋଇଛି।

ରାଜ୍ୟର ଲାଭଜନକ ନିଗମଗୁଡିକରେ ଏକାଧିକ ପଦବୀ ଖାଲି ପଡିଥିଲେ ମଧ ବିଜେଡି ସରକାର ତାହାକୁ ପୂରଣ କରୁନଥିଲେ । ବରଂ ଏହା ବଦଳରେ ସେହି ଦପ୍ତରରୁ ଅବସର ନେଉଥିବା କର୍ମଚାରୀଙ୍କୁ ଓଏସ୍‌ଡି ଭାବେ ଥଇଥାନ କରିବା ଓ ନିଜ ପସନ୍ଦର ଆଉଟସୋର୍ସିଂ ଜରିଆରେ କର୍ମଚାରୀଙ୍କୁ ଆଣି କାମ ଚଳାଇ ନେଉଥିଲେ । ବର୍ତ୍ତମାନର ସରକାର ବୁଢା ଅଫିସରଙ୍କୁ ହଟାଇ ନୂଆ ପ୍ରାର୍ଥୀଙ୍କୁ ନିଯୁକ୍ତି ଦେବାପାଇଁ ଯୋଜନା କରୁଥିବାବେଳେ ଖାଲି ପଡିଥିବା ପଦବୀ ଏବେ ଚିନ୍ତାର କାରଣ ପାଲଟିଛି ।

ଠିକାରେ କାମ ଚଳାଇ ନେଉଥିଲେ ପୂର୍ବ ସରକାର




ଓଡ଼ିଶା ଖଣି ନିଗମ ଗୋଟିଏ ଲାଭଜନକ ସଂସ୍ଥା । ଏହି ସଂସ୍ଥା ପ୍ରତିବର୍ଷ ସରକାରଙ୍କୁ କୋଟି କୋଟି ଟଙ୍କାର ଲାଭାଂଶ ପ୍ରଦାନ କରୁଛି । ହେଲେ ଏହି ନିଗମରେ ୧୧୪୯ ପଦବୀ ଖାଲି ପଡିଛି । ଓଡ଼ିଶା ବନ ଉନ୍ନୟନ ନିଗମରେ ଖାଲି ପଡିଥିବା ପଦବୀ ସଂଖ୍ୟା ୬୬୧ ହୋଇଥିବାବେଳେ ଓଡ଼ିଶା କୃଷି ଶିଳ୍ପ ନିଗମରେ ଏହି ସଂଖ୍ୟା ୫୮୨ ରହିଛି । ଓଡ଼ିଶା ନିର୍ମାଣ ନିଗମରେ ୪୭୦ ପଦବୀ ଖାଲି ପଡିଥିବାବେଳେ ଓଡ଼ିଶା ଉଠା ଜଳସେଚନ ନିଗମରେ ୧୦୮୦ ଟି ପଦବୀ ଖାଲି ପଡିଛି ।

ଓଡ଼ିଶା ରାଜ୍ୟ ସଡକ ପରିବହନ ନିଗମକୁ ରାଜ୍ୟ ସରକାର ନୂଆ ରୂପ ଦେବା ସହିତ ନୂଆ ନୂଆ ବସ୍ ଖରିଦ କରୁଛନ୍ତି। ହେଲେ ଏହି ନିଗମରେ ୪୫୫ ପଦବୀ ଖାଲି ପଡିଛି । ଓଡ଼ିଶା ଶକ୍ତି ସଞ୍ଚାରଣ ନିଗମରେ ୩୨୧୪ ପଦବୀ ଖାଲି ପଡିଥିବାବେଳେ ରାଜ୍ୟରେ ଧାନ ସଂଗ୍ରହର ମଙ୍ଗ ଧରିଥିବା ଓଡ଼ିଶା ରାଜ୍ୟ ଯୋଗାଣ ନିଗମରେ ୨୨୬୫ ପଦବୀ ଖାଲି । ଲାଭ ଜନକ ସଂସ୍ଥା ଓଡ଼ିଶା ଜଳ ବିଦ୍ୟୁତ୍ ନିଗମରେ ୧୦୩୪ ପଦବୀ ଖାଲି ପଡିଥିବାବେଳେ ଓଡ଼ିଶା ରାଜ୍ୟ ବିହନ ନିଗମରେ ୧୦୦ଟି ପଦବୀ ଖାଲି ପଡିଛି । କେବଳ ଓଡ଼ିଶା ରାଜ୍ୟ ପର୍ଯ୍ୟଟନ ନିଗମରେ କୌଣସି ପଦବୀ ଖାଲି ନାହିଁ ।

ଦୀର୍ଘଦିନରୁ ସରକାର ଏହିସବୁ ପଦବୀଗୁଡିକ ପୂରଣ କରୁନଥିବାବେଳେ ହଠାତ୍ ନୂଆ ସରକାର ଏହିସବୁ ପଦବୀଗୁଡିକ ପୂରଣ କରିବାକୁ ସାହସ କୁଳାଇ ପାରୁନାହାନ୍ତି । ଗୋଟିଏ ପଟେ ଅର୍ଥ ଓ ଅନ୍ୟପଟେ ସମୟ, ଉଭୟକୁ ନେଇ ସରକାରଙ୍କୁ ଚିନ୍ତା କରିବାକୁ ପଡୁଛି। ତେବେ ପୂର୍ବ ସରକାର ଲାଭଜନକ ନିଗମଗୁଡିକରେ କ'ଣ ପାଇଁ ନିୟମିତ ଭାବେ ପଦବୀ ପୂରଣ କରୁନଥିଲେ ତାହା ଏବେ ଆଲୋଚନାର ବିଷୟ ହୋଇଛି ।

ଏବେ ବି ରାଜ୍ୟର ବହୁ ଲାଭଜନକ ନିଗମରେ ଅବସରପ୍ରାପ୍ତ କର୍ମଚାରୀ ଦାୟିତ୍ୱ ସମ୍ଭାଳୁଛନ୍ତି। ବିଜେଡି ସରକାରରେ ପ୍ରଭାବ ବିସ୍ତାର କରିଥିବା ନେତା ଓ ବାବୁମାନେ ନିଜ ନିଜ ଚିହ୍ନା ଲୋକଙ୍କୁ ଲାଭଜନକ ସଂସ୍ଥାରେ ମୋଟା ଅଙ୍କରେ ନିଯୁକ୍ତି ଦେଇଥିବାବେଳେ ବହୁ ଲୋକଙ୍କୁ ଆଉଟସୋର୍ସିଂ ଜରିଆରେ ଭର୍ତ୍ତି କରିଛନ୍ତି । ବର୍ତ୍ତମାନର ସରକାର ଏହାର ଏକ ନିରପେକ୍ଷ ତଦନ୍ତ କରିବା ସହିତ ଖାଲି ପଡିଥିବା ପଦବୀଗୁଡ଼ିକୁ ନିୟମିତ ବ୍ୟବଧାନରେ ପୂରଣ କରିବା ଆବଶ୍ୟକ ବୋଲି ମତପ୍ରକାଶ ପାଉଛି ।

## ଶ୍ରୀମନ୍ଦିରରେ ଅଘଟଣ, ଟଳିପଡ଼ିଲେ ସେବାୟତ

**ପୁରୀ,୧୫।୧(ସଂଚାର ବ୍ୟୁରୋ):** ପୁରୀ ଶ୍ରୀମନ୍ଦିରରେ ଆଜି ଏକ ଅଘଟଣ ଘଟିଛି। ମହାପ୍ରଭୁଙ୍କ ସେବା କରିବା ସମୟରେ ଜଣେ ସୁଆରବଡୁ ସେବକଙ୍କ ମୃତ୍ୟୁ ଘଟିଛି। ମୃତ ସେବାୟତ ଜଣଙ୍କ ଜଗନ୍ନାଥ ସୁନାଥାଳି ବୋଲି ଜଣାପଡ଼ିଛି। ଶ୍ରୀମନ୍ଦିରରେ ଦ୍ୱିପ୍ରହର ଧୂପ ପାଇଁ ସିଂହାସନରେ ପାଣି ପକାଉଥିବା ସମୟରେ ଜଗନ୍ନାଥ ଛାତିରେ ଗଭୀର ଯନ୍ତ୍ରଣା ଅନୁଭବ କରିବା ସହ ହଠାତ୍ ଟଳିପଡ଼ିଥିଲେ। ସେଠାରୁ ତାଙ୍କୁ ଉଦ୍ଧାର କରି ସଙ୍ଗେ ସଙ୍ଗେ ଚିକିତ୍ସା ନିମନ୍ତେ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ଚିକିତ୍ସା ସମୟରେ ମୃତ ବୋଲି ଘୋଷଣା କରିଥିଲେ। ଏହି ଖବର ପାଇ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସିଦ୍ଧାର୍ଥ ➪ପୃଷ୍ଠା-୬

## ପୁନଃନିର୍ମାଣ ହେବ ଛଘରିଆ କଳପଡା ରାସ୍ତା

● ଶୁଭ ଦେଲେ ବିଧାୟକ ଗଣେଶ୍ୱର ବେହେରା



**କେନ୍ଦ୍ରାପଡ଼ା, ୧୫।୧ (ସଂଚାର ବ୍ୟୁରୋ) :** କେନ୍ଦ୍ରାପଡା ବ୍ଲକ ଅଧିନ କଳପଡା ପଂଚାୟତ ର ଛଘରିଆ କଳପଡା ରାସ୍ତାର ପୁନ ନିର୍ମାଣ କରାଯିବ । ବିଧାୟକ ଗଣେଶ୍ୱର ବେହେରା ମଙ୍ଗଳବାର ପୂର୍ବାହ୍ନରେ ଏହାର ଶୁଭ ଦେବା ସହ ଫଳକ ଉନ୍ମୋଚନ କରିଛନ୍ତି । ପ୍ରାୟ ୨ କିମି ଲମ୍ବ ଏହି ରାସ୍ତାର ପୁନ ନିର୍ମାଣ ପାଇଁ ୨ କୋଟି ୩୫ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି । ଜଳ ସମ୍ପଦ ବିଭାଗ ପକ୍ଷରୁ ଏହି ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ଡକାଯିବା ପରେ ପୁନ ନିର୍ମାଣ ପାଇଁ ଆଜି ଶୁଭ ଦିଆଯାଇ ଥିଲା। ଶିଳାନ୍ୟାସ ସମୟରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଲିତା ଦାସ, ଜିଲ୍ଲା ପରିଷଦ ସଭ୍ୟ ରଶ୍ମି ରଞ୍ଜନ ରାଉତ, ବଗଡା ସରପଂଚ ସୁବନୀ ସାହୁ, ଜଳ ସମ୍ପଦ ବିଭାଗର ଏସଡିଓ ଧରଣୀଧର ବେହେରା, ଅଲୋକ ସାହୁ, ସମ୍ବିତ ଶ୍ରୀଚନ୍ଦନ, ଠିକାଦାର ବିକାଶ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ । କେନ୍ଦ୍ରାପଡା ସହର ସହ ପାଟକୁରା, ମହାକାଳପଡା ୩ଟି ନିର୍ବାଚନ ମଣ୍ଡଳୀ ଓ ଜଗତସିଂହପୁର ଜିଲ୍ଲାକୁ ଗମନାଗମନ ପାଇଁ ଏହି ସଡକ ର ନବୀକରଣ ନିହାତି ଜରୁରୀ ଥିଲା । ଦୈନିକ ହଜାର ହଜାର ସଂଖ୍ୟାର ଯାନବାହନ ଯାତାୟତ କରୁଥିବାରୁ ଏହାର ସ୍ୱତନ୍ତ୍ର ଗୁରୁତ୍ୱ ରହିଛି ।

# ଅତ୍ୟାଧୁନିକ ଟେକ୍ନୋଲୋଜି ଦ୍ୱାରା ବି ଓଜନ ମାପରେ ଲୁଟ୍

**କେନ୍ଦ୍ରାପଡ଼ା, ୧୫।୧ (ସଂଚାର ବ୍ୟୁରୋ) :** ଖାଉଟି ସାମଗ୍ରୀର ଅହେତୁକ ମୂଲ୍ୟ ବୃଦ୍ଧି ଗ୍ରାହକଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଇଥିବା ବେଳେ ବିଭିନ୍ନ ସାମଗ୍ରୀର ଓଜନରେ ଠକେଇ ଖାଉଟିଙ୍କ ଲାଗି ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଥିବା ପରିଲକ୍ଷିତ ହେଉଛି। ଖାଲି ସେତିକି ନୁହେଁ କମ୍ପାନୀ ପ୍ୟାକେଟ୍‌ରେ ସାମଗ୍ରୀ ପରିମାଣରେ ତାରତମ୍ୟ ମଧ୍ୟ ପରିଲକ୍ଷିତ ହେଉଛି। ଆଖି ସାମ୍ନାରେ ଏହି ସବୁ ପରିଲକ୍ଷିତ ହେବାରେ ଲାଗିଛନ୍ତି। କେତେକ ଅସାଧୁ ବ୍ୟବସାୟୀ ଗ୍ରାହକକୁ ଲୁଟି ବେଶ ଲାଭବାନ ହେଉଥିଲା ବେଳେ ସେମାନଙ୍କୁ ଦଣ୍ଡିତ କରିବା ତ ଦୂରର କଥା ଯାଞ୍ଚ କାର୍ଯ୍ୟ ବି ଠିକ ଢଙ୍ଗରେ ହେଉନାହିଁ।

କେନ୍ଦ୍ରାପଡା ଜିଲ୍ଲାର ସହର ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ପରିବା ଦୋକାନ, ଫଳ ଦୋକାନ, ଆମିଷ ,ରାସନ ଦୋକାନ ଏବଂ ଧାନ ବ୍ୟବସାୟୀ ଦ୍ୱାରା ମାତ୍ରାଧିକ

■ ଠକେଇର ଶିକାର ହେଉଛନ୍ତି ଗ୍ରାହକ
■ ନିଷ୍କ୍ରିୟ ପାଲଟିଛି ଲିଗାଲ ମେଟ୍ରୋଲୋଜି ବିଭାଗ

ହେଉଛି ସତ କିନ୍ତୁ ଯେଉଁ ଓଜନ ନିକିତି ବା ମେସିନ କଣ୍ଟାରେ ତାହା କରାଯାଇଛି,ତାହା କେତେ ଠିକ ତାକୁ ଦେଖିବାକୁ କେହିବି ନାହାନ୍ତି। ଏହିପରି ସ୍ଥଳେ ବୈଧମାପ ବିଜ୍ଞାନ ବା ଲିଗାଲ ମେଟ୍ରୋଲୋଜି ବିଭାଗ ଦୃଢ଼ ପଦକ୍ଷେପ ନେଉନଥିବାରୁ ଦିନକୁ ଦିନ ଠକେଇ ବଢ଼ିବାରେ ଲାଗିଛି। ଏଥିରେ କିଛି ଅସାଧୁ ବ୍ୟବସାୟୀ ମାଲେମାଲ ହେଉଥିବାବେଳେ ଖାଉଟି ତଳି ତଳାନ୍ତ ଓଜନରେ ଠକେଇ ହେଉଥିବା ଅଭିଯୋଗ ହେଉଛି। କେତେକ ବ୍ୟବସାୟୀଙ୍କ ନିକଟରେ ନିକିତି ଥିବାବେଳେ ଆଉ କେତେକ ବ୍ୟବସାୟୀଙ୍କ ପାଖରେ ଡିଜିଟାଲ ଓଜନ ମେସିନ ରହିଛି ଯାହା ଫଳରେ ନିକିତିରେ ଗ୍ରାହକଙ୍କୁ ଠକେଇ କରି ବା ସୁବିଧା ହେଉଛି। ଗ୍ରାହକଟି ଟିକିଏ ଅନ୍ୟମନସ୍କ ହେଲେ ଠକିଯିବାର ଯଥେଷ୍ଟ ସମ୍ଭାବନା ରହିଛି । ସେହି ପରି ନିକିତି ତଳେ ଚୁମ୍ବକ ଲଗାଇ ଓଜନରେ ଠକେଇ କରାଯାଉଥିବାବେଳେ ସଠିକ ବଟକରା ବଦଳରେ ଘୋରି ହୋଇଯାଇଥିବା ବଟକରା ବ୍ୟବହାର କରାଯାଉଛି। ଯେଉଁମାନେ ଡିଜିଟାଲ ଓଜନ ମେସିନ ରଖୁଛନ୍ତି, ସେଥି ମଧ୍ୟରୁ କେତେକ ମେସିନରେ ଓଜନ ଦେଖାଉଥିବା ସଂଖ୍ୟା (ଡିସପ୍ଲେ) ଖରାପ କିମ୍ବା ଠିକ ଭାବେ ଦେଖାଯାଉ ନଥିଲେ ବି ସେହି ମେସିନ କଣ୍ଟାରେ ଓଜନ କରାଯାଉଛି। ରାସନ ଦୋକାନରେ ବହୁ ବ୍ୟବସାୟୀ ଗ୍ରାହକଙ୍କୁ ବିଭିନ୍ନ ଅସଦ ଉପାୟ ଅବଲମ୍ବନ କରି ଠକେଇ କରୁଥିବାର ଅଭିଯୋଗ ମଧ୍ୟ ହେଉଛି।




ବିଶେଷ କରି କେନ୍ଦ୍ରାପଡା ସହର ଗୋପ ପରିବା ହାଟ, ରୋଡ ସାଇଡ ଫଳ ଦୋକାନ, ପଟ୍ଟାମୁଣ୍ଡାଇ, ଆଳୀ ଏବଂ ମାର୍ଶାଘାଇ ବ୍ଲକର ଶତାଧିକ ପଞ୍ଚାୟତର ବିଭିନ୍ନ ଗାଁ ଏବଂ ଗଳିକନ୍ଦିରେ ଥିବା ଦୋକାନ ଗୁଡିକରେ ଅଧିକାଂଶ ଠକେଇ ହେଉଥିବା ଦେଖିବାକୁ ମିଳୁଛି। ଏହାକୁ ନିୟନ୍ତ୍ରଣ କରିବା ପାଇଁ ଥିବା ବୈଧମାପ ବିଜ୍ଞାନ ବିଭାଗ ନିଷ୍କ୍ରିୟ ପାଲଟିଛି। ଅତ୍ୟାବଶ୍ୟକ ସାମଗ୍ରୀ ମହଙ୍ଗା ମାଡରେ ଗ୍ରାହକ ହନ୍ତସନ୍ତ ହେଉଥିଲା ବେଳେ ମାନ ଓଜନରେ ଠକେଇ ଗ୍ରାହକଙ୍କ ମେରୁ ଦଣ୍ଡକୁ ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି । ହେଲେ ଏହା ଅନୁଧ୍ୟାନ କରିବା ପାଇଁ ଥିବା ଜିଲ୍ଲା ଅଧିକାରୀ କେବଳ ନିଜ କାର୍ଯ୍ୟାଳୟ ହିଁ ସୀମିତ ରହୁଛନ୍ତି ।

### ପ୍ରତିଶ୍ରୁତି ପୂରଣ କଲେ ରାଜ୍ୟ ସରକାର

## ବୟସ୍କଙ୍କୁ ବର୍ଦ୍ଧିତ ଭତ୍ତା ବରଦାନ ସଦୃଶ, ୨୬,୫୮୪ ଜଣ ସାମିଲ

**କେନ୍ଦ୍ରାପଡ଼ା, ୧୫।୧ (ସଂଚାର ବ୍ୟୁରୋ) :** ଜିଲ୍ଲା ପ୍ରଶାସନ ତଥା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୁଲ୍ୟରେ ଜନସେବା ଦିବସ ଭାବେ ପାଳିତ ବର୍ଦ୍ଧିତ ଭତ୍ତା ବିତରଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଉଚ୍ଚଶିକ୍ଷା ତଥା ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ସରକାର ଦେଇଥିବା ନିର୍ବାଚନ ପ୍ରତିଶ୍ରୁତି ରକ୍ଷା କରି ୮୦ ବର୍ଷରୁ ଊର୍ଦ୍ଧ୍ୱ ବୃଦ୍ଧ ବୃଦ୍ଧା ଓ ୮୦ ପ୍ରତିଶତ ବା ତଦୁର୍ଦ୍ଧ୍ୱ ଦିବ୍ୟାଙ୍ଗ ବ୍ୟକ୍ତି ମାନଙ୍କୁ ମାସିକ ଭତ୍ତା ୩୫୦୦ ଟଙ୍କା ପ୍ରଦାନ କରିଛନ୍ତି ବୋଲି ମନ୍ତ୍ରୀ ନିଜ ଭାଷଣରେ କହିଥିଲେ । ପରିଣତ ବୟସରେ ଭତ୍ତା ଅର୍ଥ କୁ ବୃଦ୍ଧି ପାଇବା ଏହା ବରଦାନ ସଦୃଶ । ୬୦ ବର୍ଷ ରୁ ଊର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି ଓ ଭିନ୍ନକ୍ଷମ ମାନଙ୍କ ଭତ୍ତା ବୃଦ୍ଧି ପାଇଁ ସରକାର ବିଚାର କରୁଛନ୍ତି । ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ।



ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ସାଂସଦ ଙ୍କ ପ୍ରତିନିଧି କିଶୋର ଚନ୍ଦ୍ର ପଣ୍ଡା, ମହାକାଳପଡା ବିଧାୟକ ଡାଃ ଦୂର୍ଗା ପ୍ରସନ୍ନ ନାୟକ, କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଲିତା ଦାସ, ପୌରାଧ୍ୟକ୍ଷା ସରିତା ସାହୁ ପ୍ରମୁଖ ଯୋଗ ଦେଇ ସରକାରଙ୍କ ବିଭିନ୍ନ ଯୋଜନା, କେନ୍ଦ୍ରାପଡା ର ବିଭିନ୍ନ ସମସ୍ୟା ବିଷୟରେ ମାନ୍ୟବର ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏଥିରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ରୂପାଲୀ ପ୍ରିୟଦର୍ଶିନୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ଭିନ୍ନକ୍ଷମ ବିଦ୍ୟାଳୟ ର ପ୍ରଧାନଶିକ୍ଷକ ସ୍ୱପ୍ନାଂଶୁ କୁମାର ଦାସ, ସଦର ମହକୁମା ମଣ୍ଡଳ ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ କୁମାର ବେହୁରା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ସୁଦିପ୍ତା ମହାପାତ୍ର ଓ ଜିଲ୍ଲା ତଥା ବ୍ଲକ କାର୍ଯ୍ୟାଳୟର କର୍ମଚାରୀମାନେ ଓ ସ୍ୱତନ୍ତ୍ର ବିଦ୍ୟାଳୟର କର୍ମକର୍ତ୍ତାମାନେ ସାହାଯ୍ୟ କରିଥିଲେ । ବଧିର ବ୍ୟକ୍ତିମାନଙ୍କୁ ସାଙ୍କେତିକ ଭାଷା ଦ୍ୱାରା ଅନୁବାଦିକା ଶିବନୀ ଶୁଭଲକ୍ଷ୍ମୀ ଭୋଳ ବୁଝାଇ ଥିଲେ। ଏଥିରେ ୬୦ ଜଣ ୮୦ ବର୍ଷରୁ ଊର୍ଦ୍ଧ୍ୱ ବୃଦ୍ଧ ବୃଦ୍ଧା ଓ ୮୦ ପ୍ରତିଶତ ବା ତଦୁର୍ଦ୍ଧ୍ୱ ଭିନ୍ନକ୍ଷମ ମାନଙ୍କୁ ୩୫୦୦ ଟଙ୍କା ବଣ୍ଟନ କରିଥିଲେ ।

ସବୁ ବ୍ଲକରେ ଅନ୍ୟ ସମସ୍ତଙ୍କୁ ବର୍ଦ୍ଧିତ ଭତ୍ତା ବଣ୍ଟାଯିବ ବୋଲି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ରୂପାଲୀ ପ୍ରିୟଦର୍ଶିନି ପ୍ରକାଶ କରିଥିଲେ । କେନ୍ଦ୍ରାପଡା ଜିଲ୍ଲାରେ ୨୬୫୮୪ ଜଣ ଯୋଗ୍ୟ ହିତାଧିକାରୀ ଏହି ବର୍ଦ୍ଧିତ ଭତ୍ତା ପାଇ ଉପକୃତ ହେବେ । ଏସମସ୍ତ କାର୍ଯ୍ୟକ୍ରମକୁ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୟାସିନ୍ଧୁ ପରିଡା, ଜିଲ୍ଲା ପରିଷଦ କେନ୍ଦ୍ରପଡା ସଂଚାଳନ କରିଥିଲେ । ଉପ-ଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ବହୁ ସଂଖ୍ୟାରେ ଲୋକ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

## ପିତୃଭକ୍ତ ଧିରେନଙ୍କୁ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସହାୟତା

**ମାର୍ଶାଘାଇ, ୧୫।୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ମାର୍ଶାଘାଇ ବ୍ଲକ ଗରଜଙ୍ଗା ଗ୍ରାମ ପଞ୍ଚାୟତ ଅର୍ନ୍ତଗତ କୁଆଁରପାଳ ଗ୍ରାମର ୯୨ ବର୍ଷିୟ ଶତ୍ରୁଘ୍ନ ସାହୁ ଙ୍କ ସହିତ ରୁହନ୍ତି ୬୦ ବର୍ଷିୟ ପୁଅ ଧୀରେନ କୁମାର ସାହୁ। ବାପା ଶତ୍ରୁଘ୍ନ ବାର୍ଦ୍ଧକ୍ଯ ଜନିତ ରୋଗରେ ପିଡିତ ଥିବା ବେଳେ ପୁଅ ଧୀରେନ ପିଲାଟି ଦିନରୁ ପୋଲିଓ ଆକ୍ରାନ୍ତ। ଧୀରେନ ହାତରେ ବାଡି ଖଣ୍ଡିଏ ଧରି ଘରର ସମସ୍ତ କାର୍ଯ୍ୟ କରିବା ସହିତ ରୋଷେଇବାସ କରି ବାପାଙ୍କୁ ଖାଇବାକୁ ଦିଅନ୍ତି। ବାବାଙ୍କ ଦେହରେ ତେଲ ମାରିଦେବା,ଗାଧେଇ ଦେବା ଠାରୁ ଆରମ୍ଭ କରି ନିଜ ହାତରେ ବାପାଙ୍କୁ ତିନିବେଳା ଖାଇବାକୁ ଦେଇଥାନ୍ତି ପୁଅ ଧୀରେନ। ନିଜେ ସଳଖ ଭାବରେ ଚାଲିବାକୁ ସକ୍ଷମ ନଥିବା ଧିରେନ ବାପାଙ୍କର ସମସ୍ତ କାର୍ଯ୍ୟ କରୁଛନ୍ତି। ଝାଡା ପରିସ୍ରା ସେବା କରି ତାଙ୍କ ପାଖରେ ଛାଇ ପରି ରହୁଛନ୍ତି। ରୋଜଗାର କହିଲେ ମାସକୁ ମିଳୁଥିବା ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ବ୍ୟାଟେରୀ ଚାଳିତ ଟ୍ରାଇ ୨୪୦୦ ଟଙ୍କା,ରାସନ୍ କାର୍ଡ ରେ ମିଳୁଥିବା ଚାଉଳ ଓ ନିଜେ ଟିଉସନ କରି ରୋଜଗାର କରୁଥିବା କିଛି ଟଙ୍କା। ଏହି ଖବର ଜାଣିବା ପରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ର କର୍ମକର୍ତ୍ତା ଧିରେନ ଙ୍କ ଘରେ ପହଞ୍ଚି ସହଯୋଗ କରିଛନ୍ତି। ତାଙ୍କର ସେବା କୁ ପ୍ରଶଂସା କରିବା ସହ ବିଭିନ୍ନ ପ୍ରକାର ର ଆସବାବ ପତ୍ର ପ୍ରଦାନ କରିଛନ୍ତି। ଦୁଇ ମାସ ପାଇଁ ରାସନ ସାମଗ୍ରୀ, ପନିପରିବା, ବାପା ଓ ପୁଅ ଙ୍କ ପାଇଁ କମ୍ବଳ, ଧୋତି, ଗାମୁଛା ଓ ପିନ୍ଧିବା ଶୀତ ବସ୍ତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ର ଯଶୋଦା ମା ମୋହିନୀ ନାୟକ, ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ର ସଭାପତି ଶ୍ରୀଯୁକ୍ତ ଦମନ ମହାନ୍ତି, ବିକାଶ କୁମାର ପାତ୍ର, କାଳନ୍ଦୀ ମଲ୍ଲିକ, କେଦାର ସ୍ୱାଇଁ, ଅଭୟ ରାଉତ, ବଳରାମ ଦାସ ଓ ସଚେତନ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।





## ବ୍ୟାସକବି ଫକୀର ମୋହନଙ୍କ ଜୟନ୍ତୀ ପାଳିତ

**କେନ୍ଦ୍ରାପଡ଼ା, ୧୫।୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଗୋବରୀ ସାରସ୍ୱତ ପରିଷଦ ତରଫରୁ ମକର ମିଳନ- ୨୦୨୫ ଓ ବ୍ୟାସ କବି ଫରିକମୋହନଙ୍କ ଜୟନ୍ତୀ ସିଦ୍ଧ ମା ଛୁଆଳିଆ ଶକ୍ତି ପୀଠରେ ସମାହାରରେ ପାଳିତ ହୋଇଯାଇଛି । ଡ଼ଃ ବାସୁଦେବ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅଧ୍ୟାପକ ଡ଼ଃ ବୈଷ୍ଣବ ଚରଣ ସିଂହଙ୍କ ସ୍ମୃତି ଚାରଣ ସହିତ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ନନ୍ଦକିଶୋର ପରିଡା,ମୁଖ୍ୟବକ୍ତା ଭାବେ ଡ଼ଃ ବାସନ୍ତି ମହାନ୍ତି, ସଂମ୍ମାନୀତ ଅତିଥି ଡ଼ଃ ନୀଳମଣି ଲେଙ୍କା, କବି ହେମନ୍ତ କୁମାର ରାଉତ,ଡ଼ଃ ଶ୍ରୀଧର ସାମଲ ଯୋଗ ଦେଇଥିଲେ। କବି ନିରୁପମା ଦାସ ଓ କବି ଆରାଧନା ଦାଶଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯକ୍ରମରେ ସ୍ୱାଗତସମ୍ଭାଷଣ ଉପାଧ୍ୟାକ୍ଷ ସମରେନ୍ଦ୍ର ଜେନା ଦେଇଥିବା ବେଳେ ମଞ୍ଚ ସଂଚାଳନ କରିଥିଲେ ମଳୟ ରଞ୍ଜନ ବାରିକ। ସମାଜସେବୀ ମଦନ କୁମାର ଦାସ, ବାସୁଦେବ ସେନାପତି ସହଯୋଗ କରିଥିଲେ ଶେଷରେ ବୀରେନ୍ଦ୍ର ଦାସ ଧନ୍ୟବାଦ ଜ୍ଞାପନ କରିଥିଲେ ।

### ଜିଲ୍ଲାସ୍ତରୀୟ ମକର ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା

## ଆଧୁନିକ ନୃତ୍ୟ ଓ ସଂଗୀତରେ ଝୁମିଲେ ଦର୍ଶକ



**ମାର୍ଶାଘାଇ, ୧୫।୧ (ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ ଜଳପୋକ ପଞ୍ଚାୟତ ପକ୍ଷୋଟ ପଡିଆରେ ଆୟୋଜିତ ଜିଲ୍ଲାସ୍ତରୀୟ ମକର ମହୋତ୍ସବ ବୁଧବାର ଦ୍ୱିତୀୟ ସନ୍ଧ୍ୟାରେ ପହଞ୍ଚିଛି। ଏହି ସନ୍ଧ୍ୟାରେ କଟକର ଡାଏମଣ୍ଡ ଡ୍ୟାନ୍ସ ଗ୍ରୁପ କଳାକାର ଙ୍କ ଡ୍ୟାନ୍ସ ସହିତ ତାଳ ଦେଇ ଡ୍ୟାନ୍ସ କରି ଝୁମିଲେ ହଜାର ହାଜର ଦର୍ଶକ । ଅତିଥି ଭାବେ କରିଲୋପାଟଣା କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଅରକ୍ଷିତ ସାମନ୍ତରାୟ,ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନୃସିଂହ ପରିଡା, ମେଜର ଭରତ ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇଥିଲେ । ମହୋତ୍ସବ ସ୍ଥଳରେ ଖୋଲିଥିବା ଶତାଧିକ ଷ୍ଟଲ ଏବଂ ଘରକରଣା ସାମଗ୍ରୀ ର ଉଠାଦୋକାନରୁ ମହିଳାମାନେ କିଣାବିକା କରିଥିଲେ । ବୁଧବାର ଥିବାରୁ ଚଟପଟି ଏବଂ ଫାଷ୍ଟଫୁଡ ଖାଦ୍ୟ ଷ୍ଟଲରେ ଭିଡ଼ ପରିଲକ୍ଷିତ ହୋଇଥିଲା ।

## ଓସ୍ତପୁର କୃଷି ସମବାୟ ସମିତିରେ ଧାନ ମଣ୍ଡି ଉଦ୍‌ଘାଟିତ




**କେନ୍ଦ୍ରାପଡ଼ା, ୧୫।୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକ ଅଧିନ ଓସ୍ତପୁର ପ୍ରାଥମିକ କୃଷି ସମବାୟ ସମିତିରେ ଧାନ ମଣ୍ଡି ବୁଧବାର ଉଦ୍‌ଘାଟିତ ହୋଇଯାଇଛି । କେନ୍ଦ୍ରାପଡା ବିଡିଓ ଅଭିଷେକ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ସଭାପତି ପ୍ରଦ୍ୟୁମ୍ନ କୁମାର ଜେନା, କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ଶାଖା ପରିଚାଳକ ତାପସ ରଞ୍ଜନ ସିଂହ, ସଂପାଦକ ପ୍ରେମାଞ୍ଜନ ସାହୁ, ଆରଆଇ, ଉପ ସଭାପତି କନକଲତା ସ୍ୱାଇଁ, ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ରାଉତ, ରବିନ୍ଦ୍ର ପଣ୍ଡା, ପ୍ରମୋଦ କୁମାର ରାଉତରାୟ, ଶରତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାଥମିକ ପର୍ଯ୍ୟାୟରେ ପଞ୍ଜିକୃତ ଚାଷୀ ମାନଙ୍କ ଠାରୁ ୧୨ ହଜାର ୫୦ କ୍ୱିଣ୍ଟାଲ ଧାନ କ୍ରୟ କରାଯିବ ବୋଲି ସଭାପତି ସୂଚନା ଦେଇଛନ୍ତି ।

## ଜୟନଗର ପଞ୍ଚାୟତ ନୋଡାଲ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ

**ରାଜକନିକା, ୧୫।୧ (ସଂଚାର ବ୍ୟୁରୋ):** ରାଜକନିକା ବ୍ଲକ ଜୟନଗର ପଞ୍ଚାୟତ ନୋଡାଲ ଉଚ୍ଚ ବିଦ୍ୟାଳୟ ର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଆରମ୍ଭ ହୋଇଛି। ବିଦ୍ୟାଳୟର ୫୦ବର୍ଷ ପୂର୍ତ୍ତି ପରିପ୍ରେକ୍ଷୀରେ ୧୯୭୪ରୁ ଆଜି ପର୍ଯ୍ୟନ୍ତ ସମସ୍ତ ପୁରାତନ ନୂତନ ଛାତ୍ରଛାତ୍ରୀ ଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଯୋଗଦେଇଛନ୍ତି। ଉଦ୍ଘାଟନୀ ଦିବସରେ ମୁଖ୍ୟଅତିଥି ଭାବେ ଓଡିଶା ସରକାରଙ୍କ ଉଚ୍ଚଶିକ୍ଷା, ଯୁବ ବିକାଶ, କ୍ରୀଡା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ସୁନାମଧନ୍ୟ ପରିବେଶବିତ ପ୍ରଫେସର ଅତୁଲ କୁମାର ବଳ ଓ ସମ୍ମାନିତ ଅତିଥି ଭାବେ ମହାକାଳପଡା ବିଧାୟକ ଡ଼.ଦୁର୍ଗା ପ୍ରସନ୍ନ ନାୟକ, ଆଳି ର ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକ,ବିଶିଷ୍ଟ ସମାଜସେବୀ କୃଷ୍ଣ ଚନ୍ଦ୍ର ପଣ୍ଡା, ପ୍ରାକ୍ତନ ପ୍ରଶାସକ ବଂଶୀଧର ରାଉତ, ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଅଶୋକ କୁମାର ରାଉତରାୟ ଏବଂ ଆଳି -କନିକା ଉନ୍ନୟନ ପରିଷଦ ର ସଭାପତି ନିରଞ୍ଜନ ଜେନା ଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଥିଲେ। ଏହି ଅବସରରେ ଅତିଥି ମାନେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ର ମୁଖପତ୍ର "ସଂକଳ୍ପ " ଉନ୍ମୋଚନ କରିଥିଲେ। ସୁବର୍ଣ୍ଣ ଜୟନ୍ତୀ କମିଟିର ସଭାପତି ହରେଗୋବିନ୍ଦ ମଢୁଆଳଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ସଂତୃପ୍ତ ଦାସ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସମ୍ପାଦକ ଡ଼. ଫକୀର ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସୁବାଷ ଚନ୍ଦ୍ର ଜେନା, ବସନ୍ତ ଦାସ, ସଞ୍ଜୟ ବିଶ୍ୱାଳ, ଖଗେଶ୍ୱର ପଢ଼ିହାରି, ଅମର ବାରିକ, ସୁରେଶ ଚନ୍ଦ୍ର ରାଉତ, ନରୋତ୍ତମ ମହାନ୍ତି,ରଞ୍ଜନ ରାଉତ, ହେମନ୍ତ ନାୟକ, ବସନ୍ତ ମଲ୍ଲିକ, ନିର୍ମଳ ପଲାଇ, ଗଙ୍ଗାଧର ବେହେରା, ଶରତ ପଢ଼ିହାରୀ ଓ ଶସଦେବ ନାୟକ ଆଦି କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।




## କାର୍ଯ୍ୟରେ ଯୋଗଦେଲେ ଉପଜିଲ୍ଲାପାଳ



**କେନ୍ଦ୍ରାପଡ଼ା, ୧୫।୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡାର ଉପଜିଲ୍ଲାପାଳ ଭାବେ ରବିନ୍ଦ୍ର କୁମାର ପ୍ରଧାନ କାର୍ଯ୍ୟ କରୁଥିବା ବେଳେ ତାଙ୍କର ଜିଲ୍ଲାରୁ ବଦଳି ହେବାପରେ ବୁଧବାର ତାଙ୍କ ସ୍ଥାନରେ ନୂତନ ଉପ ଜିଲ୍ଲାପାଳ ଭାବେ ଅରୁଣ କୁମାର ନାୟକ କାର୍ଯ୍ୟରେ ଯୋଗ ଦେଇଛନ୍ତି । ଶ୍ରୀ ନାୟକ ବିଭିନ୍ନ ଜିଲ୍ଲାରେ ଦକ୍ଷତା ର ସହ କାର୍ଯ୍ୟ କରିଥିବା ଜଣାପଡିଛି ।

### ମା ବୁଢ଼ୀ ଧ୍ୟାନଧ୍ୟାୟୀ ଠାକୁରାଣୀଙ୍କ ଜନ୍ମୋତ୍ସବ

**ଆଳି, ୧୫।୧ (ସଂଚାର ବ୍ୟୁରୋ):** ଆଳି ବ୍ଲକ ଅନ୍ତର୍ଗତ ସହିରା ପଞ୍ଚାୟତର ସୋରିଷଦା ଗ୍ରାମରେ ମା ବୁଢ଼ୀ ଧ୍ୟାନଧ୍ୟାୟୀ ଠାକୁରାଣୀଙ୍କ ଜନ୍ମ ବାର୍ଷୀକ ମହୋତ୍ସବ ସମାରୋହରେ ପାଳିତ ହୋଇଯାଇଛି। ବହୁ ପୁରାତନକାଳରୁ ପୂଜା ପାଇ ଆସୁଥିବା ମା ଧ୍ୟାନଧ୍ୟାୟୀ ପୀଠରେ ଭକ୍ତମାନଙ୍କ ଚଳଚଞ୍ଚଳ ହୋଇ ଉଠିଛି। ସୋରିଷଦା ଗ୍ରାମର ଯୁବ ସମ୍ପ୍ରଦାୟଙ୍କ ଉଦ୍ୟମରେ ଗ୍ରାମରେ ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବିଙ୍କ ଉପସ୍ଥିତିରେ ଉକ୍ତ ମହୋତ୍ସବ କାର୍ଯ୍ୟକ୍ରମ ସୁଚାରୁ ରୂପେ ସମ୍ପାଦନ ହୋଇଅଛି। ସକାଳ ସମୟରେ କଳସ ଶୋଭାଯାତ୍ରା, ଗୁରୁପୂଜା, ସୂର୍ଯ୍ୟପୂଜା, ଗୋ ପୂଜା ଧରିତ୍ରୀ ପୂଜା ଚଣ୍ଡି ପୂଜା ଆଦି ସମ୍ପନ୍ନ କରାଯାଇଥିଲା। ସନ୍ଧ୍ୟାରେ ପୂର୍ଣ୍ଣାହୁତି ଓ ସଂକୀର୍ତ୍ତନ କାର୍ଯ୍ୟ ଲାଗିରହିଥିଲା। ସନ୍ଧ୍ୟା ୬ ଘଟିକା ଠାରୁ ରାତ୍ର ୧୦ ଘଟିକା ପର୍ଯ୍ୟନ୍ତ ଶହ ଶହ ଭକ୍ତମାନଙ୍କ ଭିଡ ଦେଖିବାକୁ ମିଳିଥିଲା।

## ନଳିନୀକାନ୍ତ ମହାବିଦ୍ୟାଳୟରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

**ରାଜନଗର, ୧୫।୧ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳସ୍ଥିତ ନଳିନୀକାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀମାନଙ୍କର 'ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ'ର ଉଦଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ବ୍ରହ୍ମାନନ୍ଦ ତ୍ରିପାଠୀଙ୍କ ସଭାପତିତ୍ୱରେ ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରୋଗ୍ରାମ ସଂଯୋଜକ ଅଧ୍ୟାପକ ବନୋଜ କୁମାର ପରିଡ଼ା ସ୍ୱାଗତ ଅଭିଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ବୈଲୋଚନ ରାଉତ, ଗିରିଶ କୁମାର ନାୟକ, ଉମାକାନ୍ତ ମିଶ୍ର, ଖେଳ ଶିକ୍ଷକ କିଶୋର କୁମାର ଚୌଧୁରୀ, ଅଧ୍ୟାପିକା ଜ୍ୟୋସ୍ନାବାଳା ଦାଶ, ଚୌଧୁରୀ ଜୟନ୍ତ କୁମାର ପ୍ରହରାଜ, ସୁଚିତ୍ରା ବଳ, ବସନ୍ତ କୁମାର ରାଉଳ, ଯାମିନୀକାନ୍ତ ରାଉଳ, ଅଶୋକ କୁମାର ରାଉତ, ପୁଷ୍ପଲତା ରାଉତ ଓ ଦିଗମ୍ବର ପଣ୍ଡା ପ୍ରମୁଖ ଯୋଗ ଦେଇ ଯେକୌଣସି ପରିସ୍ଥିତିର କିପରି ସାମ୍ନା କରିହେବ ତାର କୌଶଳ ଛାତ୍ରୀ ମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ।




### ୪୩ତମ ରାଜ୍ୟସ୍ତରୀୟ ଚଂଚଳା ଟ୍ରଫି

## ଜଗତପୁରକୁ ହରାଇ ସେମିରେ କେନ୍ଦ୍ରାପଡ଼ା

**ରାଜନଗର, ୧୫।୧ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକର ବଡପଲ୍ଲୀ ଚଂଚଳା ମିନି ଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ ୪୩ତମ ଚଂଚଳା ଟ୍ରଫିର ୩ୟ କ୍ୱାର୍ଟରରେ ନିମପୁର, ଜଗତପୁର କ୍ରିକେଟ ଟିମକୁ ୭୨ ରନରେ ହରାଇ ଇନ୍ଦୁପୁର, କେନ୍ଦ୍ରାପଡା କ୍ରିକେଟ କ୍ଲବ ୩ୟ ଦଳ ଭାବେ ସେମି ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ଇନ୍ଦୁପୁର ନିର୍ଦ୍ଧାରିତ ୨୫ ଓଭରରେ ୬ ଉଇକେଟ ହରାଇ ୨୭୨ ରନ କରିଥିଲେ। ଦଳର ଗୌରବ ଚୌଧୁରୀ ୪୫ ବଲରୁ ଶତକୀୟ ପାଳି ଖେଳିଥିଲେ। ୪ଟି ଚଉକା ଓ ୧୫ଟି ଛକା ସହାୟତାରେ ୪୫ ବଲରୁ ଧୁଆଁଧାର ୧୨୦ ରନ କରିଥିଲେ। ଆକାଶ ନାୟକ ୫୪ ବଲରୁ ୫ଟି ଛକା ଓ ୬ଟି ଚଉକା ସହାୟତାରେ ୬୯ ରନ କରିଥିଲେ। ୨୭୩ ରନର ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇ ଥିବା ଜଗତପୁର କ୍ରିକେଟ ଟିମ କଟକ ୨୩ ଓଭରରେ ସମସ୍ତ ଉଇକେଟ ହରାଇ ୨୦୦ ରନ କରିବାକୁ ସକ୍ଷମ ହୋଇଥିଲା। ଦଳର ଆକାଶ ପ୍ରଧାନ ୨୭ ବଲରୁ ୨ଟି ଚଉକା ଓ ୫ଟି ଛକା ସହାୟତାରେ ୪୬ ରନ, କେ.ଡିଔରୀ ୨୫ ବଲରୁ ୨ଟି ଚଉକା ଓ ୮ଟି ଛକା ସହାୟତାରେ ୬୪ ରନ କରିଥିଲେ। ଗୌରବ ଚୌଧୁରୀ ୧୨୦ ରନର ଧୁଆଁଧାର ପାଳି ପାଇଁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରାଯାଇଛି। ପୁରସ୍କାର ବିତରଣ ଉତ୍ସବରେ ବାଲିସାହି ପାଟଣା ପଂଚାୟତର ସରପଂଚ କୈଳାସ ଚନ୍ଦ୍ର ପରିଡା, ସମାଜସେବୀ କୈଳାସ ଚନ୍ଦ୍ର ମହାନ୍ତି, ଦିଲ୍ଲୀପ କୁମାର ପାତ୍ର ଅତିଥି ଭାବେ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ। ଆସନ୍ତା କାଲି ୪ ର୍ଥ କ୍ୱାଟରରେ ଭୁବନେଶ୍ୱର ସହିତ କଟକ ର ମୁକାବିଲା ହେବ। ଖେଳରେ ସ୍କୋରର ଭାବେ ତାପସ କୁମାର ରଥ, ପ୍ରକାଶ ଚନ୍ଦ୍ର ସେଠୀ, ଭାସ୍ୟକାର ଭାବେ ବିଜୟ କୁମାର ବଳ, ଶଶଧର ରାଉତ ତୁଲାଇଥିବା ବେଳେ ପଲିଶ୍ରୀ ଯୁବକ ସଙ୍ଘର ତପନ କୁମାର ପରିଡା, ଅଭିମନ୍ୟୁ ପ୍ରତିହାରୀ ଓ ନିରଞ୍ଜନ ଦାସ ଖେଳ ପରିଚାଳନା କରିଥିଲେ।



## ପ୍ରାଚୀନ ଶୈବପୀଠ ଗର୍ତ୍ତେଶ୍ୱର ମହାଦେବଙ୍କ ମକରବେଢ଼ା ପରିକ୍ରମା

**ରାଜନଗର, ୧୫।୧ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ମୁଖଶାଳା ଗୋସିଗାଁସ୍ଥିତ ପ୍ରାଚୀନ ଶୈବପୀଠ ଶ୍ରୀ ଶ୍ରୀ ଗର୍ତ୍ତେଶ୍ୱର ମହାଦେବଙ୍କ ବେଢ଼ାରେ ପବିତ୍ର ମକରସଂକ୍ରାନ୍ତି ଆନନ୍ଦ ଉଲ୍ଲାସ ଓ ଭକ୍ତି ଭାବନା ଭିତରେ ଅନୁଷ୍ଠିତ ହୋଇଯାଇଛି। ପବିତ୍ର ମକରସଂକ୍ରାନ୍ତି ଅବସରରେ ବ୍ରାହ୍ମମୁହୂର୍ତ୍ତରୁ ବାବା ଗର୍ତ୍ତେଶ୍ୱର ମହାଦେବଙ୍କ ନୀତିକାନ୍ତି ଆରମ୍ଭ ହୋଇଥିଲା। ଭୋର ୫ ଟାରେ ମଙ୍ଗଳ ଆରତୀ, ମହାସ୍ନାନ, ସକାଳଭୋଗ, ମଧ୍ୟାହ୍ନ ଭୋଗ, ବିଶ୍ରାମ ଏବଂ ସଂଧ୍ୟା ଆଳତି ପ୍ରଭୃତି ନୀତି ନୈବେଦ୍ୟ ଅର୍ପଣ କରାଯାଇଥିଲା। ସଂଧ୍ୟା ୭ଟା ୧୦ ମିନିଟରେ ମନ୍ଦିର ବେଢ଼ାରେ ସଂକୀର୍ତ୍ତନ, ହରିଧ୍ୱନୀ, ଶଙ୍ଖଧ୍ୱନୀ ଓ ହୁଳହୁଳି ମଧ୍ୟରେ ବାବା ଗର୍ତ୍ତେଶ୍ୱର ଏବଂ ମା' ପାର୍ବତୀଙ୍କ ଚଳନ୍ତି ବିଗ୍ରହକୁ ମନ୍ଦିର ବେଢ଼ା ପରିକ୍ରମା କରାଯାଇଥିଲା। ଠାକୁରଙ୍କ ସେବକ ଅକ୍ଷୟ କୁମାର ମିଶ୍ର ଏବଂ ଜଗନ୍ନାଥ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦେବନୀତି ଅନୁଷ୍ଠିତ ହୋଇଥିଲା। ଆଖପାଖ ଅଞ୍ଚଳରୁ ଶତାଧିକ ଶ୍ରଦ୍ଧାଳୁ ଶିବ ଭକ୍ତମାନେ ଉପସ୍ଥିତ ରହି ଏହି ବେଢ଼ା ପରିକ୍ରମାରେ ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମନ୍ଦିର ପରିଚାଳନା କମିଟି ଓ ଗ୍ରାମର ଶ୍ରଦ୍ଧାଳୁ ଭକ୍ତମାନେ ପରିଚାଳନା କରିଥିଲେ। ସେହିପରି ରାଜନଗର ବ୍ଲକ ଶ୍ରୀ ଶ୍ରୀ ରାଘବେଶ୍ୱର ମହାଦେବ ମନ୍ଦିର, ନାଥପୁରର ଶ୍ରୀ ଶ୍ରୀ ଅଷ୍ଟଶମ୍ଭୁ ମନ୍ଦିର, ଗୋଖଣୀର ଗୋକର୍ଣ୍ଣେଶ୍ୱର ମନ୍ଦିର, ନଚ୍ଛିପଡ଼ାର ମଣିବାବା, କେରେଡାଗଡ଼ର ଶ୍ରୀ ବାଲୁଙ୍କେଶ୍ୱର, ରିଘାଗଡ଼ର ମଣିବାବା, ରାଜଗଡ଼ର ନୀଳକଣ୍ଠେଶ୍ୱର, ଚମ୍ପାଦିଆର ସିଦ୍ଧେଶ୍ୱର, ନୁରୁଗାଁ, ବାଲିକଣା ଶାସନ ପ୍ରଭୃତି ଗ୍ରାମର ଶୈବପୀଠରେ ମକରବେଢ଼ା ପରିକ୍ରମା ଉତ୍ସବ ଅନୁଷ୍ଠିତ ହୋଇଯାଇଛି।



## ଆଲୋକ ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କ ଯୁଗ୍ମ ସଚିବ

**ଭୁବନେଶ୍ୱର,୧୫।୧(ସଂଚାର ବ୍ୟୁରୋ):** ଓଡ଼ିଶା ସରକାର ବରିଷ୍ଠ ଓଏଏସ୍ ଅଧିକାରୀ ଆଲୋକ କୁମାର ପ୍ରଧାନଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଯୁଗ୍ମ ସଚିବ ଭାବେ ନିଯୁକ୍ତ କରିଛନ୍ତି। ଏନେଇ ସାଧାରଣ ପ୍ରଶାସନ ତଥା ଜନଅଭିଯୋଗ ବିଭାଗ (ଜିଏଣ୍ଡପିଜି) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁଯାୟୀ, କେନ୍ଦୁଝର ଅତିରିକ୍ତ ଜିଲା ମାଜିଷ୍ଟ୍ରେଟ୍ (ଏଡିଏମ୍) ଭାବେ କାର୍ଯ୍ୟ କରୁଥିବା ଶ୍ରୀ ପ୍ରଧାନଙ୍କୁ ଓମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଯୁଗ୍ମ ସଚିବ ଭାବରେ ପୋଷ୍ଟ କରାଯାଇଛି। ସେହିପରି ଓଏଏସ ଅଧିକାରୀ ପଦ୍ମ ଚରଣ ସାହାଙ୍କୁ କ୍ରୀଡ଼ା ଏବଂ ଯୁବସେବା ବିଭାଗର ଡେପୁଟି ସେକ୍ରେଟେରୀ ଭାବେ ନିଯୁକ୍ତ କରାଯାଇଛି। ଏହା ପୂର୍ବରୁ ତାଙ୍କୁ ଖୋର୍ଦ୍ଧା ସବ୍-କଲେକ୍ଟର ଭାବେ ସ୍ଥାନାନ୍ତର କରାଯାଇଥିଲା। ଏହାଛଡ଼ା ଆନନ୍ଦପୁର ଅତିରିକ୍ତ ସବ୍-କଲେକ୍ଟର କିଶୋର କୁମାର ପଣ୍ଡା ଖୋର୍ଦ୍ଧା ସବ୍-କଲେକ୍ଟର ଭାବେ ଦାୟିତ୍ୱ ଗ୍ରହଣ କରିବେ। ତାଙ୍କୁ ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନ (ଏସ୍‌ଜେଟିଏ)ର ଡେପୁଟି ଆଡମିନିଷ୍ଟ୍ରେଟର (ରାଜସ୍ୱ) ଭାବେ ମଧ୍ୟ ନିଯୁକ୍ତ କରାଯାଇଛି। ରାଜ୍ୟ ସରକାର ଏହା ପୂର୍ବରୁ ଗତବର୍ଷ ଜୁନ୍‌ରେ ଓଏଏସ ଅଧିକାରୀ ତ୍ରିଲୋଚନ ମହାନ୍ତିଙ୍କୁ ଯୁଗ୍ମ ସଚିବ ଓ ଓଏଏସ ଅଧିକାରୀ ଚିତ୍ରସେନ ରାଉତଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ଭାବେ ନିଯୁକ୍ତି ଦିଆଯାଇଥିଲା। ବିଭାଗର ଅନ୍ୟ ଏକ ବିଜ୍ଞପ୍ତି ଅନୁସାରେ ରାଜ୍ୟ ସରକାର ୧୧ ଓଏଏସ, ୧୭ ଓଆରଏସ ଓ ୨ ଓଏମଏଏସ ଅଧିକାରୀଙ୍କ ସମେତ ମୋଟ ୩୦ ଜଣ ଅଧିକାରୀଙ୍କୁ ନୂତନ ନିଯୁକ୍ତି ଦେଇଛନ୍ତି।

## ବ୍ୟବସାୟୀଙ୍କୁ ଭୁଜାଲି ମାଡ଼କରି ଲୁଟ୍

**ସୋନପୁର,୧୫।୧ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲା ଧର୍ମଶାଳା-ଯାଲୋଏ ରାସ୍ତାରେ ଭୁଜାଲିରେ ହାଣି ଯୁବ ବ୍ୟବସାୟୀ ନୀଳାମ୍ବର ମହାପାତ୍ର(୩୩)ଙ୍କ ନିକଟରୁ ଲକ୍ଷାଧିକ ଟଙ୍କା ଲୁଟ୍ ହୋଇଛି। ମଙ୍ଗଳବାର ରାତି ୭ଟା୩୦ରେ ଏହି ଘଟଣା ଘଟିଛି। ବୀରମହାରାଜପୁର ଥାନା ଲେହେଡିର ନୀଳାମ୍ବର ମହାପାତ୍ର ଧର୍ମଶାଳା ଛକରେ ଖୋଲିଥିବା ଜନସେବା କେନ୍ଦ୍ର ବନ୍ଦ କରି ଟଙ୍କା ଓ ଲାପ୍‌ଟପ ଧରି ବାଇକ୍‌ରେ ନିଜ ଘରକୁ ଫେରୁଥିଲେ। ଅଳ୍ପ ଦୂର ଯିବା ପରେ ୩ ଜଣ ଦୁର୍ବୃତ୍ତ ତାଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିଥିଲେ। ଭୁଜାଲିରେ ତାଙ୍କ ମୁଣ୍ଡ ଓ ଶରୀରର ବିଭିନ୍ନ ସ୍ଥାନକୁ ଆକ୍ରମଣ କରି ଲାପ୍‌ଟପ୍, ମୋବାଇଲ୍ ଓ ଟଙ୍କା ଲୁଟି ନେଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଜୀବନ ବିକଳରେ ନୀଳାମ୍ବର ଧର୍ମଶାଳା ଛକକୁ ଆସି ଘଟଣା ବିଷୟରେ ଲୋକଙ୍କୁ ଜଣାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତାଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଲୁଟେରାମାନେ ଫେରାର ହୋଇଯାଇଛନ୍ତି। ହିକୁଡି ଫାଣ୍ଡି ପୋଲିସ, ବୀରମହାରାଜପୁର ଆଦର୍ଶ ଥାନା ପୋଲିସ ଓ ସୋନପୁର ଥାନା ପୋଲିସ ଲୁଟେରାଙ୍କୁ ଧରିବା ପାଇଁ ରାସ୍ତାଗୁଡିକୁ ସିଲ୍ କରିବା ସହ ତନାଘନା ଜାରି ରଖିଛନ୍ତି। ତେବେ ଘଟଣାସ୍ଥଳରୁ ପୋଲିସକୁ ଏକ ଅଫୁଟା ଗୁଳି ମିଳିଥିବା ବେଳେ କିଛିଦୂରରୁ ନୀଳାମ୍ବରଙ୍କ ମୋବାଇଲ ମିଳିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି।

## ଏଟିଏମ୍ ତାଡ଼ି ନେଇଗଲେ ଲକ୍ଷାଧିକ ଟଙ୍କା

**ବୌଦ୍ଧ,୧୫।୧ (ସଂଚାର ବ୍ୟୁରୋ):** ବୌଦ୍ଧ ଥାନା ଅଧୀନ ବଢ଼ିଗାଁସ୍ଥିତ ଏସ୍‌ବିଆଇ୍ ଏଟିଏମ୍ କାଉଣ୍ଟରରୁ ଏକ ବଡ଼ ଧରଣର ଲୁଟ ହୋଇଛି। କେତେକ ଦୁର୍ବୃତ୍ତ ଏଟିଏମ୍ ତାଡ଼ି ଲକ୍ଷାଧିକ ଟଙ୍କା ଲୁଟି ନେଇଥିବା ଜଣାପଡିଛି। ଅଭିଯୋଗ ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ ଆରମ୍ଭ କରିଛି। ହେଲେ ପୋଲିସ ଦୁର୍ବୃତ୍ତମାନଙ୍କୁ ଗିରଫ କରି ନାହିଁ।

## ହାଇୱା ଧକ୍କାରେ ମୋପେଡ ଚାଳକଙ୍କ ମୃତ୍ୟୁ




**ହିଞ୍ଜିଳିକାଟୁ,୧୫।୧ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ହିଞ୍ଜିଳି ଥାନା ଚୈତନ୍ୟପଡ଼ା ନିକଟରେ ଏକ ନଦୀ ବାଲି ବୋଝେଇ ହାଇୱା ଧକ୍କାରେ ଜଣେ ମୋପେଡ ଚାଳକଙ୍କ ଜୀବନ ଯାଇଛି। ମୃତକ ଜଣଙ୍କ ହେଲେ ହିଞ୍ଜିଳି ଥାନା ଚୈତନ୍ୟପଡ଼ା ଗ୍ରାମର ଗଙ୍ଗା ଦାସ (୩୦)। ବୁଧବାର ସକାଳେ ହାଇୱାଟି (ଓଡି ୦୭ ଏଏ ୨୫୬୯) ବାଲି ବୋଝେଇ ବ୍ରହ୍ମପୁର ଅଭିମୁଖେ ଯାଉଥିଲା। ସେହି ସମୟରେ ଗଙ୍ଗା ତାଙ୍କ ଗାଡ଼ି (ଓଡି୦୭ ୱାଇ ୦୦୭୨)ରେ ଗୋପୀନାଥପୁର ଗ୍ରାମରୁ ଚୈତନ୍ୟପଡ଼ା ଫେରୁଥିଲେ। ୫୯ ନଂ ଜାତୀୟ ରାଜପଥ ଉପରେ ହାଇୱାଟି ମୋପେଡକୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ମୋପେଡ ଚାଳକ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ପରେ ହାଇୱା ଚାଳକ ଗାଡ଼ି ସହ ବ୍ରହ୍ମପୁର ସଦର ଥାନାରେ ଆତ୍ମସମର୍ପଣ କରିଥିଲେ। ଖବର ପାଇ ହିଞ୍ଜିଳି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୋପେଡ ଓ ବାଲି ବୋଝେଇ ହାଇୱାକୁ ଜବତ କରିବା ସହ ହାଇୱା ଚାଳକଙ୍କୁ ଗିରଫ କରିଛି। ମୃତଦେହକୁ ବ୍ରହ୍ମପୁର ବଡ଼ ମେଡିକାଲରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ବିଏମ୍‌ସିର ହ୍ୱାଟ୍ସଆପ୍ ଚାର୍ଟବୋଟ୍: ନାଗରିକଙ୍କ ସମସ୍ୟାର ହେବ ସହଜ ସମାଧାନ

# ଇଣ୍ଡସଇଣ୍ଡ ବ୍ୟାଙ୍କ ସହ ବିଏମ୍‌ସିର ଏମ୍‌ଓୟୁ ସ୍ୱାକ୍ଷରିତ




**ଭୁବନେଶ୍ୱର,୧୫।୧(ସଂଚାର ବ୍ୟୁରୋ):** ନାଗରିକମାନଙ୍କ ସମସ୍ତ ସମସ୍ୟାର ସମାଧାନ ହାତ ପାଆନ୍ତାରେ କରିବା ପାଇଁ ଭୁବନେଶ୍ୱର ଆପଣେଇବ ନୂତନ ପଦ୍ଧତି। ମୋବାଇଲ ହ୍ୱାଟ୍ସ ଆପ୍ ଚାର୍ଟବୋଟ୍ ଜରିଆରେ ଏଣିକି ନାଗରିକମାନେ ହୋଲ୍ଡିଂ ଟାକ୍ସ, ଘର ଭଡା, ଦୋକାନ ଘର ଭଡା, ଆଦି ସମସ୍ତ ଟ୍ୟାକ୍ସ ପୈଠ କରିବା ସହ ବିଭିନ୍ନ ସମସ୍ୟା ମଧ୍ୟ ଉପସ୍ଥାପନ କରିପାରିବେ। ଏଥିପାଇଁ ଆଜି ଇଣ୍ଡସଇଣ୍ଡ ବ୍ୟାଙ୍କ ସହ ଏକ ତ୍ରିପାକ୍ଷିକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି।

ହ୍ୱାଟ୍ସଆପ୍ ଚାର୍ଟବୋଟ୍ ଦ୍ୱାରା ପ୍ରସ୍ତୁତ ଏହି ସଫ୍ଟୱେୟାରରେ ନାଗରିକମାନେ ନିଜ ଘର କିମ୍ବା ଦୋକାନର ହୋଲ୍ଡିଂ ନମ୍ବର ଲେଖିଥିଲେ, ଆପେ ଆପେ ତାଙ୍କର ସମସ୍ତ ତଥ୍ୟ ବାହାରି ପଡିବ। କେତେ ଦିନ ହେଲା ଟାକ୍ସ ବା ଭଡା ଦେଇ ନାହାଁନ୍ତି, କେତେ ଟଙ୍କା ଦେବାକୁ ହେଉଛି, କାହା ପାଖକୁ ପଠାଇବାକୁ ପଡିବ ଆଦି ଘରର ସମସ୍ତ ତଥ୍ୟ ଉପଲବ୍ଧ ହେବ। ତେଣୁ ନାଗରିକଙ୍କୁ ଆଉ ବାରମ୍ବାର ୱାର୍ଡ ଅଫିସ କିମ୍ବା ବିଏମ୍‌ସି ମୁଖ୍ୟାଳୟକୁ ଦୌଡିବାକୁ ପଡିବ ନାହିଁ। ସେହିପରି ଭେଣ୍ଡିଂ ଜୋନ୍, ବିଭିନ୍ନ ମାର୍କେଟ କମ୍ପ୍ଲେକ୍ସ, ମାର୍କେଟ୍ ଆଦି ପରିଚାଳନା ଓ ଟାକ୍ସ ବା ଭଡା ଆଦାୟ ପାଇଁ ଏମରଟେକ୍ ଆର୍ ଏନ୍ ଡି ସଲ୍ୟୁସନ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ଏକ ସଫ୍ଟୱେୟାର ପ୍ରସ୍ତୁତ କରାଯାଉଛି । ଏହା ମଧ୍ୟ ସେହି ହ୍ୱାଟ୍ସଆପ୍ ଚାର୍ଟବୋଟରେ ରହିବ। ଅର୍ଥାତ୍ ମୋବାଇଲରେ ଭୁବନେଶ୍ୱର ମହାନଗର ନିଗମର ନାଗରିକମାନେ ନିଜ ଟିପରେ ସମସ୍ତ ସମସ୍ୟାର ସମାଧାନ କରିପାରିବେ ବୋଲି କହିଛନ୍ତି ମାନନୀୟା ମେୟର । ବୁଝାମଣାପତ୍ର ସ୍ୱାକ୍ଷରିତ ଉପଲକ୍ଷେ ବିଏମ୍ ସି ଏକାମ୍ର ହଲରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମସ୍ତ କର୍ପୋରେଟରଙ୍କ ସହ ବିଏମ୍‌ସି ପକ୍ଷରୁ ମେୟର ସୁଲୋଚନା ଦାସ, କମିଶନର ରାଜେଶ ପ୍ରଭାକର ପାଟିଲ, ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ, ଡେପୁଟି କମିଶନର ଅଜୟ କୁମାର ମହାନ୍ତି ଉପସ୍ଥିତ ଥିଲେ। ସେହିପରି ଇଣ୍ଡସଇଣ୍ଡ ବ୍ୟାଙ୍କ ପକ୍ଷରୁ ବ୍ୟାଙ୍କର ରାଜ୍ୟ ମୁଖ୍ୟ ଅରୂପ ମହାପାତ୍ର, ଆଞ୍ଚଳିକ ମୁଖ୍ୟ ପ୍ରଶାନ୍ତ ଗୌଡ, ରାଜ୍ୟ ବୈଷୟିକ ମୁଖ୍ୟ ଶୁଭାଶିଷ ସାହୁ, ଏମରଟେକ୍ ସଲ୍ୟୁସନର ମୁଖ୍ୟ ସନ୍ତୋଷ ରେଡ୍ଡୀଙ୍କ ସହ ବ୍ୟାଙ୍କର ଭାଇସ୍ ପ୍ରେସିଡେଣ୍ଟ ଶୁଭକାନ୍ତ ଶତପଥୀ ଓ ଦେବକାନ୍ତ ସାମଲଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଏହି ସଫ୍ଟୱେୟାର ଆସନ୍ତା ମାସକ ମଧ୍ୟରେ କାର୍ଯ୍ୟକ୍ଷମ ହେବ ଏବଂ ଏପରି ବ୍ୟବସ୍ଥା ଲାଗୁ କରିବାରେ ଭୁବନେଶ୍ୱର ଦେଶର ପ୍ରଥମ ସହର ହେବ ବୋଲି ଉଭୟ ବିଏମ୍‌ସି ଓ ଇଣ୍ଡସଇଣ୍ଡ ବ୍ୟାଙ୍କ ପକ୍ଷରୁ କୁହାଯାଇଛି।

## ଶିକାରୀଙ୍କ ଗତିବିଧି ଲକ୍ଷ୍ୟ କରିବାକୁ କଡ଼ା ପହରା



**ଆନନ୍ଦପୁର,୧୫।୧(ସଂଚାର ବ୍ୟୁରୋ):** ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡ ଅଧୀନସ୍ଥ ବରାଙ୍ଗ ସଂରକ୍ଷିତ ଜଙ୍ଗଲରେ ଶିକାରୀମାନଙ୍କ ଗତିବିଧି ଲକ୍ଷ୍ୟ କରିବାକୁ ବନ ବିଭାଗ ପକ୍ଷରୁ କଡା ପହରା ଦିଆଯାଉଛି। ବନ୍ୟପ୍ରାଣୀ ଶିକାର ଆଶଙ୍କା ଥିବାରୁ ଆନନ୍ଦପୁର ଡିଏଫଓଙ୍କ ନିର୍ଦ୍ଦେଶ କ୍ରମେ ରାମଚନ୍ଦ୍ରପୁର ଫରେଷ୍ଟରଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ବରାଙ୍ଗ ବନାଞ୍ଚଳର ବିଭିନ୍ନ କୋର ଏରିଆ ମଧ୍ୟରେ ପେଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିଛନ୍ତି । ଏଥିସହ ଶିକାରୀଙ୍କ ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ଏହି ଅଭିଯାନରେ ସ୍ଥାନୀୟ ବନ କର୍ମଚାରୀଙ୍କ ସହ ବନ ସୁରକ୍ଷା ସମିତିର ସଦସ୍ୟମାନେ ସାମିଲ ହୋଇ ସହଯୋଗ କରୁଛନ୍ତି। ଜଙ୍ଗଲ ମଧ୍ୟରେ କୌଣସି ଅବାଧ ପ୍ରବେଶ ଉପରେ ବନ ବିଭାଗ ପକ୍ଷରୁ କଟକଣା ଜାରି କରାଯାଇଛି। ଏଥିରେ ସ୍ଥାନୀୟ ଅଧିବାସୀ ସହଯୋଗ କରିବାକୁ ବନ ବିଭାଗ ପକ୍ଷରୁ ନିବେଦନ କରାଯାଇଛି।

## ବରଗଡ଼ରେ ଅଭାବନୀୟ ଘଟଣା: ପୁଲିସ ହାତ ଖାଲି

**ବରଗଡ଼,୧୫।୧(ସଂଚାର ବ୍ୟୁରୋ):** ବିଶ୍ୱପ୍ରସିଦ୍ଧ ଧନୁଯାତ୍ରାବେଳେ ବରଗଡରେ ଯୁବତୀଙ୍କ ସହ ଜଘନ୍ୟ କାଣ୍ଡ ଘଟିବା ଖବର ସମସ୍ତଙ୍କୁ ଚକିତ କରିଛି। ଯେତେବେଳେ ବରଗଡରେ ମହାପ୍ରତାପୀ କଂସଙ୍କ ଶାସନ ଚାଲିଥିଲା, ପୂରା ଅଂଚଳର ଉତ୍ସବ ମୁଖର ଥିଲା ସେତେବେଳେ ଏତେ ବଡ ଅଘଟଣ କେମିତି ଘଟିଲା ତାହା ଆଲୋଚନାର ବିଷୟ ହୋଇଛି। ହେଲେ, ନିଦାବିଷ୍ଟୁ ସାଜିଛି ବରଗଡ ପୋଲିସ। ଘଟଣାକୁ ଏହା ଭିତରେ ଦୁଇ ଦିନ ବିତି ଯାଇଥିଲେ ବି ପୋଲିସ ରହସ୍ୟ ଉପରୁ ପରଦା ହଟାଇ ପାରିନି। ଯାହାକି ପୋଲିସର ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପଟେ ପୀଡିତାଙ୍କ ସମ୍ପର୍କୀୟ ଅଭିଯୋଗ ଆଣି କହିଛନ୍ତି, ଯୁବତୀଙ୍କୁ ଅପହରଣ କରି ହତ୍ୟା ପାଇଁ ଉଦ୍ୟମ କରାଯାଇଥିଲା। ପୋଲିସ ତୁରନ୍ତ ଅଭିଯୁକ୍ତଙ୍କୁ ଧରିବା ସହ ପୂରା ଘଟଣାର ପର୍ଦ୍ଦାଫାଶ କରୁ। ଗୋଟିଏ ପଟେ ପୋଲିସର ବେଫିକର ମନୋବୃତି, ଆଉ ଅନ୍ୟପଟେ ହସ୍ପିଟାଲରେ ବେଡରେ ଯୁବତୀ ଚିକିତ୍ସିତ ହେବା ପୁରା ଘଟଣାକୁ ରହସ୍ୟମୟ କରି ଦେଇଛି। ବଡ କଥା ହେଉଛି, ଯୁବତୀଙ୍କ ମୁଣ୍ଡରେ ଆଘାତ ଲାଗି ଥିବାରୁ ସେ କିଛି କହି ପାରୁନାହାନ୍ତି। ତେଣୁ ସେଦିନ ତାଙ୍କ ସହ କଣ ଘଟିଥିଲା, ତାହା ସ୍ପଷ୍ଟ ହୋଇ ପାରୁନି। ତେବେ ଯୁବତୀଙ୍କ ଜୀବନ ପ୍ରତି ବିପଦ ନାହିଁ ବୋଲି ଭୀମସାର ନିର୍ଦ୍ଦେଶକ କହିଛନ୍ତି। ଏତେ ବଡ ଘଟଣାକୁ ହାଲୁକା ଭାବେ ନେଉଛି କି ବରଗଡ ପୋଲିସ୍? ସତକୁ ଚପାଇ ଦେବାକୁ ଯୋଜନା କରୁଛି କି ପୋଲିସ୍? ଏଭଳି ପ୍ରଶ୍ନ ଏବେ ସମସ୍ତଙ୍କୁ ଆନ୍ଦୋଳିତ କରୁଥିବା ବେଳେ ହସ୍ତକ୍ଷେପ କରିଛି ଭୀମ ଆର୍ମି। ଠିକ ଭାବରେ ତଦନ୍ତ କରାଯାଉ ବୋଲି ଏସପିଙ୍କ ଦ୍ୱାରସ୍ଥ ହୋଇ ଦାବି କରିଛି ବରଗଡ଼ ଭୀମ ଆର୍ମି। ପୀଡିତାଙ୍କୁ ନ୍ୟାୟ ନମିଳିଲେ ଆଗାମୀ ଦିନରେ ଭୀମ ଆର୍ମି ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛନ୍ତି।

### ଜିଲ୍ଲାପାଳମାନଙ୍କୁ ମୁଖ୍ୟ ସଚିବଙ୍କ ତାଗିଦ୍

# ଓଆରଟିପିଏସ୍‌ଏ ଅନ୍ତର୍ଭୁକ୍ତ ସେବା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ



**ଭୁବନେଶ୍ୱର,୧୫।୧(ସଂଚାର ବ୍ୟୁରୋ):** ରାଜ୍ୟରେ ବିଭିନ୍ନ ବିଭାଗ ଦ୍ୱାରା ଓଡ଼ିଶା ଲୋକସେବା ଅଧିକାର ଅଧିନିୟମରେ ଅନ୍ତର୍ଭୁକ୍ତ ପ୍ରଦାନ କରାଯାଉଥିବା ଗୁରୁତ୍ୱପୂର୍ଣ୍ଣ ସେବା ପ୍ରଦାନର କାର୍ଯ୍ୟକାରିତା ସୁନିଶ୍ଚିତ କରିବାକୁ ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ନିର୍ଦ୍ଦେଶ ଦେଇଛନ୍ତି। ଏହା ମର୍ମରେ ମୁଖ୍ୟ ଶାସନ ସଚିବ ସମସ୍ତ ବିଭାଗୀୟ ସଚିବ, ସମସ୍ତ ରାଜସ୍ୱ ଆୟୁକ୍ତ ଓ ଜିଲ୍ଲାପାଳମାନଙ୍କୁ ଏକ ନିର୍ଦ୍ଦେଶମାନାରେ ସବିସ୍ତୃତ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ଓଡ଼ିଶା ଲୋକସେବା ଅଧିକାର ଆଇନରେ ଅନ୍ତର୍ଭୁକ୍ତ ଅତ୍ୟାବଶ୍ୟକ ସେବାଗୁଡ଼ିକ କିପରି ଉଦ୍ଦିଷ୍ଟ ହିତାଧିକାରୀଙ୍କ ନିକଟରେ ଠିକ୍ ଭାବେ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଉପଲବ୍ଧ ହେବ, ସେଥିପାଇଁ ପତ୍ରରେ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦିଆଯାଇଛି।

ସରକାର ଜନସାଧାରଣଙ୍କ ନିକଟରେ ସାର୍ବଜନୀନ ସେବାଗୁଡ଼ିକୁ ସହଜରେ ଉପଲବ୍ଧ କରାଇବା ପାଇଁ ଉତ୍ସର୍ଗୀକୃତ ଭାବେ ପ୍ରତିବଦ୍ଧତାର ସହ କାର୍ଯ୍ୟ କରୁଛନ୍ତି। ଏହି ଆଇନ ଅନୁଯାୟୀ ଏପର୍ଯ୍ୟନ୍ତ ୩୨ଟି ବିଭାଗର ୪୨୮ଟି ସାଧାରଣ ସେବାକୁ ସୂଚିତ କରାଯାଇଛି। ଏହି ଆଇନର କାର୍ଯ୍ୟାନ୍ୱୟନ ପାଇଁ ପ୍ରତି ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କୁ ନୋଡାଲ୍ ଅଧିକାରୀ ଭାବେ ନିୟୋଜିତ କରାଯାଇଛି।

ସଚିବମାନେ ନିଜ ନିଜ ବିଭାଗରେଏହି ଆଇନ୍ ଅଧିନରେ ପ୍ରଦାନ କରାଯାଉଥିବା ସେବାଗୁଡ଼ିକ ସୁନିଶ୍ଚିତ କରିବା ସହିତ କ୍ଷେତ୍ର ପରିଦର୍ଶନ ସମୟରେ ସେମାନେ ବିଭିନ୍ନ ଜିଲ୍ଲା ଗସ୍ତ ବେଳେ ଏହି ଆଇନ ଅଧୀନସ୍ଥ ସେବାଗୁଡ଼ିକ ବିଜ୍ଞପ୍ତି ଅନୁଯାୟୀ ସମୟ ସୀମା ମଧ୍ୟରେ ନାଗରିକମାନଙ୍କୁ ପ୍ରଦାନ କରାଯାଉଛି କି ନାହିଁ ତାହା ଯାଞ୍ଚ କରିବା ଓ ସଫଳତାର ପ୍ରତିଶତ ଯାଞ୍ଚ କରିବାକୁ ମୁଖ୍ୟ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଜିଲ୍ଲାପାଳମାନେ ମଧ୍ୟ ନିଜ ନିଜ ଜିଲ୍ଲାରେ ପ୍ରତି ମାସରେ ସାର୍ବଜନୀନ ସେବା ପ୍ରଦାନ ସମ୍ପର୍କରେ ଜିଲ୍ଲାର ସଫଳତା ସମୀକ୍ଷା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଆଇନରେ ଜନସାଧାରଣ ସେମାନଙ୍କର ଉଦ୍ଦିଷ୍ଟ ସେବା ନ ପାଇପାରିଲେ ବା ବିଳମ୍ବିତ ହେଲେ, ପ୍ରଥମ ପଦକ୍ଷେପରେ ସେମାନେ ଅପିଲ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ଦାଖଲ କରିପାରିବେ।

ଯଦି ସୁଫଳ ନ ମିଳେ, ତେବେ ରିଭିଜନାଲ କର୍ତ୍ତୃପକ୍ଷଙ୍କ ନିକଟରେ ନ୍ୟାୟ ପାଇଁ ପୁନଶ୍ଚ ଆବେଦନ କରିବାର ବ୍ୟବସ୍ଥା ରହିଛି। ଓଡ଼ିଶା ଲୋକ ସେବା ଅଧିକାର ଅଧିନିୟମର ସଫଳ କାର୍ଯ୍ୟକାରିତା ପାଇଁ ଉତ୍ତମ ମନୋଭାବ ପ୍ରଦର୍ଶନ ପୂର୍ବକ ଉପରୋକ୍ତ ସମସ୍ତ ଦିଗ ପ୍ରତି ଦୃଷ୍ଟି ଦେବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି।

### ତାଳଚେର-ବିମଳାଗଡ଼ ରେଳ ଲାଇନ ପ୍ରକଳ୍ପ

## ଅବଶିଷ୍ଟ ଅଂଶ ପାଇଁ ନୂତନ ଟେଣ୍ଡର ଆହ୍ୱାନ

**ଭୁବନେଶ୍ୱର,୧୫।୧(ସଂଚାର ବ୍ୟୁରୋ):** ବହୁପ୍ରତୀକ୍ଷିତ ତାଳଚେର-ବିମଳାଗଡ଼ ନୂତନ ବ୍ରଡଗେଜ୍ (ବିଜି) ରେଳ ଲାଇନ ପ୍ରକଳ୍ପ କାର୍ଯ୍ୟ ତୁରନ୍ତ ଶେଷ କରିବା ଲକ୍ଷ୍ୟ ନେଇ ରେଳ ମନ୍ତ୍ରଣାଳୟ ପକ୍ଷରୁ ପ୍ରକଳ୍ପର ଅବଶିଷ୍ଟ ଅଂଶ ପାଇଁ ଟେଣ୍ଡର ଆମନ୍ତ୍ରଣ କରାଯାଇଛି। ୧୪୯.୭୮ କିମି ବ୍ୟାପୀ ଏହି ନୂତନ ରେଳ ଲାଇନ ଓଡ଼ିଶାର ତାଳଚେର ସହ ବିମଳାଗଡ଼କୁ ସଂଯୋଗ କରିବାକୁ ପ୍ରସ୍ତୁତ ଏବଂ ଟେଣ୍ଡର ଆମନ୍ତ୍ରଣରେ ମାଟି କାମ, ସେତୁ ନିର୍ମାଣ, ଷ୍ଟେସନ ସୁବିଧା, ଡ୍ରେନେଜ୍ ସିଷ୍ଟମ୍ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଅନ୍ତର୍ଭୁକ୍ତ ରହିଛି। ଟେଣ୍ଡର ପାଇଁ ଆନୁମାନିକ ମୂଲ୍ୟ ୭୨୬.୧୨୯ କୋଟି ଟଙ୍କା ରଖାଯାଇଛି। ତାଳଚେର-ବିମଳାଗଡ଼ ରେଳ ଲାଇନ ପ୍ରକଳ୍ପକୁ ଗତ ୨୦୦୩-୦୪ରେ ମଞ୍ଜୁର କରାଯାଇଥିଲା। କିନ୍ତୁ ଜମି ଅଧିଗ୍ରହଣ ସମସ୍ୟା, ଆଇନଗତ ବାଧା ଓ ଅନ୍ୟାନ୍ୟ ସମସ୍ୟା ଯୋଗୁଁ ବର୍ଷ ବର୍ଷ ଧରି ଏହି ପ୍ରକଳ୍ପ କାର୍ଯ୍ୟ ବିଳମ୍ବିତ ହୋଇଥିଲା। କିନ୍ତୁ ନାନାଦି ବାଧାବିଘ୍ନ ସତ୍ତ୍ୱେ ଇତିମଧ୍ୟରେ ପ୍ରକଳ୍ପର ପ୍ରାୟ ୨୬ ପ୍ରତିଶତ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇସାରିଛି। ତାଳଚେର ଏବଂ ସୁନାଖଣି ମଧ୍ୟରେ ୨୦ କିମି ରେଳ ଲାଇନ ନିର୍ମାଣ କରାଯାଇଛି। ଏଥିସହ ଚାଲିଥିବା ନିର୍ମାଣ କାର୍ଯ୍ୟ ଅନୁଗୁଳ ଜିଲ୍ଲାର ଖମାର ଆଡ଼କୁ ରେଳ ସଂଯୋଗକୁ ଆହୁରି ୩୦.୫ କିମି ବିସ୍ତାର କରିଛି, ଯାହାର ଲକ୍ଷ୍ୟ ପ୍ରକଳ୍ପ କାର୍ଯ୍ୟକୁ ତୁରନ୍ତ ଶେଷ କରିବା। ବିଳମ୍ବ ଦୂର କରିବା ପାଇଁ ପ୍ରୟାସକୁ ଜୋରଦାର କରାଯାଇଛି ।

ନିର୍ମାଣକୁ ତ୍ୱରାନ୍ୱିତ କରିବା ପାଇଁ ରେଳ ଲାଇନର ଉଭୟ ପାର୍ଶ୍ୱ ଯଥା ତାଳଚେର ଏବଂ ବିମଳାଗଡ଼ ପାର୍ଶ୍ୱରୁ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି । ବିମଳାଗଡ଼-ମହୁଲଡିହା ସେକ୍ସନ ପୂର୍ବରୁ ନିର୍ମାଣାଧୀନ ରହିଛି ଏବଂ ପାଲଲହଡ଼ା ଏବଂ ମହୁଲଡିହା ମଧ୍ୟରେ ଅବଶିଷ୍ଟ ୩୦.୬୨୫ କିମି ରେଳ ମାର୍ଗ ପାଇଁ ସମ୍ପ୍ରତି ଏକ ଟେଣ୍ଡର ଆହ୍ୱାନ କରାଯାଇଛି ଯାହାକି ନିର୍ମାଣ କାର୍ଯ୍ୟ ପ୍ରକ୍ରିୟା ଅଗ୍ରଗତିକୁ ତ୍ୱରାନ୍ୱିତ କରିବ ବୋଲି ଆଶା କରାଯାଉଛି। ପ୍ରାୟ ୧୨ ବର୍ଷ ଧରି ବିଳମ୍ବର ସମ୍ମୁଖୀନ ହୋଇଥିବା ତାଳଚେର-ବିମଳାଗଡ଼ ରେଳ ଲାଇନ ପ୍ରକଳ୍ପ ଏବେ ପୂର୍ବତଟ ରେଳପଥ ପ୍ରଶାସନ ଦ୍ୱାରା ନିଆଯାଇଥିବା ସକ୍ରିୟ ପଦକ୍ଷେପ ସହ ଆଗକୁ ବଢ଼ିଚାଲିଛି।

## ନାବାଳିକା ଝିଅକୁ ଗର୍ଭବତୀ କରି ବାପା ଗିରଫ

**ବଲାଙ୍ଗିର,୧୫।୧(ସଂଚାର ବ୍ୟୁରୋ):** ରକ୍ତ ସମ୍ପର୍କରେ ଲାଗିଲା କଳଙ୍କର ଛିଟା। ଦେହର ଭୋକ ମେଣ୍ଟାଇବା ପାଇଁ ଅନ୍ଧ ହୋଇଗଲା ବାପା। ଭୁଲିଗଲା ରକ୍ତ ସମ୍ପର୍କ ଆଉ ଝିଅ ପ୍ରତି ଥିବା ସ୍ନେହ, ଭଲ ପାଇବା । ଏ କେମିତିକା ବାପା ଯିଏକି ନିଜ ଜନ୍ମ କଲା ଝିଅକୁ ବି ଛାଡ଼ିଲାନି । ବାପ-ଝିଅର ପବିତ୍ର ସମ୍ପର୍କକୁ କଳଙ୍କିତ କରିଦେଇଛି ଏହି ପିଶାଚ ବାପ। ଝିଅ ସହ ଶାରୀରିକ ସମ୍ପର୍କ ରଖି ତାକୁ ଗର୍ଭବତୀତ କରିଛି। ନାବାଳିକା ଝିଅଟିକୁ ଛୋଟ ବେଳୁ ତା' ମା'ଠାରୁ ଅଲଗା କରିଦେଇ ନିଜ ପାଖରେ ରଖିଥିଲା। ହେଲେ ତା' ସହ ଏମିତି କିଛି କାଣ୍ଡ କରିବ ଏକଥା କେହି କେବେ ବି ସ୍ୱପ୍ନରେ ସୁଦ୍ଧା ଚିନ୍ତା କରିନଥିଲେ। ରକ୍ଷକ ହୋଇ ଏପରି ଭକ୍ଷକ ସାଜିବ, ଏକଥା କାହାକୁ ଜଣା ନଥିଲା। ଝିଅ ଗର୍ଭବତୀ ହେବା ପରେ ସାମ୍ନାକୁ ଆସିଛିଏହି ସଇତାନ୍ ବାପାର ଏପରି ଅମାନବୀୟ ଓ ଲଜ୍ଜାଜନକ କାରନାମା। ଏପରି ଲଜ୍ଜାଜନକ ଘଟଣା ବଲାଙ୍ଗିର ଜିଲ୍ଲା ବେଲପଡା ଥାନା ଅଞ୍ଚଳରେ ଘଟିଛି। ନିଜର ୧୬ ବର୍ଷୀୟା ନାବାଳିକା ଝିଅକୁ ୮ ମାସର ଗର୍ଭବତୀ କରିଛି ଯୌନ ରାକ୍ଷସ ବାପା। ତେବେ ବେଲପଡା ଥାନା ଅଞ୍ଚଳର ଜନୈକ ବ୍ୟକ୍ତିଙ୍କ ଦୌରାତ୍ମ୍ୟ ସହି ନ ପାରି ତାଙ୍କ ସ୍ତ୍ରୀ ଦୀର୍ଘଦିନରୁ ଦୁଇ ପୁଅଝିଅଙ୍କୁ ନେଇ ବାପଘରକୁ ଚାଲିଯାଇଥିଲେ। ସେତେବେଳେ ସାନଝିଅକୁ ନିଜ ପାଖରେ ଜୋରଜବରଦସ୍ତି ରଖିଥିଲା ଏହି ନରପିଶାଚ ଜଣଙ୍କ । ଆଉ ସାନ ଝିଅ ସହିତ ଜଙ୍ଗଲରେ ନିଜ ଜମିରେ ଘର କରି ରହୁଥିଲା।। ହେଲେ ନାବାଳିକା ଝିଅ ଗର୍ଭବତୀ ଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲେ ବେଲପଡା ସିଡିପିଓ ବିଦ୍ୟୁତପ୍ରଭା ନାଗ। ପରେ ବେଲପଡା ବିଡିଓ ରାଜେଶ ମେହେର ଓ ବେଲପଡା ଥାନା ଅଧିକାରୀ ଅନନ୍ତ ପଧାନଙ୍କ ନେତୃତ୍ୱରେ ପୁଲିସ ଟିମ ପହଞ୍ଚି ଅଧିକ ତଦନ୍ତ କରି ଘଟଣା ସତ ବୋଲି ଜାଣିବାକୁ ପାଇଥିଲା। ପରେ ପୀଡିତା ନାବାଳିକାକୁ ଉଦ୍ଧାର କରି ବଲାଙ୍ଗିର ୱାନଷ୍ଟପ ସେଣ୍ଟରକୁ ନେଇଥିଲା ପୁଲିସ୍। ଏନେଇ ଅଭିଯୁକ୍ତ ବାପାକୁ ଗିରଫ କରି ଅଧିକ ତଦନ୍ତ ଜାରି ରଖିଛି ବେଲପଡା ପୁଲିସ।

## ବହୁବୃତ୍ତି ଅନୁଷ୍ଠାନ ପରିଦର୍ଶନ କଲେ ହିମାଚଳ ପ୍ରଦେଶ ମନ୍ତ୍ରୀ



**ଭୁବନେଶ୍ୱର,୧୫।୧ (ସଂଚାର ବ୍ୟୁରୋ):** ଆଜି ହିମାଞ୍ଚଳ ପ୍ରଦେଶର ବୈଷୟିକ ଶିକ୍ଷା ମନ୍ତ୍ରୀ ଇଂ ରାଜେଶ ଧର୍ମାନୀ, ବୈଷୟିକ ଶିକ୍ଷା ସଚିବ କନ୍ଦମ ସନ୍ଦୀପ, ନିର୍ଦ୍ଦେଶକ ଅକ୍ଷୟ ସୂଦ ଓ ଓଡ଼ିଶା ବୈଷୟିକ ଶିକ୍ଷା ବିଭାଗର ନିର୍ଦ୍ଦେଶକ ସମର୍ଥ ବର୍ମାଙ୍କ ସହ ଭୁବନେଶ୍ୱର ସରକାରୀ ବହୁବୃତ୍ତି ଅନୁଷ୍ଠାନ ପରିଦର୍ଶନ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଡାଃ ରଜତ କୁମାର ପାଣିଗ୍ରାହୀ ସେମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

ଏହାପରେ ସେମାନେ ଅନୁଷ୍ଠାନର ସବୁ ବିଭାଗକୁ ବୁଲି ବରିଷ୍ଠ ଓ କନିଷ୍ଠ ଅଧ୍ୟାପିକା ଅଧ୍ୟାପକଙ୍କ ସମେତ ଛାତ୍ରଛାତ୍ରୀଙ୍କ ସହ ସାକ୍ଷାତ କରିଥିଲେ। ଟ୍ରେନିଂ ପ୍ଲେସମେଣ୍ଟରେ ଛାତ୍ରଛାତ୍ରୀମାନେ କେବଳ ଓଡ଼ିଶା ନୁହେଁ ଦେଶ ବିଦେଶରେ ନିଯୁକ୍ତି ପାଇଥିବା ଜାଣି ସେ ଖୁସି ହୋଇଥିଲେ। ଚଳିତ ବର୍ଷ ଦୁଇ ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀମାନଙ୍କର ଟ୍ରେନିଂ ଓ ଉଚ୍ଚ ଶିକ୍ଷା ପାଇଁ ପାସପୋର୍ଟ ପ୍ରସ୍ତୁତ କରାଯାଇଥିବା ଜାଣି ଉଚ୍ଚ ପ୍ରଶଂସା କରିଥିଲେ। ବୈଷୟିକ ଶିକ୍ଷା ସଚିବ କନ୍ଦମ ସନ୍ଦୀପ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଓ ଛାତ୍ରଛାତ୍ରୀମାନଙ୍କର ଉନ୍ନତି କାମନା କରିଥିଲେ।

### ରାଜ୍ୟସ୍ତରୀୟ ବୀମା କମିଟିର ପ୍ରଥମ ବୈଠକ

# ଏସ୍‌ଏଲ୍‌ଆଇସି ପାଇଁ ଏଲ୍‌ଆଇସି ନୋଡାଲ୍ ବୀମା କମ୍ପାନୀ




**ଭୁବନେଶ୍ୱର,୧୫।୧(ସଂଚାର ବ୍ୟୁରୋ):** ରାଜ୍ୟସ୍ତରୀୟ ବୀମା କମିଟି (ଏସ୍‌ଏଲ୍‌ଆଇସିର ପ୍ରଥମ ସମ୍ମିଳନୀ ଆଜି ଆୟୋଜିତ ହୋଇଛି। ଏଥିରେ ଉନ୍ନୟନ କମିଶନର୍ ଓ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଅଧ୍ୟକ୍ଷତା କରିବା ସହ ରାଜ୍ୟସ୍ତରୀୟ ବୀମା କମିଟିକୁ ରାଜ୍ୟ ସରକାର ଓ ବୀମା କମ୍ପାନୀମାନଙ୍କର ଏକ ତ୍ରିପାକ୍ଷିକ ସଂସ୍ଥାଗତ ବ୍ୟବସ୍ଥା ଭାବେ କାମ କରିବା ପାଇଁ ଉତ୍ସାହିତ କରିଥିଲେ। ବ୍ୟାଙ୍କିଂ କ୍ଷେତ୍ରରେ ଏସ୍‌ଏଲ୍‌ଆଇସି ପରି ବୀମା କ୍ଷେତ୍ରରେ ଆଇଆରଡିଏକୁ ସର୍ବୋତ୍ତମ ମାନଦଣ୍ଡ ସ୍ଥାପନ କରିବାର ଆବଶ୍ୟକତା ରହିଛି। ଏହି କମିଟି ରାଜ୍ୟର ବୀମା କଭରେଜ୍‌ର ଅବସ୍ଥା ମୂଲ୍ୟାଙ୍କନ କରି ୨୦୩୬ ସୁଦ୍ଧା ସମସ୍ତଙ୍କ ପାଇଁ ବୀମା ସୁବିଧା ଲକ୍ଷ୍ୟ ହାସଲ ପାଇଁ ବିହିତ ପଦକ୍ଷେପ ନେବ ବୋଲି ଶ୍ରୀମତୀ ଗର୍ଗ ଆଶା ପ୍ରକଟ କରିଛନ୍ତି।

ବୈଠକରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଧୀନରେ ନିମ୍ନ ହାରରେ ଦାବି ସମାଧାନ (କ୍ଲେମ୍ ସେଟଲମେଣ୍ଟ୍ ରେସିଓ) ପ୍ରସଙ୍ଗ ଉପରେ ଧ୍ୟାନ ଆକର୍ଷଣ କରାଯାଇଥିଲା। କମିଟି ଏହାକୁ ଗୁରୁତ୍ୱ ସହକାରେ ଆଲୋଚନା କରିବା ସହ ସମ୍ପୃକ୍ତ ବୀମା କମ୍ପାନୀଗୁଡ଼ିକୁ ସମସ୍ତ ଦାବି ପ୍ରାଥମିକତା ସହ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସାଧାରଣ ଜନତାଙ୍କ ପାଇଁ ସୁଲଭ ଓ ସହଜ ବୀମା ସୁବିଧା, ବୀମାକାରୀ ଏବଂ ବୀମାଗ୍ରହୀତାଙ୍କ ମଧ୍ୟରେ ବିଶ୍ୱାସର ନିବିଡତାକୁ ବଢ଼ାଇବା, ଟେକ୍ନୋଲୋଜି ପରିଚାଳିତ ପ୍ଲାଟଫର୍ମ ବ୍ୟବହାର କରି ପ୍ରକ୍ରିୟାର ସରଳୀକରଣ, ଦାବି ସମାଧାନକୁ ତ୍ୱରାନ୍ୱିତ କରିବାକୁ କୃତ୍ରିମ ବୁଦ୍ଧିମତା (ଆଇଏ) ଆଧାରିତ ବ୍ୟବସ୍ଥା ଏବଂ ସୁଦୃଢ଼ ଅଭିଯୋଗ ସମାଧାନ ବ୍ୟବସ୍ଥା କରିବା ପାଇଁ ଶ୍ରୀମତୀ ଗର୍ଗ ସମସ୍ତ ବୀମା କମ୍ପାନୀମାନଙ୍କୁ ପରାମର୍ଶ ଦେଇଛନ୍ତି।

ରାଜ୍ୟ ପାଇଁ ଆଇଆରଡିଏଆଇ ଦ୍ୱାରା ନିଯୁକ୍ତ ୪ ପ୍ରମୁଖ ବୀମା କମ୍ପାନୀ ଯଥା ଭାରତୀ ଆକ୍ସା ଲାଇଫ୍, ଶ୍ରୀରାମ ଜେନେରାଲ୍ ଇନସ୍ୟୁରାନ୍ସ, ଏଲ୍‌ଆଇସି ଅଫ୍ ଇଣ୍ଡିଆ ଏବଂ ଜୁରିଚ୍ କୋଟାକ୍ ଜେନେରାଲ୍ ଇନସୁରାନ୍ସ ମଧ୍ୟରୁ ଲାଇଫ୍ ଇନସ୍ୟୁରାନ୍ସ କର୍ପୋରେସନ୍ (ଏଲ୍‌ଆଇସି)କୁ ଏସଏଲଆଇସି ପାଇଁ ନୋଡାଲ୍ ବୀମା କମ୍ପାନୀ କରିବା ସକାଶେ କମିଟିରେ ନିଷ୍ପତ୍ତି ହୋଇଛି। ଜୀବନ, ଫସଲ, ମୋଟର, ସ୍ୱାସ୍ଥ୍ୟ ଇତ୍ୟାଦି ବିଭିନ୍ନ କ୍ଷେତ୍ରର ବୀମା ସମ୍ବନ୍ଧୀୟ ସମସ୍ୟାର ସମାଧାନ ପାଇଁ ସମ୍ପୃକ୍ତ ଉପ-କମିଟି ଗଠନ କରିବାକୁ ମଧ୍ୟ କମିଟି ପରାମର୍ଶ ଦେଇଛନ୍ତି। ବୈଠକରେ ଆଇଆରଡିଏଆଇର ସଦସ୍ୟ ସଚିବ ସତ୍ୟଜିତ ତ୍ରିପାଠୀ, ଏଲଆଇସିର ଅଧ୍ୟକ୍ଷ ସିଦ୍ଧାର୍ଥ ମହାନ୍ତି, ଆରବିଆଇର ଆଞ୍ଚଳିକ ନିର୍ଦ୍ଦେଶକ ଏସପି ମହାନ୍ତି, ୪ଟି ଅଗ୍ରଣୀ ବୀମା କମ୍ପାନୀର ଏମ୍‌ଡି ତଥା ସିଇଓ, ଏମ୍. ଜଗନ୍ନାଥ (ଏଲ୍‌ଆଇସି), ପରାଗ ରାଜା (ଭାରତୀ ଆକ୍ସା ଲାଇଫ୍ ଲିମିଟେଡ୍), ଅନୀଲ କୁମାର ଅଗ୍ରୱାଲ (ଶ୍ରୀରାମ ଜେନେରାଲ୍ ଇନସ୍ୟୁରାନ୍ସ ଲିମିଟେଡ୍) ଓ ଆଲୋକ କୁମାର ଅଗ୍ରୱାଲ (ଜୁରିଚ୍ କୋଟାକ୍ ଜେନେରାଲ୍ ଇନସ୍ୟୁରାନ୍ସ ଲିମିଟେଡ୍) ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର, ବୀମା କମ୍ପାନୀମାନଙ୍କର ଉଚ୍ଚପଦସ୍ଥ ଅଧିକାରୀ, ରାଜ୍ୟ ସରକାରଙ୍କ ସଚିବ ଓ ବରିଷ୍ଠ ଅଧିକାରୀଗଣ ତଥା ଆନୁଷ୍ଠାନିକ ଅର୍ଥ ବିଭାଗର ନିର୍ଦ୍ଦେଶକ ଡ ପ୍ରଜ୍ଞାସ୍ମିତା ସାହୁ ଉପସ୍ଥିତ ଥିଲେ।

## ତାମିଲନାଡୁରେ ଫସିଛନ୍ତି ସୁନ୍ଦରଗଡ଼ର ୯୦ ଯୁବତୀ

- ଫେରାଇଆଣିବା ଦାବିରେ ଅଭିଭାବକଙ୍କ ଧାରଣା



**ସୁନ୍ଦରଗଡ଼,୧୫।୧(ସଂଚାର ବ୍ୟୁରୋ):** କାମ କରିବାକୁ ଯାଇ ତାମିଲନାଡୁରେ ଫସିଛନ୍ତି ସୁନ୍ଦରଗଡ଼ର ୯୦ ଯୁବତୀ । ତାଲିମ ଓ ନିଯୁକ୍ତି ନାଁରେ ସେମାନେ ଠକେଇ ଓ ନିର୍ଯାତନାର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି ସେମାନଙ୍କ ଅଭିଭାବକ। ପ୍ରଥମେ ତାଲିମ ଓ ପରେ ନିଯୁକ୍ତି ଆଶା ନେଇ ଲେଫ୍ରିପଡ଼ାର ବିଭିନ୍ନ ବ୍ଲକରୁ ପ୍ରାୟ ୯୦ ଜଣ ଯୁବତୀ ତାମିଲନାଡୁ ଯାଇଛନ୍ତି। ପ୍ରଥମେ କଟକର ଏକ ତାଲିମ କେନ୍ଦ୍ରରେ ୪୫ ଦିନ ଟ୍ରେନିଂ ନେବା ପରେ ସେମାନଙ୍କୁ ତାମିଲନାଡୁ ପଠାଯିବାକୁ ସ୍ଥିର ହୋଇଥିଲା। କିନ୍ତୁ ଟ୍ରେନିଂ ସରିବା ପରେ ଯୁବତୀମାନେ ଘରକୁ ଯିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ ସୁଦ୍ଧା ସେମାନଙ୍କୁ ଜୋର ଜବରଦସ୍ତି ତାମିଲନାଡୁ ପଠାଇଦିଆଯାଇଥିଲା। ସେଠାରେ ସେମାନଙ୍କୁ ପ୍ରବଳ ନିର୍ଯାତନା ଦିଆଯାଉଛି ବୋଲି ଅଭିଭାବକଙ୍କୁ ସେମାନେ ଫୋନ୍ ଯୋଗେ ଜଣାଇଥିଲେ। ପରେ ଅଭିଭାବକମାନେ ଯୁବତୀମାନଙ୍କୁ ଫେରାଇ ଆଣିବା ଦାବି ନେଇ ସ୍ଥାନୀୟ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ । ଏନେଇ ଚାରି ଚାରି ଥର ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ହେଁ ଅଦ୍ୟାବଧି କୌଣସି ସୁଫଳ ମିଳିନଥିଲା। ଶେଷରେ ବାଧ୍ୟ ହୋଇ ସେମାନେ ଡିଆରଡିଏ ଛକରେ ଧାରଣା ଦେଇଛନ୍ତି। ଆଗାମୀ ସପ୍ତାହକ ମଧ୍ୟରେ ଫସିଥିବା ଯୁବତୀମାନଙ୍କୁ ଫେରାଇ ନ ଆଣିଲେ ଆସନ୍ତା ୨୨ ତାରିଖରୁ ସୁନ୍ଦରଗଡ଼ ବନ୍ଦ ଡାକରା ପାଇଁ ସେମାନେ ଚେତାବନୀ ଦେଇଛନ୍ତି ।

ଜୀବନ ଅମୃତ ଅନୁଚିନ୍ତା

ଯାହାଙ୍କ ମୂର୍ତ୍ତି ସମସ୍ତ ଶ୍ରେଷ୍ଠ ଶ୍ରୁତିଦ୍ୱାରା ସମୁଦ୍ଭାସିତ, ଯେ ବେଦାନ୍ତରୂପକ ପଦ୍ମକୁ ପ୍ରସ୍ଫୁଟିତ କରୁଥିବା ସୂର୍ଯ୍ୟସ୍ୱରୂପ, ସେହି ଶ୍ରୀଗୁରୁଙ୍କୁ ନମସ୍କାର

SANCHAR
ସଂଚାର

୪

ଗୁରୁବାର ୧୬ ଜାନୁଆରୀ ୨୦୨୫, ଭୁବନେଶ୍ୱର

Thursday 16 January 2025 Bhubaneswar


# ନୌସେନାର ଶକ୍ତିବୃଦ୍ଧି

ବୁଧବାର ଭାରତୀୟ ନୌସେନାରେ ୩ଟି ଅତ୍ୟାଧୁନୀକ ଯୁଦ୍ଧ ଜାହାଜ ଆଇଏନଏସ ସୁରତ, ଆଇଏନଏସ ବାଘଶୀର ଏବଂ ଆଇଏନଏସ ନୀଳଗିରି ସାମିଲ ହୋଇଛି। ସମ୍ପୂର୍ଣ୍ଣ ସ୍ୱଦେଶୀଜ୍ଞାନ କୌଶଳରେ ନିର୍ମିତ ୩ଟି ଯୁଦ୍ଧ ଜାହାଜ ଦୂରଗାମୀ କ୍ଷେପଣାସ୍ତ୍ର ନିକ୍ଷେପ ଲାଗି ସମର୍ଥ। ଏହା ମଧ ଏୟାରକ୍ରାଫ୍ଟ କ୍ୟାରିୟର। ଏହା ଦ୍ୱାରା ଭାରତୀୟ ନୌସେନା ବା ଭାରତୀୟ ସେନା ବେଶ ଶକ୍ତିଶାଳି ଏବଂ ଆତ୍ମନିର୍ଭରଶୀଳ ହୋଇପାରିବ ବୋଲି ଆଶା କରାଯାଉଛି। ମୁମ୍ବାଇ ନାଭାଲ ଡକ ୟାର୍ଡରେ ଏହି ୩ଟି ଯୁଦ୍ଧ ଜାହାଜ ନୌସେନାରେ ସାମିଲ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ଉଦଘାଟନ କରିଛନ୍ତି। ଏହି ଅବସରରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ସିଡିଏସଙ୍କ ସହ ତିନି ବାହିନୀର ମୁଖ୍ୟମାନେ ଉପସ୍ଥିତ ଥିଲେ। ଭାରତର ତିନି ଦିଗରେ ସମୁଦ୍ର ରହିଛି। ତେଣୁ ସାମରିକ ଦୃଷ୍ଟିରୁ ଭାରତୀୟ ନୌସେନାର ସୁଦୃଢ଼ୀକରଣ ଜରୁରୀ। ସେଥିପାଇଁ ଭାରତ ସରକାର ଭାରତୀୟ ନୌସେନାର ସୁଦୃଢ଼ୀକରଣ ଉପରେ ସର୍ବାଧିକ ଗୁରୁତ୍ୱ ଦେଇ ଆସୁଛନ୍ତି। ଏକଦା ଭାରତୀୟ ନୌସେନାରେ ମାତ୍ର ଗୋଟିଏ ଏୟାରକ୍ରାଫ୍ଟ କ୍ୟାରିୟର ବିକ୍ରାନ୍ତ ଥିଲା। ତାହା ବି ମାଗିକି ଅଣାଯାଇଥିଲା। ଏବେ ଭାରତ ନିକଟରେ ଅନେକ ଶକ୍ତିଶାଳି ଯୁଦ୍ଧ ଜାହାଜ, ଏୟାରେକ୍ରାଫ୍ଟ କ୍ୟାରିୟର, ଅଣୁ ଶକ୍ତି ସମ୍ପନ୍ନ ସବମେରିନ ରହିଛି। ଏହା ଦ୍ୱାରା ଭାରତ ଉଭୟ ପାକିସ୍ତାନ ଏବଂ ଚୀନର ମୁକାବିଲା କରିପାରିବ ବୋଲି କୁହାଯାଉଛି। ପ୍ରତିରକ୍ଷା କ୍ଷେତ୍ରରେ ଭାରତକୁ ଆତ୍ମନିର୍ଭର କରିବାରେ ଏହା ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ। ଆମେରିକା ଓ ଚୀନ ଭଳି ଦେଶର ଆର୍ôଥକ ସମୃଦ୍ଧିର ଏକ ବଡ଼ କାରଣ ହେଲା ଏମାନେ ଅନେକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ଏବଂ ବିଦେଶରୁ ଏସବୁ କ୍ରୟ କରିବାକୁ ପଡ଼େନାହିଁ। କେବଳ ଖାଦ୍ୟ ସାମଗ୍ରୀ ନୁହେଁ, ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନରେ ମଧ ଚୀନ ଓ ଆମେରିକା ଏପରିକି ଋଷିଆ ମଧ ଆତ୍ମନିର୍ଭରଶୀଳ। ଭାରତ ଏସବୁ ସାମଗ୍ରୀ ଆମଦାନୀ ବାବଦରେ ବିପୁଳ ବୈଦେଶିକ ମୁଦ୍ରା ବ୍ୟୟ କରୁଛି। ଏବେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଏଥିରୁ ନିସ୍ତାର ପାଇବାକୁ ଚିନ୍ତା କରୁଛନ୍ତି ଏବଂ ତଦନୁଯାୟୀ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏହା ବହୁ ବର୍ଷ ତଳୁ ହେବାର ଥିଲା। ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳ ଭାରତ ଗଠନ ଲକ୍ଷ୍ୟ ଆଗକୁ ଭାରତୀୟ ଅର୍ଥନୀତିରେ ଗେମ ଚେଞ୍ଜର ହୋଇପାରେ। ଏହା ଉଭୟ ବୈଦେଶିକ ମୁଦ୍ରେ ଉପାର୍ଜନ ସହ ଭାରତର ପ୍ରତିରକ୍ଷା ସାମର୍ଥ୍ୟକୁ ବୃଦ୍ଧି କରିବ। ଇତିମଧ୍ୟରେ ଭାରତୀୟ ବାୟୁସେନା ଆଉ କିଛି ଲଢ଼ୁଆ ବିମାନ କିଣିବାକୁ ଯାଉଛି। ପ୍ରତିରକ୍ଷା ସଂକ୍ରାନ୍ତୀୟ କ୍ୟାବିନେଟ କମିଟି ଏହାକୁ ଅନୁମୋଦନ କରିଛି। ଏଥିରେ କେବଳ ହାଲ ନୁହେଁ, ଅନେକ ଭାରତୀୟ ଶିଳ୍ପ ସଂସ୍ଥା ଉପକୃତ ହେବେ। ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ଦିଗରେ ଏହା ଆଉ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ହେବ। କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିଜେପି କ୍ଷମତାକୁ ଆସିବା ପରେ ଭାରତ ପ୍ରତିରକ୍ଷା କ୍ଷେତ୍ରରେ ଅଧିକ ଶକ୍ତିଶାଳି ହୋଇଛି, ଏହାକୁ ସ୍ୱୀକାର କରିବାକୁ ପଡ଼ିବ। ଆମେରିକା, ଋଷ ଏବଂ ଫ୍ରାନ୍ସ ଭଳି ଦେଶରୁ ଭାରତ ବହୁ ଶକ୍ତିଶାଳି ପ୍ରତିରକ୍ଷା ସାମଗ୍ରୀ କ୍ରୟ କରିଛି, ଆଉ କିଛି କ୍ରୟ କରିବାକୁ ଚୁକ୍ତି ସ୍ୱାକ୍ଷର କରିଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ସଫଳ ବୈଦେଶିକ ନୀତି ଏବଂ କୂଟନୀତି ବଳରେ ଏହା ସମ୍ଭବ ହୋଇପାରିଛି। ଏବେ ଭାରତ ଆଉ ପାକିସ୍ତାନକୁ ନିଜର ପ୍ରତିଦ୍ୱନ୍ଦ୍ୱି ଭାବେ ବିଚାର କରୁନି। ଏବେ ଚୀନ ହେଉଛି ଭାରତର ଟାର୍ଗେଟ। ଭାରତ ତୁଳନାରେ ଚୀନ ପ୍ରତିରକ୍ଷା କ୍ଷେତ୍ରରେ ବହୁ ଆଗରେ। ତେଣୁ ଚୀନ ସହ ସମ୍ଭାବ୍ୟ ସାମରିକ ମୁକାବିଲାକୁ ଭାରତ ସର୍ବାଧିକ ଗୁରୁତ୍ୱ ଦେଉଛି। ଯାହା ୫୦ ବର୍ଷ ତଳୁ କରିବାର ଥିଲା ତାହା ଏବେ ହେଉଛି। ତେଣୁ ଚୀନ ସହ ସମକକ୍ଷ ହେବାକୁ ଭାରତକୁ ଆହୁରି ୫୦ ବର୍ଷ ଲାଗିଯିବ। ଯାହା ବି ହେଉ ଏବେ ଅନ୍ତତଃ ପକ୍ଷେ ଚୀନର ମୁକାବିଲା ନିମନ୍ତେ ଭାରତୀୟ ସେନାର ମନୋବଳ ବୃଦ୍ଧି ପାଇଛି। କେବଳ ଚୀନ ନୁହେଁ, ଭବିଷ୍ୟତରେ ଯଦି କେବେ ଚୀନ ଏବଂ ପାକିସ୍ତାନ ମିଳିତ ଭାବେ ଭାରତ ସହ ଯୁଦ୍ଧରେ ଅବତୀର୍ଣ୍ଣ ହୁଅନ୍ତି ତେବେ ଏହାର ମୁକାବିଲା ନିମନ୍ତେ ଭାରତୀୟ ସେନା ପ୍ରସ୍ତୁତ ବୋଲି ସେନା ମୁଖ୍ୟ କହିଛନ୍ତି। ମନମୋହନ ସିଂହଙ୍କ ଶାସନ କାଳରେ ଭାରତ ଫ୍ରାନ୍ସରୁ ରାଫେଲ ବିମାନ କିଣିବାକୁ ନିଷ୍ପତ୍ତି ନେଇଥିଲା। କିନ୍ତୁ ବିଭିନ୍ନ କାରଣରୁ ଏହା ଅଟକି ରହିଥିଲା। ନିଷ୍ପତ୍ତି କାର୍ଯ୍ୟକାରୀ ହୋଇପାରୁନଥିଲା। ନରେନ୍ଦ୍ର ମୋଦି କ୍ଷମତାକୁ ଆସିବା ପରେ ଏହାକୁ ତତ୍କାଳ କାର୍ଯ୍ୟକାରୀ କରାଗଲା। ଫ୍ରାନ୍ସରୁ ଭାରତ ୩୬ଟି ରାଫେଲ ବିମାନ କ୍ରୟ କରିଛି। ଏଲଏସିରେ ଏବେ ରାଫେଲ ମୁତୟନ ହୋଇଛି। ଏହା ସହିତ ଆମେରିକାରୁ ମଧ ଭାରତ ଶକ୍ତିଶାଳି ହେଲିକପ୍ଟର, ମିଶାଇଲ ସିଷ୍ଟମ, ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର କ୍ରୟ କରିଛି। ଏବେ ନିକଟରେ ପ୍ରଧାନମନ୍ତ୍ରୀ ମୋଦି ଆମେରିକା ଗସ୍ତରେ ଯାଇଥିବା ବେଳେ ଉଭୟ ଦେଶ ମଧରେ ଏକ ଗୁରୁତ୍ୱପୂର୍ଣ୍ଣ ସାମରିକ ଚୁକ୍ତି ହୋଇଛି। ଏହି ଚୁକ୍ତି ଅନୁଯାୟୀ ଭାରତ ଆମେରିକାରୁ ପ୍ରିଡେଟର ଡ୍ରୋନ କ୍ରୟ କରିବ। ସେହିପରି ଫ୍ରାନ୍ସ ସହ ମଧ ଭାରତ ସାମରିକ ଚୁକ୍ତି କରିଛି। ଏହି ଚୁକ୍ତି ଅନୁଯାୟୀ ଭାରତୀୟ ନୌସେନା ନିମନ୍ତେ ଫ୍ରାନ୍ସରୁ ଆଉ ୨୬ଟି ରାଫେଲ ଏବଂ ୩ଟି ସବମେରିନ କ୍ରୟ କରାଯିବ। ଏହା ଫଳରେ ଭାରତୀୟ ନୌସେନାର ଶକ୍ତି ବହୁଗୁଣ ବୃଦ୍ଧି ପାଇବ। ସାମରିକ କ୍ଷେତ୍ରରେ ଭାରତକୁ ଆତ୍ମନିର୍ଭରଶୀଳ କରିବାକୁ ନରେନ୍ଦ୍ର ମୋଦି ସଙ୍କଳ୍ପ ନେଇଛନ୍ତି। ତଦନୁଯାୟୀ ଭାରତରେ ଅନେକ ଅତ୍ୟାଧୁନୀକ ଅସ୍ତ୍ରଶସ୍ତ୍ର, ଲଢ଼ୁଆ ବିମାନ, ସବମେରିନ ଏବଂ ଏୟାରକ୍ରାଫ୍ଟ କ୍ୟାରିୟର ନିର୍ମାଣ କରାଯାଉଛି। ଏହା ଦ୍ୱାରା କେବଳ ଭାରତୀୟ ସେନା ଶକ୍ତିଶାଳି ହେଉନି, ଏହାକୁ ଅନ୍ୟ ଦେଶକୁ ବିକ୍ରି କରି ଭାରତ ବିପୁଳ ବୈଦେଶିକ ମୁଦ୍ରା ଅର୍ଜନ କରିପାରୁଛି। ଡିଆରଡିଏ ଏବଂ ହାଲ ଭଳି ରାଷ୍ଟ୍ରାୟତ ସଂସ୍ଥା ଏହା ଦ୍ୱାରା ଆର୍ôଥକ ଦୃଷ୍ଟିରୁ ସମ୍ପନ୍ନ ହେଉଛି। କିଛି ମାସ ତଳେ ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଆଇଏନଏସ ବିକ୍ରାନ୍ତ ଜଳାବତରଣ କରିଛି। ଫ୍ରାନ୍ସରୁ ଯେଉଁ ସବମେରିନ କ୍ରୟ କରାଯିବ ତାହା ବାସ୍ତବରେ ମାଜାଗାଓଁରେ ନିର୍ମିତ ହେବ। ଭାରତୀୟ ବାୟୁ ସେନା ନିମନ୍ତେ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଲଢ଼ୁଆ ବିମାନ ତେଜସ ଆଜି ପ୍ରତିରକ୍ଷା କ୍ଷେତ୍ରରେ ଭାରତର ଆତ୍ମନିର୍ଭରଶୀଳତାକୁ ପ୍ରମାଣିତ କରୁଛି। ନିକଟରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧକ୍ଷତାରେ ପ୍ରତିରକ୍ଷା ସାମଗ୍ରୀ କ୍ରୟ ଲାଗି ଗଠିତ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ୧ ଲକ୍ଷ କୋଟି ଟଙ୍କାରୁ ଅଧିକ ମୂଲ୍ୟର ପ୍ରତିରକ୍ଷା ସାମଗ୍ରୀ କ୍ରୟ ପ୍ରସ୍ତାବକୁ ଅନୁମୋଦନ କରିଛି। ଏହାର ସିଂହଭାଗ ଭାରତରେ ନିର୍ମିତ ହେବ। ଦେଶର ସେନା ବାହିନୀକୁ ସଶକ୍ତ କରିବାକୁ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧିନ ସରକାର ଯେପରି ତ୍ୱରାନ୍ୱିତ ନିଷ୍ପତ୍ତି ନେଉଛନ୍ତି ତାହା ବାସ୍ତବରେ ପ୍ରଶଂସନୀୟ ଏବଂ ଉଦାହରଣଯୋଗ୍ୟ। ଯଦି ଅତୀତରେ କେନ୍ଦ୍ର ସରକାର ଏଭଳି ତ୍ୱରିତ ନିଷ୍ପତ୍ତି ନେଇଥାନ୍ତେ ଏବଂ ଭାରତୀୟ ସେନାକୁ ଚୀନର ସମକକ୍ଷ କରିବାକୁ ଉଦ୍ୟମ କରିଥାନ୍ତେ ତେବେ ଆଜି ଭାରତୀୟ ସୀମା ଉପରେ ଚୀନ ଲୋଲୁପ ଦୃଷ୍ଟି ପକାଇବାକୁ ସାହସ କରିନଥାନ୍ତା। ଭାରତ ସରକାର ମାତ୍ରାଧିକ ଟିକସ ଆଦାୟ କରୁଛନ୍ତି ବୋଲି କେତେକ ଅଭିଯୋଗ କରୁଛନ୍ତି। କିନ୍ତୁ ଯଦି ଟିକସ ଆଦାୟ ନହେବ ତେବେ ଭାରତୀୟ ସେନା କିପରି ଶକ୍ତିଶାଳି ହେବ? ଅତ୍ୟାଧୁନୀକ ଅସ୍ତ୍ରଶସ୍ତ୍ର, ଟ୍ୟାଙ୍କ, ସବମେରିନ, ଯୁଦ୍ଧ ବିମାନ ଏବଂ କ୍ଷେପଣାସ୍ତ୍ର କେଉଁଠୁ ଆସିବ? ଭାରତ ନିଜସ୍ୱ ଜ୍ଞାନ କୌଶଳରେ ଆଜି ଦୂରଗାମୀ କ୍ଷେପଣାସ୍ତ୍ର ନିର୍ମାଣରେ ସଫଳ ହୋଇଛି। ଆଜି ଭାରତୀୟ ସେନାର କ୍ଷେପଣାସ୍ତ୍ର ଲକ୍ଷ୍ୟ ଭେଦ କ୍ଷମତା ଚୀନର ରାଜଧାନୀ ବେଜିଂ ପର୍ଯ୍ୟନ୍ତ ସମ୍ପ୍ରସାରିତ ହୋଇଛି। ଆମେରିକାରୁ ଅତ୍ୟାଧୁନୀକ ଡ୍ରୋନ ଆସିବା ଦ୍ୱାରା ଏଲଏସିରେ ଚୀନ ସେନାର ଗତିବିଧି ଉପରେ ଏହା ନଜର ରଖିପାରିବ। ତେବେ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଲଢ଼ୁଆ ବିମାନ ତେଜସ ଏବଂ ହେଲିକ୍ଟରରେ ତ୍ରୁଟି ରହିଛି। ଫଳରେ ଏସବୁ ବିମାନ ଏବଂ ହେଲିକପ୍ଟର ବାରମ୍ବାର ଦୁର୍ଘଟଣାଗ୍ରସ୍ତ ହେଉଛି। ଏହାକୁ ଭଲଭାବେ ଯାଞ୍ଚ କରି ତ୍ରୁଟି ସଂଶୋଧନ କରାଯିବା ଉଚିତ। ସ୍ଥଳସେନା ପାଇଁ ଅତ୍ୟାଧୁନୀକ ଟ୍ୟାଙ୍କ ଏବଂ ଅନ୍ୟ ସାମରିକ ସରଞ୍ଜାମର ଆବଶ୍ୟକତା ରହିଛି। ଏହାର ଉତ୍ପାଦନ ବୃଦ୍ଧି ଏବଂ ଗୁଣାତ୍ମକ ମାନ ଉପରେ ଦୃଷ୍ଟି ଦିଆଯିବା ଉଚିତ। ସାମରିକ ଦୃଷ୍ଟିରୁ ଚୀନଠାରୁ ଭାରତ ଏବେ ବି ବହୁ ପଛରେ ପଡ଼ିଛି। ଚୀନ ସହ ସମକକ୍ଷ ହେବାକୁ ହେଲେ ଆମକୁ ପ୍ରତିରକ୍ଷା ବାବଦ ବ୍ୟୟ ବରାଦ ବୃଦ୍ଧି କରିବାକୁ ପଡ଼ିବ। ଆସନ୍ତା କେନ୍ଦ୍ରୀୟ ବଜେଟରେ ଏଥିଲାଗି ଅଧିକ ଅର୍ଥ ବରାଦ ହେବ ବୋଲି ଆଶା। ତେବେ ଅଗ୍ନିପଥ ଯୋଜନା ନୁହେଁ, ସେନାରେ ଅତ୍ୟାଧୁନୀକ ତାଲିମ ପ୍ରାପ୍ତ ଶିକ୍ଷିତ ଯୁବକଙ୍କୁ ସ୍ଥାୟୀ ନିଯୁକ୍ତିର ଆବଶ୍ୟକତା ରହିଛି। ଏଲଏସିରେ ପ୍ରତିକୂଳ ପରିସ୍ଥିତିରେ କିପରି ଲଢ଼େଇ କରିବାକୁ ହେବ ସେଥିଲାଗି ତାଲିମର ଆବଶ୍ୟକତା ରହିଛି। ନିକଟରେ ପ୍ରଧାନମନ୍ତ୍ରୀ ମୋଦି କାଶ୍ମୀରରେ ଏକ ନୂତନ ଟନେଲ ଉଦଘାଟନ କରିଛନ୍ତି। ଏହା ଫଳରେ କାଶ୍ମୀରରୁ ଲଦାଖକୁ ଯୋଗାଯୋଗ ସହଜ ଏବଂ ସୁବିଧାଜନକ ହୋଇପାରିବ। ଏହା ଭାରତୀୟ ସେନା ପାଇଁ ଏକ ଗେମ ଚେଞ୍ଜର ଭାବେ କାର୍ଯ୍ୟ କରିବ ବୋଲି ଆଶା।

# ଅଧାରୁ ପାଠଛାଡ




ସୌଭାଗ୍ୟ ରଞ୍ଜନ ମହାନ୍ତି


ଏଥିରେ କେହି ଦ୍ୱିମତ ହେବେ ନାହିଁ ଯେ, କାର୍ଯ୍ୟକାରୀତା କରିବା ତୁଳନାରେ ଅଧିକାର ସାବ୍ୟସ୍ତ ସଂକ୍ରାନ୍ତୀୟ ଆଇନ ପ୍ରଣୟନ କରିବା ଅତ୍ୟନ୍ତ ସହଜ। ଆମ ଦେଶରେ ୬ରୁ ୧୪ବର୍ଷ ମଧରେ ମାଗଣା ଓ ସାର୍ବଜନୀନ ଶିକ୍ଷାକୁ ବାଧତାମୂଳକ କରିବା ପାଇଁ ଶିକ୍ଷା ଅଧିକାର(ରାଇଟ୍ ଟୁ ଏଜୁକେଶନ) ଆଇନ ପ୍ରଣୟନ ହୋଇଛି। ମାତ୍ର ଏହା ବର୍ତମାନ ସୁଦ୍ଧା ସଫଳ ଭାବେ କାର୍ଯ୍ୟକାରୀ ହୋଇନଥିବା କୁହାଯାଇପାରେ। ୬ରୁ ୧୪ବର୍ଷ ମଧରେ ପିଲାଙ୍କୁ ଶିକ୍ଷା ପ୍ରତି ଆଗ୍ରହ ବଢ଼ାଇବା ପାଇଁ ସରକାର ମାଗଣା ମଧାହ୍ନ ଭୋଜନ ସହ ମାଗଣାରେ ସ୍କୁଲ ୟୁନିଫର୍ମ, ବହିପତ୍ର ଯୋଗାଇ ଦେଇଥିବା ସତ୍ୱେ ସମସ୍ତଙ୍କୁ ଶିକ୍ଷା ବର୍ତମାନ ସୁଦ୍ଧା ସଫଳ ହୋଇପାରିନାହିଁ। ଏହାର ଜ୍ୱଳନ୍ତ ଉଦାହରଣ ୨୦୨୪-୨୫ ଶିକ୍ଷାବର୍ଷକୁ ଗ୍ରହଣ କରାଯାଇପାରେ। ୨୦୨୪-୨୫ ଶିକ୍ଷାବର୍ଷର ପ୍ରଥମ ଆଠ ମାସରେ ୧.୧୭ ନିୟୁତ ପିଲା ସ୍କୁଲବାହାରେ ଥିବା ସରକାରୀ ତଥ୍ୟ କହେ। ପିଲାଙ୍କୁ ପାଠପଢ଼ା ପାଇଁ ଆଗ୍ରହ ସୃଷ୍ଟି କରିବା ସକାଶେ ବହୁ ଯୋଜନା ଓ ନୀତି ସତ୍ୱେ ଭାରତର ଶିକ୍ଷା ବ୍ୟବସ୍ଥାରେ ସ୍କୁଲ ବାହାରେ ପିଲା ରହିବା ବା ସ୍କୁଲ ନଯିବା ଏବେ ବଡ ଏକ ଅବାଧ ପ୍ରସଙ୍ଗ ହୋଇରହିଛି ବୋଲି କୁହାଯାଇପାରିବ। ଏହା ନିସନ୍ଦେହ ଯେ, ଦେଶରେ ଜନସଂଖ୍ୟା ଓ ବିଶାଳ ସଂଖ୍ୟକ ପିଲାଙ୍କ ସଂଖ୍ୟା ଦୃଷ୍ଟିରୁ ବହୁ ପିଲା ସ୍କୁଲ ବାହାରେ ରହିଯିବା ଅସ୍ୱାଭାବିକ ନୁହେଁ। ଚଳିତ ବର୍ଷ ଉତରପ୍ରଦେଶରେ ସ୍କୁଲ ବାହାରେ ୭, ୮୪, ୨୨୮ ପିଲା ରହିଯାଇଥିବାବେଳେ ଝାଡଖଣ୍ଡ ଓ ଆସାମରେ ୬୦ହଜାରରୁ ଊର୍ଦ୍ଧ୍ୱ ଲେଖାଏଁ ପିଲା ସ୍କୁଲ ବାରଣ୍ଡା ମାଡି ନଥିବା ସରକାରୀ ପରିସଂଖ୍ୟାନରୁ ଜଣାଯାଏ। ଯେଉଁମାନେ ସ୍କୁଲ ବାହାରେ ରହିଯାଇଛନ୍ତି, ପିଲାମାନଙ୍କ ପାଇଁ ଏହି ସଂଖ୍ୟା ଏକ ସତର୍କ ଘଣ୍ଟି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହି ପିଲାମାନେ କେବଳ ଶିକ୍ଷାରୁ ବଞ୍ଚିତ ହେଉନାହାଁନ୍ତି। ସେମାନେ ସେମାନଙ୍କର ପ୍ରତିଭା ବିକାଶ ତଥା ରୋଜଗାର (ଉପାର୍ଜନ) କରିବାର ଦକ୍ଷତା ହରାଉଛନ୍ତି ବୋଲି କୁହାଯାଇପାରେ। ଏହା ସେମାନଙ୍କ ଦାରିଦ୍ର୍ୟ ଏବଂ ସାମାଜିକ ଦକ୍ଷତା ଅଭାବକୁ ଚିରସ୍ଥାୟୀ କରିବା ଆଶଙ୍କାକୁ ଏଡାଇ ଦେଇ ହେବ ନାହିଁ। ସୂଚନାଯୋଗ୍ୟ ଯେ, ଜାତୀୟ ସାମ୍ପିଲ ସର୍ଭେ (ଏନଏସଏସ) ରିପୋର୍ଟରେ କୁହାଯାଇଛି ଯେ, ୨୦୧୭-୧୮ ଶିକ୍ଷା ବର୍ଷରେ ୧୨.୪ ପ୍ରତିଶତ ପିଲା ସ୍କୁଲ ବାହାରେ ରହିଥିଲେ। ପରୀକ୍ଷାରେ ଉତମ ଫଳ ପ୍ରଦର୍ଶନ ସତ୍ୱେ ବାଳକଙ୍କ ତୁଳନାରେ ବହୁସଂଖ୍ୟାକ ବାଳିକା ଅଧାରୁ ପାଠଛାଡି ଦେଇଥିବା ଜଣାଯାଏ। ଏହି ବାଳିକାମାନେ ସାଧାରଣତଃ ଦଳିତ ଏବଂ ପଛୁଆ ବର୍ଗ। ଉଚ୍ଚବର୍ଗ ତଥା ଆର୍ଥିକ ଦୃଷ୍ଟିରୁ ଅବଳ ଏବଂ ସହର ତୁଳନାରେ ଗ୍ରାମାଂଚଳରେ ବାଳକମାନଙ୍କ ତୁଳନାରେ ବାଳିକା ଅଧାରୁ ପାଠ ଛାଡୁ ଥିବା ଏକ ଅନୁଧାନ ରପୋର୍ଟରୁ ଜଣାଯାଇଛି। ଆହୁରି ମଧ ଆଦିବାସୀ



ପରିବାରର ଝିଅ ସ୍କୁଲ ବାରଣ୍ଡା ମାଡୁ ନଥିବା ବେଳେ ଦକ୍ଷିଣାଚଂଳ ତୁଳନାର ଉତର ଏବଂ ପଶ୍ଚିମାଚଂଳରେ ବାଳିକାମାନଙ୍କ ସଂଖ୍ୟା ସର୍ବାଧିକ ରହିଛି। ସେହିପରି ଦାରଦ୍ର୍ୟସୀମା ରେଖା ତଳେ ଥିବା ଗରିବ ପରିବାରର ପିଲାମାନେ ରୋଜଗାର ଏବଂ ଘରୋଇ କାର୍ଯ୍ୟରେ ସହାୟତା ପାଇଁ ଅଧାରୁ ପାଠପଢ଼ା ଛାଡୁଛନ୍ତି। ବିଶେଷ କରି ଘରୋଇ କାର୍ଯ୍ୟ, କୃଷି ଏବଂ ଉତ୍ପାଦନିଭିତିକି କାର୍ଯ୍ୟରେ ବାଳିକାମାନେ ନିଜକୁ ନିୟୋଜିତ କରିଥାନ୍ତି। ଆହୁରି ମଧ ବାଳିକାମାନଙ୍କୁ କମ ବୟସରୁ ବିବାହ କରି ଦିଆଯାଇଥିଏ କିମ୍ବା ସେମାନଙ୍କୁ ଘର ମଧରେ ରଖାଯାଇଥାଏ। ଏହାର କାରଣ ସ୍କୁଲ ବହୁଦୂରରେ ରହିଥିବା ଏବଂ ସ୍କୁଲରେ ଉପଯୁକ୍ତ ପରିମଳ ବ୍ୟବସ୍ଥା ନଥିବାରୁ ସେମାନଙ୍କୁ ଘରେ ରହିବାକୁ ଅଭିଭାବକ ବାଧ କରିଥାନ୍ତି। ଏହା ସତ୍ୟ ଯେ, ସ୍ୱାଧୀନତାର ୭୫ବର୍ଷ ବି ଆମ ଦେଶର ପ୍ରାଥମିକ ହେଉ ବା ଉଚ୍ଚ ମାଧମିକ ହେଉ ଶିକ୍ଷାନୁଷ୍ଠାନଗୁଡିକରେ ଶୌଚାଳୟ କିମ୍ବା ପାଣିର ବ୍ୟବସ୍ଥା ନାହିଁ। କିନ୍ତୁ ଏହା ନିସନ୍ଦେହ ଯେ, ପାଠପଢ଼ା ପ୍ରତି ଆଗ୍ରହ ନଥିବା କିମ୍ବା ଦାରିଦ୍ର୍ୟ କିମ୍ବା ନିଜର ଅନୁନ୍ନତ ଅବସ୍ଥା ଯୋଗୁଁ ବହୁ ସଂଖ୍ୟାକ ପିଲା ଅଧାରୁ ପାଠରେ ଡୋରି ବାନ୍ଧୁଛନ୍ତି ସେହିପରି ବାଳିକାମାନଙ୍କର ନିରାପତା ଏବଂ ସେମାନଙ୍କ ପାଇଁ ଉନ୍ନତମାନର ଗ୍ରହଣଯୋଗ୍ୟ ଭିତିଭୂମିର ଅଭାବ ଅଧାରୁ ପାଠ ଛାଡିବାର ଆଉ ଏକ ମୁଖ୍ୟକାରଣ ଭାବେ ଉଭା ହୋଇଛି। ସେହିପରି ଛୋଟ ପିଲାଙ୍କୁ କାମରୁ ନିବୃତ କରାଇବା ଏବଂ ସେମାନଙ୍କ ମୌଳିକ ଶିକ୍ଷା ଉପରେ ଅଭିଭାବକଙ୍କ ମଧରେ ବ୍ୟାପକ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ରହିଛି। ମନୋଭାବ ଅଭିଭାବକଙ୍କ ମନରୁ ଦୂର ପାଇଁ ସରକାରୀ ସ୍ତରରେ ଉଦ୍ୟମ ହେବା ଜରୁରୀ। କେବଳ ଏତିକି ନୁହେଁ, ଶିଶୁ ଶ୍ରମିକ, ବାଲ୍ୟ ବିବାହ ନିଷେଧ ଏବଂ ସମସ୍ତଙ୍କୁ ଶିକ୍ଷା ଅଧିକାର ପାଇଁ ରହିଥିବା ଆଇନ ପାଠପଢ଼ା ବନ୍ଦ ପାଇଁ ଅଭିଭାବକମାନଙ୍କୁ ନିବୃତ କରାଇବାରେ ଯଥେଷ୍ଟ ନୁହେଁ ବୋଲି ସ୍ୱୀକାର କରିବାକୁ ହେବ। ଏଥିରୁ ଆମ ରାଜ୍ୟ ମଧ ବାଦ ପଡ଼ିନାହିଁ। ଅଧାରୁ ପାଠ ଛାଡିବା ଆମ ରାଜ୍ୟରେ ଆଶାତୀତ ଭାବେ ବଢ଼ିଚାଲିଛି। ମାଟ୍ରିକ ପରୀକ୍ଷାରେ ୮୦ ପ୍ରତିଶତରୁ ଅଧିକ ପିଲା ପାସ୍ କରୁଥିବାବେଳେ କଲେଜ ଓ ବୈଷୟିକ ଶିକ୍ଷାନୁଷ୍ଠାନ ଗୁଡିକରେ ହଜର ହଜାର ସିଟ୍ ଖାଲିପଡ଼ିବା ଏହାର ଜ୍ୱଳନ୍ତ ଉଦାହରଣ। କେବଳ ଏତକି ନୁହେଁ ପ୍ରଥମରୁ ଦଶମ ମଧରେ ହଜାର ହଜାର ପିଲା ଅଧାରୁ ପାଠ ଛାଡୁଛନ୍ତି। ସାମ୍ପ୍ରତିକ ସମୟରେ ଶିକ୍ଷା ଜୀବନର ମୂଳଆଧାର ହୋଇଥିବାବେଳେ ଏଭଳି ସମସ୍ୟା ଯଥାର୍ଥ ସମାଧାନ ଲାଗି ସରକାରୀ, ଅଭିଭାବକ ଚିନ୍ତା କରିବାର ସମୟ ଆସିଛି।


ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨
ମୋବାଇଲ ନଂ-୯୪୩୭୯୯୪୩୭୯


# ପୋଷ୍ୟ ପ୍ରାଣୀ ବଦଳାନ୍ତି ମାନସିକ ପୀଡ଼ା




ପ୍ରଫେସର ଡାକ୍ତର ସମ୍ରାଟ କର


କୁହୁଡ଼ିଭରା ସକାଳୁ ସେ ଦିନ ବନ୍ଧୁ ବିରଞ୍ଚି ସୁଦୂର ଜାପାନରୁ ଫୋନ କରିଥିଲେ। ସେ ତାଙ୍କର ଜଣେ ପରିଚିତଙ୍କ ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପ୍ରସଙ୍ଗ ନେଇ ମୋ ସହ ପରାମର୍ଶ ଚାହିଁଥିଲେ। ତାଙ୍କ କହିବା ମୁତାବକ ସେ ରହୁଥିବା ଆପାର୍ଟମେଣ୍ଟରେ ତାଙ୍କର ଜଣେ ପରିଚିତ ବନ୍ଧୁ ଯାହାଙ୍କର ଦୀର୍ଘ ଦିନ ଧରି ମାନସିକ ସମସ୍ୟା ଥିଲା ସେ କିଛି ଦିନ ହେବ କିଛି ଘରୋଇ ପୋଷା କୁକୁରଙ୍କ ସହ ଆଶ୍ଚର୍ଯ୍ୟଜନକ ଭାବେ ସମୟ କାଟୁଛନ୍ତି ଏବଂ ଏହାର ପରବର୍ତ୍ତୀ ସମୟରେ ତାଙ୍କୁ ମାନସିକ ଭାବେ ସୁସ୍ଥକର ଲାଗୁଛି ବୋଲି ତାଙ୍କ ପରିବାରବର୍ଗ ଅନୁଭବ ମଧ କରୁଛନ୍ତି। ମୁଁ ବନ୍ଧୁ ବିରଞ୍ଚିଙ୍କୁ ବ୍ୟସ୍ତ ନ ହୋଇ ମୁଁ କହିଲି ଆମ ମାନସିକ ଚିକିତ୍ସା ବିଜ୍ଞାନ ଭାଷାରେ ଏହାକୁ କୁହାଯାଏ 'ଆନିମଲ ଆସିଷ୍ଟେଡ୍ ଥେରାପି'। ଏହାକୁ ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗରେ ଇଂଲଣ୍ଡର ଇୟର୍କ ରିଟ୍ରିଟ୍ ମନୋରୋଗ ପୁନର୍ବାସନ କେନ୍ଦ୍ରରେ ପରୀକ୍ଷାମୂଳକ ଭାବେ ଆରମ୍ଭ କରାଯାଇ ବେଶ ସଫଳତା ପାଇବା ପରେ ଉନ୍ନବିଂଶ ଶତକରେ ଇଂଲଣ୍ଡ ଓ ଆମେରିକାର କେବଳ ସରକାରୀ ନୁହେଁ ଘରୋଇ ମାନସିକ ଚିକିତ୍ସା ପ୍ରତିଷ୍ଠାନ ଓ ନିରାମୟ କେନ୍ଦ୍ରରେ ଏହା କାର୍ଯ୍ୟକାରୀ ହେଲା। ପରେ ଅର୍ଥାତ୍ ୧୯୪୪ ବେଳକୁ ଯାହାକୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟ କୁହାଯାଏ ସେ ସମୟରେ ରେଡ୍‌କ୍ରସ ସଂସ୍ଥାର ଆମେରିକାନ ପ୍ରଶିକ୍ଷଣପ୍ରାପ୍ତ ପୋଷ୍ୟ ପ୍ରାଣୀମାନେ ଡାକ୍ତରଖାନାରେ ମାନସିକ ଭାବେ ଗୁରୁତର ହୋଇଥିବା ଓ ଅସୁସ୍ଥ ହୋଇଥିବା ବର୍ଗଙ୍କ ପାଇଁ ଉପଶମର ବଡ଼ ସହାୟକ ପାଲଟିଥିଲେ।

୧୯୭୭ ମସିହାରେ ବିଶିଷ୍ଟ ମନୋବିଜ୍ଞାନୀ ଲିଓ କେ ବୁଷ୍ଟାର୍ଡ଼ ଏବଂ ମାଇକେଲ ଚିଜ ମ୍ୟାକୁଲକ ଆମେରିକାର ଓରିଗନ ରାଜ୍ୟର ପୋର୍ଟଲ୍ୟାଣ୍ଡ ସହରରେ ପ୍ରତିଷ୍ଠା କରିଥିଲେ, ଡେଲା ସୋସାଇଟି ଯାହାର ଉଦ୍ଦେଶ୍ୟ ହେଲା ପୋଷ୍ୟ ପ୍ରାଣୀଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦେଇ ସେମାନଙ୍କ ସାହାଯ୍ୟରେ ମାନସିକ ଭାରସାମ୍ୟହୀନ ରୋଗୀ ମାନଙ୍କୁ ଆରୋଗ୍ୟ କରାଇବା। ବିଂଶ ଶତାବ୍ଦୀରେ ଏହାଥିଲା ଡିମେନସିଆ ବା ସ୍ମୃତିହୀନ, ଆଲଜିମରସଜାତୀୟ ମାନସିକ ରୋଗ ଆକ୍ରାନ୍ତ ବୟସ୍କ ବ୍ୟକ୍ତି, ପୋଷ୍ଟ ଟ୍ରମାଟିକ ଷ୍ଟ୍ରେସ ଡିସଅର୍ଡ଼ର, ଗୁରୁତର ଆଘାତ ପ୍ରାପ୍ତିର ପରବର୍ତ୍ତୀ ଅବସ୍ଥାରେ ମାନସିକ ଚାପବୃଦ୍ଧି ଜଡ଼ିତ ବ୍ୟାଧିରେ ଆକ୍ରାନ୍ତ ଏବଂ ଅବସରପ୍ରାପ୍ତ ସୈନିକ ଓ ଅଟିଜିମ୍ ଆକ୍ରାନ୍ତ ଶିଶୁମାନଙ୍କ ଠାରେ ମନୋରୋଗ ଉପଶମର ଅନ୍ୟତମ ବୃହତ ପ୍ରତିଷ୍ଠାନ। ଯାହାକି ୨୦୧୨ ମସିହାରେ ପୋଷ୍ୟ ସାଥି ବା ପେଟ ପାର୍ଟନସ ଭାବେ ନୂଆ ନାମରେ ନାମିତ ହୋଇଥିଲା। ତେବେ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ବିଖ୍ୟାତ ଗବେଷକ କୋଲେଙ୍କ ମତ ଅନୁଯାୟୀ ମାନସିକ, ଶାରୀରିକ ଏପରିକି ମନୋ ସାମାଜିକ ଅବସ୍ଥାର ଉପଶମ ଓ ଉନ୍ନତି ବିଧାନ ପାଇଁ ପୋଷ୍ୟଭିତ୍ତିକ ଥେରାପି ଚିକିତ୍ସା ବିଜ୍ଞାନର ଏକ ଗୁରୁତ୍ୱପୂର୍ଣ୍ଣ ଓ ଅବିଚ୍ଛେଦ୍ୟ ଅଙ୍ଗ ଭାବେ ପରିଚିତ ହେଉଛନ୍ତି। ଆମେ ସାଧାରଣରେ ଦେଖିଛେ ବିରାଡି ହୁଅନ୍ତୁ ବା କୁକୁର, ଗୋରୁ ଗାଈଙ୍କ ଠାରୁ ପକ୍ଷୀ, ଘୋଡ଼ା ହୁଅନ୍ତୁ ବା ଠେକୁଆ ଏପରିକି ଡଲଫିନ ମାନଙ୍କୁ ମଧ ସ୍ୱତନ୍ତ୍ର ଭାବେ ପ୍ରଶିକ୍ଷିତ କରି ସେମାନଙ୍କୁ ମାନସିକ ପୀଡିତଙ୍କ ଶାରୀରିକ ସୁସ୍ଥତା ଓ ସମୟ ଅତିବାହିତ କରି ସେମାନଙ୍କୁ ମାନସିକ ଭାବେ ଆନନ୍ଦ ପ୍ରଦାନ କରିବା ପାଇଁ ପ୍ରୋତ୍ସାହନ ଦିଆଯାଉଛି। ଏହି ମର୍ମରେ ଓୟେଷ୍ଟ ଜର୍ଣ୍ଣାଲ ଅଫ ନର୍ସିଂ ରିସର୍ଚ୍ଚ ପ୍ରତିକାଟିକୁ ଏଠାରେ ଉପସ୍ଥାପନ କରୁଛୁ। ସେଠାରେ ଉଲ୍ଲେଖ ରହିଛି ଯେ ମାନସିକ ରୋଗାକ୍ରାନ୍ତ ହୁଅନ୍ତୁ ବା ପୀଡ଼ିତ ସେମାନଙ୍କର ପୁନର୍ବାସ କେନ୍ଦ୍ରରେ ରହିଥିବା ଆକ୍ୟୁରିମର ରଙ୍ଗୀନ ମାଛ ହେଉ ବା ଡଲଫିନର ଆନନ୍ଦମୟ ସନ୍ତରଣ ଦୃଶ୍ୟ ସେମାନଙ୍କୁ ଉଲ୍ଲସିତ ଓ ଆନନ୍ଦିତ କରିଥାଏ। ସମ୍ପ୍ରତି ଆମେରିକା ବ୍ୟତୀତ ନେଦରଲ୍ୟାଣ୍ଡ, ସୁଇଜରଲ୍ୟାଣ୍ଡ ଓ ବେଲଜିୟମରେ ପଶୁ ମାନଙ୍କ ସହିତ ଆଲିଙ୍ଗନ ଜନିତ ଚିକିତ୍ସା ପଦ୍ଧତିକୁ ପ୍ରୋତ୍ସାହିତ କରାଯାଉଛି ଓ ଏହାକୁ ମାନସିକ ଉପଶମ ପାଇଁ ବିଶେଷକରି ପ୍ରିଜିନ ପେଟ ପାର୍ଟନସିପ ପୋଗ୍ରାମ ମାଧମରେ କାରାଗାରର ବନ୍ଦୀମାନେ ପୋଷ୍ୟପ୍ରାଣୀଙ୍କ ପ୍ରଶିକ୍ଷଣ ଦେଇ ମାନସିକ ରୋଗୀ ମାନଙ୍କ ରୋଗ ନିରାମୟରେ ସାହାଯ୍ୟ କରୁଛନ୍ତି।

ଭାରତ ମଧ ଏ କ୍ଷେତ୍ରରେ ପଛୁଆ ନାହିଁ। ଏହି ପ୍ରଚେଷ୍ଟା ମଧ ଆରମ୍ଭ ହୋଇଗଲାଣି। ପ୍ରଶିକ୍ଷିତ ପୋଷ୍ୟଜନ୍ତୁ ମାନଙ୍କ ସାହାଯ୍ୟରେ ମାନସିକ ସ୍ୱାସ୍ଥ୍ୟ ପୁନରୁଦ୍ଧାର ପରି ସେବା ପ୍ରଚଳନ ପାଇଁ କାର୍ଯ୍ୟରତ ରହିଛି ଆନିମଲ ଆଞ୍ଜେଲସ ଫାଉଣ୍ଡେସନ ଓ ମାନିବ ଫାଉଣ୍ଡେସନ, ମୁମ୍ବାଇ, ଓୟେରାଭିଲେ, ବେଙ୍ଗାଲୁର ଏବଂ ଫାର ବଲ ଷ୍ଟୋରୀ, ଦିଲ୍ଲୀ। ପ୍ରଥମ ଓ ଚତୁର୍ଥ କେନ୍ଦ୍ରରେ ପୋଷ୍ୟ ପ୍ରାଣୀ କୁକୁର, ଦ୍ୱିତୀୟ କେନ୍ଦ୍ରରେ ବିରାଡ଼ି ଏବଂ ତୃତୀୟ କେନ୍ଦ୍ରରେ ପୋଷ୍ୟ ହେଉଛି ଘୋଡ଼ା। ଜର୍ଣ୍ଣାଲ ଅଫ ସାଇକୋସୋମାଟିକ ରିସର୍ଚ୍ଚ ପତ୍ରିକାରେ ୨୦୦୦ ମସିହାରେ ପ୍ରକାଶିତ ଗବେଷଣା ନିବନ୍ଧରେ ମନୋବିଜ୍ଞାନୀ ଜେ.ଏସ୍. ଓଡେଣ୍ଡାଲ ଉଲ୍ଲେଖ କରିଛନ୍ତି ମାନସିକ ରୋଗୀ ଏବଂ ପୋଷ୍ୟ ମାନଙ୍କ ଶାରୀରିକ ସାକ୍ଷାତରେ ସେମାନଙ୍କ ଉଭୟଙ୍କର ଦେହରେ ନିଉରୋକେଶିକାଲ କ୍ଷରଣରେ ତାତ୍ପର୍ଯ୍ୟପୂର୍ଣ୍ଣ ପରିବର୍ତ୍ତନ ସଂଘଟିତ ହୋଇଥାଏ, ଯାହା ସେମାନଙ୍କ ମଧରେ ପାରସ୍ପରିକ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ସ୍ଥାପନରେ ସହାୟକ ଏବଂ ରୋଗୀର ରୋଗମୁକ୍ତରେ ଅତ୍ୟନ୍ତ ଫଳପ୍ରଦ। ମାସାନୁସେଟସ ଜେନେରାଲ ହସ୍ପିଟାଲର ଗବେଷକ ଡାକ୍ତର ଲରିସ ଏସ ପଲଙ୍କ ମତରେ ସିଜୋଫ୍ରେନିଆ, ଅଲଜିମରସ, ଡିମେନସିଆ, ମ୍ୟାନିକ ଡିପ୍ରେସନ ପ୍ରଭୃତି ମାନସିକ ରୋଗାକ୍ରାନ୍ତ ବ୍ୟକ୍ତିମାନଙ୍କ ସହିତ ପ୍ରଶିକ୍ଷଣ ପ୍ରାପ୍ତ ପ୍ରାଣୀମାନଙ୍କର ନିବିଡ଼ ସଂଯୋଗ ଫଳରେ ସେମାନଙ୍କ ଶରୀରରେ ନିଉରୋଟ୍ରାନ୍ସମିଟର ସିରୋଟାନିନ୍ ଏବଂ ଏଣ୍ଡୋରଫିନର କ୍ଷରଣମାତ୍ରା ବୃଦ୍ଧି ହେବା ସଙ୍ଗେ ସଙ୍ଗେ ଷ୍ଟ୍ରେସହରମୋନ କର୍ଟିସଲ ଓ ଆଡ୍ରେନାଲିନର କ୍ଷରଣମାତ୍ରା ହ୍ରାସ ପାଏ, ଫଳରେ ସେମାନଙ୍କ ଠାରେ ଅନେକାଂଶରେ ଦୂରୀଭୂତ ହୋଇଯାଏ ମାନସିକ ଅବସାଦ ଓ ଶାରୀରିକ ଅବସନ୍ନତା।

ସାଧାରଣତଃ ପୋଷ୍ୟ ପ୍ରାଣୀ ମାନଙ୍କ ସହ ମାନସିକ ପୀଡ଼ିତମାନେ ସମୟ ଅତିବାହିତ କରିବା ଦ୍ୱାରା ସେମାନଙ୍କ ଠାରେ ଇମ୍ୟୁନୋଗ୍ଲୋବ୍ଲୁନିର ମାତ୍ରା ବଢ଼ିଥାଏ। ଆମେରିକାନ ହାର୍ଟ ଆସୋସିଏସନର ତଥ୍ୟ ଅନୁଯାୟୀ ପୋଷ୍ୟ ପ୍ରାଣୀ ଭିତ୍ତିକ ଚିକିତ୍ସା ମଧ ଫଳପ୍ରଦ ହୋଇଥାଏ। ରିପୋର୍ଟ ଅନୁଯାୟୀ ପୋଷ୍ୟପ୍ରାଣୀଙ୍କ ସହ ସୁମଧୁର ଆଳାପ ବା ସମୟ ଅତିବାହିତ କରିବା ଦ୍ୱାରା ରକ୍ତରେ ଆଡ୍ରେଲିନ ହରମୋନର ମାତ୍ରା ୧୭ ଶତାଂଶ କମିଯାଉଛି, ହୃତପିଣ୍ଡ ସ୍ଥିତ ବାମ ଅଳିନ୍ଦର ରକ୍ତଚାପ ଦଶ ଶତାଂଶ ପ୍ରଶମିତ ହୋଇଯାଉଛି ଯାହାଦ୍ୱାରା ହୃଦରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କ ଠାରେ ରୋଗ ଜନିତ ଉଦବେଗ ୨୪ ଶତାଂଶ ହ୍ରାସ ଘଟୁଛି। ଏହି ମର୍ମରେ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାର ତଥ୍ୟ ଅନୁଯାୟୀ ଦେଢ଼ଶହ ମିନିଟର ହାଲକା ଶାରୀରିକ ପରିଶ୍ରମ ଦ୍ୱାରା ଜଣେ ଯେଉଁ ସ୍ୱାସ୍ଥ୍ୟଗତ ଫାଇଦା ବା ଉପଶମ ପାଇଥାଏ ତାହା ଦିନକୁ ଦୁଇଥର ନିଜ ପୋଷା କୁକୁର ସହ ପ୍ରସସ୍ତ ଯାଗାରେ ଚଲାବୁଲା କଲେ ସମାନ ଫଳପ୍ରଦ କରିଥାଏ। ତେବେ ଏହି ଗବେଷଣାର ଅନ୍ୟ ଏକ ତଥ୍ୟ ମଧ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତାହା ହେଉଛି ଆପଣ ପୋଷା ଆଦରର କୁକୁରଟି ଆପଣଙ୍କ ସହ ଯେଉଁ ସଯତ୍ନ ସ୍ନେହ ଆଦର ଓ ଯତ୍ନବତ ଭାବ ପ୍ରବଣତା ଆପଣଙ୍କୁ ପ୍ରଦାନ କରିଥାଏ ତାହା ଜଣେ ମାନସିକ ପୀଡ଼ିତର ଶରୀରରେ ଅକ୍ସିଟୋସିନ ଓ ପ୍ରୋଲାକ୍ଟିନ ହରମୋନର କ୍ଷରଣକୁ ଶରୀରରେ ବଢ଼ାଇ ଦେଇଥାଏ ଯାହା ଜଣଙ୍କୁ ବିଶେଷକରି ସମ୍ପୃକ୍ତ ମାନସିକ ପୀଡ଼ିତଜଣଙ୍କୁ କ୍ରୋଧ ସମ୍ବରଣ ଓ ଆବେଗ ପରିବର୍ତ୍ତନରେ ତାଙ୍କ ମାନସିକ କ୍ଷତକୁ ଉପଶମ କରି ଜୀବନ ଛନ୍ଦକୁ ଆନନ୍ଦମୟ କରିବାର ପ୍ରେରଣା ଦେଖାଇଥାଏ। ଆପଣ ଅନୁଭବ କରୁଥିବେ ପୋଷ୍ୟ ପ୍ରାଣୀମାନେ ବାସ୍ତବିକ କେବଳ ମାନସିକ ପୀଡ଼ିତ ମାନଙ୍କ ପାଇଁ ନୁହେଁ, ବରଂ ସାମଗ୍ରିକ ଭାବେ ଜଣଙ୍କ ଜୀବନ ଆନନ୍ଦମୟ ଗଢ଼ି ତୋଳିବାରେ ଯେଉଁ ଅତୁଟ ଅମାପ ଓ ନିଃସ୍ୱାର୍ଥପର ସେବା ସହଯୋଗ, ଭଲପାଇବା ଦେଇଥାଏ ତାହା ସ୍ମରଣୀୟ। ଏହି ଲେଖାଟି ପ୍ରସ୍ତୁତ କଲାବେଳକୁ ଆପଣଙ୍କୁ କିଛି ଦିନ ତଳର ଭୁବନେଶ୍ୱରର ଏକ ଘଟଣା ମନେପକାଇ ଦେଉଛି। ଏକ ପୋଷ୍ୟ କୁକୁର ଘରକୁ ଆସୁଥିବା ବିଷାକ୍ତ ସାପକୁ ମାଲିକର ଜୀବନ ବଞ୍ଚାଇବା ପାଇଁ ନିଜେ ଲଢ଼ି ଜୀବନକୁ ଉତ୍ସର୍ଗ କରିଥିଲା। ଏପରି ଅନେକ ଘଟଣା ଆମ ମାନଙ୍କର ହାତ ପାହାନ୍ତାରେ ରହିଛି। ଗ୍ରାମ୍ୟ ଜୀବନରେ ଆପଣଙ୍କ ଗାଈ ଗୋରୁ ବାଛୁରୀ ଏପରିକି ପୋଷା ପକ୍ଷୀମାନେ କିପରି ସଯତ୍ନ ଭଲପାଇବା ଓ ବିଶେଷକରି ଗୋରୁ ଗାଈ ମାନେ ମଣିଷ ମୁହଁରେ ଶ୍ରଦ୍ଧେୟ ଅନାବିଳର ଯେଉଁ ମହାର୍ଘ ମୁହଁ ଘଷା ସ୍ନେହ ପ୍ରଦାନ କରିଥାନ୍ତି ତାହା ଅନେକଙ୍କର ସ୍ମରଣୀୟ ଥିବ। ମାନସିକ ସ୍ୱାସ୍ଥ୍ୟ ଚିକିତ୍ସାରେ ପୋଷ୍ୟ ପ୍ରାଣୀମାନଙ୍କୁ ଆଦର ଯତ୍ନ କଲାବେଳେ ସର୍ବପ୍ରଥମେ ସେମାନଙ୍କୁ ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ ଏବଂ ପୀଡ଼ିତର ପରିବାର ବର୍ଗଙ୍କ ଏପରି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସହଯୋଗ ଓ ପ୍ରେରଣା ରହିଛି।


ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍
ପୁରୀଘାଟ ରୋଡ଼, କଟକ, ମୋବାଇଲ୍: ୯୧୩୨୪୩୩୩୩୩


# ସଫଳତା ଉତ୍ତମ ଲୋକର ଲକ୍ଷଣ




ବିକ୍ରମ ଦାଶ


ସଂସାରରେ ତିନି ପ୍ରକାର ଲୋକ ଥାଆନ୍ତି। ଯଥା ନୀଚ ବା ଅଧମ, ମଧମ ଏବଂ ଉତ୍ତମ। କୌଣସି କାର୍ଯ୍ୟ ଆରମ୍ଭ କଲେ କାଳେ କିଛି ବିଘ୍ନ ଘଟିବ ସେଥିପାଇଁ ଅଧମ ବ୍ୟକ୍ତି କୌଣସି କାମ ଆରମ୍ଭ କରନ୍ତି ନାହିଁ। କାମ ନକରିବା ଫଳରେ ସେମାନେ ଦୁଃଖ କଷ୍ଟରେ ଚଳନ୍ତି। ଯେଉଁମାନେ କୌଣସି କାମ କରନ୍ତି, କିନ୍ତୁ ବିଘ୍ନ ସୃଷ୍ଟି ହେଲେ ଅଧାରୁ କାମ ଛାଡ଼ି ଦିଅନ୍ତି। ସେମାନଙ୍କର ଚେଷ୍ଟା ବିଫଳ ହୁଏ। ଧନ ହାନି ଘଟେ। ପ୍ରାଣପୀଡ଼ା ହୁଏ। ସେମାନେ ମଧମ ବ୍ୟକ୍ତି। ସଂସାରରେ ଆଉ କେତେକ ଲୋକ ଅଛନ୍ତି ଯେଉଁମାନେ କାମ ଆରମ୍ଭ କରନ୍ତି। କାମରେ ବିଘ୍ନ ଜୁଟିଲେ ମଧ ସଫଳତା ଅର୍ଜନ ନକଲା ପର୍ଯ୍ୟନ୍ତ କାମକୁ ଛାଡ଼ି। ଯେତେ କାମରେ ବାଧାବିଘ୍ନ ଆସିଲେ ମଧ କାମରେ ସଫଳତା ନ ଆସିବା ପର୍ଯ୍ୟନ୍ତ ସେ ବିରତ ହୁଅନ୍ତି ନାହିଁ। ସେ ହିଁ ଉତ୍ତମ। ଏହିପରି ଉତ୍ତମ ବ୍ୟକ୍ତିମାନେ ହିଁ ଜୀବନରେ ଉନ୍ନତି କରନ୍ତି ଯାହା ସ୍ୱର୍ଗତଃ ସୋମନାଥ ଦାଶଙ୍କ ଠାରୁ ଦେଖାଯାଏ। ଜଗତକୁ ଆସିଲେ ଜଗତ ଛାଡ଼ିବା, ଜୀବ ପାଇଁ ଏକ ନିଶ୍ଚିନ୍ତ ସତ୍ୟ। ମଣିଷ ଆସେ ଯେଉଁ ଅନନ୍ତ ସତ୍ତା ମଧରୁ ତାର ଫେରିବା ନିଶ୍ଚିନ୍ତ ହୋଇଥାଏ ସେହି ସତ୍ତା ମଧରେ ବିଲୀନ ହୋଇଯିବା ପାଇଁ। ମାତ୍ର ବାଟ ଚାଲିଲା ବେଳେ ବାଟ ହୁଡ଼ିଲେ ଲକ୍ଷ୍ୟ ସ୍ଥାନରେ ପହଞ୍ଚିବା ହୋଇଯାଏ କାହାରି କାହାରି ପକ୍ଷରେ କଷ୍ଟସାଧ ଅଥବା ଅସମ୍ଭବ। ଏପରି ବ୍ୟତିକ୍ରମ ସ୍ୱର୍ଗତ ସୋମନାଥ ଦାଶଙ୍କ ଠାରେ ଦେଖାଇନି। ଭଗବାନଙ୍କ ଆଶ୍ରିତ ଦୁଇ ପ୍ରକାର ଥାଆନ୍ତି। ଗୋଟିଏ ପ୍ରକାରର ମୁଁ ଭଗବାନଙ୍କୁ ଭଲପାଏ। ଆଉ ଗୋଟିଏ ପ୍ରକାରର ଭଗବାବ ମୋତେ ଭଲ ପାଇଥାନ୍ତି। ମୋର ଚିନ୍ତା ଭିତରେ ଦ୍ୱିତୀୟ ପ୍ରକାରର ଥିଲେ ସ୍ୱର୍ଗତଃ ସୋମନାଥ ଦାଶ।

ଶ୍ରୀମଦ ଭାଗବତରେ ଉଲ୍ଲେଖ ଅଛି - 'ଦେହ ବହିଲେ ନିଶ୍ଚେ ମରି, ସଂସାର ନୁହଁଇ କାହାରି, ବୃକ୍ଷର ତଳେ ଜେହ୍ନେ ଆସି, ପଥିକ ବିଶ୍ରାମନ୍ତି ବସି। ପୁଣି ଚଳନ୍ତି ଶ୍ରମ ସାରି, ସେ ବୃକ୍ଷ ନୁହଁଇ କାହାରି।' ଏହା ଅବିସମ୍ବାଦିତ ସତ୍ୟ। ମୋହମାୟା ସଂସାରରେ ସମସ୍ତେ ନିଜ ନିଜ କର୍ମକୁ ଆଧାତ୍ମିକ ପଥରେ କ୍ୱଚିତ ନେଇଥାନ୍ତି। ଜଣେ ତେଲ ଲୁଣ ସଂସାର ଓ ସାମାଜିକ ଦାୟିତ୍ୱ ପ୍ରତିପାଦନ ସହ ସାର୍ବଜନୀନ ସାଧନା ଦ୍ୱାରା କିପରି ଦିବ୍ୟତ୍ୱ ପ୍ରାପ୍ତି ବା ଦିବ୍ୟ ଜୀବନ ଲାଭ ହୋଇପାରିବ ସେ ତାର ଯଥାର୍ଥ ପ୍ରତୀକ ଥିଲେ। ମନେପଡୁଛି ଏକ ବେଦ ଉପନିଷଦର ଦର୍ଶନର ଧାଡ଼ିଟିଏ - 'ସ ଜାତୋ ଯେନ ଜାତେନ ଯାତି ବଂଶଃ ସମୁନ୍ନତିମ୍। ପରିବର୍ତ୍ତିନି ସଂସାରେ ମୃତଃ କୋବା ନ ଜାୟତେ।' ଦୁର୍ଲଭ ମଣିଷ ଜୀବନର ସଫଳତା କର୍ମ ଉପରେ ହିଁ ନିର୍ଭର କରିଥାଏ।

ଏ ସଂସାରରେ କେତେ ବର୍ଷ ଜୀବନ ଧାରଣ କରାଗଲା ତାହା କେବେ




ହେଲେ ଜୀବନର ମୂଲ୍ୟାୟନର ମାପକାଠି ହୋଇନପାରେ। ନିଜ ଗୁରୁ, ଇଷ୍ଟ, ଭଗବାନଙ୍କ ଉପରେ ଅଖଣ୍ଡ ବିଶ୍ୱାସ ରଖି ସଦାସର୍ବଦା କର୍ମତତ୍ପର ଓ ଆଦର୍ଶଣୀୟ ଜୀବନଯାପନ କରିବା ହେଉଛି ମାନବିକତାର ପରିଚୟ। ତାଙ୍କ କର୍ମମୟ ଜୀବନ ଆରମ୍ଭ ହୋଇଥିଲା ଜଣେ କୃତୀ ଶିକ୍ଷାବିତ ଭାବେ। ଅବସର ପରେ ସମାଜ ସେବାର ପ୍ରଚାର ପ୍ରସାର ପାଇଁ କମ୍ୟୁନିଷ୍ଟ ପାର୍ଟିରେ ସାମିଲ ହୋଇ ସେହି ଆଦର୍ଶରେ ଅନୁପ୍ରାଣୀତ ହୋଇ କରୁଣାସିକ୍ତ ଚିନ୍ତାଧାରା, ସରଳ ଜୀବନ, ମିଷ୍ଟ ବଚନ, ସେବାର ଅମୃତ ଧାରା ଆଉ ସାନ୍ତ୍ୱନା ଦାୟକ ଅନୁଭବୀ କଥୋପକଥନ ଓ ସମସ୍ତ ସାଙ୍ଗଠନିକ ଗଠନମୂଳକ କାର୍ଯ୍ୟକ୍ରମ ସମସ୍ତ ପ୍ରତିକୂଳତା ଭିତରେ ଏହାରି ଜରିଆରେ ତାଙ୍କର ସମସ୍ତ ସମୟ ନିଷ୍କାମ ସେବାରେ ବିନିଯୋଗ କରିଛନ୍ତି। ତାଙ୍କର ଏକ ନିଷ୍ଠ କର୍ତ୍ତବ୍ୟପରାୟଣତା, ସାଧୁତା ଓ ନିଜ ଚିକିତ୍ସା ସେବାରେ ଉତ୍ସର୍ଗୀକୃତ ଓ ଦୃଷ୍ଟାନ୍ତ ମୂଳକ ପରୋପକାରିତା ଆମ ସମସ୍ତଙ୍କ ନିକଟରେ ଆଦର୍ଶ ହୋଇ ରହିବ। ସେ ତାଙ୍କ ଜୀବନରେ ପ୍ରମାଣ କରିଦେଇ ଯାଇଛନ୍ତି ଯେ ପ୍ରକୃତ ମାନବ ସେବା ପାଇଁ ଲୋକବଳ, ଆର୍ଥିକ ସ୍ୱଚ୍ଛତା ଓ ସରକାରୀ ସାହାଯ୍ୟ ଆବଶ୍ୟକତା ନାହିଁ କେବଳ ନିରହଂଭାବ, ଭଗବତପ୍ରେମ ସେବା ମନୋବୃତ୍ତି ହିଁ ସମାଜକୁ ବଦଳାଇବାରେ ସହାୟକ ହୋଇପାରିବ। ଭକ୍ତି, ଜ୍ଞାନ ଓ କର୍ମର ଅପୂର୍ବ ସଂଶ୍ଳେଷଣ ଏବଂ ତାଙ୍କର ସୀମିତ ନିଜସ୍ୱ ଆୟ, ଶକ୍ତି, ସମୟ ଓ ଜ୍ଞାନର ସର୍ବୋତ୍କୃଷ୍ଟ ବିନିଯୋଗ ଫଳରେ ତାଙ୍କର ଜୀବନ ପ୍ରତ୍ୟେକ ମୁହୂର୍ତ୍ତକୁ ଅତିବାହିତ କରିଛନ୍ତି। ସ୍ଥାନୀୟ ଅଞ୍ଚଳରେ ଶିକ୍ଷାର ବିକାଶ ସହ ସମାଜ ସେବା ତାଙ୍କର ଜୀବନର ବ୍ରତ ଥିଲା। ଜୀବନର ଶେଷ ନିଶ୍ୱାସ ତ୍ୟାଗ ପର୍ଯ୍ୟନ୍ତ ସାମ୍ୟବାଦକୁ ବିଶ୍ୱାସ ରଖି ପରୋପକାରକୁ ଜୀବନର ମନ୍ତ୍ର ଭାବେ ବିଚାର କରି ବଡ଼ଚଣା ବ୍ଲକ ରଇପୁର ଅନ୍ତର୍ଗତ ପାଥପୁର ସହ ସ୍ଥାନୀୟ ସାମଗ୍ରିକ ଅଞ୍ଚଳର ବହୁବିଧ ଉନ୍ନତିକଳ୍ପେ ସେ ନିଜକୁ ନିୟୋଜିତ ରଖିଥିଲେ।

ଜନ୍ମ ହେଲେ ମୃତ୍ୟୁ ସୁନିଶ୍ଚିତ। ଗୋଟିଏ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ କଥା ହେଉଛି 'ମର୍ତ୍ତ୍ୟ ମଣ୍ଡଳେ ଦେହ ବହି, ଦେବତା ହୋଇଲେ ମରଇ।' ସଂସାର ରୂପକ ରଙ୍ଗମଞ୍ଚରେ ଜନ୍ମ ପରେ ପ୍ରତ୍ୟେକଙ୍କୁ ଭଗବାନଙ୍କ ନିର୍ଦ୍ଦେଶ ଅନୁଯାୟୀ ନିଜ ନିଜର ଅଭିନୟ ଶେଷ କରି ମୃତ୍ୟୁ ବରଣ କରିବାକୁ ହୁଏ। ମନୁଷ୍ୟ ତାର କର୍ମବଳରେ ସର୍ବଗ୍ରାସୀକାଳକୁ ମଧ ଜୟ କରିପାରେ। ସେହିପରି ସ୍ୱର୍ଗତଃ ସୋମନାଥ ଦାଶଙ୍କ ବ୍ୟକ୍ତିତ୍ୱ କାଳଜୟୀ କହିଲେ ଅତ୍ୟୁକ୍ତି ହେବନାହିଁ। ସେ ନିଷ୍କଳଙ୍କ ଓ ଶୁଦ୍ଧ ପବିତ୍ର ସଂକଳ୍ପର ପ୍ରତୀକ। ତେଣୁ ତାଙ୍କର ଯଶଗାନ ନକରି ମଧ ତାଙ୍କର ସ୍ମୃତି ଚିର ଅମଳିନ ରହିବ। ଗୀତାରେ ଭଗବାନ କହିଛନ୍ତି 'ଯେ କାହାକୁ ପୀଡ଼ା ନ ଦିଏ, ତାକୁ କେହି ପୀଡ଼ା ଦିଏ ନାହିଁ। ଯିଏ ହସ ଓ ବିଷାଦଭାବ ଛାଡ଼ି ବିଶ୍ୱକୁ ବ୍ରହ୍ମମୟ ଦେଖେ ତାର ମନରେ ଭୟ ନଥାଏ ସେ ମୋର ପ୍ରିୟ ଅଟେ।' ତାଙ୍କର ମର ଶରୀର ପଞ୍ଚତ୍ୱପ୍ରାପ୍ତ ହୋଇଥିଲେ ମଧ ଶିକ୍ଷା ଓ ସାମ୍ୟବାଦର ସମାଜ ସେବାର ଆଧାତ୍ମିକ ଗଗନର ଏହି ଅସ୍ତବିହୀନ ଦୀପ୍ତ ଜ୍ୟୋତିଷ୍କ ତାଙ୍କର ଅମ୍ଳାନ ଔଜଲ୍ୟରେ ଚିରପ୍ରତିଭାତ ହେଉଥିବେ ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ।


ପାଥପୁର, ରଇପୁର, ବଡ଼ଚଣା, ଯାଜପୁର
ମୋବାଇଲ୍: ୯୮୬୧୫୬୭୫୨୩୭

## ନୌସେନାରେ ୩ ଲଢୁଆ ଯୁଦ୍ଧପୋତ ସାମିଲ୍

**ନୂଆଦିଲ୍ଲୀ,୧୫।୧:** ଭାରତୀୟ ନୌସେନା ପାଇଁ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ଦିନ ଥିଲା। ଜାଗେ ଜଳପଥରେ ସମଗ୍ର ବିଶ୍ୱ ଭାରତରେ ଶକ୍ତି ଓ ଶୌର୍ଯ୍ୟର ପରାକାଷ୍ଠା ଦେଖିବାକୁ ପାଇଛି। ଭାରତୀୟ ନୌସେନାରେ ୩ଟି ବିଧ୍ୱଂସୀ ଯୁଦ୍ଧପୋତ ସାମିଲ୍ ହୋଇଛନ୍ତି। ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁମ୍ବାଇର ଭାରତୀୟ ନୌସେନା ଡକୟାର୍ଡରେ ଏହି ଯୁଦ୍ଧପୋତ ଆଇଏନଏସ ସୁରଟ, ଆଇଏନଏସ ନୀଳଗିରି ଓ ଆଇଏନଏସ ବାଘଶୀରକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ଏହି ୩ ଯୁଦ୍ଧଜାହାଜ ନୌସେନାରେ ସାମିଲ ହେବା ଦ୍ୱାରା ପ୍ରତିରକ୍ଷା କ୍ଷେତ୍ରରେ ଭାରତ ଆହୁରି ସଶକ୍ତ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଆଇଏନଏସ ସୁରଟ ବିଶ୍ୱର ବିଧ୍ୱଂସୀ ଯୁଦ୍ଧପୋତ ମଧ୍ୟରେ ଅନ୍ୟତମ ହୋଇଥିବା ବେଳେ ଏହାର ୭୫ ପ୍ରତିଶତ ଅଂଶ ଭାରତରେ ନିର୍ମାଣ କରାଯାଇଛି। ଘଣ୍ଟାପ୍ରତି ଏହା ୫୬ କିମି ବେଗରେ ସମୁଦ୍ରରେ ଗତି କରିବା ସହ ସମୁଦ୍ର ମଧ୍ୟରେ ୪୫ ଦିନ ଧରି ରହିପାରିବ। ଏହା ଉଭୟ ଦିନ ଓ ରାତିରେ କାର୍ଯ୍ୟ କରିପାରିବାର କ୍ଷମତା ରଖେ। ସେହିପରି ଆଇଏନଏସ ନୀଳଗିରି ଶତ୍ରୁ ଶିବିର ଉପରେ ବିଧ୍ୱଂସୀ ଆକ୍ରମଣ କରିପାରିବ, ଯାହାର ଓଜନ ୬୬୭୦ ଟନ ଓ ଏହାହ ପି୧୭ଏ ଷ୍ଟେଲ୍‌ଥ ପ୍ରୋଜେକ୍ଟରେ ନିର୍ମିତ। ବିଶ୍ୱର ବିଧ୍ୱଂସୀ ମିଜାଇଲକୁ ଏହି ଯୁଦ୍ଧପୋତରୁ ମାଡ଼ କରିହେବ। ଚେତକ, ସି କିଙ୍ଗ ଓ ଏମଏଚ-୬୦ଆର ହେଲିକପ୍ଟର ଏଥିରେ ଅବତରଣ କରିପାରିବ।



## ଶପିଙ୍ଗ୍ ମଲରେ ଭୟାବହ ଅଗ୍ନିକାଣ୍ଡ: ୨ କୋଟି ଟଙ୍କାର କପଡ଼ା ପାଉଁଶ

**ଇନ୍ଦୋର,୧୫।୧:** ଇନ୍ଦୋରର ଏକ ଶପିଙ୍ଗ୍ ମଲରେ ଆଜି ଭୟାବହ ଅଗ୍ନିକାଣ୍ଡ ଘଟିବା ଫଳରେ ପ୍ରାୟ ୨ କୋଟି ଟଙ୍କାର ବ୍ରାଣ୍ଡେଡ୍ କପଡ଼ା ଜଳିପୋଡ଼ି ପାଉଁଶ ହୋଇଯାଇଛି। ମାତ୍ର ୩ ମାସ ତଳେ ଖୋଲିଥିବା ଏହି ଶପିଙ୍ଗ୍ ମଲ୍‌ଟି ଅଗ୍ନିକାଣ୍ଡ ଯୋଗୁଁ ସମ୍ପୂର୍ଣ୍ଣ ଛାରଖାର ହୋଇଯାଇଛି। ଏନେଇ ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ହେଁ ସେତେବେଳକୁ ସବୁକିଛି ଭସ୍ମ ହୋଇଯୋଇଥିଲା। ଏ ସଂକ୍ରାନ୍ତରେ ଏଏସଆଇ ସୁଶୀଲ କୁମାର ଦୁବେ କହିଛନ୍ତି ଯେ ସହରର ଦେବାସ୍ ନାକା ଅଞ୍ଚଳରେ ଥିବା ଏହି ମଲର ବେସମେଣ୍ଟ ଏବଂ ପ୍ରଥମ ମହଲାରେ ନିଆଁ ଲାଗିଥିଲା। ଚାହୁଁ ଚାହୁଁ ୪ ମହଲା ବିଶିଷ୍ଟ ଏହି ପୂରା କୋଠାଟି ମାତ୍ର କେଇ ମିନିଟ୍ ଭିତରେ ସମ୍ପୂର୍ଣ୍ଣ ଭାବେ ଧୂମ୍ରମୟ ହୋଇଯାଇଥିଲା। ବିଳମ୍ବିତ ରାତିରେ ନିଆଁ ଲାଗିଥିବାରୁ ଏନେଇ କେହି କିଛି ଜାଣିପାରି ନ ଥିଲେ। କର୍ମଚାରୀମାନେ ସକାଳୁ ମଲରେ ପହଞ୍ଚିବା ପରେ ଘଟଣା ବିଷୟରେ ଜାଣିବାକୁ ପାଇଥିଲେ ବୋଲି ଏଏସଆଇ କହିଛନ୍ତି। ଯଥେଷ୍ଟ ପରିଶ୍ରମ ପରେ ଅଗ୍ନିଶମ ବାହିନୀ ନିଆଁକୁ ନିୟନ୍ତ୍ରଣ କରିବାରେ ସକ୍ଷମ ହୋଇଥିବା ବେଳେ ଏଥିରେ ସୌଭାଗ୍ୟବଶତଃ କେହି ବି ମୃତାହତ ହୋଇନାହାନ୍ତି। ଅଗ୍ନିକାଣ୍ଡର ଠୋସ୍ କାରଣ ଜଣାପଡ଼ି ନଥିଲେହେଁ ଶର୍ଟ ସର୍କିଟରୁ ଏପରି ଅଘଟଣ ଘଟିଥିବା ଅନୁମାନ କରାଯାଉଛି। ସୂଚନାଯୋଗ୍ୟ ଯେ ଗତ ସୋମବାର ତିରୁପତି ତିରୁମାଲା ଦେବସ୍ଥାନମ୍ ମନ୍ଦିରରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଥିଲା। ଲଡୁ ବିତରଣ କାଉଣ୍ଟର ନିକଟରେ ନିଆଁ ଲାଗିଥିବା ଦେଖି ଭକ୍ତମାନେ ଭୟଭୀତ ହୋଇ ଏତେତେଣେ ଦୌଡ଼ାଦୌଡ଼ି କରିଥିଲେ। ଶର୍ଟ ସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ବେଳେ ଅଗ୍ନିଶମ ବାହିନୀ କର୍ମଚାରୀମାନେ ଏହାକୁ ନିୟନ୍ତ୍ରଣ କରିଥିଲେ।



### ଦିଲ୍ଲୀ ବିଧାନସଭା ନିର୍ବାଚନ

## ଦୁଇଟି ଆସନରେ ପ୍ରାର୍ଥୀ ବଦଳାଇଲା ଆପ୍



**ନୂଆଦିଲ୍ଲୀ, ୧୫।୧:** ଦିଲ୍ଲୀର ନରେଲା ଏବଂ ହରି ନଗର ଆସନ ପାଇଁ ଆମ୍ ଆଦମୀ ପାର୍ଟି (ଆପ୍) ନିଜର ପ୍ରାର୍ଥୀ ପରିବର୍ତ୍ତନ କରିଛି। ଦଳ ନରେଲାରୁ ଶରଦ ଚୌହାନ ଏବଂ ହରି ନଗରରୁ ସୁରିନ୍ଦର ସେତିଆଙ୍କୁ ପ୍ରାର୍ଥୀ କରିଛି। ଦିନେଶ ଭରଦ୍ୱାଜଙ୍କ ସ୍ଥାନରେ ନରେଲାରୁ ଶରଦ ଚୌହାନଙ୍କୁ ଟିକେଟ୍ ଦିଆଯାଇଛି। ଶରଦ ଚୌହାନ ହେଉଛନ୍ତି ଆପର ବର୍ତ୍ତମାନର ବିଧାୟକ। ସେହିପରି ରାଜକୁମାରୀ ଧିଲନଙ୍କ ସ୍ଥାନରେ ହରି ନଗରରୁ ସୁରିନ୍ଦର ସେତିଆଙ୍କୁ ଟିକେଟ୍ ଦିଆଯାଇଛି।

ଆମ୍ ଆଦମୀ ପାର୍ଟି (ଆପ୍) ପ୍ରଥମେ ଦିଲ୍ଲୀର ସମସ୍ତ ୭୦ଟି ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିସାରିଛି। କିନ୍ତୁ ଏବେ ନାମାଙ୍କନ ପତ୍ର ମଧ୍ୟରେ ଦୁଇ ଜଣ ପ୍ରାର୍ଥୀବଦଳ ହୋଇଛନ୍ତି। ସୂଚନାଯୋଗ୍ୟ ଯେ, ଦିଲ୍ଲୀରେ ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହୋଇଛି ଏବଂ ଜାନୁଆରୀ ୧୭ ପର୍ଯ୍ୟନ୍ତ ନାମାଙ୍କନ ଦାଖଲ କରାଯାଇପାରିବ। ଦିଲ୍ଲୀରେ ଆସନ୍ତା ମାସ ଅର୍ଥାତ୍ ଫେବ୍ରୁଆରି ୫ରେ ଭୋଟଗ୍ରହଣ ହେବ। ଦିଲ୍ଲୀରେ ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହୋଇଛି ଏବଂ ଜାନୁଆରୀ ୧୭ ପର୍ଯ୍ୟନ୍ତ ନାମାଙ୍କନ ଦାଖଲ କରାଯାଇପାରିବ। ଦିଲ୍ଲୀରେ ଆସନ୍ତା ମାସ ଅର୍ଥାତ୍ ଫେବ୍ରୁଆରି ୫ରେ ଭୋଟଗ୍ରହଣ ହେବ। ପ୍ରଥମ ତାଲିକାରେ ଆପ୍ ଅନ୍ୟ ୬ଟି ଦଳର ନେତାଙ୍କୁ ଟିକେଟ୍ ଦେଇଥିଲା। ଦ୍ୱିତୀୟ ତାଲିକାରେ ଦଳ ୧୫ ଜଣ ବିଧାୟକଙ୍କ ଟିକେଟ୍ କାଟିଥିଲା। ଆପ୍ ମଧ କେତେକ ପ୍ରାର୍ଥୀଙ୍କ ଆସନ ପରିବର୍ତ୍ତନ କରିଛି। ଏହାର ସର୍ବୋତ୍ତମ ଉଦାହରଣ ହେଉଛନ୍ତି ମନୀଷ ସିସୋଦିଆ। ସିସୋଦିଆଙ୍କୁ ପାଟପରଗଞ୍ଜ ପରିବର୍ତ୍ତେ ଜଙ୍ଗପୁରାରୁ ପ୍ରାର୍ଥୀ କରାଯାଇଛି। ଅବଧ ଓଝାଙ୍କୁ ପାତପଡ଼ଗଞ୍ଜରୁ ଟିକେଟ୍ ଦିଆଯାଇଥିଲା।

## ୟୁକ୍ରେନର ୧୦୦ଟି ସ୍ଥାନରେ ରୁଷର ପ୍ରଚଣ୍ଡ ଆକ୍ରମଣ





**କିଭ୍, ୧୫।୧:** ରୁଷ୍ ୟୁକ୍ରେନ ଉପରେ ଏପର୍ଯ୍ୟନ୍ତ ସବୁଠାରୁ ବଡ଼ ଆକ୍ରମଣ କରିଛି। ଏକାସାଙ୍ଗରେ ୟୁକ୍ରେନର ୧୦୦ ଟି ସ୍ଥାନରେ ଉପରେ ଆକ୍ରମଣ କରିଛି ରୁଷ ସେନା। କୃଷ୍ଣ ସାଗରର ଟିୟୁ-୯୫ ବୋମାବର୍ଷକ ବିମାନରୁ କ୍ରୁଜ୍ କ୍ଷେପଣାସ୍ତ୍ର ନିକ୍ଷେପ କରି ଏହି ଆକ୍ରମଣ କରାଯାଇଛି। ଗତ ୩ ବର୍ଷ ମଧ୍ୟରେ ଏହା ରୁଷିଆର ସବୁଠାରୁ ବଡ଼ ଆକ୍ରମଣ। ମଙ୍ଗଳବାର ରାତିରେ ୟୁକ୍ରେନ ରୁଷିଆ ଉପରେ ଆକ୍ରମଣ କରିଥିବାରୁ ରୁଷିଆର ଏହି ଆକ୍ରମଣକୁ ୟୁକ୍ରେନର ପ୍ରତିଶୋଧ ବୋଲି ବିବେଚନା କରାଯାଉଛି। ରୁଷର ଆକ୍ରମଣରେ କିବରେ ଏକ ଡଜନରୁ ଅଧିକ କୋଠା ଧ୍ୱଂସ ହୋଇଯାଇଛି। ଆକ୍ରମଣ ପରେ ଅନେକ କୋଠାରେ ନିଆଁ ଲାଗିଯାଇଥିଲା। ୟୁକ୍ରେନ୍ ମୃତକଙ୍କ ସଂଖ୍ୟା ପ୍ରକାଶ କରିନାହିଁ। ରୁଷିଆ ଇସକନ୍ଦର କ୍ଷେପଣାସ୍ତ୍ର ଦ୍ୱାରା ଏହି ଆକ୍ରମଣ କରିଛି। ଏହି ଆକ୍ରମଣରେ ୟୁକ୍ରେନକୁ ବଡ଼ କ୍ଷତି ସହିବାକୁ ପଡ଼ିଛି। ସକାଳ ସାଢ଼େ ୬ଟାରେ ରୁଷିଆ ପ୍ରଥମ ଆକ୍ରମଣ କରିଥିଲା। ଏହି ଆକ୍ରମଣ ପରେ ସମଗ୍ର କିଭରେ ଜରୁରୀକାଳୀନ ପରିସ୍ଥିତି ଜାରି କରାଯାଇଛି। କ୍ରମାଗତ ଭାବେ ସାଇରନ୍ ବାଜୁଛି ଓ ଲୋକେ ବଙ୍କରରେ ଆଶ୍ରୟ ନେଇଛନ୍ତି। ରୁଷିଆର ଆକ୍ରମଣକୁ ନେଇ ଜେଲେନସ୍କିଙ୍କ ବୟାନ ସାମ୍ନାକୁ ଆସିଛି। ସେ କହିଛନ୍ତି ଯେ ୪୦ରୁ ଅଧିକ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଉପରେ ଆକ୍ରମଣ ହୋଇଛି। ରୁଷିଆର ୩୦ଟି କ୍ଷେପଣାସ୍ତ୍ର ନଷ୍ଟ ହୋଇଛି।

## କାରଖାନାରେ ବଏଲର ବିସ୍ଫୋରଣ, ଜଣେ ମୃତ, ୮ ଆହତ

**ନୂଆଦିଲ୍ଲୀ, ୧୫।୧:** ବିହାରର ସମସ୍ତିପୁରରେ ଏକ କାରଖାନାର ବଏଲର ବିସ୍ଫୋରଣ ଯୋଗୁଁ ଏକ ବଡ଼ ଦୁର୍ଘଟଣା ଘଟିଛି। ମିଳିଥିବା ସୂଚନା ଅନୁଯାୟୀ, ବୈନି ଥାନା ଅଞ୍ଚଳରେ ଥିବା ଏକ ଆଲୁମିନିୟମ କାରଖାନାରେ ବଏଲର ବିସ୍ଫୋରଣ ହୋଇଛି। ଏହି ଦୁର୍ଘଟଣାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ଆଠ ଜଣ ଶ୍ରମିକ ଆହତ ହୋଇଛନ୍ତି। ଆହତ ମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଘଟଣା ସ୍ଥଳରେ ଉତ୍ତେଜନା ଜାରି ରହିଛି। ବଏଲର ବିସ୍ଫୋରଣ ପରେ କମ୍ପାନୀର ଏକ ଭିଡିଓ ମଧ ସାମ୍ନାକୁ ଆସିଛି। ଯେଉଁଥିରେ ଦେଖାଯାଉଛି ଯେ ବଏଲର ବିସ୍ଫୋରଣ ହୋଇଥିବା ସ୍ଥାନଟି ଅତ୍ୟନ୍ତ ଭାଙ୍ଗିରୁଜି ଯାଇଛି। କିଛି ଲୋକ ଭଗ୍ନାବଶେଷ ତଳେ ପୋତି ହୋଇ ରହିଥିବା ମଧ ଦେଖିବାକୁ ମିଳୁଛି। ପୋଲିସ ଏବଂ ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚିଛନ୍ତି ଏବଂ ଲୋକଙ୍କୁ ଉଦ୍ଧାର କରାଯାଉଛି। ଏପର୍ଯ୍ୟନ୍ତ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି ଏବଂ ୮ ଜଣ ଆହତ ହୋଇଥିବା ସୂଚନା ମିଳିଛି। ଆହତ ମାନଙ୍କର ଚିକିତ୍ସା ଚାଲିଛି।

## ପାର୍କିଂ ନେଇ ନୂଆ ନିୟମ ଆଣିବେ ମହାରାଷ୍ଟ୍ର ସରକାର

**ମୁମ୍ବାଇ, ୧୫।୧:** ନୂଆ ନିୟମ ଲାଗୁ କରିବେ ମହାରାଷ୍ଟ୍ର ସରକାର। ଆଗେ ପାର୍କିଂ ପାଇଁ ବ୍ୟବସ୍ଥା କରନ୍ତୁ ତା' ପରେ କାର୍ କିଣନ୍ତୁ। ଗାଡ଼ି ରଖିବାକୁ ପାର୍କିଂ ଜାଗା ନଥିଲେ ଆପଣ କାର୍ କିଣିପାରିବେନି। ରାଜ୍ୟରେ ଟ୍ରାଫିକ ଜାମ ହଟାଇବା ପାଇଁ ଏଭଳି ନୂତନ ନିୟମ ଲାଗୁ କରାଯିବ ବୋଲି କହିଛନ୍ତି ମହାରାଷ୍ଟ୍ର ସରକାର। ପାର୍କିଂ ପାଇଁ ସ୍ଥାନ ନଥିଲେ କେହି କାର୍ କିଣିପାରିବେ ନାହିଁ ବୋଲି ଆଗକୁ ନିୟମ କରାଯିବା ନେଇ ଚର୍ଚ୍ଚା ହେଉଛି। ସଡ଼କ ଓ ପରିବହନ ମନ୍ତ୍ରୀ ପ୍ରତାପ ସରନାଏକ ଏହି ନିୟମ ଆଣିବାକୁ ଯୋଜନା କରିଛନ୍ତି। ମହାରାଷ୍ଟ୍ରର ସହରାଞ୍ଚଳରେ ଟ୍ରାଫିକ ବ୍ୟବସ୍ଥା ଅନିୟନ୍ତ୍ରିତ ହେବାକୁ ଲାଗିଲାଣି। ଟ୍ରାଫିକ୍ କାରଣରୁ ଅଗ୍ନି ନିର୍ବାପକ, ଜରୁରୀକାଳୀନ ସେବା ଭଳି ସେବାରେ ବାଧା ଉପୁଜୁଛି। ଲୋକେ ମହଙ୍ଗା କାର୍ କିଣିଦେଉଥିବା ବେଳେ କାର୍‌କୁ ରଖିବାକୁ ପାର୍କିଂ ଜାଗା ନାହିଁ। ଯେଉଁ କାରଣରୁ ଲୋକ ନିଜ କାର୍‌କୁ ରାସ୍ତା ଉପରେ ପାର୍କ କରିଦେଉଛନ୍ତି। ସହରାଞ୍ଚଳରେ ଜନସଂଖ୍ୟାର ଘନତ୍ୱ ଅଧିକ ରହିଥିବା ବେଳେ ଗାଡ଼ି ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଫଳରେ ସଡ଼କ ଜାମ୍ ହେବା ସହିତ ଜରୁରୀ କାଳୀନ ସେବା ମଧ୍ୟ ବାଧାପ୍ରାପ୍ତ ହେଉଛି। ତେବେ ଏହି ନିୟମ ପରେ ସରକାର ଗରିବ ଓ ମଧ୍ୟବିତଙ୍କୁ ବିରୋଧ କରୁଛନ୍ତି ବୋଲି ଆଲୋଚନା ହେବା ନେଇ ଅନୁମାନ କରାଯାଉଛି। ଏହା ଠିକ୍ ନୁହେଁ ବୋଲି ସରନାଏ କହିଛନ୍ତି। ଗାଡ଼ି କିଣୁଥିବା ବେଳେ ପାର୍କିଂ ପାଇଁ ସ୍ଥାନ ରହିବା ନିତାନ୍ତ ଆବଶ୍ୟକ। ରାଜ୍ୟରେ ଟ୍ରାଫିକ୍ ସମସ୍ୟା ହଟାଇବା ପାଇଁ ଏଭଳି ନିଷ୍ପତ୍ତି ନେଇଛନ୍ତି ସରକାର।

## ମୋହନ ଭାଗବତଙ୍କ ବୟାନ ଦେଶଦ୍ରୋହ ସହ ସମାନ: ରାହୁଲ



**ନୂଆଦିଲ୍ଲୀ, ୧୫।୧:** ଲୋକସଭାରେ ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ସମ୍ବିଧାନ ଉପରେ ମୋହନ ଭାଗବତଙ୍କ ବୟାନକୁ ତୀବ୍ର ସମାଲୋଚନା କରିଛନ୍ତି। ସେ କହିଛନ୍ତି, ମୋହନ ଭାଗବତ ଦେଇଥିବା ବୟାନ ଆମ ସମ୍ବିଧାନ ଉପରେ ସିଧାସଳଖ ଆକ୍ରମଣ। ସେ କହିଥିଲେ ଯେ ସମ୍ବିଧାନ ଆମ ସ୍ୱାଧୀନତାର ପ୍ରତୀକ ନୁହେଁ ଯାହା ସମ୍ପୂର୍ଣ୍ଣ ଭୁଲ କଥା । ପଞ୍ଜାବ, କାଶ୍ମୀର ଏବଂ ଉତ୍ତର-ପୂର୍ବରେ ଆମର ହଜାର ହଜାର କର୍ମୀଙ୍କ ମୃତ୍ୟୁ କେବଳ ସମ୍ବିଧାନର ଉଲ୍ଲଂଘନ ନୁହେଁ ବରଂ ଆମର ମୂଲ୍ୟବୋଧର ମଧ୍ୟ ଉଲ୍ଲଂଘନ। ଗାନ୍ଧୀ ଏହା ମଧ୍ୟ କହିଛନ୍ତି ଯେ ଭାରତର ବିଚାରଧାରା ପାଶ୍ଚାତ୍ୟ ବିଚାରଧାରାଠାରୁ ସମ୍ପୂର୍ଣ୍ଣ ଭିନ୍ନ ଯାହା ଆତ୍ମବୁଝାମଣା ଉପରେ ଗୁରୁତ୍ୱ ଦେଇଥାଏ ଏବଂ ପାଶ୍ଚାତ୍ୟ ବାହ୍ୟ ଜଗତ ଉପରେ ଧ୍ୟାନ ଦିଏ । ରାହୁଲ ଗାନ୍ଧୀ ମୋହନ ଭାଗବତଙ୍କ ବୟାନକୁ ଦେଶଦ୍ରୋହ ବୋଲି କହିଛନ୍ତି। ମୋହନ ଭାଗବତ ସ୍ୱାଧୀନତା ସଂଗ୍ରାମ ଓ ସମ୍ବିଧାନ ବିଷୟରେ କ'ଣ ଭାବୁଛନ୍ତି ତାହା ପ୍ରତି ୨-୩ ଦିନରେ କହିବାର ସାହସ ରହିଛି। ସମ୍ବିଧାନ ଓ ସ୍ୱାଧୀନତା ସଂଗ୍ରାମ ବେଆଇନ ବୋଲି ସେମାନେ କହିଛନ୍ତି। ଏହା ଏକ ବଡ଼ ଅପରାଧ। ଏପରି କହିବା ଆମ ଦେଶର ସ୍ୱାଧୀନତା ଏବଂ ପ୍ରତ୍ୟେକ ଭାରତୀୟଙ୍କ ପ୍ରତି ଅପମାନ। ଯଦି ଅନ୍ୟ କୌଣସି ଦେଶରେ ଏହି ବୟାନ ଦିଆଯାଇଥାନ୍ତା, ତେବେ ଭାଗବତଙ୍କୁ ଗିରଫ କରାଯାଇ ନ୍ୟାୟିକ କାର୍ଯ୍ୟାନୁଷ୍ଠାନ ନିଆଯାଇଥାନ୍ତା ବୋଲି ସେ କହିଛନ୍ତି, "ବର୍ତ୍ତମାନ ସମୟ ଆସିଛି ଯେ କିଛି ଲୋକ ବିନା ଚିନ୍ତାରେ ସର୍ବସାଧାରଣରେ କହୁଛନ୍ତି।

## ବିଏସ୍‌ଏଫ୍‌କୁ ମିଳିବ ପର୍ଶୁରାମଙ୍କ ଅସ୍ତ୍ର 'ଭାର୍ଗବାସ୍ତ୍ର'



**ନୂଆଦିଲ୍ଲୀ, ୧୫।୧:** ସୀମାରେ ଅଶାନ୍ତି ସୃଷ୍ଟି କରିବାରେ ପାକିସ୍ତାନ ବେଶ୍ ଧୁରନ୍ଧର। ବିନା କାରଣରେ ଗୁଳିମାଡ଼ କରିବା ସହିକ ଭାରତୀୟ ସେନା ଉପରକୁ ଆକ୍ରମଣ କରୁଥିବା ଅନେକ ସମୟରେ ନଜିର ରହିଛି। ପାକିସ୍ତାନକୁ ଜବାବ ଦେବା ଲାଗି ସେନା ପ୍ରତି ମୁହୂର୍ତ୍ତରେ ସଜାଗ ବି ଥାଏ। ପାକିସ୍ତାନକୁ ପାନେ ଦେବା ଲାଗି ବିଏସଏଫ ବି ରଣନୀତି ପ୍ରସ୍ତୁତ କରିଛି ସତ ହେଲେ ପଡୋଶୀର ଆକ୍ରମଣରେ ଅକାରଣରେ ଜୀବନ ଦେଉଛନ୍ତି ଭାରତୀୟ ଯବାନ। ହେଲେ ଏବେ ସେମିତି ଆଉ ହେବନି। କାରଣ ବିଏସଏଫକୁ ମିଳିବ ପର୍ଶୁରାମଙ୍କ ଅସ୍ତ୍ର। ଯାହାକୁ ନେଇ ଏବେ ଭାରି ଚର୍ଚ୍ଚା। ମହାଭାରତ। କାହିଁକି ପାଣ୍ଡବ ଓ କୌରବଙ୍କ ମଧ୍ୟରେ ଯୁଦ୍ଧ ହୋଇଥିଲା ଆପଣଙ୍କ ମଧ୍ୟରୁ ପ୍ରାୟ ସମସ୍ତେ ଜାଣିଥିବେ। ପୁରାଣଶାସ୍ତ୍ର ଅନୁସାରେ, ଶ୍ରୀକୃଷ୍ଣ ଭଲରେ ଜାଣିଥିଲେ ପାଣ୍ଡବଙ୍କ ଅପେକ୍ଷା କୌରବ ଅଧିକ ଶକ୍ତିଶାଳୀ ଥିଲେ। ସେମାନଙ୍କ ପାଖରେ କର୍ଣ୍ଣଙ୍କ ପରି ଯୋଦ୍ଧା ଥିଲେ। ଖାଲି ଏତିକି ନୁହେଁ ତାଙ୍କ ପାଖରେ ଏକ ଦୁର୍ଲଭ ଅସ୍ତ୍ର ଥିଲା ଯାହା କୌରବ ଓ ପର୍ଶୁରାମ ଚଳାଇବା ଜାଣିଥିଲେ। କୌରବଙ୍କ ପାଖରେ ଥିଲା ଭାର୍ଗବାସ୍ତ୍ର ଯାହାର ମୁକାବିଲା ଅର୍ଜୁନ କରିପାରିବେ ନାହିଁ ବୋଲି କହିଥିଲେ। ଇଏ ତ ଥିଲା ପୁରାଣ ଓ ଶାସ୍ତ୍ରର କଥା। ଏବେ କିନ୍ତୁ ଭାରତୀୟ ସେନାକୁ ଭାର୍ଗବସ୍ତ୍ର ମିଳିବାକୁ ଯାଉଛି। ଯାହା ଶତ୍ରୁଙ୍କୁ କଡ଼ା ଜବାବ ଦେବ ବୋଲି ଅନୁମାନ କରାଯାଉଛି।

### ପୂଜା ଖେଡକରଙ୍କୁ ଆଶ୍ୱସ୍ତି

## ଗିରଫଦାରୀ ଉପରେ ସୁପ୍ରିମକୋର୍ଟଙ୍କ ଅନ୍ତରୀଣ ରହିତାଦେଶ



**ନୂଆଦିଲ୍ଲୀ, ୧୫।୧:** ଫେବୃୟାରୀ ୧୪ ତାରିଖ ପର୍ଯ୍ୟନ୍ତ ଗିରଫ ହେବେନି ପୂଜା। ବହିଷ୍କୃତ ଆଇଏଏସ ଅଧିକାରୀ ପୂଜା ଖେଡକରଙ୍କ ଗିରଫଦାରୀ ଉପରେ ଅନ୍ତରୀଣ ରହିତାଦେଶ ଜାରି କରିଛନ୍ତି ସୁପ୍ରିମକୋର୍ଟ। ସିଭିଲ ସର୍ଭିସ ପରୀକ୍ଷାରେ ବେଆଇନ ଭାବେ ଅନ୍ୟ ପଛୁଆ ବର୍ଗ ଓ ଦିବ୍ୟାଙ୍ଗ କୋଟା ହାତେଇବା ଅଭିଯୋଗରେ ପୂଜାଙ୍କ ଆଗୁଆ ଜାମିନ ଆବେଦନକୁ ଦିଲ୍ଲୀ ହାଇକୋର୍ଟ ଖାରଜ କରିବା ପରେ ତାଙ୍କର ଗିରଫଦାରୀ ସମ୍ଭାବନା ବଢ଼ିଥିଲା। ପୂଜା ଖେଡକର ଏହି ମାମଲାରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜଷ୍ଟିସ ବିଭି ନାଗରତ୍ନା ଓ ସତୀଶ ଚନ୍ଦ୍ର ଶର୍ମାଙ୍କ ଖଣ୍ଡପୀଠ ପୂଜାଙ୍କ ଗିରଫଦାରୀ ଉପରେ ଅନ୍ତରୀଣ ରହିତାଦେଶ ଜାରି କରିବା ସହ କେନ୍ଦ୍ର ଲୋକସେବା ଆୟୋଗ ଓ ଦିଲ୍ଲୀ ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ଫେବୃୟାରୀ ୧୪ ତାରିଖ ସୁଦ୍ଧା ଖେଡକରଙ୍କ ଜାମିନ ଆବେଦନ ନେଇ କେନ୍ଦ୍ର ଲୋକସେବା ଆୟୋଗ ଓ ଦିଲ୍ଲୀ ସରକାର ଜବାବ ଦେବେ। ୨୦୨୨ ମସିହା ସିଭିଲ ସର୍ଭିସ ପରୀକ୍ଷାରେ ମିଥ୍ୟା ତଥ୍ୟ ଦେବା ଅଭିଯୋଗରେ କେନ୍ଦ୍ର ଲୋକସେବା ଆୟୋଗ ଆଇଏଏସ ଅଧିକାରୀ ଭାବେ ପୂଜା ଖେଡକରଙ୍କ ଚୟନକୁ ରଦ୍ଦ କରିବା ସହ ଭବିଷ୍ୟତରେ ସିଭିଲ ସର୍ଭିସ ପରୀକ୍ଷା ଦେବାରୁ ବାରଣ କରିଥିଲେ। ଏହାସହିତ କେନ୍ଦ୍ର ଲୋକସେବା ଆୟୋଗ ପୂଜା ଖେଡକରଙ୍କ ବିରୋଧରେ ଦିଲ୍ଲୀ ପୋଲିସ ନିକଟରେ ଅପରାଧ ମାମଲା ରୁଜୁ କରିଥିଲେ।

## ୫୦ବର୍ଷ ପୂର୍ବେ କୁମ୍ଭମେଳାକୁ ଆସିବା ପାଇଁ ଯୋଜନା କରିଥିଲେ ଷ୍ଟିଭ ଜବ୍‌ସ



**ନୂଆଦିଲ୍ଲୀ୧୫।୧:** ପବିତ୍ର ମକର ସଂକ୍ରାନ୍ତି ଅବସରରେ ହଜାର ହଜାର ଶ୍ରଦ୍ଧାଳୁ ଗତମଙ୍ଗଳବାର ପ୍ରୟାଗରାଜର ମହାକୁମ୍ଭରେ ଗଙ୍ଗା, ଯମୁନା ଓ ସରସ୍ୱତୀ ନଦୀର ତ୍ରିବେଣୀ ସଙ୍ଗମରେ ପ୍ରଥମ 'ଅମୃତ ସ୍ନାନ' କରିଥିଲେ।

ଏହି ଅମୃତ ସ୍ନାନ ବିଶ୍ୱାସୀମାନଙ୍କୁ ପାପରୁ ମୁକ୍ତ କରିଥାଏ ତଥା ଜୀବନ-ମୃତ୍ୟୁ ଚକ୍ରରୁ ମୁକ୍ତି ପ୍ରଦାନ କରିଥାଏ ବୋଲି କଥାରେ ଅଛି। ଏହି କ୍ରମରେ ଆପଲ କୋ-ଫାଉଣ୍ଡର ଷ୍ଟିଭ ଜବ୍ସଙ୍କ ପତ୍ନୀ ଲରେନ ପାୱେଲ ଜବ୍ସ ବି ପ୍ରୟାଗରାଜର ମହାକୁମ୍ଭରେ ପହଞ୍ଚିଛନ୍ତି। ଯେବେ ଠାରୁ ଲରେନ ପାୱେଲ ଉତ୍ତର ପ୍ରଦେଶର ନିରଞ୍ଜନୀ ଆଖଡାରେ ଆଚାର୍ଯ୍ୟ ମହାମଣ୍ଡଳେଶ୍ୱର ସ୍ୱାମୀ କୈଳାଶାନନ୍ଦଙ୍କ ଠାରୁ ଗୋତ୍ର ଓ ନୂଆ ନାମ ପ୍ରାପ୍ତ କରିଛନ୍ତି ସେବେଠାରୁ ସେ ଚର୍ଚ୍ଚାରେ ଅଛନ୍ତି। ଏହି କ୍ରମରେ ଷ୍ଟିଭ ଜବ୍ସ ଗତ ୫୦ବର୍ଷ ପୂର୍ବେ ମହାକୁମ୍ଭକୁ ନେଇ ଲେଖିଥିବା ଏକ ଚିଠି ବି ଚର୍ଚ୍ଚାର ପରିସରରେ ରହିଛି। ଷ୍ଟିଭ ଜବ୍ସ ଭାରତରେ ୭ ମାସ ରହି ଭାରତୀୟ ସଂସ୍କୃତି ଏବଂ ପରମ୍ପରାକୁ ଅତି ନିକଟରୁ ଦେଖିଥିଲେ। ଷ୍ଟିଭ ଜବ୍ସଙ୍କ ଭାରତୀୟ ସଂସ୍କୃତି ଏବଂ ପରମ୍ପରା ପ୍ରତି ଅହେତୁକ ରୁଚି ରହିଥିଲା। ଯାହା ସମ୍ପ୍ରତି ସାମ୍ନାକୁ ଆସିଥିବା ତାଙ୍କର ଏକ ହାତଲେଖା ଚିଠିରୁ ସ୍ପଷ୍ଟ ଭାବେ ବାରି ହୋଇପଡୁଛି। ଏହି ଚିଠିରେ ଷ୍ଟିଭ ଜବ୍ସ ଲେଖିଥିଲେ, ' ମୁଁ ଏପ୍ରିଲ ମାସରେ ଭାରତରେ ଆରମ୍ଭ ହେବାକୁ ଯାଉଥିବା କୁମ୍ଭମେଳା ପାଇଁ ଭାରତ ଯିବାକୁ ଚାହୁଁଛି । ମୁଁ ମାର୍ଚ୍ଚ ମାସରେ କୌଣସି ଦିନ ଭାରତରେ ଯାଇ ପହଞ୍ଚିପାରେ, କିନ୍ତୁ ଏଯାବତ କିଛି ଶୁନିଶ୍ଚିତ ହୋଇପାରି ନାହିଁ । ଶାନ୍ତି....। '

## ସନ୍ନ୍ୟାସୀ ହେଲେ ବିବାହ କରିପାରିବିନି, ମୋତେ ସାଧ୍ୱୀ କୁହନ୍ତୁ ନାହିଁ: ହର୍ଷା



**ପ୍ରୟାଗରାଜ, ୧୫।୧:** ମହାକୁମ୍ଭ ମଧ୍ୟରେ, ହର୍ଷା ରିଚାରିଆ ନାମକ ଜଣେ ମହିଳାଙ୍କ ସାଧ୍ୱୀ ବେଶ ଚର୍ଚ୍ଚାରେ ରହିଛି। ତାଙ୍କ ସୌନ୍ଦର୍ଯ୍ୟ ଯୋଗୁଁ ତାଙ୍କର ଅନେକ ଫଟୋ ଭାଇରାଲ ହେଉଛି। ଏମଧ୍ୟରେ ତାଙ୍କୁ ସାଧ୍ୱୀ ନକହିବାକୁ କହିଛନ୍ତି ହର୍ଷା । ତାଙ୍କ କହିବା ମୁତାବକ, ମୁଁ ଏପର୍ଯ୍ୟନ୍ତ ସନ୍ନ୍ୟାସ ନେବି କି ନାହିଁ ସ୍ଥିର କରିନାହିଁ। ତେଣୁ ମୋତେ ସାଧ୍ୱୀ କୁହନ୍ତୁ ନାହିଁ। ଇନଷ୍ଟାଗ୍ରାମରେ ନିଜ ରିଲ୍ସ ପାଇଁ ଚର୍ଚ୍ଚାରେ ରହୁଥିବା ହର୍ଷା ଏବେ ନିଜର ସାଧ୍ୱୀ ଲୁକକୁ ନେଇ ଚର୍ଚ୍ଚାରେ ରହିଛନ୍ତି। ଜଟ୍ଟା ବାନ୍ଧିବା ସହ କପାଳରେ ଚନ୍ଦନ, ହାଲୁକା ମେକଅପ୍ ଏବଂ ରୁଦ୍ରାକ୍ଷ ମାଳ ପିନ୍ଧି ଚର୍ଚ୍ଚାରେ ଅଛନ୍ତି ହର୍ଷା। ମହାକୁମ୍ଭରେ ବୁଡ଼ ପକାଇବା ଏବଂ ଅମୃତ ସ୍ନାନ କରିବା ପରେ ଗଣମାଧ୍ୟମକୁ ସାକ୍ଷାତକାର ଦେଇ ହର୍ଷା କହିଛନ୍ତି ଯେ, "ମୋତେ ସାଧ୍ୱୀ କୁହନାହିଁ। ମୁଁ ପ୍ରାୟ ଅଢ଼େଇ ବର୍ଷ ପୂର୍ବରୁ ମୋ ଗୁରୁଙ୍କଠାରୁ ଦୀକ୍ଷା ନେଇଥିଲି। କିନ୍ତୁ ବର୍ତ୍ତମାନ ମୁଁ ସନ୍ନ୍ୟାସ ଗ୍ରହଣ କରିବା ବିଷୟରେ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ ଚାହୁଁନାହିଁ। ସନ୍ନ୍ୟାସ ନେବା ପରେ ବିବାହ କରିପାରିବି ନାହିଁ। ତେଣୁ ମୁଁ ଏବେ ବି ଦ୍ୱନ୍ଦ୍ୱରେ ଅଛି ଏବଂ ଚୂଡ଼ାନ୍ତ ନିଷ୍ପତ୍ତି ନେଇପାରି ନାହିଁ। ଏବେ ମୁଁ କେବଳ ଯୁବପିଢ଼ିଙ୍କୁ ସନାତନ ଧର୍ମ ବିଷୟରେ ଅଧିକ ସୂଚନା ଦେବାକୁ ଚାହୁଁଛି।"

## ଜଳୁଛି କାଲିଫର୍ଣ୍ଣିଆ ଜଙ୍ଗଲ, ଆହୁରି ଛାରଖାର କରିବ ନିଆଁ



**ଲସ୍‌ଏଞ୍ଜେଲ୍ସ, ୧୫।୧:** ଆମେରିକାର କାଲିଫର୍ଣ୍ଣିଆ ରାଜ୍ୟର ଲସ୍‌ଏଞ୍ଜେଲ୍ସସ୍ଥିତ ଜଙ୍ଗଲରେ ଲାଗିଥିବା ନିଆଁ ଲିଭିବା ତ ଦୂର କଥା, ଆହୁରି ଭୟଙ୍କର ରୂପ ନେବାରେ ଲାଗିଛି। ଏହାକୁ ଉଗ୍ର ବନାଇବା ପାଇଁ କାଳ ସାଜି ମାଡ଼ି ଆସୁଛି ପବନ। ପବନର ବେଗ ଘଣ୍ଟା ପ୍ରତି ୧୨୦ କିଲୋମିଟର ରହିଛି। ବୁଧବାର ସନ୍ଧ୍ୟା ସୁଦ୍ଧା ଏହା ଲସ୍ ଏଞ୍ଜେଲ୍ସର ଦକ୍ଷିଣ-ପଶ୍ଚିମ ଜଙ୍ଗଲଗୁଡ଼ିକୁ ଧକ୍କା ଦେବ। ଫଳରେ ନିଆଁର ରୂପ ପ୍ରଚଣ୍ଡ ହୋଇ ଛାରଖାର କରିପକାଇବ। ସଦ୍ୟ ଘଟଣାରେ ସାନ୍ ଡିଏଗୋ କାଉଣ୍ଟିର ରୋମାନିଆ କମ୍ୟୁନିଟି ପାମୋ ରୋଡ୍‌ସ୍ଥିତ ଜଙ୍ଗଲରେ ନିଆଁ ଲାଗିଛି। ଏହାକୁ 'ପାମୋ ଫାୟାର' କୁହାଯାଉଛି। ଏହା ୧୦ ଏକରରେ ବ୍ୟାପିଛି। ଏହାକୁ ଲିଭାଇବା ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ ଜାରି ରହିଛି। ଏ ପର୍ଯ୍ୟନ୍ତ ଏଥିରେ ୨୪ ଜଣ ପ୍ରାଣ ହରାଇଛନ୍ତି। ସପ୍ତାହେ ବିତିଥିଲେ ସୁଦ୍ଧା ଏହାକୁ ନିୟନ୍ତ୍ରଣ କରାଯିବା ସମ୍ଭବ ହୋଇନାହିଁ। ରିପୋର୍ଟ ମୁତାବକ, ଲସ୍ ଏଞ୍ଜେଲ୍ସ ନିକଟସ୍ଥ ଦକ୍ଷିଣ-ପଶ୍ଚିମ ଏଞ୍ଜେଲ୍ସର ଏକ ବଡ଼ ଭାଗରେ ଭୀଷଣ ନିଆଁ ଲାଗିବା ଆଶଙ୍କା ରହିଛି। ଏଠାରେ ଥିବା ସାନ୍ତା ମୋନିକା ଓ ସାନ୍ତା ସୁଜାନା ପାଇଁ ବିଶେଷ ଚେତାବନୀ ଜାରି କରାଯାଇଛି। ଲସ୍ ଏଞ୍ଜେଲ୍ସର ପାଲିସେଡ୍‌ସ, ଇଟନ, ହର୍ଷ୍ଟ, ଲିଡିଆ ଓ କେନେଥ ଅଞ୍ଚଳରେ ନିଆଁ ଲାଗିଥିଲା। ଏହାଯୋଗୁ ପ୍ରାୟ ୧ ଲକ୍ଷ ଲୋକ ବିସ୍ଥାପିତ ହୋଇଥିଲେ। ଜଙ୍ଗଲ ନିଆଁ କ୍ରମେ ଜନବସତି ଆଡ଼କୁ ଦ୍ରୁତ ଗତିରେ ଧାବମାନ ହେଉଛି। ଏହା ଗ୍ରୋସରି ଷ୍ଟୋର, ଗ୍ୟାସ୍ ଷ୍ଟେସନକୁ ଜଳାଇବା ସହ କାର୍‌ଗୁଡ଼ିକୁ ପୋଡ଼ି ଛାରଖାର କରି ପକାଉଛି।

### ଦକ୍ଷିଣ କୋରିଆରେ ହାଇଭୋଲଟେଜ୍ ଡ୍ରାମା

## ରାଷ୍ଟ୍ରପତି ୟୁନ ସୁକ ୟୋଲ ଗିରଫ

**ନୂଆଦିଲ୍ଲୀ,୧୫।୧:** ଦକ୍ଷିଣ କୋରିଆରେ ହାଇ ଭୋଲଟେଜ୍ ଡ୍ରାମା । ମହାଅଭିଯୋଗର ସାମ୍ନା କରୁଥିବା ରାଷ୍ଟ୍ରପତି ୟୁନ ସୁକ ୟୋଲ ଗିରଫ । ଆଜି ସକାଳୁ ରାଷ୍ଟ୍ରପତିଙ୍କ ସରକାରୀ ବାସଭବନରେ ହଜାରରୁ ଅଧିକ ପୋଲିସ କର୍ମୀ ପ୍ରବେଶ କରିଥିଲେ । ଆଉ ସେହି ସମୟରେ, ୟେଓଲଙ୍କ ସମର୍ଥକ ଏବଂ ଶାସକ ପିପୁଲ୍ସ ପାୱାର ପାର୍ଟିର ସଦସ୍ୟମାନେ ସୁରକ୍ଷା ବାହିନୀ ସହିତ ସଂଘର୍ଷ କରୁଥିବା ଦେଖିବାକୁ ମିଳିଥିଲା। ତେବେ ଉଭୟଙ୍କ ମଧ୍ୟରେ ପ୍ରବଳ ସଂଘର୍ଷ ପରେ ଅନେକ ଲୋକଙ୍କୁ ଅଟକ ମଧ ରଖାଯାଇଥିଲା। ଯାହା ପରେ ଦକ୍ଷିଣ କୋରିଆ କର୍ତ୍ତୃପକ୍ଷ ୟୁନ୍ ସୁକ୍ ୟେଓଲଙ୍କୁ ଗିରଫ କରିଛନ୍ତି। ସେହିପରି ପୂର୍ବରୁ, ୟୁନଙ୍କ ଓକିଲମାନେ ଯୁକ୍ତି କରିଥିଲେ ଯେ ୟୁନଙ୍କୁ ଅଟକ ରଖିବାର ପ୍ରୟାସ ବେଆଇନ ଥିଲା। ତାଙ୍କୁ ସର୍ବସାଧାରଣରେ ଅପମାନିତ କରିବା ପାଇଁ ଏକ ସମ୍ପୂର୍ଣ୍ଣ ଷଡ଼ଯନ୍ତ୍ର ରଚନା କରାଯାଉଛି। ତେବେ ୟୁନ୍‌ଙ୍କୁ ଗିରଫ କରିବା ପାଇଁ ତଦନ୍ତକାରୀଙ୍କୁ ଜାରି କରାଯାଇଥିବା ମିଲର୍ ୱାରେଣ୍ଟ ହେଉଛି ଦକ୍ଷିଣ କୋରିଆର ଜଣେ ରାଷ୍ଟ୍ରପତିଙ୍କ ବିରୁଦ୍ଧରେ ଜାରି କରାଯାଇଥିବା ପ୍ରଥମ ୱାରେଣ୍ଟ। ପ୍ରକାଶ ଥାଉକି, ଏହା ପୂର୍ବରୁ ମଧ ଜାନୁୟାରୀ ୩ ରେ ସୁରକ୍ଷା କର୍ମୀମାନେ ରାଷ୍ଟ୍ରପତିଙ୍କୁ ଗିରଫ କରିବାକୁ ପ୍ରୟାସ କରିଥିଲେ।

# ମନ୍ଧାନା ଓ ପ୍ରତୀକାଙ୍କ ଶତକ, ଭାରତର ରେକର୍ଡ ବିଜୟ

## ପ୍ରତୀକା ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଓ ସିରିଜ୍




**ରାଜକୋଟ,୧୫।୧:** ଅଧିନାୟିକା ସ୍ମୃତି ମନ୍ଧାନା ଓ ତାଙ୍କ ଓପନିଂ ଯୋଡ଼ିଦାର ପ୍ରତୀକା ରାୱଲ ଦମଦାର ଶତକ ବଳରେ ଭାରତ ଚଳିତ ଆୟର୍ଲାଣ୍ଡ ବିପକ୍ଷ ଦିନିକିଆ ସିରିଜ୍‌କୁ ୩-୦ରେ କ୍ଲିନ୍‌ସ୍ୱିପ୍ କରିଛି। ଆଜି ଏଠାରେ ଖେଳାଯାଇଥିବା ସିରିଜ୍‌ର ଅନ୍ତିମ ମ୍ୟାଚ୍‌ରେ ଭାରତ ଦିନିକିଆ ଇତିହାସରେ ତା'ର ସର୍ବାଧିକ ସ୍କୋର୍ ୪୩୫ ରନ୍ କରିଥିଲା। ଦଳ ମାତ୍ର ୫ ୱିକେଟ୍ ହରାଇ ଏହି ରନ୍ କରିଥିବା ବେଳେ ଜବାବରେ ଆୟର୍ଲାଣ୍ଡ ୩୧.୪ ଓଭର୍‌ରେ ମାତ୍ର ୧୩୧ ରନ୍‌ରେ ଅଲ୍‌ଆଉଟ୍ ହୋଇ ପୁଣିଥରେ ଶୋଚନୀୟ ପରାଜୟ ବରଣ କରିଛି। ଏଥିସହ ୩୦୪ ରନ୍ ବ୍ୟବଧାନରେ ବିଜୟୀ ହୋଇ ଦିନିକିଆ ଇତିହାସରେ ଭାରତ ତା'ର ସର୍ବଶ୍ରେଷ୍ଠ ବିଜୟ ହାସଲ କରିଛି। ପୂର୍ବରୁ ୨-୦ରେ ସିରିଜ୍ ଜିତିସାରିଥିବା ଭାରତ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ଦୁଇ ଓପନ୍‌ର ସେମାନଙ୍କ ଚିରାଚରିତ ଢଙ୍ଗରେ ବ୍ୟାଟିଂ ଜାରି ରଖିଥିବା ବେଳେ ଆୟର୍ଲାଣ୍ଡ ବୋଲର୍‌ମାନେ ସେମାନଙ୍କ ଉପରେ କୌଣସି ପ୍ରଭାବ ପକାଇପାର ନଥିଲେ। ଉଭୟ ଧୂଆଁଧାର ବ୍ୟାଟିଂ କରି ଦଳୀୟ ସ୍କୋର୍‌କୁ ୨୪ତମ ଓଭର୍‌ର ଅନ୍ତିମ ବଲ୍‌ରେ ୨୦୦ ଅତିକ୍ରମ କରାଇଥିଲେ। ଏହା ପୂର୍ବରୁ ମନ୍ଧାନା ଦିନିକିଆରେ ତାଙ୍କର ଦଶମ ଶତକ ପୂରଣ କରିସାରିଥିଲେ। ଏଥିସହ ସେ ଦିନିକିଆରେ ଭାରତୀୟଙ୍କ ମଧ୍ୟରେ ଦ୍ରୁତତମ ଶତକ ହାସଲ କରିଥିବା ମହିଳା ବ୍ୟାଟର୍ ହୋଇଥିଲେ। ଦଳୀୟ ସ୍କୋର୍ ୨୬.୪ ଓଭର୍‌ରେ ୨୩୩ ଥିବା ସମୟରେ ମନ୍ଧାନା ପ୍ରଥମ ୱିକେଟ୍ ଭାବେ ବିଦାୟ ନେଇଥିଲେ। ସେତେବେଳକୁ ସେ ମାତ୍ର ୮୦ ବଲ୍ ଖେଳି ୧୨ ଚୌକା ଓ ୭ ଛକା ଜରିଆରେ ୧୩୫ ରନ୍ କରିସାରିଥିଲେ। ପରେ ପ୍ରତୀକା ୩୫ତମ ଓଭର୍‌ରେ ତାଙ୍କର ଶତକ ପୂରଣ କରିଥିଲେ। ଏହା ତାଙ୍କ ଦିନିକିଆ କ୍ୟାରିଅର୍‌ର ପ୍ରଥମ ଶତକ ଥିଲା। ସେ ମାତ୍ର ୧୨୯ ବଲ୍ ଖେଳି ୨୦ଟି ଚୌକା ଓ ଗୋଟିଏ ଛକା ସହ ୧୫୪ ରନ୍ କରି ଆଉଟ୍ ହେବା ପୂର୍ବରୁ ଦ୍ୱିତୀୟ ୱିକେଟ୍‌ରେ ରୀଚା ଘୋଷ (୫୯ ରନ୍, ୧୦ ଚୌକା, ୧ ଛକା)ଙ୍କ ସହ ୧୦୪ ରନ୍ ଯୋଡ଼ିଥିଲେ। ଆୟର୍ଲାଣ୍ଡର ଓର୍ଲା ପି. ୨ଟି ୱିକେଟ୍ ନେଇଥିଲେ। ସେହିପରି ବ୍ୟାଟିଂରେ ଦଳ ପକ୍ଷରୁ ଓପନର ସାରା ଫୋର୍ବସ ୪୧ ଓ ଓର୍ଲା ୩୬ ରନ କରିଥିଲେ। ଭାରତ ପାଇଁ ଦୀପ୍ତି ଶର୍ମା ୩ଟି ଓ ତନୁଜା କନ୍‌ୱର୍ ୨ଟି ୱିକେଟ୍ ନେଇଥିଲେ। ଯୁବ ଓପନର ପ୍ରତୀକା ଉଭୟ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଓ ପ୍ଲେୟର୍ ଅଫ୍ ଦି ସିରିଜ୍ ବିବେଚିତ ହୋଇଛନ୍ତି।




# ବୁମ୍‌ରା ଡିସେମ୍ବର ମାସର ଶ୍ରେଷ୍ଠ ଆଇସିସି ଖେଳାଳି

**ନୂଆଦିଲ୍ଲୀ, ୧୫।୧:** ବର୍ଡର-ଗାଭାସ୍କର ଟ୍ରଫିରେ ଚମତ୍କାର ପ୍ରଦର୍ଶନ କରିଥିବା ଭାରତୀୟ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା ଡିସେମ୍ବର ମାସ ଲାଗି ଆଇସିସିର ଶ୍ରେଷ୍ଠ ଖେଳାଳି ମନୋନୀତ ହୋଇଛନ୍ତି। ବୁମ୍‌ରା ଗତବର୍ଷ ଡିସେମ୍ବରରେ ଏହି ଚର୍ଚ୍ଚିତ ଶୃଙ୍ଖଳାର ତିନିଟି ଟେଷ୍ଟ ଖେଳି ୧୪.୨୨ ହାରରେ ୨୨ ୱିକେଟ୍ କରାୟତ୍ତ କରିଥିଲେ। ଜାନୁଆରି ୫ ତାରିଖରେ ଶେଷ ହୋଇଥିବା ଏହି ଶୃଙ୍ଖଳାର ପାଞ୍ଚଟି ମ୍ୟାଚ୍‌ରୁ ମୋଟ ୩୨ ୱିକେଟ୍ ନେଇଥିଲେ। ବ୍ରିସବେନ୍ ଟେଷ୍ଟରେ ୯ ୱିକେଟ୍ ନେବା ପରେ ମେଲ୍‌ବର୍ଣ୍ଣରେ ପାଞ୍ଚ ୱିକେଟ୍ ସଫଳତା ପାଇଥିଲେ ସେ। ବୁମ୍‌ରା ମଧ୍ୟ ୨୦ରୁ କମ୍ ହାରରେ ୨୦୦ ୱିକେଟ୍ ନେବାରେ ବିଶ୍ୱର ପ୍ରଥମ ବୋଲର ହୋଇଥିଲେ। ଏଣୁ ଅଷ୍ଟ୍ରେଲିଆ ଅଧିନାୟକ ପ୍ୟାଟ୍ କମିନ୍ସ ଓ ଦକ୍ଷିଣ ଆଫ୍ରିକାର ଡେନ୍ ପିଟରସନ୍‌ଙ୍କୁ ପଛରେ ପକାଇ ମାସର ଶ୍ରେଷ୍ଠ ଖେଳାଳି ପୁରସ୍କାର ଜିତି ନେଇଥିଲେ।

# ବଡ଼ ବିଜୟରୁ ଭାରତୀୟ ମହିଳାଙ୍କ ଅଭିଯାନ




**ନୂଆଦିଲ୍ଲୀ,୧୫।୧:** ପ୍ରଥମ ଥର ଆୟୋଜିତ ଖୋ ଖୋ ବିଶ୍ୱକପ୍‌ରେ ମହିଳା ପ୍ରତିଯୋଗିତା ମଙ୍ଗଳବାର ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ଭାରତ ବଡ଼ ବିଜୟରୁ ଅଭିଯାନ ଆରମ୍ଭ କରି ଅନ୍ୟ ଦଳକୁ ସତର୍କ କରାଇଛି। ନୂଆଦିଲ୍ଲୀସ୍ଥିତ ଇନ୍ଦିରା ଗାନ୍ଧି ଇନ୍‌ଡୋର ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ଭାରତ ୧୫୭ ପଏଣ୍ଟ୍ ବ୍ୟବଧାନରେ ଦକ୍ଷିଣ କୋରିଆକୁ ପରାସ୍ତ କରିଛି।

ଭାରତ ୧୭୫ ପଏଣ୍ଟ ପାଇଥିଲା ବେଳେ ଦକ୍ଷିଣ କୋରିଆ ମାତ୍ର ୧୮ ପଏଣ୍ଟ୍ ହାସଲ କରିବାକୁ ସକ୍ଷମ ହୋଇଥିଲା। ଭାରତର ନିର୍ମଳା ଭଟି, ଇୟୁର କିମ୍ ଓ ନସରିନ୍ ସେଖ ଯଥାକ୍ରମେ ଶ୍ରେଷ୍ଠ ଆଟାକର୍, ଶ୍ରେଷ୍ଠ ଡିଫେଣ୍ଡର ଓ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ। ପୁରୁଷରେ ଭାରତର ବିଜୟ ଧାରା ଜାରି ରହିଛି। ନେପାଳକୁ ହରାଇ ଅଭିଯାନ ଆରମ୍ଭ କରିଥିବା ଭାରତ ମଙ୍ଗଳବାର ୬୪-୩୪ରେ ବ୍ରାଜିଲକୁ ହରାଇଛି। ଓଡ଼ିଆ ପୁଅ ପବାରି ସବର ଶ୍ରେଷ୍ଠ ଆଟାକର ପୁରସ୍କାର ପାଇଥିଲା ବେଳେ ମାଥ୍ୟୁ କୋଷ୍ଟା ଓ ପ୍ରତୀକ ୱାଇକର ଯଥାକ୍ରମେ ଶ୍ରେଷ୍ଠ ଡିଫେଣ୍ଡର ଓ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।

## ଅସ୍ମିତା ଖେଲୋ ଇଣ୍ଡିଆ ଜାତୀୟ ଜୋନାଲ୍ ମହିଳା ଭାରୋତ୍ତୋଳନ

# ଓଡ଼ିଶାକୁ ତ୍ରିମୁକୁଟ: ମୀନା ସାନ୍ତା (ଏ), ସ୍ନେହା ଶ୍ରେଷ୍ଠ ଉତ୍ତୋଳିକା




**ବ୍ରହ୍ମପୁର, ୧୫।୧:** ସ୍ଥାନୀୟ ମହାତ୍ମା ଗାନ୍ଧୀ ଷ୍ଟାଡ଼ିୟମ୍‌ରେ ଆୟୋଜିତ ଅସ୍ମିତା ଖେଲୋ ଇଣ୍ଡିଆ ଜାତୀୟ ଜୋନାଲ୍ ମହିଳା ଭାରୋତ୍ତୋଳନ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଶେଷ ଦିନରେ ଓଡ଼ିଶାର ଭାରୋତ୍ତୋଳକ ଆଉ ଦୁଇଟି ରୌପ୍ୟ ପଦକ ଜିତି ଅଭିଯାନ ଶେଷ କରିଛନ୍ତି। ଓଡ଼ିଶା ଖେଳାଳିଙ୍କ ଉଚ୍ଚକୋଟୀର ପ୍ରଦର୍ଶନ ଜରିଆରେ ଘରୋଇ ଦଳ ୧୮ ପଦକ ସହ ୩ଟି ବର୍ଗରେ ଦଳଗତ ବିଜେତା ହୋଇ ତ୍ରିମୁକୁଟ ହାସଲ କରିଛି। ତନ୍ମଧ୍ୟରେ ୮ ଲେଖାଏଁ ସ୍ୱର୍ଣ୍ଣ ଓ ରୌପ୍ୟ ସହ ୩ କାଂସ୍ୟ ପଦକ ରହିଛି। ସେହିଭଳି ଯୁବ ବର୍ଗରେ ଓଡ଼ିଶାର ମୀନା ସାନ୍ତା (ଏ), କନିଷ୍ଠରେ ମହାରାଷ୍ଟ୍ରର ଆକାଂକ୍ଷା ବ୍ୟବହାରେ ଏବଂ ବରିଷ୍ଠରେ ଓଡ଼ିଶାର ସେହ୍ନା ସୋରେନ୍ ଶ୍ରେଷ୍ଠ ଭାରୋତ୍ତୋଳିକା ବିବେଚିତ ହୋଇଛନ୍ତି।

ଶେଷ ଦିନରେ ୮୧+, ୮୭ ଓ ୮୭+ ବର୍ଗର ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ୮୧+ କେଜି ଯୁବବର୍ଗରେ କେରଳର ଅମ୍ରିତା ପି. ସୁନି ମୋଟ ୧୮୪ (ସ୍ନାଚ୍ ୮୧ ଓ କ୍ଲିନ୍ ଆଣ୍ଡ ଜର୍କ ୧୦୩) କେଜି ସ୍ୱର୍ଣ୍ଣ, ଓଡ଼ିଶାର ମୌସୁମୀ ଦାଶ ମୋଟ ୧୪୦ (ସ୍ନାଚ୍ ୬୨ ଓ କ୍ଲିନ୍ ଆଣ୍ଡ ଜର୍କ ୭୮) କେଜି ରୌପ୍ୟ ଏବଂ ଜମ୍ମୁ କଶ୍ମୀରର କୌଶିକ୍ ଶର୍ମା ମୋଟ ୧୩୨ (ସ୍ନାଚ୍ ୫୮ ଓ କ୍ଲିନ ଆଣ୍ଡ ଜର୍କ ୭୪) କେଜି ଭାର ଉଠାଇ କାଂସ୍ୟ ପଦକ ହାସଲ କରିଛନ୍ତି। ୮୭ କେଜି କନିଷ୍ଠ ବର୍ଗରେ କେରଳର ଅମ୍ରିତା ପି. ସୁନି ମୋଟ ୧୮୪ (ସ୍ନାଚ୍ ୮୧ ଓ କ୍ଲିନ୍ ଆଣ୍ଡ ଜର୍କ ୧୦୩)ରେ ସ୍ୱର୍ଣ୍ଣ, ଜମ୍ମୁ କଶ୍ମୀରର ଆକାମ୍ କୌର ମୋଟ ୧୩୫ (ସ୍ନାଚ୍ ୫୮ ଓ କ୍ଲିନ ଆଣ୍ଡ୍ ଜର୍କ ୭୭)ଙ୍କୁ ରୌପ୍ୟ, କର୍ଣ୍ଣାଟକର ଚୁହାନା ଏ.ଭି ମୋଟ ୧୨୦ (ସ୍ନାଚ୍ ୫୩ ଓ କ୍ଲିନ ଆଣ୍ଡ୍ ଜର୍କ ୬୭) କେଜି କାଂସ୍ୟ ପାଇଛନ୍ତି। ବରିଷ୍ଠରେ କେରଳର ଅମ୍ରିତା ପି. ସୁନି ମୋଟ ୧୮୪ (ସ୍ନାଚ୍ ୮୧ ଓ କ୍ଲିନ୍ ଆଣ୍ଡ ଜର୍କ ୧୦୩) କେଜି ସହ ସ୍ୱର୍ଣ୍ଣ, ଓଡ଼ିଶାର ଶୁଭସ୍ମିତା ମହାନ୍ତି ମୋଟ ୧୭୯ (ସ୍ନାଚ୍ ୮୦ ଓ କ୍ଲିନ ଆଣ୍ଡ ଜର୍କ ୯୯) କେଜି ରୌପ୍ୟ ପଦକ ହାସଲ କରିଛନ୍ତି।

ସେହିପରି ୮୭+ କେଜିରେ ଜମ୍ମୁ କଶ୍ମୀରର ସାରୋନ୍ ଜେମ୍‌ସ ମେ ।ଟ ୧୩୦ (ସ୍ନାଚ୍ ୫୫ ଓ କ୍ଲିନ୍ ଆଣ୍ଡ ଜର୍କ ୭୫) କେଜି ସ୍ୱର୍ଣ୍ଣ, ମିଜୋରାମର ଜୋସାଙ୍ଗ ଜୁଲି ମୋଟ ୧୨୫ (ସ୍ନାଚ୍ ୫୫ ଓ କ୍ଲିନ୍ ଆଣ୍ଡ ଜର୍କ ୭୦) କେଜି ରୌପ୍ୟ, ଛତିଶଗଡ଼ର ରିମ୍‌ଝିମ୍ ମେଙ୍ଗି ମୋଟ ୧୨୧ (ସ୍ନାଚ୍ ୫୩ ଓ କ୍ଲିନ୍ ଆଣ୍ଡ ଜର୍କ ୬୮) କେଜି ଉଠାଇ କାଂସ୍ୟ ଜିତିଛନ୍ତି। ଦଳଗତ ରୂପେ ଯୁବ ବର୍ଗରେ ତାମିଲନାଡୁ, କନିଷ୍ଠ ବର୍ଗରେ ବିହାର ଓ ବରିଷ୍ଠ ବର୍ଗରେ ବିହାର ଉପବିଜେତା ହୋଇଛନ୍ତି।

ସପ୍ତାହେ ଧରି ଚାଲିଥିବା ଏହି ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜେତା ପାଲ୍ ସିଂ ସାନ୍ଧୁ, ଭାରତୀୟ ଭାରୋତ୍ତୋଳନ ଚୟନ ସମିତି ସଦସ୍ୟ ପ୍ରଦୀପ କୁମାର ଶର୍ମା, ଗଞ୍ଜାମ ଜିଲ୍ଲା କ୍ରୀଡ଼ା ଅଧିକାରୀ ସନ୍ତୋଷ କୁମାର ସାହୁ, ଓଡ଼ିଶା ଭାରୋତ୍ତୋଳନ ସଂଘର ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ, ସମ୍ପାଦକ କେ ରବି କୁମାର ପ୍ରମୁଖ ଉପସ୍ଥିତ ରହିଥିଲେ। ଓଡ଼ିଶା ଖେଳାଳି ଭଲ ପ୍ରଦର୍ଶନ କରିଛନ୍ତି ଏବଂ ଆଗାମୀ ଦିନରେ ଏହାକୁ ବଜାୟ ରଖିବେ ବୋଲି ଓଡ଼ିଶା ଭାରୋତ୍ତୋଳନ କମିଟିର ସଭାପତି ଶ୍ରୀ ସ୍ୱାଇଁ ଆଶାବ୍ୟକ୍ତ କରିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## କଥା ରଖିଲେ...

ଆମ ବିରଳ ସମ୍ପତ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟ ପଡ଼ିଆରେ ଆୟୋଜିତ ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଷ୍ଟ୍ରୀୟ ସାମାଜିକ କାର୍ଯ୍ୟକ୍ରମର ହିତାଧିକାରୀ ହୁଅନ୍ତୁ ବା ମଧୁବାବୁ ପେନସନ ହିତାଧିକାରୀ, ସମସ୍ତେ ଏହି ବର୍ଦ୍ଧିତ ପେନସନ ପାଇବେ। ଏଥିରେ କେନ୍ଦୁଝର ଜିଲ୍ଲାର ମଧ୍ୟ ୯ ହଜାର ୯୧୩ ଜଣ ବ୍ୟକ୍ତି ଅନ୍ତର୍ଭୁକ୍ତ। ଆଜିର ଏହି କାର୍ଯ୍ୟକ୍ରମ ଏକ ଆଦର୍ଶ ସମାଜ ଆଡକୁ ଆମ ଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ପାହାଚ। ନୂଆ ସରକାର ରାଜ୍ୟବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ଆଜି ପାଳନ କରିଛନ୍ତି। ଏପରି ଏକ ଘୋଷଣା କରି ସେ ବେଶ୍ ଖୁସି ଅନୁଭବ କରୁଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି ଯେ କୌଣସି ମଣିଷ ବୟସ୍କ ଓ ଭିନ୍ନକ୍ଷମଙ୍କୁ କିଛି ସହାୟତା ବା ସହଯୋଗ କଲେ, ଏହା ସେମାନଙ୍କୁ ବେଶ୍ ଆତ୍ମସନ୍ତୋଷ ପ୍ରଦାନ କରିଥାଏ। ଏହାଛଡ଼ା ସେମାନେ ଏଥିରୁ ପୁଣ୍ୟ ମଧ୍ୟ ଅର୍ଜନ କରନ୍ତି। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ବୟସ୍କ ଓ ଭିନ୍ନକ୍ଷମମାନେ ସେମାନଙ୍କର ବିଭିନ୍ନ ସମସ୍ୟା ନେଇ ଆସୁଛନ୍ତି। ମୁଁ ସେମାନଙ୍କୁ ପ୍ରାଧାନ୍ୟ ଦେଇ ପ୍ରଥମେ ସେମାନଙ୍କ ସମସ୍ୟା ଶୁଣେ ଓ ତା'ର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଆସିଛି। ଗରିବ, ଭିନ୍ନକ୍ଷମ ଓ ଅସହାୟଙ୍କୁ ସାହାଯ୍ୟ କରି ମୁଁ ଯେଉଁ ସନ୍ତୋଷ ପାଉଛି, ତାହା ମୋ ଜୀବନର ସବୁଠାରୁ ଶ୍ରେଷ୍ଠ ପୁଞ୍ଜି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ହିତାଧିକାରୀଙ୍କ ମଧ୍ୟରୁ କେନ୍ଦୁଝର ଜିଲ୍ଲାର ରକ୍ଷାକର ଜେନା, ଯୋଗେନ୍ଦ୍ର ନାୟକ, ରଜନୀ ମହାନ୍ତିଙ୍କୁ ବର୍ଦ୍ଧିତ ବୟସ୍କ ଭତ୍ତା ଏବଂ ସତ୍ୟଭାମା ସେଠୀ, ଅନିରୁଦ୍ଧ ଦାସ ଏବଂ ଜୟକୃଷ୍ଣ ମହନ୍ତଙ୍କୁ ବର୍ଦ୍ଧିତ ଭିନ୍ନକ୍ଷମ ଭତ୍ତା ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ଘସିପୁରା ବିଧାୟକ ବଦ୍ରୀ ନାରାୟଣ ପାତ୍ର, ଚମ୍ପୁଆ ବିଧାୟକ ସନାତନ ମହାକୁଡ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ, ତେଲକୋଇ ବିଧାୟକ ଡଃ ଫକିର ମୋହନ ନାୟକ ଏବଂ କେନ୍ଦୁଝର ଜିଲ୍ଲା ପରିଷଦ ଅଧ୍ୟକ୍ଷା ସାଗରିକା ସାହୁ ପ୍ରମୁଖ ଉପସ୍ଥିତ ରହି କେନ୍ଦୁଝର ଓ ରାଜ୍ୟ ବିକାଶ ଦିଗରେ ସମସ୍ତେ ମିଳିମିଶି କାମ କରିବାକୁ ଆହ୍ୱାନ ଦେଇଥିଲେ। ପ୍ରାରମ୍ଭରେ କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶେଷରେ ଅତିରିକ୍ତ ଜିଲ୍ଲାପାଳ ଆଲୋକ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ସ୍କୁଲ ସ୍ତରରେ...

ଆଦି ଦ୍ୱାରା ନିପୁଣତା ବଢ଼ାଇବା ଲକ୍ଷ୍ୟ କରାଯାଉଛି। ପାଠ୍ୟକ୍ରମକୁ ଅଧିକ ରୋଜଗାର ଭିତ୍ତିକ ଏବଂ ଶିଳ୍ପ ଆବଶ୍ୟକତା ଅନୁଯାୟୀ କରାଯିବ । ଏଥିପାଇଁ ବର୍ତ୍ତମାନ ୪୦ଟି ସ୍ନାତକ ମୂଳ ବିଷୟ ପାଇଁ ବିସ୍ତୃତ ମଡେଲ ସିଲାବସ ସହିତ ୨ଟି ଦକ୍ଷତା ବୃଦ୍ଧି ପାଠ୍ୟକ୍ରମ, ୧୧୨ଟି ମଲ୍ଟି ଡିସିପ୍ଲିନାରୀ ପାଠ୍ୟକ୍ରମ, ୧୪ଟି ଧନ୍ଦାମୂଳକ ପାଠ୍ୟକ୍ରମ, ୫୬ଟି ମୂଲ୍ୟଯୁକ୍ତ ପାଠ୍ୟକ୍ରମ ଏବଂ ୮୪ଟି ଦକ୍ଷତା ବୃଦ୍ଧି ପାଠ୍ୟକ୍ରମ ଅନୁମୋଦନ କରାଯାଇଛି। ଏହାଦ୍ୱାରା ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ବିଶ୍ୱବିଦ୍ୟାଳୟଗୁଡ଼ିକ ନୂତନ ସିଲାବସ ଓ କ୍ରେଡିଟ ଫ୍ରେମ୍‌ୱାର୍କ ଅନୁଯାୟୀ ଜାତୀୟ ଶିକ୍ଷାନୀତି ଲାଗୁ କରିପାରିବେ ।

## ରାଜ୍ୟରେ...

ପ୍ରତି ବିଶେଷ ଧ୍ୟାନଦେବା ପାଇଁ ବିଭାଗ ପକ୍ଷରୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି। ବୈଠକରେ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡ. ବିଜୟ କୁମାର ମହାପାତ୍ର, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡ. ନୀଳକଣ୍ଠ ମିଶ୍ର, ଡିଏମ୍‌ଇଟି ଡ. ସନ୍ତୋଷ କୁମାର ମିଶ୍ର, ଭାରତ ସରକାରଙ୍କ ଆଞ୍ଚଳିକ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟର ନିର୍ଦ୍ଦେଶିକା ଡ. ସୁମିତ୍ରା ସାସମଲ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଟିମ୍ ଲିଡ୍ ଡ. ନିହାର ରାୟ, ଆର୍‌ଏମ୍‌ଆର୍‌ସିର ଡ. ଶୁଭ୍ର ସୁଭଦ୍ରା, ଡ. ଇରା ପ୍ରହରାଜ, ଅତିରିକ୍ତ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶିକା ଡ. ପ୍ରମିଳା ବରାଳ, ଏପିଏଚ୍‌ଓ ଡ. ବିଶ୍ୱରଞ୍ଜନ ଦାସ, ଉପଶାସନ ସଚିବ ଅରୁଣା ତ୍ରିପାଠୀ ଉପସ୍ଥିତ ଥିଲେ।

## ବିଜେଡିରେ...

ଯୁବ ନେତାମାନେ କହୁଛନ୍ତି ରାଜ୍ୟରେ ଆଉ ନବୀନଙ୍କ କ୍ରେଜ ନାହିଁ। ପୂର୍ବପରି ନବୀନ ପଟ୍ଟନାୟକ ଆଉ ଦଳର ନେତୃତ୍ୱ ନେଇ କର୍ମୀଙ୍କୁ ସଂଗଠିତ କରିପାରିବେ ନାହିଁ।

ଆସନ୍ତା ପଂଚାୟତ, ପୌର ଓ ୨୦୨୯ ସାଧାରଣ ନିର୍ବାଚନ ପୂର୍ବରୁ ବିଜେଡିର ନେତୃତ୍ୱ ଜଣେ ଯୁବ ନେତାଙ୍କ କାନ୍ଧରେ ଦିଆଯାଉ। ଆଉ କ୍ରୀତଦାସ ହିଁ ଏକା ଏହି କାମ କରିବାକୁ ସକ୍ଷମ। ତେଣୁ ସାଂଗଠନିକ ନିର୍ବାଚନ ପ୍ରକ୍ରିୟା ଚାଲିଥିବାରୁ ପୁଣି ଥରେ ବିଜେଡିରେ କ୍ରୀତଦାସଙ୍କୁ ବିକଳ୍ପ ଭାବେ ବାଛିବାକୁ ସିଧାସଳଖ ସଙ୍କେତ ଦିଆଯାଉଛି। ବିଜେଡିରେ ଚାଲିଥିବା ଏହି ଆଭ୍ୟନ୍ତରୀଣ ଲଢେଇ ଯୋଗୁଁ ସାଂଗଠନିକ ନିର୍ବାଚନ ସରୁନି କି ନବୀନ ନେତା ଭାବେ ପୁଣି ଥରେ ନିର୍ବାଚିତ ହୋଇପାରୁନାହାଁନ୍ତି।

ଦଳ ମଧ୍ୟରେ ଦେଖାଦେଇଥିବା ଏଭଳି ଦ୍ୱନ୍ଦାତ୍ମକ ସ୍ଥିତି ଅନ୍ୟ ନେତାଙ୍କୁ ବି ସନ୍ଦେହରେ ପକାଇଦେଲାଣି । ବରିଷ୍ଠଙ୍କୁ ସମର୍ଥନ କରିବା ନା କ୍ରୀତଦାସ ଟିମରେ ଯୋଗ ଦେବେ ସେନେଇ ସେମାନେ ଚିନ୍ତାରେ ପଡିଛନ୍ତି। କାରଣ ସମୟ ଥିଲା ସନ୍ୟାସୀ ଓ କ୍ରୀତଦାସ ଗୁରୁ-ଚେଲା ହଗାଇ ହାକିମାତି କରୁଥିଲେ। ଏବେ କିନ୍ତୁ ନବୀନ ନିବାସ ସୂତ୍ର କହୁଛି କ୍ରୀତଦାସ ବି ସନ୍ୟାସୀଙ୍କ ମାମଲତିକୁ ମାନିବାକୁ ଅମଙ୍ଗ। ଏଭଳି ସ୍ଥିତିରେ ଆଗକୁ ବିଜେଡିରେ ବିଭାଜନ ଏକ ପ୍ରକାର ନିଶ୍ଚିତ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

## ନନ୍ଦନକାନନରେ...

ମା' ରୂପା ଉପରେ ସିସିଟିଭି ମାଧ୍ୟମରେ ପ୍ରତ୍ୟକ୍ଷ ଭାବେ ନଜର ରଖାଯାଇଥିଲା। ତେବେ କିଛି ଦିନ ପୂର୍ବେ ସେମାନଙ୍କ ମଧ୍ୟରୁ ଏକ ବାଘ ଛୁଆ ଅସୁସ୍ଥ ହୋଇ ପଡ଼ିଥିଲା। ତା'ର ଶରୀରରେ ନିଷ୍କ୍ରିୟତା ପରିଲକ୍ଷିତ ହୋଇଥିଲା। ସଙ୍ଗେ ସଙ୍ଗେ ନନ୍ଦନକାନନ କର୍ତ୍ତୃପକ୍ଷ ଶାବକଟିକୁ ମା' ପାଖରୁ ଅଲଗା କରି ପ୍ରାଥମିକ ଚିକିତ୍ସା କରି ପୁଣି ମା' ପାଖରେ ଛାଡ଼ିଦେଇଥିଲେ। କିନ୍ତୁ ଉକ୍ତ ଶାବକଟି ଗତକାଲି ପୁଣି ଥରେ ଅସୁସ୍ଥ ହୋଇପଡ଼ିବାରୁ ପ୍ରାଣୀ ଚିକିତ୍ସକଙ୍କ ତତ୍ତ୍ୱାବଧାନରେ ତାକୁ ନନ୍ଦନକାନନର ପଶୁ ଲାଳନପାଳନ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାକୁ ସାଲାଇନ୍ ଦିଆଯାଇ ଚିକିତ୍ସା କରାଯାଉଥିଲା। କିନ୍ତୁ ଆଜି ତା'ର ମୃତ୍ୟୁ ହୋଇଥିବା ଜଣାପଡିଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଉକ୍ତ ଶାବକର ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି କର୍ତ୍ତୃପକ୍ଷ କହିଛନ୍ତି। ଅପରପକ୍ଷରେ ଗତ ୬ ତାରିଖରେ ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବନଖଣ୍ଡରୁ ଉଦ୍ଧାର ହୋଇ ନନ୍ଦନକାନନ ଆସିଥିବା ୫ରୁ ୬ ବର୍ଷ ବୟସ୍କ ଅଣ୍ଡିରା ହାତୀ ଛୁଆ ଅବସ୍ଥା ଗୁରୁତର ରହିଛି। କରଞ୍ଜିଆ ବନଖଣ୍ଡ ଅଧୀନସ୍ଥ ପୋକାମୁଣ୍ଡା ଗ୍ରାମରେ ଥିବା ଏକ ମୋରମ ଖଣିରେ ଉକ୍ତ ହାତୀ ଛୁଆଟି ଖସିପଡ଼ିଥିଲା। ବନ ବିଭାଗ କର୍ମଚାରୀଙ୍କ ଦ୍ୱାରା ଉକ୍ତ ଛୁଆଟିକୁ ଉଦ୍ଧାର କରାଯାଇ ଅଧିକ ଚିକିତ୍ସା ପାଇଁ ନନ୍ଦନକାନନକୁ ଅଣାଯାଇଥିଲା। କିନ୍ତୁ ଏଠାରେ ପହଞ୍ଚିବା ପରେ ମଧ୍ୟ ଉକ୍ତ ହାତୀଛୁଆର ସ୍ୱାସ୍ଥ୍ୟରେ କୌଣସି ପ୍ରକାର ଉନ୍ନତି ହୋଇପାରିନାହିଁ। ସଠିକ୍ ଭାବେ ଛୁଆଟି ଖାଦ୍ୟ ଗ୍ରହଣ କରିପାରୁନାହିଁ। ଏପରିକି ସେ ନିଜ ଗୋଡ଼ରେ ମଧ୍ୟ ଛିଡ଼ା ହୋଇପାରୁନାହିଁ। ଫଳରେ ତାକୁ ଏକ କ୍ରେନ୍ ସହାୟତାରେ ଉଠାଯାଉଛି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ହାତୀ ଛୁଆଟିର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ନନ୍ଦନକାନନ ଉପନିର୍ଦ୍ଦେଶକ ସନତ କୁମାର ନାରାୟଣ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇ କହିଛନ୍ତି।

## ଶ୍ରୀମନ୍ଦିରରେ...

ଶଙ୍କର ସ୍ୱାଇଁ, ଏସ୍‌ପି ବିନୀତ ଅଗ୍ରୱାଲ, ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର ସାହୁଙ୍କ ସହ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ଓ ସେବାୟତ ସଦସ୍ୟମାନେ ସେଠାରେ ପହଞ୍ଚିଥିଲେ। ଜଣେ ଯୁବ ସେବକ ଭାବେ ଜଗନ୍ନାଥ ବେଶ୍ ଶାନ୍ତ ସ୍ୱଭାବର ଥିବାବେଳେ ମହାପ୍ରଭୁଙ୍କ ସେବାକୁ ନିଷ୍ଠାପର ଭାବେ ସମ୍ପାଦିତ କରିଆସିଥିଲେ। ଦୁଇ ବର୍ଷ ପୂର୍ବରୁ ଜଗନ୍ନାଥ ଛାତିଜନିତ ରୋଗ ପାଇଁ ଚିକିତ୍ସିତ ହୋଇ ପରେ ସୁସ୍ଥତା ଲାଭ କରି ପୁର୍ନବାର ମହାପ୍ରଭୁଙ୍କ ସେବାରେ ନିୟୋଜିତ ହୋଇଥିଲେ। କିନ୍ତୁ ଆଜି ହଠାତ୍ ଏହି ଛାତି ଯନ୍ତ୍ରଣାରେ ତାଙ୍କ ପ୍ରାଣ ଚାଲିଯାଇଛି। ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିବା କୁହାଯାଉଥିଲେ ହେଁ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ସବୁକିଛି ସ୍ପଷ୍ଟ ହେବ ବୋଲି କୁହାଯାଇଛି।

## ଚର୍ଚ୍ଚାରେ...

ଭିନ୍ନ ସଙ୍କେତ କରୁଛି। ଏକ ଘରୋଇ ଚ୍ୟାନେଲକୁ ସାକ୍ଷାତକାରରେ ନବ ଦାସଙ୍କ ପୁଅ ବିଶାଲ ଦାସ, ତାଙ୍କ ବାପାଙ୍କ ହତ୍ୟାର ସିବିଆଇ ତଦନ୍ତ ଦାବି କରିଛନ୍ତି। ସେ କହିଛନ୍ତି ଦେଶର ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ ଓ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ମୁଁ ଓ ମୋ ଭଉଣୀ ଅନୁରୋଧ କରିବୁ ସେମାନେ ଯଦି ଅନୁମତି ଦିଅନ୍ତି ତାହା ହେଲେ ବାପାଙ୍କ ହତ୍ୟା ମାମଲାର ସିବିଆଇ ତଦନ୍ତ ହେଉ। ଦୁଇ ଦିନ ତଳେ ଦୀପାଳି ଦାସ କହିଥିଲେ ତାଙ୍କ ବାପାଙ୍କୁ ପୋଲିସ ଜରିଆରେ ହତ୍ୟା କରାଯାଇଛି। ଏବେ ବିଶାଳଙ୍କ ବୟାନଙ୍କୁ ନେଇ ରାଜନୈତିକ ହଟଚମଟ ସୃଷ୍ଟି ହୋଇଛି । ଏବେ ଭାଇ ଭଉଣୀଙ୍କ ପରିବର୍ତ୍ତିତ ଆଭିମୁଖ୍ୟ ନେଇ ଉଠିଛି ବଡ଼ ପ୍ରଶ୍ନ।

ଗୋଟେପଟେ ବ୍ରଜରାଜନଗର ପୌରାଧ୍ୟକ୍ଷା ହଟାଅ ଅଭିଯାନରେ ତାଙ୍କ ଭୂମିକା ସନ୍ଦେହରେ ରହିଛି। କାରଣ ବିଜେଡି ପୌରାଧ୍ୟକ୍ଷାଙ୍କ ବିରୋଧରେ ବିଜେଡି କାଉନସିଲର ମାନେ ଏକାଠି ହୋଇ ଅନାସ୍ଥା ଆଣିବା ଏକ ଭିନ୍ନ ଚରିତ୍ରର ସଙ୍କେତ ଦେଉଛି। ଆଉ ଏହି ରାଜନୀତିରେ ଦୀପାଳିଙ୍କ ହାତ ଥିବା ଚର୍ଚ୍ଚା ହେଉଛି। ଏପରିକି ଏନେଇ ଦୀପାଳିଙ୍କ ସହ ନବୀନ ନିବାସ ଏନେଇ ଆଲୋଚନା କରିଥିବା ଜଣାପଡିଛି। ତେଣୁ ଦୀପାଳି ଏବେଠୁ ବାଟ କାଟୁଥିବା ଆଲୋଚନା ହେଉଛି। ଦୁଇ ବର୍ଷ ଧରି କ୍ରାଇମବ୍ରାଞ୍ଚ ତଦନ୍ତରେ ଖୁସି ଥିବା ବେଳେ ଏବେ କାହିଁକି ସିବିଆଇ ତଦନ୍ତ ପାଇଁ ରାଜି ହୋଇଛନ୍ତି ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେବା ସ୍ୱାଭାବିକ।

## କେବେ ଛିଡ଼ିବ...

କେନ୍ଦ୍ରରେ ବି କଂଗ୍ରେସର ସ୍ଥିତି ଟିକେ ସୁଧୁରିଥିଲା। ଯାହାକୁ ନେଇ ଚର୍ଚ୍ଚା ହେଉଥିଲା ଯେ, ଧିରେ ଧିରେ ଦେଶରେ କଂଗ୍ରେସ ପୁଣି ଟ୍ରାକକୁ ଫେରିବ। ହେଲେ ରାଜ୍ୟ କଂଗ୍ରେସର ସ୍ଥିତିକୁ ଦେଖି ନେତା ଓ କର୍ମୀ ଆଉ କିଛି ଆଶା କରିବା ଛାଡିଦେଇଛନ୍ତି।

ରାଜ୍ୟ କଂଗ୍ରେସକୁ ବିପଦ ପଡିଥିବା ବେଳେ ଝାଡ଼ଖଣ୍ଡ ନିର୍ବାଚନରେ ହାରିବା ପରେ ପ୍ରଭାରୀ ଅଜୟ କୁମାରଙ୍କ ଓଡ଼ିଶାରେ ଆଉ ଦେଖା ନାହିଁ । ଏହା ଭିତରେ ଛଅ ମାସ ହେବ କିଏ ଧରିବ ରାଜ୍ୟ କଂଗ୍ରେସର ମଙ୍ଗ ଅଙ୍କ ଛିଣ୍ଡୁନଥିବାରୁ ବିଳମ୍ବ ହେବାରେ ଲାଗିଛି । ଏସବୁ ଭିତରେ ଦିଲ୍ଲୀରେ ଉଦଘାଟନ ହୋଇଛି କଂଗ୍ରେସର ନୂଆ ଅଫିସ ଇନ୍ଦିରା ଭବନ। ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଦିଲ୍ଲୀ ଗସ୍ତରେ ଯାଇଛନ୍ତି । କାର୍ଯ୍ୟକ୍ରମ ପରେ ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡଗେ ଏବଂ ବରିଷ୍ଠ ନେତାଙ୍କୁ ଭେଟି ରାଜ୍ୟ କଂଗ୍ରେସର ସଭାପତି ନାଁ ତୁରନ୍ତ ଘୋଷଣା କରିବାକୁ ଦାବି କରିବେ। ସୂଚନାଯୋଗ୍ୟ ଯେ, ଗତ ଜୁଲାଇ ୨୧ ତାରିଖରେ ରାଜ୍ୟ କଂଗ୍ରେସର ସମସ୍ତ କମିଟିକୁ ଭାଙ୍ଗି ଦେଇଥିଲା ଏଆଇସିସି । ବଡ଼ କାର୍ଯ୍ୟକ୍ରମ ନଥିବାରୁ କଂଗ୍ରେସ ରାଜ୍ୟରେ ଦିଗହରା ହୋଇପଡିଛି । ଏପରିକି କଂଗ୍ରେସ କର୍ମୀଙ୍କ ମନୋବଳ ଭାଙ୍ଗି ଗଲାଣି । ଆଗକୁ ପଞ୍ଚାୟତ ନିର୍ବାଚନ ରହିଥିବାରୁ ଏବେଠାରୁ କଂଗ୍ରେସ ସଂଗଠନକୁ ମଜଭୁତ ନକଲେ କଂଗ୍ରେସ ପ୍ରତି କର୍ମୀଙ୍କ ଆଉ ଭରସା ରହିବନାହିଁ ବୋଲି ରାଜନୈତିକ ସମୀକ୍ଷକଙ୍କ ମତ।

## ଧର୍ମେନ୍ଦ୍ରଙ୍କ...

ରାଜନାଥ ସିଂହ, ନୀତିନ ଗଡ଼କରୀଙ୍କ ସମେତ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା, ହରିୟାଣା ମୁଖ୍ୟମନ୍ତ୍ରୀ ନାୟବ ସିଂ ସୈନି ପ୍ରମୁଖ ରହିଛନ୍ତି । ତେବେ ଚଳିତ ନିର୍ବାଚନରେ ଆପକୁ ଗାଦିଚ୍ୟୁତ କରି ଦିଲ୍ଲୀ ଆସନ ଦଖଲ ପାଇଁ ପୂରା ବଳ ଲଗାଇଛି ବିଜେପି। ଦୁର୍ନୀତିକୁ ମୁଦ୍ଦା କରି ଲୋକଙ୍କ ଭୋଟ ହାତେଇବାକୁ ହୋଇଛି ଯୋଜନା । ଏଥିପାଇଁ ଆଜି ହେଭିୱେଟ ମାନଙ୍କୁ ଷ୍ଟାର କ୍ୟାମ୍ପେନର ଭାବେ ଦାୟିତ୍ୱ ଦିଆଯାଇଛି । ବିଭିନ୍ନ ନିର୍ବାଚନ ମଣ୍ଡଳି ଯାଇ ବିଜେପି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବେ ଏହି ହେଭିୱେଟ୍ ।

## ପୌରାଧ୍ୟକ୍ଷା...

ତାଙ୍କ ପ୍ରତି ଏଭଳି ମନୋଭାବ ପୋଷଣ କରୁଥିବା ଆରୋପ ଲଗାଇଛନ୍ତି। ତେବେ ସରକାରରୁ ହଟିବାର ୬ମାସ ପରେ ଝାରସୁଗୁଡା ଜିଲ୍ଲାରେ ବିଜେଡିକୁ ଭାଙ୍ଗିବାକୁ କିଏ ଉଦ୍ୟମ କରୁଛି ତାହା ଏବେ ଦଳରେ ବଡ ପ୍ରଶ୍ନବାଚୀ ହୋଇଛି। ଆଗାମୀ ଦିନରେ ଦଳ ଉପରେ ଏହାର କି ପ୍ରଭାବ ପଡିବ ଓ ଅନ୍ୟ ଯେଉଁସବୁ ପୌରାଞ୍ଚଳ ବିଜେଡି ଦଖଲରେ ରହିଛି ତାକୁ ଭାଙ୍ଗିବାକୁ ମାମଲତକାରମାନେ କି ଗୋଟି ଚଳାଇବେ ତାହା ଉପରେ ଏବେ ସମସ୍ତଙ୍କ ନଜର । ତେବେ ବିଜେଡି ଦଖଲରେ ଥିବା ପୌରାଞ୍ଚଳକୁ ଭାଙ୍ଗିବାରେ ଶାସକ ବିଜେପିର ହାତଥିବା ନେଇ ଯେଉଁ ଆରୋପ ଲଗାଯାଉଥିଲା ତାହାକୁ ବ୍ରଜରାଜନଗର ପୌରାଧ୍ୟକ୍ଷା ଏକପ୍ରକାର ମିଛ ବୋଲି ପ୍ରମାଣ କରିଦେଇଛନ୍ତି।

# ହିଞ୍ଜିଳି ଆଇଟିଆଇ ଛାତ୍ରଙ୍କ ଦୁଃଖ ବୁଝିବ କିଏ ?

**ହିଞ୍ଜିଳିକାଟୁ, ୧୫।୧ (ସଂଚାର ବ୍ୟୁରୋ):** ସକାଳ ହେବା କ୍ଷଣି ପିଲାଙ୍କୁ ଘାରିଥାଏ କଲେଜରେ ଠିକ ସମୟରେ ପହଞ୍ଚିବୁ ତ? ଏଥିପାଇଁ ଆରମ୍ଭ ହୁଏ ପ୍ରତିଯୋଗିତା । ଶିକ୍ଷାକୁ ସରକାର ପ୍ରାଧାନ୍ୟ ଦେଉଥିବା ବିଭିନ୍ନ ସଭା ସମିତିରେ ଡେଙ୍ଗୁରା ପିଟୁଥିବା ବେଳେ ଗଂଜାମ ଜିଲ୍ଲା ହିଞ୍ଜିଳିକାଟୁ ପୋଚିଲିମା ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନକୁ ପିଲାଙ୍କ ସଂଘର୍ଷମୟ ଯାତ୍ରା ଦେଖି ଯିଏ ବି ତାଜୁବ ହୋଇଯିବ ।



ସକାଳ ହେବା ମାତ୍ରେ କିଏ କେଉଁ ଅଞ୍ଚଳରୁ ଆସିକି ହିଂଜିଳିକାଟୁ ଆରଏମ୍‌ସି ଗେଟ ତଥା ନୂତନ ମେଡିକାଲ ଛକ ନିକଟରେ ପ୍ରତିଦିନ ପିଲାଙ୍କ ଭିଡ଼ ହୋଇଥାଏ । କିଏ ଲିଫ୍ଟ ମାଗିକି ଯାଏ ତ ଆଉ କିଏ ଚାଲି ଚାଲି ବି ଯାଏ। କଲେଜ ଯିବା ସମୟରେ ଯେମିତି ଅବସ୍ଥା, ଫେରିବା ବେଳେ ବି କିଛି ପିଲା ଅସୁରକ୍ଷିତ ଭାବେ ଟ୍ରାକ୍ଟର ଯୋଗେ ବି ଆସିବାର ନଜିର ରହିଛି । ଏଭଳି ଯାତ୍ରା ସମୟରେ ଅଘଟଣ ଘଟିଲେ କିଏ ଦାୟୀ ହେବ ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରିଥିବା ବେଳେ ସରକାରୀ ବସ ବ୍ୟବସ୍ଥା କରିବାକୁ ସବୁସ୍ତରରେ ଦାବି ହେଉଛି । ପିଲାଙ୍କ କହିବାନୁଯାୟୀ, ବସ ସେବା ପାଇଁ କଲେଜ କର୍ତ୍ତୃପକ୍ଷଙ୍କୁ ଜଣାଇଲେ ବି ସ୍ଥିତି ଯଥା ପୂର୍ବଂ ତଥା ପରଂ । ଏ ନେଇ କଲେଜ ଅଧ୍ୟକ୍ଷଙ୍କ ସହ ଯୋଗାଯୋଗ ପାଇଁ ଚେଷ୍ଟା କରିଥିଲେ ବି ତାହା ସମ୍ଭବ ହୋଇପାରିନାହିଁ ।

# ଗୋଜବାୟାଣୀ ପୀଠରେ ଏକାଠି ହେଲେ ୫୦୦ ମହିଳା ଇସି ମେମ୍ବର

**ମାର୍ଶାଘାଇ, ୧୫।୧ (ସଂଚାର ବ୍ୟୁରୋ):** ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ଗ୍ରାମ, ଆଞ୍ଚଳିକ ସ୍ତରରୁ ପଞ୍ଚାୟତ, ବ୍ଲକ ଜିଲ୍ଲାସ୍ତର ପର୍ଯ୍ୟନ୍ତ ମହିଳା ଗୋଷ୍ଠୀ ମାନଙ୍କ ଦ୍ୱାରା ନିର୍ବାଚିତ ହୋଇ ଇସି ମେମ୍ବର ଏବଂ କର୍ମକର୍ତ୍ତାମାନେ ବିନା ପାରିଶ୍ରମିକରେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରିଆସୁଛନ୍ତି। ସେମାନଙ୍କ ନିଯୁକ୍ତିକୁ ସ୍ଥାୟୀ କରିବାକୁ କେନ୍ଦ୍ରାପଡ଼ା ଜିଲ୍ଲାର ଇସିମେମ୍ବର ମହିଳାମାନେ ପୁନର୍ବାର ଦାବି କରିଛନ୍ତି ।

କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ସଂଗଠନ ତୁଳସୀକ୍ଷେତ୍ର ଇସି ମହାସଂଘ ପକ୍ଷରୁ ମାର୍ଶାଘାଇ ବାଘଡ଼ିଆ ଗୋଜବାୟାଣୀ ପୀଠରେ ପାଞ୍ଚ ଶହରୁ ଉର୍ଦ୍ଧ୍ୱ ପ୍ରତିନିଧି ଯୋଗଦେଇ ସେମାନଙ୍କ ନିଯୁକ୍ତିକୁ ସ୍ଥାୟୀ କରିବାକୁ ଦାବୀ କରିଥିଲେ । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ବିଜେପି ନେତା ଭୁବନ ମୋହନ ଜେନା ମୁଖ୍ୟଅତିଥି ଭାବେ ଯୋଗ ଦେଇ ମହିଳା ଇସି ମେମ୍ବର ମାନଙ୍କ ବାର୍ତ୍ତାକୁ ସରକାରଙ୍କ ଦୃଷ୍ଟିକୁ ଆଣିବେ ବୋଲି କହିଥିଲେ। ଗୋଜବାୟାଣୀ ପୀଠରେ ବନ୍ଧୁମିଳନ କାର୍ଯ୍ୟକ୍ରମ ବୁଧବାର ଏକ ଜିଲ୍ଲାସ୍ତରୀୟ



ବନ୍ଧୁମିଳନ କାର୍ଯ୍ୟକ୍ରମ କରି ଏକାଠି ହୋଇଥିବା କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ବ୍ଲକରୁ ଇସି ମେମ୍ବର ମହିଳା ଯୋଗଦେଇ ଇସି ମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ମହାକାଳପଡ଼ା ଆଦି ବ୍ଲକରେ ଇସି ମେମ୍ବରମାନେ ଦୀର୍ଘ ପନ୍ଦର ବର୍ଷରୁ ଅଧିକ ହେବ ବିନା ପାରିଶ୍ରମିକରେ କାର୍ଯ୍ୟ କରି ସ୍ଥାୟୀ ନିଯୁକ୍ତି ନେଇ ଆଶା ବାନ୍ଧି ବସିଥିଲେ ବି ଏବେ ସରକାରୀ ଚିଠି ସେମାନଙ୍କ ଆଶାକୁ ପାଣି ପୂରେଇଦେଲା ଭଳି ହୋଇଛି ବୋଲି ମହାକାଳପଡ଼ା ମହାସଂଘ ସମ୍ପାଦିକା ପ୍ରତିମା ଦାସ କ୍ଷୋଭର ସହିତ କହିଥିଲେ । ଇସି ମାନଙ୍କୁ ସ୍ଥାୟୀ ନିଯୁକ୍ତି ସେମାନଙ୍କ ଦୃଢ଼ ଦାବୀ ବୋଲି କହି ସ୍ଲୋଗାନ ଦେଇଥିବା ବେଳେ ଉପସ୍ଥିତ ଇସି ମହିଳା ମାନେ ଦୃଢ଼ ସମର୍ଥନ ଜଣାଇଥିଲେ । ତୁଳସୀକ୍ଷେତ୍ର ଇସି ମହାସଂଘର ଜିଲ୍ଲା ସଭାନେତ୍ରୀ ବନିତା ବାରିକ, ସମ୍ପାଦିକା ଉର୍ମିଳା ମନ୍ତ୍ରୀ,ରେବତୀ ପ୍ରଧାନ, ଉଷାରାଣୀ ନାୟକ,ପ୍ରତିମା ବିଶ୍ୱାଳ,ବସୁମତୀ ମାଇତି, ତନୁଶ୍ରୀ ସ୍ୱାଇଁ,ନିରୁପମା ସ୍ୱାଇଁ, ଜ୍ୟୋତ୍ସ୍ନାମୟୀ ସ୍ୱାଇଁ,କୁସୁମଲତା କବି, ରଶ୍ମିତା ସ୍ୱାଇଁ,ଅର୍ଚ୍ଚନା ନାୟକ,କନକଲତା ପୃଷ୍ଟି,ରିତାଞ୍ଜଳୀ ଲେଙ୍କା,ନୀଳିମା ନାୟକ,ରୁବିନା ସ୍ୱାଇଁ,କଲ୍ୟାଣୀ ରାଉତଙ୍କ ସମେତ ଆଳି, ରାଜନଗର, ଗରଦପୁର, କେନ୍ଦ୍ରାପଡ଼ା, ରାଜକନିକା, ଡେରାବିଶ, ମହାକାଳପଡ଼ା, ମାର୍ଶାଘାଇ ବ୍ଲକର ଇସି ମେମ୍ବର, କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ । ଉପଦେଷ୍ଟା ସୁବ୍ରତ କୁମାର ରାଉତ, ଜ୍ଞାନରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ସେମାନଙ୍କ ନିଯୁକ୍ତିକୁ ସ୍ଥାୟୀ ନ କରିଲେ ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ମହାସଂଘ ସଜବାଜ ହେଉଛି ବୋଲି କର୍ମକର୍ତ୍ତା ସୂଚନା ଦେଇଛନ୍ତି ।

# ବୟସ୍କ ବ୍ୟକ୍ତିଙ୍କୁ ମିଳିଲା ବର୍ଦ୍ଧିତ ଭତ୍ତା

**ନୟାଗଡ଼, ୧୫।୧ (ସଂଚାର ବ୍ୟୁରୋ):** ବ୍ଲକ୍ ସଭାଗୃହରେ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ଭିନ୍ନକ୍ଷମ ଓ ୮୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିଙ୍କୁ ବର୍ଦ୍ଧିତ ଭତ୍ତା ବଣ୍ଟନ ଶୁଭାରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ,



ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ, ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ ଦିଲ୍ଲୀପ କୁମାର ବଳ, ବିଡିଓ ରାଜେଶ କେଶରୀ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷ ବୟସ୍କ ବ୍ୟକ୍ତିଙ୍କ ପାଇଁ ବର୍ଦ୍ଧିତ ଭତ୍ତା ପ୍ରଦାନ ବେଶ୍ ସହାୟକ ହେବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଆଦିପତି କହଁର ପରିଚାଳନା କରିଥିଲେ। ନୟାଗଡ଼ ବ୍ଲକ ଓ ସାମାଜିକ ସୁରକ୍ଷା ବିଭାଗର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ଶୁଆ ଉଦ୍ଧାର, ଶିକାରୀ ଫେରାର

**ଜୟପୁର, ୧୫।୧ (ସଂଚାର ବ୍ୟୁରୋ):** ଜୟପୁର ଜୟପୁର ଉପଖଣ୍ଡ ବୈପାରଗୁଡା ପୋଲିସ ତିନି ତଳେ ବୈପାରୀଗୁଡା ପୋଲିସ ଥାନା ଅନ୍ତର୍ଗତ ଖିଡୁପଦର ଗ୍ରାମ ନିକଟରୁ ଶୁଆ ବ୍ୟବସାୟ କରୁଥିବା ସମୟରେ ମାଡିବସିଥିଲା ପୋଲିସ । ଏବଂ ପୋଲିସ କହିବା ପ୍ରକାରେ ପୋଲିସକୁ ଦେଖି ଦୁଇ ବ୍ୟବସାୟୀ ଶୁଆ ଛାଡି ଚାଲି ଯାଇଥିଲେ । ପୋଲିସ ୯ଟି ଶୁଆ ଉଦ୍ଧାର କରି ପୋଲିସ ଥାନାରେ ରଖିଥିଲା । କିନ୍ତୁ ୯ଟି ରୁ ଗୋଟିଏ ମୃତ୍ୟୁ ହୋଇଯାଇଥିଲା । ପରେ ଜଙ୍ଗଲ ବିଭାଗ କୁ ହସ୍ତାନ୍ତର କରିଥିଲେ ବନାଞ୍ଚଳ ଅଧିକାରୀ ପୋଲିସ ଥାନା କୁ



ଯାଇ ଗୋଟିଏ ମୃତ ଓ ୮ଟି ଜୀବିତ ଶୁଆ ଉଦ୍ଧାର କରି ଥିଲେ । ତେବେ ଏଇଠି ପ୍ରଶ୍ନ ଉଠୁଛି ବନ ବିଭାଗ କିପରି ଶୁଆ ବିକ୍ରି ର ଖବର ପାଇ ପାରିଲା ନାହିଁ ପୋଲିସ କେମିତି ଜାଣିଲା । ଓ ବ୍ୟବସାୟ କରୁଥିବା ଦୁଇ ଶିକାରୀ କିଏ ତାଙ୍କେ ଖସି ପଳେଇଲେ ତାଙ୍କୁ ଖସାଇ ଦିଆଗଲା । ବନାଞ୍ଚଳ ଅଧିକାରୀ ଉଦ୍ଧାର ଶୁଆଙ୍କୁ ଜିଲ୍ଲା ବାନାଞ୍ଚଳ ଅଧିକାରୀ ଙ୍କୁ ହସ୍ତାନ୍ତର ପରେ ସେଠାରେ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ମୁକ୍ତ କରାଯିବ ବୋଲି ସୂଚନା ଦେଇଛନ୍ତି । ତେବେ ବୈପରୀଗୁଡା ବନାଞ୍ଚଳ ରେ ଶୁଆ ଓ ଗୁଣ୍ଡୁରୀ ପକ୍ଷୀର ଖୋଲା ଶିକାର ହେଉଛି କିନ୍ତୁ ବନ ବିଭାଗ ନିରରବତା ପ୍ରଶ୍ନ ସୃଷ୍ଟି କରୁଛି

# ବାଳିକା ଆତ୍ମରକ୍ଷା କୌଶଳ ଶିବିର ଉଦଯାପିତ

**ମାର୍ଶାଘାଇ, ୧୫।୧ (ସଂଚାର ବ୍ୟୁରୋ):** ବାଳିକା ମାନେ ନିଜ ଆତ୍ମରକ୍ଷା ପାଇଁ କିଛି କୌଶଳ ନିଜେ ଜାଣିବା ଆବଶ୍ୟକ ବୋଲି ମାର୍ଶାଘାଇ ବ୍ଲକ କରିଲୋପାଟଣା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା କୌଶଳ ଶିବିରରେ ବକ୍ତା ମାନେ ମତବ୍ୟକ୍ତ କରିଥିଲେ । ବୁଧବାର ଏହି ଉଚ୍ଚ ବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ଶିବିର ଉଦଯାପିତ ହୋଇଯାଇଛି ।

ବିଦ୍ୟାଳୟର ଅଧ୍ୟକ୍ଷ ପୂର୍ଣ୍ଣକୁମାର ପଲାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶିବିରର ଉଦଯାପନୀ ଉତ୍ସବରେ କରିଲୋ ପାଟଣା ଡିଗ୍ରୀ କଲେଜର ଅର୍ଥନୀତି ବିଭାଗ ଅଧ୍ୟାପକ ଶୈଳେନ୍ଦ୍ର ନାରାୟଣ ପଟ୍ଟନାୟକ ଏବଂ ମୁଖ୍ୟ ବକ୍ତା ଭାବରେ ଇଂରାଜୀ ବିଭାଗ ଅଧ୍ୟାପକ ପ୍ରଫୁଲ୍ଲ କୁମାର ମହାନ୍ତି ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଇତିହାସ ଶ୍ରୀନିବାସ ମହାନ୍ତି, ଓଡ଼ିଆ ବିଭାଗ ଅଧ୍ୟାପକ ହୃଷିକେଶ ବାରିକ,ରାଜନୀତି ବିଭାଗ ଅଧ୍ୟାପକ ସରୋଜ କୁମାର ପାତ୍ର ଯୋଗଦେଇଥିଲେ । ସଂଯୋଜିକା ଅଧ୍ୟାପକ ସୁନିତା ମହାନ୍ତି, ମନସ୍ୱିନୀ ଦତ୍ତ ଧନ୍ୟବାଦ ଦେଇଥିଲେ ଲସସ୍ମିତା ପଟ୍ଟନାୟକ କାମିନୀ ସାହୁ ପ୍ରଶିକ୍ଷିକା ଭାବେ ଯୋଗଦେଇ ଯୁକ୍ତ ଦୁଇ ବିଭାଗର ଶତାଧିକ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ସମ୍ପର୍କରେ ପ୍ରଶିକ୍ଷିତ କରିଥିଲେ ।

## ଜନସେବା ଦିବସରେ ବର୍ଦ୍ଧିତ ଭତ୍ତା ବିତରଣ



**କଟକ, ୧୫।୧ (ସଂଚାର ବ୍ୟୁରୋ):** ଜନସେବା ଦିବସ ଉପଲକ୍ଷେ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଜିଲ୍ଲା ସମ୍ମିଳନୀ କକ୍ଷରେ ଆୟୋଜିତ ଜିଲ୍ଲାସ୍ତରୀୟ ବର୍ଦ୍ଧିତ ଭତ୍ତା ରାଶି ବିତରଣ ସମାରୋହରେ ବର୍ଦ୍ଧିତ ଭତ୍ତା ୩୫୦୦ ଟଙ୍କା ୮୦ ବର୍ଷରୁ ଉର୍ଦ୍ଧ୍ୱ ଏବଂ ୮୦ ପ୍ରତିଶତ ବା ତଦୁର୍ଦ୍ଧ ଭିନ୍ନକ୍ଷମ ହିତାଧିକାରୀଙ୍କୁ ବଣ୍ଟନ କରାଯାଇଛି। କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ ଏବଂ ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଉପସ୍ଥିତରେ ବର୍ଦ୍ଧିତ ଭତ୍ତା ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ସଦର ବିଧାୟକ ଇଂ ଶ୍ରୀ ସେଠୀ କହିଲେ ଯେ ବିଭିନ୍ନ ସାମାଜିକ ସୁରକ୍ଷା ଭତ୍ତାକୁ ଟ ୩୫୦୦/- ଙ୍କା କୁ ବୃଦ୍ଧି କରିବା ରାଜ୍ୟ ସରକାରଙ୍କ ବୟସ୍କ ନାଗରିକ ତଥା ଦିବ୍ୟାଙ୍ଗ ବ୍ୟକ୍ତି ନାଗରିକ ମାନଙ୍କ ପ୍ରତି ଏକ ସମ୍ମାନଜନକ ପଦକ୍ଷେପ। କଟକ ଜିଲ୍ଲାରେ ଏହି ବର୍ଗରେ ଚିହ୍ନଟ ହୋଇଥିବା ୨୯୭୩୮ ଜଣ ନାଗରିକଙ୍କୁ ଏହି ସମ୍ମାନଜନକ ଭତ୍ତା ପ୍ରଦାନ କରାଯିବାକୁ ଥିବାବେଳେ, ଆଜିର ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୋଟ ୧୫୦ ଜଣ ବୟସ୍କ ଓ ଭିନ୍ନକ୍ଷମ ବ୍ୟକ୍ତି ଏବଂ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ବଣ୍ଟା ଯାଇଥିଲା। ଜିଲ୍ଲାପାଳ ଶ୍ରୀ ଶିନ୍ଦେ ଏହି ଅବସରରେ କହିଲେ ଯେ ଜିଲ୍ଲାରେ ସମସ୍ତ ବ୍ଲକରେ ଯୋଗ୍ୟ ହିତାଧିକାରୀମାନଙ୍କୁ ଚିହ୍ନଟ କରାଯିବା ସହ ଭତ୍ତା ପ୍ରଦାନ କରାଯିବାର କାର୍ଯ୍ୟକ୍ରମକୁ ତ୍ୱରାନିତ କରାଯିବ।

# ମୁଖା ପିନ୍ଧି ଲୁଟିଲେ ୧୦ ଲକ୍ଷ, ବ୍ୟବସାୟୀ ଗୁରୁତର

**ରାଇଘର, ୧୫।୧ (ସଂଚାର ବ୍ୟୁରୋ):** ଦିନଦ୍ୱିପ୍ରହରରେ ରାଇଘର ଅଂଚଳରେ ଡକାୟତି, କିଛିଦିନ ବ୍ୟାବଧାନ ପରେ ଆଜି ପୁଣି ଦଶ ଲକ୍ଷ ଟଙ୍କା ଲୁଟ ହୋଇଥିବା ଘଟଣା ସାମ୍ନା କୁ ଆସିଛି। ୬ ଜଣ ଦୁର୍ବୃତ୍ତ ମୁହଁରେ ମୁଖା ପିନ୍ଧି ତିନୋଟି ବାଇକରେ ଆସି ବ୍ୟବସାୟୀ ଙ୍କୁ ମୁଣ୍ଡରେ ଆଘାତ ଦେଇ ୧୦ ଲକ୍ଷ ଟଙ୍କା ଲୁଟ କରିଥିବା ଘଟଣା ଦେଖିବାକୁ ମିଳିଛି। ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅଧୀନରେ ଥିବା ଆଦିବାସୀ ଛତାବେଡା ଓ ଡି ଏନ କେ ଛତାବେଡା ଗ୍ରାମ ମଝି ରାସ୍ତା କଡରେ ରେ ଥିବା ପୋଖରୀ ନିକଟରେ ଏହି ଘଟଣା ଘଟିଥିବା ଜଣାପଡିଛି।



ସୂଚନା ଅନୁଯାୟୀ ଅବଦୁଲ ଅଂସାରୀ ନାମକ ବ୍ୟବସାୟୀଙ୍କ ସହ ଗୁଡୁ ଧୋବା, ୟୁନିସ ଲାଠିଆ ସକାଳ ୧୦.୪୫ ମିନିଟରେ ଆଦିବାସୀ ଛତାବେଡା ବଜାରକୁ କଣ୍ଟା ପାଲା ଲଗେଇବାକୁ ଯାଉଥିବା ବେଳେ ରାସ୍ତା କଡ଼ରେ ଥିବା ପୋଖରୀ ଠାରେ ଆଗରୁ ଜଗିରହିଥିବା ୬ଜଣ ଦୁର୍ବୃତ୍ତ ହାତ ମାରି ଅଟକାଇଥିଲେ। ବାଇକ ଅଟକାଇବା ସଙ୍ଗେ ସଙ୍ଗେ ଚାଳକ ଉପରେ ଏକ ଠେଙ୍ଗା ସାହାଯ୍ୟରେ ଆଘାତ କରିଥିଲେ। ପରେ ମଝିରେ ବସିଥିବା ଆନସାରୀ ଧରିଥିବା ଟଙ୍କା ବ୍ୟାଗ କୁ ଛଡାଇଥିଲେ। ଏହା ଭିତରେ ଚୋର ଏବଂ ବ୍ୟବସାୟୀଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଏହା ଭିତରେ ଅନ୍ୟ ଜଣେ ଚୋର ଅଂଶାରୀଙ୍କ ମୁଣ୍ଡକୁ ପଛପଟୁ ଆଘାତ ଦେବାରୁ ଆନସାରୀ ବ୍ୟାଗକୁ ଛାଡିଦେଇଥିଲେ ଏବଂ ଚୋର ବ୍ୟାଗ ଧରି ସେଠାରୁ ଚାଲିଯାଇଥିଲେ। ଏହାପରେ ଗୁରୁତର ଆନସାରୀଙ୍କୁ ଅନ୍ୟ ଦୁଇଜଣ ଗୁଡୁ ଏବଂ ୟୁନୁସ ରାଇଘର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ଚିକିତ୍ସା ପରେ ସ୍ୱାସ୍ଥ୍ୟରେ ଉନ୍ନତି ଆସିବାରୁ ରାଇଘର ଥାନାରେ ଏତଲା ଦେଇଥିଲେ। ଚୋରମାନେ ମୁହଁରେ କପଡା ବାନ୍ଧିଥିବା ଯୋଗୁଁ କାହାର ପରିଚୟ ଜଣା ପଡିନଥିବା ବେଳେ ପୋଲିସ ଏତଲାକୁ ଆଧାର କରି ତଦନ୍ତ ଚଳାଇଛି।

# ପହଞ୍ଚିଲାନି ଆମ୍ବୁଲାନ୍ସ, ଚାଲିଗଲା ଜୀବନ

## ପଦାରେ ପଡ଼ିଲା ସରକାରୀ ବ୍ୟବସ୍ଥାରେ ଥିବା ଫାଙ୍କ

**କାକଟପୁର/ଅସ୍ତରଙ୍ଗ, ୧୫।୧ (ସଂଚାର ବ୍ୟୁରୋ):** ମହିଳାଙ୍କ ଶରୀର ଅସୁସ୍ଥ ଥିବାରୁ ପରିବାର ଲୋକେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଲେ। ୨ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଅପେକ୍ଷା କଲେ, ଆମ୍ବୁଲାନ୍ସ ଆସିଲାନି। ଆଉ ଶେଷରେ ମହିଳାଙ୍କ ଜୀବନ ଚାଲିଗଲା। ଏହା କୌଣସି ଦୁର୍ଗମ ଅଞ୍ଚଳର କଥା ନୁହେଁ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ୍‌ରେ ଘଟିଛି ଏଭଳି ଘଟଣା।

ଏହି ବ୍ଲକ୍ ଅନ୍ତର୍ଗତ ମାଳଦା ଗ୍ରାମର ଲୋପାମୁଦ୍ରା ଦାସ(୨୮)ଙ୍କ ଦେହ ଅସୁସ୍ଥ ଥିବାରୁ ସମ୍ପର୍କୀୟ ନିକଟସ୍ଥ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। କିନ୍ତୁ ମେଡିକାଲରେ କାର୍ଯ୍ୟରତ ଡକ୍ଟର ମହିଳା ଅବସ୍ଥା ସଙ୍କଟାପର୍ଣ୍ଣ ଥିବାରୁ ମେଡିକାଲ ରିପୋର୍ଟ ଅନୁଯାୟୀ ରେଫରାଲ ନମ୍ବର -୨୩୦୮୭, ସମୟ ଦିନ ୧୧ଘ ୨୫ ମିନିଟରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ସମ୍ପର୍କୀୟ ୧୦୮କୁ ଫୋନ କରିଥିଲେ। ସେମାନେ ଆମ୍ବୁଲାନ୍ସ ପଠାଇବେ କହି ସମୟ ଗଡ଼ାଇ ଚାଲିଥିଲେ। ୨ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଅପେକ୍ଷା କରିବା ପରେ ପରିବାର ଲୋକେ ଗୁରୁତର ମହିଳାଙ୍କୁ ଅଟୋରେ ନେଇଥିଲେ। ଅସ୍ତରଙ୍ଗ ବଜାରରେ ମହିଳା ଅତ୍ୟଧିକ ଯନ୍ତ୍ରଣା ଅନୁଭବ କରିବାରୁ ସମ୍ପର୍କୀୟ ପଛକୁ ଫେରାଇ



ପୁଣି ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ ଉପସ୍ଥିତ ଡକ୍ଟର ମହିଳାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଯାହାକି ଆମ୍ବୁଲାନ୍ସ ନ ପହଂଚିବାରୁ ମହିଳାଙ୍କ ମୃତ୍ୟୁ ହୋଇଛି ବୋଲି ସମ୍ପର୍କୀୟ ମେଡିକାଲ ପରିସରରେ ଅଭିଯୋଗ କରିଥିଲେ।

ଆମ୍ବୁଲାନ୍ସକୁ ଅପେକ୍ଷା କରି କରି ଜଣେ ଲୋକଙ୍କ ଜୀବନ ଯିବା ସରକାରୀ ବ୍ୟବସ୍ଥାରେ ଥିବା ଫାଙ୍କକୁ ପଦାରେ ପକାଇ ଦେଇଛି। ଆହତଙ୍କୁ ଡାକ୍ତରଖାନା ଆଣିବା ଓ ମୃତ ଦେହକୁ ନେବା ପାଇଁ ମାଳ ମାଳ ଆମ୍ବୁଲାନ୍ସ ବ୍ୟବସ୍ଥା କରାଯାଇଥିବା ନେଇ ସରକାର ବାହାସ୍ପଷ୍ଟ ମାରୁଥିଲେ ମଧ୍ୟ ଏହା କେବଳ ପ୍ରଚାର ସର୍ବସ୍ୱ ବୋଲି ସ୍ପଷ୍ଟ ହୋଇଯାଇଛି।

# ବିଜେବି ଉଚ୍ଚ ବିଦ୍ୟାଳୟରେ ଜନସେବା ଦିବସ

**ଖୋର୍ଦ୍ଧା, ୧୫।୧ (ସଂଚାର ବ୍ୟୁରୋ):** ସାମାଜିକ ସୁରକ୍ଷା ଓ ସଶକ୍ତିକରଣ ବିଭାଗ ଓଡିଶା ସରକାରଙ୍କ ଆନୁକୂଲ୍ୟରେ ବିଜେବି ଉଚ୍ଚ ବିଦ୍ୟାଳୟର ପରିସରରେ ଜନସେବା ଦିବସ ପାଳନ କରାଯାଇଛି। ଏହି ଅବସରରେ ୮୦ ବର୍ଷରୁ ଉର୍ଦ୍ଧ ବୃଦ୍ଧ ବୃଦ୍ଧା ଏବଂ ୮୦ ଶତକଡାରୁ ଉର୍ଦ୍ଧ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ବର୍ଦ୍ଧିତ ଭତ୍ତା ବଣ୍ଟନ କରାଯାଇଛି। ଏହି ସମାରୋହରେ ଜିଲ୍ଲା ସଦର ମହକୁମା ନିକଟସ୍ଥ ଖୋର୍ଦ୍ଧା ବ୍ଲକ ଏବଂ ଖୋର୍ଦ୍ଧା ପୌରପାଳିକା ଅଞ୍ଚଳର ୩୦୦ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ମୁଖ୍ୟ ଅତିଥିଙ୍କ କରକମଳରେ ଭତ୍ତା ବିତରଣ କରାଯାଇଛି। ଉକ୍ତ ସମାରୋହରେ ମାନ୍ୟବର ବିଧାୟକ ଖୋର୍ଦ୍ଧା ପ୍ରଶାନ୍ତ କୁମାର ଜଗଦେବ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାରୋହକୁ ସମ୍ବର୍ଦ୍ଧିତ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ, ଖୋର୍ଦ୍ଧା ପ୍ରତାପ ଚନ୍ଦ୍ର ବେଉରା ଉକ୍ତ ସଭାକୁ ପରିଚାଳନା କରିଥିଲେ। ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ ଖୋର୍ଦ୍ଧା ପ୍ରାରମ୍ଭିକ ଅଭିଭାଷଣ ବ୍ୟକ୍ତ କରିଥିଲେ।



ରାଜ୍ୟ ସ୍ତରର ପ୍ରଥମ ବର୍ଦ୍ଧିତ ଭତ୍ତା ବଣ୍ଟନ ଉଦଘାଟନ ସମାରୋହରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଅଭିଭାଷଣ ସର୍ବସାଧାରଣଙ୍କୁ ସଂଯୋଗ କରିବା ନିମନ୍ତେ ସିଧାସଳଖ ପ୍ରସାରଣ କରଯାଇଥିଲା।

ରାଜ୍ୟ ସ୍ତରରେ ସର୍ବମୋଟ ୪୧୭୪୯୬ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ବର୍ଦ୍ଧିତ ମାସିକ ଭତ୍ତା ୩୫୦୦ ଟଙ୍କା ମଞ୍ଜୁର କରାଯାଇଥିବା ସ୍ଥଳେ ଖୋର୍ଦ୍ଧା ଜିଲ୍ଲାରେ ୧୯୧୦୬ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ମଞ୍ଜୁର କରାଯାଇ ଜନସେବା ଦିବସରେ ସମସ୍ତ ଗ୍ରାମ ପଞ୍ଚାୟତରେ ବର୍ଦ୍ଧିତ ଭତ୍ତା କରାଯାଇଛି । ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଦ୍ୱାରା ହିତାଧିକାରୀଙ୍କର ମନୋରଞ୍ଜନ କରଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟ ସମ୍ମାନିତ ଅତିଥି ମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ ଖୋର୍ଦ୍ଧା, ସିଡ଼ିଏମଓ ଓ ପିଏଚଓ ଖୋର୍ଦ୍ଧା , ଡ଼ିପିଓ ଖୋର୍ଦ୍ଧା , ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଖୋର୍ଦ୍ଧା , ଦିଲୀପ କୁମାର ହୋତା ଏମପି, ଭୁବନେଶ୍ୱର ପ୍ରତିନିଧି ଏବଂ ଖୋର୍ଦ୍ଧା ବ୍ଲକ ଅଧ୍ୟକ୍ଷା ମଞ୍ଚାସୀନ ଥିଲେ ।

## ବାଉଁଶବଣିଆ ପଞ୍ଚାୟତରେ ସ୍ୱଚ୍ଛ ଭାରତ ସଚେତନତା ଶିବିର

**ନୀଳଗିରି, ୧୫।୧ (ସଂଚାର ବ୍ୟୁରୋ):** ନୀଳଗିରି ଉପଖଣ୍ଡ ବାଉଁଶବଣିଆ ପଞ୍ଚାୟତ କାର୍ଯ୍ୟାଳୟ ରେ ବିଭିନ୍ନ ଗ୍ରାମର ମହିଳା, ପୁରୁଷ ଙ୍କୁ ନେଇ ସ୍ୱଚ୍ଛ ଭାରତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପଞ୍ଚାୟତ ସରପଞ୍ଚ ନିରଞ୍ଜନ ବାରିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଔପଦା ବ୍ଲକ ପଞ୍ଚାୟତ ସମିତି ପାନୀୟ ଜଳ ସହକାରୀ ଯନ୍ତ୍ରୀ ଭାଗିରଥି ଦାସ, ସରକାରୀ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାଗବତ ଘଡ଼େଇ, ସାନପାଟପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ମଲ୍ଲିକ, ନୋଡାଲ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ବସନ୍ତ ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହାଡିବନ୍ଧୁ ମଲ୍ଲିକ, ଅବସରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ମନ୍ମଥ ମହାପାତ୍ର, ବାଉଁଶ ବଣିଆ ଗ୍ରା:ପ ର ପୂର୍ବତନ ସମ୍ପାଦକ ମୁକ୍ତିକାନ୍ତ ପାତ୍ର ଉପସ୍ଥିତ ରହି ସ୍ୱଚ୍ଛଭାରତ କିଭଳି ଭାବେ କାର୍ଯ୍ୟକାରୀ ହୋଇପାରିବ ନିଜନିଜର ମତବ୍ୟକ୍ତ କରିଥିଲେ

## ମଉଳା ଭଣଜା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ




**ନାଉଗାଁ, ୧୫।୧ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ଗଙ୍ଗଦା ସ୍ଥିତ ମଉଳା ଭଣଜା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ଅଧିକାରୀ ଲେଙ୍କା ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ପ୍ରତାପ କୁମାର ମିଶ୍ର ଅତିଥି ପରୀଚୟ ପ୍ରଦାନ କରିଥିବା ବେଳେ, ଅଧ୍ୟାପକ ନିରଞ୍ଜନ ବିଶ୍ୱାଳ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ସାଂସଦ ମାନ୍ୟବର ଶ୍ରୀ ଯୁକ୍ତ ବିଭୁପ୍ରସାଦ ତରାଇ, ବିଶିଷ୍ଟ ଅତିଥି ଭାବେ ଜଗତସିଂହପୁର ବିଧାୟକ ଶ୍ରୀ ଯୁକ୍ତ ଅମରେନ୍ଦ୍ର ଦାସ, ମୁଖ୍ୟ ବକ୍ତା ଭାବେ ଓଡ଼ିଶା ବିଧାନସଭା ସଚିବ ଶ୍ରୀ ଯୁକ୍ତ ଦାଶରଥି ଶତପଥୀ, ସମ୍ମାନୀୟ ଅତିଥି ଭାବେ, ବିଦ୍ୟାଳୟର ପ୍ରତିଷ୍ଠା ତା ସଭାପତି ରବିନ୍ଦ୍ର କୁମାର ଓଝା, ସମାଜ ସେବୀ ଉପେନ୍ଦ୍ର କୁମାର ବିଶ୍ୱାଳ, ସମାଜ ସେବୀ ନିଲୁରାମ ଜେନା ପ୍ରମୁଖ ଯୋଗଦେଇ ଥିଲେ। ଉକ୍ତ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ାରେ ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରୀଥିବା ଛାତ୍ର ଛାତ୍ରୀ ମାନଙ୍କୁ ମାନ୍ୟବର ବିଧାୟକ ଏବଂ ମାନ୍ୟବର ସାଂସଦ ପୁରସ୍କାର ପ୍ରଦାନ କରୀବା ସହିତ ଆଗାମୀ ଦିନରେ ପାଠ ପଢିବା ସହିତ ଖେଳକୁ ଗୁରୁତ୍ୱ ଦେଇ ବ୍ଲକ, ଜିଲ୍ଲା, ଏବଂ ରାଜ୍ୟର ନାଁ ରଖୀବା ପାଇଁ ଆହ୍ୱାନ ଦେଇଥିଲେ।ଏହି ଉତ୍ସବକୁ ବିଦ୍ୟାଳୟର ସମସ୍ତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ପରିଚାଳନା କରିଥିଲେ।

## ଜୟଦେବ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ବାଲିଅନ୍ତା, ୧୫।୧ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ଅଧୀନ ପ୍ରତାପରୁଦ୍ରପୁର ସ୍ଥିତ ଜୟଦେବ ସରକାରୀ ଉଚ୍ଚ ବିଦ୍ୟାଳୟର ଆଜି ବାର୍ଷିକ ଉତ୍ସବ ଏବଂ କ୍ରୀଡା ପ୍ରତିଯୋଗିତା ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସଭାରେ ପ୍ରଧାନ ଶିକ୍ଷକ ମନୋରଞ୍ଜନ ପ୍ରହରାଜ ସଭାପତିତ୍ୱ କରିଥିଲେ । ମାର୍କଫେଡ଼ ଅଧ୍ୟକ୍ଷା ସୁଶ୍ରୀ କବିତା ମଞ୍ଜରୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବ ଶୁଭାରମ୍ଭ କରିଥିଲେ। ପୁରାତନ ଛାତ୍ର ପରିଷଦର ସଭାପତି ଅଭିମନ୍ୟୁ ପଣ୍ଡା ଏବଂ ବିଦ୍ୟାଳୟ ପରିଚାଳନା ସଭାପତି ସରୋଜକାନ୍ତ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ପରିଚାଳନା କମିଟିର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ ।

## ସର୍ବଭାରତୀୟ ଫୁଟବଲ ନୟାଗଡ଼ କପ ଟୁର୍ଣ୍ଣାମେଣ୍ଟ

# ଟାଇ ବ୍ରେକରରେ ସମ୍ବଲପୁର ଏକାଡେମୀ ବିଜୟୀ

**ନୟାଗଡ଼, ୧୫।୧ (ସଂଚାର ବ୍ୟୁରୋ):** ନୟାଗଡ଼ ଖେଳ ପଡିଆ ଠାରେ ସର୍ବ ଭାରତୀୟ ଫୁଟବଲ କପ ଟୁର୍ଣ୍ଣାମେଣ୍ଟର ଆଜି ଦ୍ୱିତୀୟ ଦିବସ । ଆଜିର ଖେଳ ୟୁନାଇଟେଡ କ୍ଲବ ଗଣ୍ଡରପୁର ବନାମ ସମ୍ବଲପୁର ଏକାଡେମୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଯୋଗ ଦେଇଥିଲେ । ୭୮୬ ୟୁଥ କ୍ଲବ ସିନ୍ଦୁରିଆ, ମଣିଙ୍ଗ କ୍ଲବ ନୟାଗଡ଼ ଆଥଲେଟିକ ଆସୋସିଏସନ ଓ ନୟାଗଡ଼ କ୍ଲବ ମିଳିତ ଉଦ୍ୟମରେ ସର୍ବ ଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେଉଛି। ସମ୍ମାନିତ ଅତିଥି ଭାବେ ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଜିଲ୍ଲା ପରିଷଦ ସୁବାଷ କଅଁର, ପରିବହନ ଅଧିକାରୀ ଇଂ. ପ୍ରଶାନ୍ତ ପରିଡା, ପ୍ରାଇଭେଟ ବସ ଆଶୋସିଏସନର ସଭାପତି ମନୋଜ କୁମାର ନାୟକ, ନୟାଗଡ଼ ପୌରାଞ୍ଚଳ ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, ବାଲୁଗାଁ ସରପଞ୍ଚ ମନୋଜ କୁମାର ନାୟକ, ତିନି ନମ୍ବର କାଉନସିଲର ସ୍ୱୟଂପ୍ରଭା ମିଶ୍ର, ସରପଞ୍ଚ ନିରଞ୍ଜନ ବିଧାର, ଇଂ. ଏସ.କେ.ଇସୁଫ, ଜାନବ ଏସ.କେ.ନଇନ ଓ ଅନୱାର ଅଲ୍ଲୀ ପ୍ରମୁଖ ଯୋଗ ଦେଇଥିଲେ ।




ଆଜିର ଖେଳ ବେସ ଚିତାକର୍ଷକ ହୋଇଥିଲା। ଉଭୟ ଦଳ ଉଭୟଙ୍କୁ ଖେଳ ଶେଷ ପର୍ଯ୍ୟନ୍ତ ଦୁଇ ଦୁଇ ଗୋଟିଏ ଗୋଲ ଦେଇଥିଲେ । ଶେଷରେ ଟ୍ରାଇ ବେକରର ସାହାଯ୍ୟ ନିଆଯାଇଥିଲା । ଟ୍ରାଇ ବେକର ସହାୟତାରେ ସମ୍ବଲପୁର ଏକାଡେମି ୫-୩ ଗୋଲରେ ବିଜୟ ଲାଭ କରିଛି । ଶ୍ରେଷ୍ଠ ଖେଳାଳୀ ଭାବେ ସମ୍ବଲପୁରର ୧୭ ନମ୍ବର ଖେଳାଳୀ ଆତାନାଲ, ନିଉମାଲା ବିବେଚିତ ହୋଇଥିଲେ । ତାଙ୍କୁ ଅତିଥି ମାନେ ଟ୍ରଫି ପ୍ରଦାନ କରିଥିଲେ । ହଜାର ହଜାର ସଂଖ୍ୟକ ଦର୍ଶକ ଖେଳର ମଜା ଉଠାଇଥିଲେ । ଆସନ୍ତା କାଲି ପ୍ରଥମ ସେମି ଫାଇନାଲ । କେବିଏନ ନେପାଳ ଗଞ୍ଜ ମଣିପୁର ସହିତ ପ୍ରଥମ ଦିନର ବିଜେତାଙ୍କ ସହ ଖେଳ ଅନୁଷ୍ଠିତ ହେବ ।

## ଆର୍‌ଡିଏମ୍ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ



**ଭୁବନେଶ୍ୱର, ୧୫।୧ (ସଂଚାର ବ୍ୟୁରୋ):** ସ୍ଥାନୀୟ କାଳରାହାଙ୍ଗସ୍ଥିତ ଆର୍‌ଡିଏମ୍ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି, କୃଷି ଓ ପାଣିପାଗ ବୈଜ୍ଞାନିକ ସୁରେନ୍ଦ୍ର ନାଥ ପଶୁପାଳକ ମୁଖ୍ୟ ଅତିଥି ଏବଂ ଚଳଚ୍ଚିତ୍ର ପ୍ରଯୋଜକ ଓ ନିର୍ଦ୍ଦେଶକ ଅଜୟ କୁମାର ମହାନ୍ତି ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ଏହାଛଡ଼ା ଅଭିନେତ୍ରୀ କୁନି ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଭଲ ମଣିଷ ହେବାକୁ ଉପଦେଶ ଦେଇଥିଲେ। ସ୍କୁଲ ସମ୍ପାଦକ ତୁଷାର ରଞ୍ଜନ ପାଠୀ, ଅଧ୍ୟକ୍ଷ ସୁରଞ୍ଜିତା ବଡ଼ପଣ୍ଡା ଏବଂ ସ୍କୁଲର ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଏହି ଉତ୍ସବ ପରିଚାଳନା କରିଥିଲେ। ଏହି ଅବସରରେ ସଚ୍ଚିଦାନନ୍ଦ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ କୁନିକୁନି ପିଲାମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ୪୮ ଘଣ୍ଟାରେ ଚାଷୀଙ୍କୁ ମିଳୁଛି ଧାନ ଟଙ୍କା



**ଏମ୍‌ଏସ୍‌ପି ବାବଦରେ ୫୮୭୨ କୋଟି ଓ ଇନ୍‌ପୁଟ ସହାୟତା ବାବଦରେ ୨୦୩୯ କୋଟି ଦିଆଯାଇଛି**

**ଭୁବନେଶ୍ୱର,୧୫।୧(ସଂଚାର ବ୍ୟୁରୋ):** ଚଳିତ ଖରିଫ ଋତୁରେ ରାଜ୍ୟରେ ଧାନକିଣା ପ୍ରକ୍ରିୟା ବ୍ୟାପକ ହୋଇଛି। ପଞ୍ଜୀକୃତ ଚାଷୀମାନେ ଯେଭଳି ଏଥିରୁ ବାଦ ନ ପଡ଼ନ୍ତି, ଏହି ନିମନ୍ତେ ସରକାରୀ ସ୍ତରରେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଛି । ପ୍ରତ୍ୟେକ ମଣ୍ଡିରେ ଚାଷୀମାନଙ୍କ ହିତ ପାଇଁ ଅଧିକାରୀମାନେ ନିୟୁକ୍ତ ହୋଇ ଧାନକିଣା ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ଧାନ ବିକ୍ରୟର ୪୮ ଘଣ୍ଟା ମଧ୍ୟରେ ଚାଷୀମାନଙ୍କ ଆକାଉଣ୍ଟକୁ ସେମାନଙ୍କ ଧାନକିଣା ରାଶି ପ୍ରଦାନ କରାଯାଉଛି। ବର୍ତ୍ତମାନ ୨୭ଟି ଜିଲ୍ଲାରେ ଧାନକିଣା ଜାରି ରହିଛି । ଆଜି ସୁଦ୍ଧା ଅନୁଗୋଳ, ବାଲେଶ୍ୱର, ବରଗଡ଼, ଭଦ୍ରକ, ବଲାଙ୍ଗିର, ବୌଦ୍ଧ, କଟକ, ଦେବଗଡ଼, ଗଜପତି, ଗଞ୍ଜାମ, ଯାଜପୁର, ଝାରସୁଗୁଡ଼ା, କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, ନବରଙ୍ଗପୁର, ନୂଆପଡ଼ା, ପୁରୀ, ରାୟଗଡ଼ା, ସମ୍ବଲପୁର, ସୁବର୍ଣ୍ଣପୁର ଓ ସୁନ୍ଦରଗଡ଼ ଆଦି ଜିଲ୍ଲାର ୫ ଲକ୍ଷ ୩୪ ହଜାର ୪୧୦ ଜଣ ଚାଷୀଙ୍କ ଆକାଉଣ୍ଟକୁ ସର୍ବନିମ୍ନ ସହାୟକ ମୂଲ୍ୟ ସହ ଇନ୍‌ପୁଟ ସହାୟତା ପ୍ରଦାନ କରାଯାଇଛି । ଏହି ମର୍ମରେ ସର୍ବନିମ୍ନ ସହାୟକ ମୂଲ୍ୟ ବାବଦକୁ ପ୍ରାୟ ୫୮୭୨ କୋଟି ଏବଂ ଇନ୍‌ପୁଟ ସହାୟତା ବାବଦକୁ ପ୍ରାୟ ୨୦୩୯ କୋଟି ଟଙ୍କା ଏ ପର୍ଯ୍ୟନ୍ତ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ବିଭିନ୍ନ ସରକାରୀ ଛୁଟି ଓ ରବିବାରଗୁଡ଼ିକରେ ମଧ ଏହି ରାଶି ପ୍ରଦାନ ନିମନ୍ତେ ପ୍ରକ୍ରିୟା ଜାରି ରହୁଛି। ୪୮ ଘଣ୍ଟା ମଧ୍ୟରେ ଚାଷୀମାନଙ୍କୁ ସେମାନଙ୍କ ପ୍ରାପ୍ୟ ସର୍ବନିମ୍ନ ସହାୟତା ମୂଲ୍ୟ ଏବଂ ଇନ୍‌ପୁଟ ସହାୟତା ପ୍ରଦାନ ପାଇଁ ଏକ ତ୍ରିସ୍ତରୀୟ ପ୍ରକ୍ରିୟା କାର୍ଯ୍ୟକ୍ଷମ କରାଯାଇଛି। ସରକାରଙ୍କ ପକ୍ଷରୁ ଏ ସଂକ୍ରାନ୍ତରେ ମାର୍ଗଦର୍ଶିକା ଜାରି କରାଯାଇଛି, ଯେଉଁଥିରେ ସରକାରଙ୍କ ବୈଷୟିକ ବିଶେଷଜ୍ଞ ଏବଂ ଅଧିକାରୀଙ୍କ ଏକ ଟିମ୍ ୨୪ ଘଣ୍ଟା ନିରନ୍ତର କାର୍ଯ୍ୟ କରୁଛନ୍ତି । ସରକାର ନିର୍ଦ୍ଧାରିତ ସମୟ ମଧ୍ୟରେ ଚାଷୀଙ୍କଠାରୁ ଧାନ କିଣିବା ପାଇଁ ଏକ ୧୫ଜଣିଆ ବୈଷୟିକ ଟିମକୁ ନିୟୋଜିତ ହୋଇଛନ୍ତି। ସେମାନେ ଉପରେ ନଜର ରଖୁଛନ୍ତି। ବୈଷୟିକ ଟିମ୍ ଦ୍ୱାରା ଧାନ କ୍ରୟ ପୂର୍ବରୁ ପବ୍ଲିକ ଫାଇନାନ୍ସିଆଲ ମ୍ୟାନେଜମେଣ୍ଟ ସିଷ୍ଟମ (ପିଏଫଏମଏସ) ପ୍ଲାଟଫର୍ମ ଜରିଆରେ ବ୍ୟାଙ୍କ ଖାତା ପଞ୍ଜୀକରଣ ସୁନିଶ୍ଚିତ କରାଯିବା ସହ ଏହାକୁ ଯାଞ୍ଚ କରାଯାଉଛି। ଏଥିପାଇଁ ସରକାର ବ୍ୟାଙ୍କଗୁଡ଼ିକ ସହ ସମନ୍ୱୟ ରକ୍ଷା କରି ଦୈନିକ ଦେୟ ପ୍ରଦାନ ପାଇଁ ଏକ ସୁରକ୍ଷିତ ପ୍ଲାଟଫର୍ମ ପ୍ରସ୍ତୁତ କରିଛନ୍ତି। ରାଜ୍ୟ କଲ୍ ସେଣ୍ଟର ଜରିଆରେ ପଞ୍ଜିକୃତ ପ୍ରତ୍ୟେକ ଚାଷୀଙ୍କୁ ଦେୟ ପ୍ରଦାନ ସମ୍ପର୍କିତ ଚାଷୀମାନଙ୍କ ମତାମତ ଉପରେ ମଧ ନଜର ରଖାଯାଉଛି।

**୨ରୁ ୩ ଡିଗ୍ରୀ କମିବ ତାପମାତ୍ରା**

## ଘନ କୁହୁଡ଼ି ପାଇଁ ୟେଲୋ ୱାର୍ଣ୍ଣିଂ

**ଭୁବନେଶ୍ୱର,୧୫।୧(ସଂଚାର ବ୍ୟୁରୋ):** ଗତ ଦୁଇ ଦିନ ମଧ୍ୟରେ କିଛି ଆରାମ ପାଇବା ପରେ ଶୀତ ପୁଣି ଓଡ଼ିଶା ଫେରିବାର ସମ୍ଭାବନା ରହିଛି। ଆସନ୍ତା ୩/୪ ଦିନ ମଧ୍ୟରେ ସର୍ବନିମ୍ନ କିମ୍ବା ରାତି ତାପମାତ୍ରା ପରିବର୍ତ୍ତନ ହେବ ବୋଲି ଆଜି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ସୂଚନା ଦେଇଛି। ରାଜ୍ୟର ବିଭିନ୍ନ ଜିଲ୍ଲାରେ ସର୍ବନିମ୍ନ ତାପମାତ୍ରା ୨ରୁ ୩ ଡିଗ୍ରୀ ହ୍ରାସ ପାଇବ ବୋଲି ଆଇଏମଡି ସମ୍ଭାବନା ପ୍ରକଟ କରିଛି। ଏଥିସହ ରାଜ୍ୟର ବିଭିନ୍ନ ସ୍ଥାନରେ ଘନ କୁହୁଡ଼ି ପାଇଁ ମଧ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ମଧ ଦିଆଯାଇଛି। ଆସନ୍ତାକାଲି ଝାରସୁଗୁଡ଼ା, ସମ୍ବଲପୁର, କଟକ, ପୁରୀ, ଗଞ୍ଜାମ, ଗଜପତି, ସୋନପୁର, ଅନୁଗୁଳ ଏବଂ ଦେଓଗଡ଼ ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘନ କୁହୁଡ଼ି ହେବାର ସମ୍ଭାବନା ରହିଛି।

ଏଥିପାଇଁ ସୁନ୍ଦରଗଡ଼, ନୟାଗଡ଼, ଖୋର୍ଦ୍ଧା, କଳାହାଣ୍ଡି, କନ୍ଧମାଳ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘନ କୁହୁଡ଼ି ହେବାର ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିଭଳି ଆସନ୍ତା ଶୁକ୍ରବାର ଖୋର୍ଦ୍ଧା, କଟକ, ପୁରୀ, ଗଞ୍ଜାମ, ଗଜପତି ସୋନପୁର, ଦେଓଗଡ଼ ଏବଂ ନୟାଗଡ଼ ଜିଲ୍ଲାରେ ଘନ କୁହୁଡ଼ି ହେବାର ସମ୍ଭାବନା ରହିଛି। ଉକ୍ତଦିନ ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, କଳାହାଣ୍ଡି, କନ୍ଧମାଳ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘନ କୁହୁଡ଼ି ହେବାର ସମ୍ଭାବନା ଥିବାରୁ ଜନସାଧାରଣଙ୍କୁ ସତର୍କ ରହିବା ସକାଶେ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

## କଳାବାଘ ଚମଡ଼ା ଜବତ, ୪ ଗିରଫ



**ବାରିପଦା,୧୫।୧ (ସଂଚାର ବ୍ୟୁରୋ):** ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ (ଏସ୍‌ଟିଆର୍) ପ୍ରକଳ୍ପ ଶିକାରୀ ଏବଂ ବନ୍ୟପ୍ରାଣୀ ସାମଗ୍ରୀର ଅବୈଧ ବ୍ୟବସାୟୀଙ୍କ ବିରୋଧରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଶିମିଳିପାଳ ଅଭୟାରଣ୍ୟରୁ ଶିକାର ହୋଇଥିବା କଳାବାଘ ଚମଡ଼ା ଓ ନଖକୁ ଜବତ କରାଯିବା ସହିତ ଘଟଣାରେ ଜଡ଼ିତ ୪ଜଣ ଶିକାରୀଙ୍କୁ ବନବିଭାଗ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଉଦଳା ଥାନା ଅଞ୍ଚଳ ବେଲ୍ଟଭଲା ଗ୍ରାମର ଅଜମ୍ବର ନାୟକ ଛଦ୍ମନାମ ଫାଟୁ, ପୀତାମ୍ବର ନାୟକ ଛଦ୍ମନାମ ଡାକୁର, ରାମା ନାୟକ, ଛଦ୍ମନାମ ଆଲୁ ଓ ପାଟସାଣିପୁର ଅନ୍ତର୍ଗତ ବାଲିଘାଟର ବାଇରାମ ମୁର୍ମୁ ଛଦ୍ମନାମ ବୁଢ଼ିବାବା ବୋଲି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର ଉପନିର୍ଦ୍ଦେଶକ ସମ୍ରାଟ ଗୌଡ଼ା ପ୍ରକାଶ କରିଛନ୍ତି।

ଶିମିଳିପାଳ କ୍ଷେତ୍ର ଅଧୀନ ଜୁଡ଼ିଆ ବନ୍ୟପ୍ରାଣୀ ବନାଞ୍ଚଳ ଉଦଳା ଥାନା ଅଧୀନ ବେଲ୍ଟଭଲା ଓ ବାଲିଘାଟ ଅଞ୍ଚଳରେ କଳାବାଘ ଚମଡ଼ା ଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ବନବିଭାଗ ଜାଣିବାକୁ ପାଇଥିଲା। ଏସ୍‌ଟିଆର୍‌ର ଦକ୍ଷିଣ-ପଶ୍ଚିମ ଲ୍ୟାଣ୍ଡ ଡିଭିଜନର ସ୍ୱତନ୍ତ୍ର ପ୍ରବର୍ତ୍ତନ ଶାଖା ପକ୍ଷରୁ ଚଢ଼ାଉ କରାଯାଇଥିଲା। ପୃଥକ ଭାବେ ଚଢ଼ାଉ କରି ୪ଜଣ ଶିକାରୀଙ୍କୁ ବନବିଭାଗ ପକ୍ଷରୁ ଗିରଫ କରାଯାଇଛି। ପୂର୍ବରୁ ବାଘ ନଖ ଓ ଦାନ୍ତ ଜବତ ସହିତ ୭ଜଣ ଶିକାରୀଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କୁ ରିମାଣ୍ଡରେ ଆଣି ପଚରାଉଚରା ପରେ ଏହି ସଫଳତା ମିଳିଛି । ତେବେ ଘଟଣାର ମାଷ୍ଟରମାଇଣ୍ଡ ଫେରାର ରହିଛନ୍ତି। ରାଜ୍ୟସ୍ତରୀୟ ଯୁଗ୍ମ କାର୍ଯ୍ୟ ବାହିନୀ (ଜେଟିଏଫ୍) ଉପରୋକ୍ତ ମାମଲାର ପୁଙ୍ଖାନୁପୁଙ୍ଖ ତଦନ୍ତରେ ଶିମିଳିପାଳ ଦଳକୁ ସମର୍ଥନ କରୁଛି।

**● ଲିଙ୍ଗରାଜଙ୍କ ନୀତି ବିଭ୍ରାଟ ମାମଲା**

# ତୁଟିଲା ବିବାଦ, ତଦନ୍ତ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ



**ଭୁବନେଶ୍ୱର,୧୫।୧(ସଂଚାର ବ୍ୟୁରୋ):** ସେବାୟତଙ୍କ ମଧ୍ୟରେ ବିବାଦ କାରଣରୁ ପ୍ରଭୁ ଲିଙ୍ଗରାଜ ୩ ଦିନ ଧରି ଖାଡ଼ା ଓପାସ ରହିବା ପରେ ଆଜି ନୀତିକାନ୍ତି ସ୍ୱାଭାବିକ ହୋଇଛି। ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣା ନିର୍ଦ୍ଦେଶ ଦେବା ପରେ ନୀତିକାନ୍ତି ସ୍ୱାଭାବିକ ହୋଇଥିବା ବେଳେ ବିଭ୍ରାଟ ପାଇଁ କେଉଁମାନେ ଦାୟୀ, ତାହା ଜାଣିବା ସକାଶେ ଘଟଣାର ତଦନ୍ତ ପାଇଁ ମଧ ନିର୍ଦ୍ଦେଶ ଦିଆଯାଇଛି। ନୀତି ବିଭ୍ରାଟ ନେଇ ଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ସ୍ଥାନୀୟ ସର୍କିଟ୍ ହାଉସ୍‌ରେ ଏକ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଅଧକ୍ଷତା କରିଥିବା ଜିଲ୍ଲାପାଳ ଅତିରିକ୍ତ ତହସିଲଦାରଙ୍କୁ ସମଗ୍ର ମାମଲାର ତଦନ୍ତ କରି ୨୪ ଘଣ୍ଟା ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଅତିରିକ୍ତ ତହସିଲଦାର ତଦନ୍ତ ପରେ ରିପୋର୍ଟ ଦାଖଲ କଲେ, ଯେଉଁ ସେବାୟତଙ୍କ ତ୍ରୁଟି ସାମ୍ନାକୁ ଆସିବ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବିବାଦ ଦିନ ନୀତିକାନ୍ତି ସମୟରେ ଯେଉଁ ସେବାୟତମାନେ ଦାୟିତ୍ୱରେ ଥିଲେ, ସେମାନଙ୍କୁ ନେଇ ତଦନ୍ତ ହେବ। ତଦନ୍ତ ରିପୋର୍ଟରେ ଯେଉଁମାନଙ୍କ ଭୁଲ ସାମ୍ନାକୁ ଆସିବ, ସେମାନଙ୍କୁ ଅତି କମରେ ନିଲମ୍ବନ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ଏପରିକି ଆବଶ୍ୟକ ପଡ଼ିଲେ ସେମାନଙ୍କ ଜମି ପ୍ରତ୍ୟାହାର କରାଯିବ ବୋଲି ମଧ ଶ୍ରୀ ରାଣା କହିଛନ୍ତି। ସୂଚନାଯୋଗ୍ୟ ଯେ ବଡୁ ସେବାୟତ ଓ ପୂଜାପଣ୍ଡାଙ୍କ ମଧ୍ୟରେ ବିବାଦ ଯୋଗୁଁ ୩ ଦିନ ଧରି ପ୍ରଭୁ ଲିଙ୍ଗରାଜ ଖାଡ଼ା ଓପାସରେ ରହିଥିଲେ, ଯାହାକୁ ନେଇ ଭକ୍ତମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ସେହିପରି ମନ୍ଦିରକୁ ଆସୁଥିବା ପର୍ଯ୍ୟଟକମାନେ ମଧ ଏନେଇ ଘୋର ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏପରିକି ଲିଙ୍ଗରାଜ ସେବା ପ୍ରତିନିଧି ସଂଗଠନ ପକ୍ଷରୁ ଲିଙ୍ଗରାଜ ମନ୍ଦିର ସମ୍ମୁଖରେ ଧାରଣା ଦିଆଯାଇଥିଲା।

**ନୀତିକାନ୍ତି ବିଭ୍ରାଟ ହେଲେ କାର୍ଯ୍ୟାନୁଷ୍ଠାନ: ଆଇନ ମନ୍ତ୍ରୀ**



ଶ୍ରୀଲିଙ୍ଗରାଜ ମନ୍ଦିର ସେବାୟତ ବିବାଦକୁ ନେଇ ଆଇନମନ୍ତ୍ରୀଙ୍କ ଉଦ୍‌ବେଗ । କହିଛନ୍ତି, ଦୁଇ ଦିନ ଧରି ନୀତିକାନ୍ତି ବନ୍ଦ ଦୁର୍ଭାଗ୍ୟଜନକ । ବିବାଦ ଭିତରେ ଠାକୁରଙ୍କ ନିତିକାନ୍ତି ବନ୍ଦ ହେବା ଭୁଲ। ଆଗାମୀ ଦିନରେ ଏପରି କଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି ଯେ ସିଧାସଳଖ ଭାବେ କୌଣସି ବି ଜାଗାରେ ଠାକୁରଙ୍କ ନିତିକାନ୍ତିରେ ବ୍ୟାଘାତ ଘଟିଲେ ସରକାର ଏହାକୁ ଗୁରୁତର ଭାବେ ନେବେ। ଆଯୌକ୍ତିକ ଭାବେ ନୀତିକାନ୍ତି ବନ୍ଦ ହୋଇଥିଲେ ସଂପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କଠୋର ପଦକ୍ଷେପ ନିଆଯିବ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି। ସେହିପରି ସେବା ପୂଜାର ସ୍ୱତ୍ୱଲିପିରେ ଆଇନଗତ ଦିଗରେ ଯେଉଁ ସମସ୍ୟା ରହିଛି, ତାହା ଦୂର କରିବା ସକାଶେ ଖୁବ୍‌ଶୀଘ୍ର ସରକାର ବ୍ୟବସ୍ଥା କରିବେ। ଏଥିପାଇଁ ଖୁବ୍ ଶୀଘ୍ର ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତିଙ୍କ ଅଧକ୍ଷତାରେ ଏକ ଏକକ ସଦସ୍ୟ ବିଶିଷ୍ଟ କମିଶନ ଗଠନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ଏହାପରେ ଆଇନମନ୍ତ୍ରୀ ବିଭିନ୍ନ ନିଯୋଗ ସହ କଥା ହେବେ। ସେମାନଙ୍କ ଠାରୁ ତଥ୍ୟ ସଂଗ୍ରହ ସହ ଯାହା ତଥ୍ୟ ପୂର୍ବରୁ ଅଛି ତା'ର ତର୍ଜମା କରିବା ପରେ କିଏ କେଉଁ ସେବା କରୁଥିଲେ ତାକୁ ନେଇ ୨ ମାସ ଭିତରେ ସମ୍ପୂର୍ଣ୍ଣ ଡ୍ରାଫ୍ଟ ଜାରି ହେବ। ରେକର୍ଡ ଅଫ୍ ରାଇଟ ଲାଗୁ ପାଇଁ ଯେଉଁ ପ୍ରକ୍ରିୟା, ତା'ର ତଦାରଖ ଦାୟିତ୍ୱ ଦେବୋତ୍ତର ବିଭାଗ ନେବ। ଏହା ଲାଗୁ ହେବା ପରେ ସ୍ୱତ୍ୱଲିପି ନେଇ ସେବାୟତ ଗୋଷ୍ଠୀ ଭିତରେ ଆଗାମୀ ଦିନରେ ସମସ୍ୟା ରହିବ ନାହିଁ ବୋଲି ଆଇନ ମନ୍ତ୍ରୀ କହିଛନ୍ତି।

## ପରକୀୟା ପ୍ରୀତି ନେଲା ଯୁବକଙ୍କ ଜୀବନ, ୨ ଅଭିଯୁକ୍ତ ଗିରଫ

**ଘଟଗାଁ,୧୫।୧(ସଂଚାର ବ୍ୟୁରୋ):** ସ୍ୱାମୀର ଅନୁପସ୍ଥିତିରେ ସ୍ତ୍ରୀ ଅନ୍ୟ ପୁରୁଷଙ୍କ ସହ ଅନୈତିକ ସମ୍ପର୍କ ସ୍ଥାପନ କରିଥିଲା। ଏହା ଜାଣିପାରି ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ ଓ ତାଙ୍କ ଦିଅର ମିଶି ପରକୀୟା ପ୍ରୀତିରେ ଉବୁଟୁବୁ ହେଉଥିବା ପ୍ରେମିକର ଜୀବନ ନେଇଯାଇଛନ୍ତି। ଏପରି ଏକ ଛାତିଥରା ଘଟଣା ଘଟିଛି କେନ୍ଦୁଝର ଘଟଗାଁ ଥାନା ଅନ୍ତର୍ଗତ ପାଣୁପଶି ଗ୍ରାମରେ। ଏହି ମାମଲାରେ ଘଟଗାଁ ପୁଲିସ୍ ଉଭୟ ଅଭିଯୁକ୍ତଙ୍କୁ ଗିରଫ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଗିରଫ ହୋଇଥିବା ଦୁଇ ଅଭିଯୁକ୍ତ ହେଲେ ପ୍ରଶାନ୍ତ ନାୟକ ଓ ଅଜୟ ନାୟକ। ଉଭୟ ହତ୍ୟା କରିଥିବା ପ୍ରେମିକ ଜଣଙ୍କ ସୁବ୍ରତ ମହାକୁଡ଼ ହୋଇଥିବା ବେଳେ ଗିରଫ ପରେ ଦୁଇ ଭାଇ ସେମାନଙ୍କ ଦୋଷ ସ୍ୱୀକାର କରିଛନ୍ତି। ମିଳିଥିବା ସୂଚନାନୁସାରେ, ପାଣୁପଶି ଗ୍ରାମର ପ୍ରଶାନ୍ତଙ୍କ ସ୍ତ୍ରୀ ସହ ସୁବ୍ରତର ପାଖାପାଖି ବର୍ଷେ ହେବ ଶାରୀରିକ ସମ୍ପର୍କ ରହିଥିଲା। ଏ ସମ୍ପର୍କରେ ବିଭିନ୍ନ ସମୟରେ ପ୍ରଶାନ୍ତ ଜାଣିବାକୁ ପାଉଥିଲା। ସ୍ତ୍ରୀର ଏପରି କଳାକାରନାମାକୁ ବରଦାସ୍ତ କରି ନ ପାରି ପ୍ରଶାନ୍ତ କିଛି ଦିନ ତଳେ ବାହାରକୁ ପଳାଇଯାଇଥିଲେ। କିନ୍ତୁ ଗତ କିଛି ଦିନ ହେବ ସେ ପୁଣି ଗାଁକୁ ଫେରିଥିଲେ। କିନ୍ତୁ ସେତେବେଳ ପର୍ଯ୍ୟନ୍ତ ସ୍ତ୍ରୀର ଚରିତ୍ରରେ କୌଣସି ପ୍ରକାର ପରିବର୍ତ୍ତନ ଆସିନଥିଲା। ଅଧିକନ୍ତୁ ସ୍ତ୍ରୀର ପ୍ରେମିକ ସୁବ୍ରତ ମଧ ପ୍ରଶାନ୍ତଙ୍କୁ ବାରମ୍ବାର ଧମକଚମକ ଦେଇଆସୁଥିଲା। ଏଥିରେ ଅତିଷ୍ଠ ହୋଇ ଶେଷରେ ପ୍ରଶାନ୍ତ ସୁବ୍ରତକୁ ପାନେ ଦେବା ସକାଶେ ନିଷ୍ପତ୍ତି ନେଇଥିଲେ। ଏହି କ୍ରମରେ ସେ ଗତ ୧୨ ତାରିଖ ସନ୍ଧ୍ୟାରେ ସୁବ୍ରତଙ୍କ ସହ ଫୋନ୍‌ରେ ତାଙ୍କର ଭୀଷଣ ବଚସା ହୋଇଥିଲା। ଏଥିରେ ଅତି ମାତ୍ରାରେ କ୍ଷୁବ୍ଧ ହୋଇ ସୁବ୍ରତ ପ୍ରଶାନ୍ତଙ୍କ ଘରେ ପହଞ୍ଚିଯାଇଥିଲା। ସେଠାରେ ମଧ ଉଭୟଙ୍କ ମଧ୍ୟରେ ବଚସା ହେବା ସହ ହାତାହାତି ହେବା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ତେବେ ସୁବ୍ରତର ବ୍ୟବହାର ଅସହ୍ୟ ହେବାରୁ ଶେଷରେ ପ୍ରଶାନ୍ତ ତାଙ୍କ ସାନ ଭାଇ ସହ ମିଶି ଏକ ଲୁହା ରଡ୍ ଓ ଟାଙ୍ଗିଆରେ ସୁବତ୍ରକୁ ହତ୍ୟା କରିଥିଲେ। ଏପରି ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟାଇବା ପରେ ଉଭୟ ଅଭିଯୁକ୍ତ ଫେରାର୍ ହୋଇଯାଇଥିଲେ। ସକାଳୁ ଏନେଇ ଗାଁ ଲୋକେ ଜାଣିବା ପରେ ତୁରନ୍ତ ପୁଲିସକୁ ଖବର ଦେଇଥିଲେ। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ସୁବ୍ରତର ମୃତଦେହ ଜବତ କରି ବ୍ୟବଚ୍ଛେଦ ସକାଶେ ପଠାଇଥିଲା। ଅନ୍ୟପକ୍ଷରେ ଦୁଇ ଭାଇଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ନେଇ ଘଟଗାଁ ପୁଲିସ୍ ସୂଚନା ମିଳିଛି । ଅନ୍ୟପକ୍ଷରେ ପ୍ରଶାନ୍ତ ସବୁ ଦୋଷକୁ ନିଜ ମୁଣ୍ଡକୁ ନେଇଛନ୍ତି ।

## ୯ ଜଣଙ୍କୁ ମୃତ୍ୟୁଦଣ୍ଡ ଶୁଣାଇଥିଲେ ତଳକୋର୍ଟ, କୋହଳ କଲେ ହାଇକୋର୍ଟ

**କଟକ/ରାୟଗଡା,୧୫।୧ (ସଂଚାର ବ୍ୟୁରୋ):** ଫାଶୀଦଣ୍ଡକୁ କୋହଳ କଲେ ମାନ୍ୟବର ହାଇକୋର୍ଟ । ୯ ଜଣଙ୍କୁ ଫାଶୀ ଦଣ୍ଡ ସମ୍ପର୍କିତ ମାମଲାର ଶୁଣାଣି କରି ଓଡ଼ିଶା ହାଇକୋର୍ଟ ଆଜି ରାୟ ପ୍ରଦାନ କରିଛନ୍ତି। ଗୁଣିଗାରେଡ଼ି ସନ୍ଦେହରେ ଗୋଟିଏ ପରିବାରର ୩ ଜଣଙ୍କୁ ହତ୍ୟା ଘଟଣାରେ କୋର୍ଟ ରାୟ ପ୍ରଦାନ କରିଛନ୍ତି । ଅଭିଯୁକ୍ତମାନେ ସାରା ଜୀବନ ଜେଲରେ ରହିବେ ବୋଲି କୋର୍ଟ ଆଜି ରାୟରେ ସ୍ପଷ୍ଟ କରିଛନ୍ତି। ସେହିପରି କ୍ଷତିପୂରଣ ବାବଦକୁ ମୃତକ ପରିବାରକୁ ୩୦ ଲକ୍ଷ ଟଙ୍କା ପ୍ରଦାନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲା ଆଇନସେବା ପ୍ରାଧିକରଣ ଏହି କ୍ଷତିପୂରଣ ରାଶି ପ୍ରଦାନ କରିବେ ବୋଲି କୋର୍ଟ କହିଛନ୍ତି। ଯଦି ପୂର୍ବରୁ ୩୦ ଲକ୍ଷରୁ କମ ରାଶି ପ୍ରଦାନ କରାଯାଇଥିବ ଅବଶିଷ୍ଟ ରାଶି ୪ ସପ୍ତାହ ମଧ୍ୟରେ ପ୍ରଦାନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।ତଳ କୋର୍ଟ ଅଭିଯୁକ୍ତ ମାନଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରିଥିଲେ। ତେବେ ତଳ କୋର୍ଟର ଏହି ରାୟକୁ ଚ୍ୟାଲେଞ୍ଜ କରି ଅଭିଯୁକ୍ତ ମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ନିମ୍ନ ଅଦାଲତଙ୍କ ଏହି ମୃତ୍ୟୁଦଣ୍ଡ ଅନୁମୋଦନ ସଂପର୍କିତ ମାମଲା ଓ ରାୟ ବିରୋଧରେ ଦାଏର ଅପିଲ୍‌ର ହାଇକୋର୍ଟ ଏକତ୍ର ଶୁଣାଣି କରି ରାୟ ସଂରକ୍ଷିତ ରଖିଥିଲେ। ଏହି ମାମଲାର ପୁନର୍ବାର ଶୁଣାଣି କରି ଗତ ୨୦୨୧ ଅକ୍ଟୋବର ୨୧ରେ ରାୟଗଡ଼ା ଦୌରା ଜଜ୍ ଅଦାଲତ ଡେଙ୍ଗୁନ ଶବର, ଦାଷୁନ୍ତ ଶବର, ଅଜନ୍ତା ଶବର, ପ୍ରଧାନ୍ତୁ ଶବର, ଦାଲସା ଶବର, ମାଲକୁ ଶବର, ବୁବୁନା ଶବର, ଲାକିୟା ଶବର, ଇରୁ ଶବରଙ୍କୁ ଫାଶୀ ଦଣ୍ଡ ପ୍ରଦାନ କରିଥିଲେ। ଏହି ମାମଲାରେ ଗୁଣପୁର ଅତିରିକ୍ତ ଦୌରା ଜଜ୍ ୨୦୧୮, ଏପ୍ରିଲ ୨୩ରେ ଏହି ୯ଜଣଙ୍କୁ ଫାଶୀ ଦଣ୍ଡ ପ୍ରଦାନ କରିଥିବା ବେଳେ ହାଇକୋର୍ଟ ଏହି ରାୟକୁ ରଦ୍ଦ କରିଥିଲେ। ଏଥି ସହିତ ମାମଲାର ସାନି ଶୁଣାଣି କରିବାକୁ ନିମ୍ନ ଅଦାଲତଙ୍କୁ ହାଇକୋର୍ଟ ନଭେମ୍ବର ୫, ୨୦୧୯ରେ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ରାୟଗଡ଼ା ଜିଲ୍ଲା ଓ ଦୌରା ଜଜ୍ ଅଦାଲତରେ ମାମଲାର ସାନି ଶୁଣାଣି ଆରମ୍ଭ ହୋଇଥିଲା। ଅକ୍ଟୋବର ୨୧, ୨୦୨୧ରେ ଦୌରା ଅଦାଲତ ରାୟ ପ୍ରକାଶ କରି ୯ ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହିତ ମୃତ୍ୟୁଦଣ୍ଡ ପ୍ରଦାନ କରିଥିଲେ।

## ଟ୍ରଲରକୁ ଧକ୍କାଦେଇ ବୁଡ଼ିଗଲା ବୋଟ୍:୮ ମତ୍ସ୍ୟଜୀବୀ ଉଦ୍ଧାର



**ଚାନ୍ଦବାଲି,୧୫।୧(ସଂଚାର ବ୍ୟୁରୋ):** ଭଦ୍ରକ ଜିଲା ଧାମରାଠାରେ ଆଜି ଏକ ମାଛଧରା ଟ୍ରଲର ସହ ଧକ୍କା ହୋଇ ଯାତ୍ରୀବାହୀ ବୋଟ୍ ବୁଡ଼ିଯାଇଛି। ତେବେ ଉକ୍ତ ବୋଟ୍‌ରେ ଥିବା ୮ ଜଣ ମତ୍ସ୍ୟଜୀବୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି।

ମିଳିଥିବା ସୂଚନାନୁସାରେ, ଏକ ଯାତ୍ରୀବାହୀ ବୋଟ୍ ୮ ଜଣ ଯାତ୍ରୀଙ୍କୁ ଧରି ଚାନ୍ଦବାଲିରୁ ଧାମରା ଆସିଥିଲା। ସମ୍ପୃକ୍ତ ଯାତ୍ରୀବାହୀ ବୋଟ୍‌ଚାଳକ ଅସାବଧାନତାବଶତଃ ନିଜର ବୋଟ୍‌କୁ ନେଇ ଏକ ମାଛଧରା ଟ୍ରଲରରେ ଧକ୍କା ଦେଇ ସେଠାରେ ସ୍ଥାନରେ ବୁଡ଼ିଯାଇଥିଲା। ମାଛଧରା ଟ୍ରଲରରେ ଥିବା ମତ୍ସ୍ୟଜୀବୀମାନେ ବୋଟ୍ ଯାତ୍ରୀଙ୍କୁ ପାଣିରୁ ଉଦ୍ଧାର କରି ସେମାନଙ୍କୁ ଧାମରା ମେଡିକାଲକୁ ନେଇଥିଲେ। ତେବେ ସେଠାରେ ପ୍ରାଥମିକ ଚିକିତ୍ସା ପରେ ସମସ୍ତ ମତ୍ସ୍ୟଜୀବୀ ସୁସ୍ଥ ଥିବା ଜଣାପଡ଼ିଛି। ଧାମରାରେ ମକର ମେଳା ଚାଲୁଥିବା ସମୟରେ ଧାମରା ମେରାଇନ ଥାନା ପକ୍ଷରୁ ନଦୀପଥରେ କୌଣସି ସୁରକ୍ଷା ବ୍ୟବସ୍ଥା କରାଯାଇ ନ ଥିବାରୁ ଏହି ଅଘଟଣ ଘଟିଥିବା ସାଧାରଣରେ ଚର୍ଚ୍ଚା ହେଉଥିବା ବେଳେ ଭଦ୍ରକ ଏସ୍‌ପି ଏଥିପ୍ରତି ଧ୍ୟାନ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଠକ୍କରବାପା ଆଶ୍ରମରେ ବଡ଼ଚଣା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି

**ବାଲିଚନ୍ଦ୍ରପୁର,୧୫।୧(ସଂଚାର ବ୍ୟୁରୋ):** ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ସର୍ବୋଦୟ କର୍ମୀ 'ବଡଚଣା ଗାନ୍ଧୀ' ବୃନ୍ଦାବନ ତ୍ରିପାଠୀଙ୍କୁ ୧୦୯ତମ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ତାଙ୍କ ସାଧନାପୀଠ ବାଲିପଡ଼ିଆ ଠକ୍କରବାପା ଆଶ୍ରମରେ ରହିଥିବା ସ୍ମୃତିସ୍ଥଳରେ ମାଲ୍ୟାର୍ପଣ ସହ ବହୁ ବିଶିଷ୍ଟ ବ୍ୟକ୍ତି ଶ୍ରଦ୍ଧାର୍ପଣ କରିଛନ୍ତି।

ଶ୍ରୀ ତ୍ରିପାଠୀ ସ୍ୱାଧୀନତା ଆନ୍ଦୋଳନରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଅନୁଗାମୀ ରହିବା ସହ ବହୁବାର କାରାବରଣ କରିଥିଲେ। ଏହାଛଡ଼ା ସେ ଅସ୍ପୃଶ୍ୟତା ନିବାରଣ ପାଇଁ ସଂସ୍କାରମୂଳକ ପଦକ୍ଷେପ ନେବା ସହ ପତ୍ନୀ ସରସ୍ୱତୀ ଦେବୀଙ୍କ ସହ ମିଶି କୋରାପୁଟ ଓ କେନ୍ଦୁଝର ଜିଲ୍ଲାରେ ସର୍ବୋଦୟ କାର୍ଯ୍ୟରେ ନିୟୋଜିତ ଥିଲେ। ବାଲିପଡ଼ିଆଠାରେ ଠକ୍କରବାପା ଆଶ୍ରମ ପ୍ରତିଷ୍ଠା କରି ସେ ଜୀବନର ଶେଷ ପର୍ଯ୍ୟନ୍ତ ଦେଶ ଓ ସମାଜ ଗଠନରେ ଲାଗିଥିଲେ। ତାଙ୍କ ଜୟନ୍ତୀ ଅବସରରେ ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସମିତି ସଭାପତି ବିମ୍ବାଧର ମୁଦୁଲିଙ୍କ ସଭାପତିତ୍ୱରେ ଆୟୋଜିତ ସ୍ମୃତିଚାରଣ କାର୍ଯ୍ୟକ୍ରମରେ ବିଶିଷ୍ଟ ଐତିହାସିକ ତଥା ଗବେଷକ ଡକ୍ଟର ହରିଶ୍ଚନ୍ଦ୍ର ପୁଷ୍ଟି, ସ୍ୱାଧୀନତା ସଂଗ୍ରାମୀ ଉତ୍ତରଦାୟାଦ ସଂଗଠନ ରାଜ୍ୟ ସାଧାରଣ ସମ୍ପାଦକ ବିଜୟ କୁମାର ତ୍ରିପାଠୀ, ବରିଷ୍ଠ ସାମ୍ବାଦିକ ତଥା ସଂସ୍କୃତି ଗବେଷକ ଶୁଭେନ୍ଦୁ କୁମାର ଭୂୟାଁ, ଯୁବନେତା ରାଜେଶ ପଣ୍ଡା, ସ୍ୱାଧୀନତା ସଂଗ୍ରାମୀ ଉତ୍ତରଦାୟାଦ କୁଳମଣି ରାଉତ, ଶ୍ରୀକାନ୍ତ ସାମଲ, ପଦ୍ମନାଭ ଦାଶ, ରମେଶ ଚନ୍ଦ୍ର



ପ୍ରଧାନ, ଡକ୍ଟର ବିଦ୍ୟାଧର ମିଶ୍ର, ଗୋପାଳ ଚନ୍ଦ୍ର ଓଝା, ପ୍ରଫୁଲ୍ଲ କୁମାର ରାଉତ, ଅକ୍ଷୟ କୁମାର ସାମଲ, ଧନଞ୍ଜୟ ତ୍ରିପାଠୀ, ହିଂମାଂଶୁ ବାରିକ, ଆଡଭୋକେଟ ପ୍ରକାଶ ଦାସ, ଚିତ୍ତରଞ୍ଜନ ତ୍ରିପାଠୀ, ପୂର୍ବତନ ସରପଞ୍ଚ ଅନିରୁଦ୍ଧ ସାମଲ, ସାମ୍ବାଦିକ ସତ୍ୟାନନ୍ଦ ଜେନା, ବରିଷ୍ଠ ସାମ୍ବାଦିକ ଶଶୀଭୂଷଣ ସାହୁ, ଜଗନ୍ନାଥ ପାଢ଼ୀ ଉପସ୍ଥିତ ଥିଲେ।

**ଫେବୃଆରୀ ୧୫ରୁ କାଶୀ ତାମିଲ ସଙ୍ଗମମ ୩.୦**

# କେଟିଏସ୍ ୩.୦ରେ କଥାବସ୍ତୁ 'ଋଷି ଅଗସ୍ତ୍ୟ': ଧର୍ମେନ୍ଦ୍ର



**ନୂଆଦିଲ୍ଲୀ/ଭୁବନେଶ୍ୱର,୧୫।୧(ସଂଚାର ବ୍ୟୁରୋ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କାଶୀ ତାମିଲ ସଙ୍ଗମମ୍ (କେଟିଏସ୍)ର ତୃତୀୟ ସଂସ୍କରଣ ପାଇଁ ପଞ୍ଜୀକରଣ ପୋର୍ଟାଲର ଶୁଭାରମ୍ଭ କରିଛନ୍ତି। ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଘୋଷଣା କରିଛନ୍ତି ଯେ କାଶୀ ତାମିଲ ସଙ୍ଗମମ ୩.୦ ଆସନ୍ତା ଫେବୃଆରୀ ୧୫ରୁ ଉତ୍ତରପ୍ରଦେଶର ବାରଣାସୀରେ ଆରମ୍ଭ ହେବ ଓ ୧୦ ଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମ ଫେବୃଆରୀ ୨୪ରେ ଶେଷ ହେବ। ଆଇଆଇଟି ମାଡ୍ରାସ ଦ୍ୱାରା ପରିଚାଳିତ ପୋର୍ଟାଲ kashitamil.iitm.ac.inରେ ଫେବୃଆରୀ ୧ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ପଞ୍ଜୀକରଣ କରିପାରିବେ।

ଶ୍ରୀ ପ୍ରଧାନ କହିଛନ୍ତି ଯେ କାଶୀ ତାମିଲ ସଙ୍ଗମମ ୩.୦ ଜରିଆରେ ତାମିଲନାଡୁ ଓ କାଶୀ ମଧ୍ୟରେ ଅତୁଟ ସମ୍ପର୍କ ସୃଷ୍ଟି ହେବ। କାଶୀ ତାମିଲ ସଙ୍ଗମମ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମୂଳ କଳ୍ପନା ଥିଲା । ତାମିଲନାଡୁ ଏବଂ କାଶୀ ମଧ୍ୟରେ ଚିରନ୍ତନ ସମ୍ପର୍କକୁ ପାଳନ କରିବା, ସଭ୍ୟତା ସମ୍ପର୍କକୁ ସୁଦୃଢ଼ କରିବା ଏବଂ ଏକ ଭାରତ, ଶ୍ରେଷ୍ଠ ଭାରତର ଭାବନାକୁ ଆଗକୁ ବଢ଼ାଇବା ପାଇଁ ଏହା ଏକ ପ୍ରେରଣାଦାୟକ ପଦକ୍ଷେପ। କାଶୀ ତାମିଲ ସଙ୍ଗମମ ଭାରତର ଅନ୍ୟତମ ପୂଜ୍ୟ ସାଧୁ ମହର୍ଷି ଅଗସ୍ତ୍ୟଙ୍କ ଉତ୍ସବ ହେବ। ଭାରତର ସାଂସ୍କୃତିକ ଓ ଆଧାତ୍ମିକ ଢାଞ୍ଚାରେ ମହର୍ଷି ଅଗସ୍ତ୍ୟଙ୍କ ପରମ୍ପରା ଗଭୀର ଭାବରେ ଜଡ଼ିତ। ତାମିଲ ଭାଷା ଓ ସାହିତ୍ୟ ସହ ମିଳିତ ମୂଲ୍ୟବୋଧ, ଜ୍ଞାନ ପରମ୍ପରା ଓ ଐତିହ୍ୟର ମୂଳଦୁଆ ବୌଦ୍ଧିକ ପ୍ରତିଭା ବୋଲି ଶ୍ରୀ ପ୍ରଧାନ କହିଥିଲେ। କେନ୍ଦ୍ର ମନ୍ତ୍ରୀ କହିଛନ୍ତି ଯେ ଚଳିତ ବର୍ଷ କାଶୀ ତାମିଲ ସଙ୍ଗମମର ବିଶେଷ ମହତ୍ତ୍ୱ ରହିଛି କାରଣ ଏହା ମହାକୁମ୍ଭ ସହିତ ଏକ ସଙ୍ଗେ ପଡୁଛି ଏବଂ ଅଯୋଧାରେ ଶ୍ରୀରାମଲଲାଙ୍କ 'ପ୍ରାଣ ପ୍ରତିଷ୍ଠା' ପରେ ଏହା ପ୍ରଥମ ସଙ୍ଗମମ। ମହାକୁମ୍ଭ ଓ ଶ୍ରୀ ଅଯୋଧା ଧାମର କେନ୍ଦ୍ରୀୟ ବିଷୟବସ୍ତୁ ଏବଂ ପୃଷ୍ଠଭୂମି ଭାବରେ ମହର୍ଷି ଅଗସ୍ତ୍ୟ ସହ କାଶୀ ତାମିଲ ସଙ୍ଗମମ୍ ୩.୦ ଏକ ଦିବ୍ୟ ଅନୁଭୂତି ପ୍ରଦାନ କରିବ। ଆମ ସଭ୍ୟତା ଓ ସଂସ୍କୃତିର ଦୁଇଟି ଚିରନ୍ତନ କେନ୍ଦ୍ର ତାମିଲନାଡୁ ଓ କାଶୀକୁ ପୂର୍ବାପେକ୍ଷା ଅଧିକ ନିକଟତର କରିବ। ଶ୍ରୀ ପ୍ରଧାନ ତାମିଲନାଡୁବାସୀଙ୍କୁ କାଶୀ ତାମିଲ ସଙ୍ଗମମ୍ ୩.୦ରେ ଅଂଶଗ୍ରହଣ କରିବାକୁ ନିବେଦନ କରିଥିଲେ।

**ଅବକାରୀ ବିଭାଗର ସଫଳତା**

## ୧୫ ଦିନରେ ୧୯ କୋଟିର ମାଦକ ଦ୍ରବ୍ୟ ଜବତ

**ଭୁବନେଶ୍ୱର,୧୫।୧(ସଂଚାର ବ୍ୟୁରୋ):** ନୂଆବର୍ଷରେ ସ୍ପେଶାଲ ଡ୍ରାଇଭରେ ଅବକାରୀ ବିଭାଗକୁ ବଡ଼ ସଫଳତା ମିଳିଛି। ଗତ ୧୫ ଦିନ ଭିତରେ ଏହି ସ୍ପେଶାଲ ଡ୍ରାଇଭରେ ବିଭାଗ ୧୯ କୋଟି ଟଙ୍କାର ବେଆଇନ ମାଦକ ଦ୍ରବ୍ୟ ଜବତ କରିବାରେ ସକ୍ଷମ ହୋଇଛି। ୨-୩ ବର୍ଷ ଭିତରେ ବେଆଇନ ମଦ ଓ ଡ୍ରଗ୍ସ କାରବାର ବନ୍ଦ ହେବ ବୋଲି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ସେ କହିଛନ୍ତି ଯେ ନୂଆବର୍ଷକୁ ଆଖି ଆଗରେ ରଖି ୧୫ ଦିନ ପାଇଁ ସ୍ପେଶାଲ ଡ୍ରାଇଭ କରିବାକୁ ବିଭାଗକୁ କହିଥିଲି। ବିଭାଗକୁ ଏଥିରେ ଉଲ୍ଲେଖନୀୟ ସଫଳତା ମିଳିଛି। ଗତ ଡିସେମ୍ବର ୨୮ ତାରିଖରୁ ଜାନୁଆରୀ ୧୨ ତାରିଖ ପର୍ଯ୍ୟନ୍ତ ଏହି ଡ୍ରାଇଭ ଚାଲିଥିଲା। ଏଥିରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବହୁ ପରିମାଣରେ ବେଆଇନ ମଦ ଓ ଡ୍ରଗ୍ସ ଜବତ ହୋଇଛି। କ୍ରମାଗତ ଭାବେ ବିଭାଗ ଏହିପରି କାର୍ଯ୍ୟ ଜାରି ରଖିବ। ଆଗାମୀ ୨-୩ ବର୍ଷ ଭିତରେ ରାଜ୍ୟରୁ ବେଆଇନ ମଦ ଓ ଡ୍ରଗ୍ସ କାରବାର ରୋକିବା ଦିଗରେ ଯାହା ପଦକ୍ଷେପ ନେଉଛୁ ବୋଲି ମନ୍ତ୍ରୀ କହିଛନ୍ତି। ଏଥିସହ ଏପରି ଉଲ୍ଲେଖନୀୟ ସଫଳତା ପାଇଁ ମନ୍ତ୍ରୀ ବିଭାଗୀୟ କର୍ମଚାରୀମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର






# ଆଜିର ସୁନା ଦର

୮୦ ହଜାର ଟପିଲା ସୁନା ଦର। ବିଶ୍ୱ ବଜାରରେ ଅସ୍ଥିରତା ଦେଖାଦେଇଥିବାରୁ ପୁଣି ଥରେ ସୁନା ମହଙ୍ଗା ହୋଇଛି। ଆଜି ଭାରତୀୟ ବଜାରରେ ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପ୍ରତି ୭୩ ହଜାର ୪୦୦ ଟଙ୍କା ହୋଇଥିବା ବେଳେ ୨୪ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ୮୦ ହଜାର ୦୭୦ ଟଙ୍କା ରହିଛି। ସେହିପରି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନା ଦର ୭୩, ୪୦୦ ଟଙ୍କାରେ ପହଞ୍ଚିଥିବା ବେଳେ ୨୪ କ୍ୟାରେଟ୍ ସୁନା ଦର ୮୦, ୦୭୦ ଟଙ୍କା ରହିଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୭୩,୪୦୦ ଟଙ୍କା ଓ ୮୦, ୦୮୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୭୩,୫୫୦ ଟଙ୍କା ଓ ୮୦, ୨୨୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୭୩,୪୦୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୮୦, ୦୭୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୭୩,୪୦୦ ଟଙ୍କା ଓ ୮୦, ୦୭୦ ଟଙ୍କା ରହିଛି। ଅନ୍ୟ ପଟେ ରୁପା ଦର କେଜି ପ୍ରତି ୯୩,୫୦୦ ହଜାର ଟଙ୍କା ହୋଇଛି।

# ଆଜିର ପେଟ୍ରୋଲ, ଡିଜେଲ ଦର

ଆଜି ସାରା ଦେଶର ପେଟ୍ରୋଲ ଡିଜେଲର ନୂଆ ମୂଲ୍ୟ ପ୍ରକାଶ ପାଇଛି । କିଛି ସ୍ଥାନରେ ଦର ହ୍ରାସ ପାଇଥିବା ବେଳେ ଆଉ କିଛି ସ୍ଥାନରେ ଦର ସ୍ଥିର ରହିଛି । ଆସନ୍ତୁ ଜାଣିବା କେଉଁ ସହରର କେତେ ରହିଛି ଡିଜେଲ-ପେଟ୍ରୋଲ୍ ମୂଲ୍ୟ ? ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ବୃଦ୍ଧି ପାଇ ୧୦୧. ୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୭୮ ପଇସା ରହିଛି । ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି । ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା । ଚେନ୍ନାଇରେ ପେଟ୍ରୋଲ ଦର ୧୦୧ ଟଙ୍କା ୨୩ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୮୧ ପଇସା ରହିଛି ।





# ଲଞ୍ଚ ହେଲା ୨୦୨୫ ହୋଣ୍ଡା ଡିଓ ସ୍କୁଟର

**ନୂଆଦିଲ୍ଲୀ, ୧୫।୧:** ଟୁ-ହୁଇଲର ମେକର ହୋଣ୍ଡା ଭାରତୀୟ ବଜାରରେ ଅନେ ସେଗମେଣ୍ଟରେ ସ୍କୁଟର ଏବଂ ବାଇକ୍ ସେଲ କରିଥାଏ। ଜାନୁଆରୀ ୨୦୨୫ ମଧ୍ୟରେ ୧୧୦ cc ସେଗମେଣ୍ଟରେ ଅଫର କରାଯିବାକୁ କମ୍ପାନୀ ହୋଣ୍ଡା ଡିଓ ସ୍କୁଟରର ୨୦୨୫ (2025 ହୋଣ୍ଡା ଡିଓ) ଭର୍ସନକୁ ଲଞ୍ଚ କରିଛି। ଏଥିରେ ଦମଦାର୍ ଇଞ୍ଜିନ୍ ଏବଂ ଫିଚର୍ସ ଦିଆଯାଇଛି। କେଉଁ ମୂଲ୍ୟରେ ସ୍କୁଟର କିଣାଯାଇପାରିବ ଆସନ୍ତୁ ଜାଣିବା। ୨୦୨୫ ହୋଣ୍ଡା ଡିଓ ସ୍କୁଟରକୁ କମ୍ପାନୀ ଦ୍ୱାରା ଲଞ୍ଚ କରାଯାଇଛି। ପୂର୍ବ ଭର୍ସନ ତୁଳନାରେ ଏଥିରେ କିଛି ଚେଞ୍ଜ କରାଯାଇଛି ଏବଂ ଫିଚର୍ସ ଉନ୍ନତ ରହିଛି। କମ୍ପାନୀ ତରଫରୁ ମିଳିଥିବା ସୂଚନା ଅନୁଯାୟୀ, ୨୦୨୫ ହୋଣ୍ଡା ଡିଓ ସ୍କୁଟରକୁ ଟାଇପ-ସି ୟୁଏସବି ଚାର୍ଜିଂ ପୋର୍ଟ, ୪.୨ଇଞ୍ଚର ଟିଏଫଟି ଡିସପ୍ଲେ, ମାଇଲେଜ୍ ଇଣ୍ଡିକେଟର, ଟ୍ରିପ୍ ମିଟର, ଇକୋ ଇଣ୍ଡିକେଟର, ରେଞ୍ଜ ଟୁ ଏମଟି ଭଳି ଫିଚର୍ସ ଦିଆଯାଇଛି। ଟପ୍ ଭ୍ୟାରିଆଣ୍ଟରେ କମ୍ପାନୀ ଆଲଏ ହୁଇଲ୍ ମଧ୍ୟ ଦେଇଛି। ସ୍କୁଟରରେ ନୂଆ ଫିଚର୍ସ ସହିତ ନୂଆ କଲରରେ ମଧ୍ୟ ଅଫର କରାଯାଇଛି। ଏଥିରେ ମୋଟ୍ ୫ଟି କଲରର ଅପ୍ସନ ରହିଛି ଯାହା ହେଉଛି- ଇମ୍ପେରିଆଲ୍ ରେଡ ମେଟାଲିକ, ପର୍ଲ ଇଗ୍ନେଅସ ବ୍ଲାକ, ପର୍ଲ ଡିପ ଗ୍ରାଉଣ୍ଡ ଗ୍ରେ, ମ୍ୟାଟ ମାର୍ବଲ ବ୍ଲୁ ଏବଂ ମ୍ୟାଟ ଆକ୍ସିସ ଗ୍ରେ ମେଟାଲିକ ସାମିଲ୍ ଅଛି। ହୋଣ୍ଡାର ୨୦୨୫ ହୋଣ୍ଡା ଡିଓ ସ୍କୁଟରରେ ୧୦୯.୫୧CC ର କ୍ଷମତା ବିଶିଷ୍ଟ ଏକ ଇଞ୍ଜିନ୍ ଦିଆଯାଇଛି। ଯାହା ସହିତ ପିଜିଏମ-ଏଫଆଇ ଟେକ୍ନୋଲୋଜି ଦିଆଯାଇଛି। ସିଙ୍ଗଲ ସିଲିଣ୍ଡର ଭଳି ଇଞ୍ଜିରୁ ୫.୮୫ କିଲୋୱାଟ୍ ପାୱାର ଏବଂ ୯.୦୩ ନ୍ୟୁଟନ୍ ମିଟର ଟର୍କ ମିଳିଥାଏ। ଏହି ସ୍କୁଟରଟି ଓବିଡି୨ବି କମ୍ପ୍ଲାଏଣ୍ଟ ଅଛି। କମ୍ପାନୀ ଏହାକୁ ଦୁଇଟି ଭ୍ୟାରିଆଣ୍ଟରେ ଆଣିଛି। ସେଥି ମଧ୍ୟରୁ ଏସଟିଡି ବେସ୍ ଭ୍ୟାରିଆଣ୍ଟ ଏବଂ ଡିଏଲଏକ୍ସକୁ ଟପ୍ ଭ୍ୟାରିଆଣ୍ଟ ଭାବରେ ପ୍ରଦାନ କରାଯିବ। ଏହାର ବେସ୍ ଭ୍ୟାରିଆଣ୍ଟର ଏକ୍ସ-ସୋରୁମ୍ ପ୍ରାଇସ୍ ୭୪୯୩୦ ଟଙ୍କା ଏବଂ ଏହାର ଟପ୍ ଭ୍ୟାରିଆଣ୍ଟର ଏକ୍ସ-ସୋରୁମ୍ ପ୍ରାଇସ୍ ୮୫୬୪୮ ଟଙ୍କା ରଖାଯାଇଛି। ୨୦୨୫ ହୋଣ୍ଡା ଡିଓକୁ ୧୧୦ସିସି ସ୍କୁଟର ସେଗମେଣ୍ଟରେ ଅଣାଯାଇଛି। ଏହି ସେଗମେଣ୍ଟରେ ଏହି ସ୍କୁଟର ନିଜ କମ୍ପାନୀ ହୋଣ୍ଡା ଆକ୍ଟିଭା ୧୧୦ ବ୍ୟାତୀତ, ଟିଭିଏସ ଜୁପିଟର ୧୧୦, ଟିଭିଏସ ଜେଷ୍ଟ ୧୧୦କୁ ମଧ୍ୟ ଟକ୍କର ଦେବ।

# ରେପୋ ରେଟ୍‌ରେ ୦.୨୫% ହ୍ରାସ ସମ୍ଭାବନା

**ଭୁବନେଶ୍ୱର,୧୫।୧:** ଗୋଟିଏ ପଟେ ଦରବୃଦ୍ଧି ଓ ଅନ୍ୟପଟେ ଅର୍ଥ ବ୍ୟବସ୍ଥାରେ ସୁଧାର ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପାଇଁ ଚିନ୍ତାର କାରଣ ପାଲଟିଛି। ଅର୍ଥବ୍ୟବସ୍ଥାରେ ଗ୍ରାହକଙ୍କ ଚାହିଦା ଅଭାବ କାରଣରୁ କମ୍ପାନୀଗୁଡ଼ିକର ଆୟ ପ୍ରଭାବିତ ହେଉଛି। ଏହି କାରଣରୁ ଦେଶର ଅର୍ଥନୀତିରେ ମନ୍ଥର ଗତି ହେବା ଆଶଙ୍କା ରହିଛି। ଏଭଳି ପରିସ୍ଥିତିରେ ସୁଧ ହାର(ରେପୋ ରେଟ୍) ହ୍ରାସ କରିବାକୁ ବଜାର ବିଶେଷଜ୍ଞ ତଥା ଗ୍ଲୋବାଲ ବ୍ରୋକ୍‌ରେଜ୍ ହାଉସ୍ ଆର୍‌ବିଆଇ ନିକଟରେ ଦାବି କରୁଛନ୍ତି। ଡଏଚ୍ ବ୍ୟାଙ୍କ ବିଶେଷଜ୍ଞମାନଙ୍କ ମତାନୁସାରେ, ଫେବୃଆରୀରେ ହେବାକୁ ଥିବା ପରବର୍ତ୍ତୀ ନୀତି କମିଟି ବୈଠକରେ ଆର୍‌ବିଆଇ ନୀତି ହାର ହ୍ରାସ ଚକ୍ରକୁ ୦.୨୫% ହ୍ରାସ କରିବା ଉଚିତ। ବିଶ୍ଳେଷକମାନେ କହିଛନ୍ତି, ସୁଧ ହାର ହ୍ରାସ କରିବା ଦ୍ୱାରା ଅଭିବୃଦ୍ଧି ଉପରେ ଅଧିକ ପ୍ରତିକୂଳ ପ୍ରଭାବ ପଡ଼ିବ। ଏଥିରେ ଯଦି ବିଳମ୍ବ ହୁଏ, ତେବେ ଆର୍‌ବିଆଇ ମଧ୍ୟ ପଛରେ ପଡ଼ିଯିବା ବିପଦ ରହିଛି। ଫେବୃଆରୀ ଏବଂ ଏପ୍ରିଲର ମୁଦ୍ରା ନୀତି ସମୀକ୍ଷାରେ ଆର୍‌ବିଆଇ ନୀତି ହାରକୁ ୦.୨୫ ପ୍ରତିଶତ ହ୍ରାସ କରିବ, ଯାହା ପ୍ରଥମାର୍ଦ୍ଧରେ ରେପୋ ହାରକୁ ୬%ରେ ପହଞ୍ଚାଇବ। ବିଶ୍ଳେଷକମାନେ କହିଛନ୍ତି , ଭାରତରେ ମୁଦ୍ରା ବିତରଣ ଅତି କମ୍‌ରେ ୩ଚତୁର୍ଥାଂଶ ସହିତ କାମକରେ। ତେଣୁ ଫେବୃଆରୀରୁ ହାର ହ୍ରାସ କରିବା ଆର୍‌ବିଆଇ ପାଇଁ ଉପଯୁକ୍ତ ସମୟ ବୋଲି ମତ ପ୍ରକାଶ ପାଇଛି। ସୁଧ ହାର ହ୍ରାସ କରିବାରେ ବିଳମ୍ବ ନ କରିବାକୁ ଆର୍‌ବିଆଇକୁ ପରାମର୍ଶ ଦିଆଯାଇଛି। ଯେତେ ଶୀଘ୍ର ସୁଧ ହାର ହ୍ରାସ ପାଇବ, ଅଭିବୃଦ୍ଧି ଉପରେ କମ୍ ପ୍ରଭାବ ପଡ଼ିପାରେ। ସୂଚନା ଥାଉକି,ଆର୍‌ବିଆଇ ର ପୂର୍ବତନ ଗଭର୍ନର ଶକ୍ତିକାନ୍ତ ଦାସଙ୍କ ନେତୃତ୍ୱରେ ଗତ ୧୧ଟି ନୀତି ସମୀକ୍ଷା ସମୟରେ ଆର୍‌ବିଆଇ ସୁଧ ହାରକୁ ସ୍ଥିର ରହିଛି। ତେବେ ଅଭିବୃଦ୍ଧି ବହୁ ତ୍ରୈମାସିକ ସ୍ତରରେ ଖସି ଆସିଛି ଏବଂ ଫେବୃଆରୀରେ ଆର୍‌ବିଆଇ ଗଭର୍ନର ସଞ୍ଜୟ ମାଲହୋତ୍ରାଙ୍କ ଅଧୀନରେ ହେବାକୁ ଥିବା ପ୍ରଥମ ସୁଧ ହାର ସମୀକ୍ଷା ଉପରେ ସମସ୍ତଙ୍କ ନଜର ରହିଛି।

# ଉତ୍ତର ଭାରତରେ ରାମରାଜ ଇନର ୱେର ରେଞ୍ଜ

ନୂଆଦିଲ୍ଲୀ,୧୫।୧: ଦେଶର ପାରମ୍ପରିକ ତଥା ସାଂସ୍କୃତିକ ପୋଷାକର ଏକ ପ୍ରମୁଖ ବା ପ୍ରିମିୟମ ବ୍ରାଣ୍ଡ୍ 'ରାମରାଜ କଟନ୍' ଉତ୍ତର ଭାରତ (ଉତ୍ତରାଞ୍ଚଳ ବଜାର)ରେ ବ୍ରାଣ୍ଡ୍‌ର ଇନର ଓ୍ୱେର ରେଞ୍ଜ ଯଥା ଭେଷ୍ଟସ, ବ୍ରିଫସ, ଟ୍ରଙ୍କସ ଏବଂ ବକ୍ସର୍ସ ବର୍ଗର ବିସ୍ତାରିତ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ପୁରୁଷ ବର୍ଗର ପ୍ରମୁଖ ବସ୍ତ୍ର ତଥା ଉଚ୍ଚମାନର ଭେଷ୍ଟ, ବ୍ରିଫ୍, ଟ୍ରଙ୍କ୍ ଏବଂ ବକ୍ସର ଭାବେ ଜଣାଶୁଣା ଏହି ବ୍ରାଣ୍ଡ୍ ଦକ୍ଷିଣ ଭାରତରେ ନିଜକୁ ପ୍ରତିଷ୍ଠିତ କରିବା ପରେ ବର୍ତ୍ତମାନ ବ୍ରାଣ୍ଡ୍‌ର ବୃଦ୍ଧି ପାଉଥିବା ଚାହିଦା ଏବଂ ସମାନ ଗୁଣବତ୍ତାକୁ ନେଇ ଉତ୍ତର ଭାରତ (ଉତ୍ତରାଞ୍ଚଳ ବଜାର) ରେ ଏକ ପ୍ରିମିୟମ ଇନର ୱେର ବ୍ରାଣ୍ଡ୍ ଭାବେ ସଫଳତାର ସହିତ ବିସ୍ତାରିତ ହେବାକୁ ଯାଉଛି। ସେହିଭଳି ଏହି ଅଞ୍ଚଳ ଭିତରେ ଏକ ବିରାଟ ଉପସ୍ଥିତିକୁ ନେଇ ରାମରାଜ କଟନ୍‌ର ଇନର ଓ୍ୱେର ବ୍ରାଣ୍ଡ୍ ୩୦୦ରୁ ଅଧିକ ଏକ୍ସକ୍ଲୁସିଭ ଆଉଟଲେଟ ସହିତ ୧୫,୦୦୦ ରୁ ଉର୍ଦ୍ଧ୍ୱ ଖୁଚୁରା ସହଯୋଗୀଙ୍କ ଜରିଆରେ ବ୍ୟବସାୟ କରୁଛି। ଅପରପକ୍ଷରେ ଭାରତୀୟ କ୍ରିକେଟିୟର ଶ୍ରେୟସ ଆୟାରଙ୍କ ଦ୍ୱାରା ଅନୁମୋଦିତ ଏହି ବ୍ରାଣ୍ଡର ମାନକଶୈଳୀ ତଥା ବିଶ୍ୱସନୀୟତାକୁ ଧରି ରଖି ଗ୍ରାହକମାନଙ୍କ ମଧରେ ଏହା ବେଶ ଆଦୃତ ହୋଇପାରିଛି।ଏ ସମ୍ପର୍କରେ ରାମରାଜ କଟନର ଏମଡି ବି ଆର ଅରୁଣ ଈଶ୍ୱର କହିଥିଲେ, ରାମରାଜ ଇନର ୱେର ବେଶ ଅତୁଳନୀୟ, ଆରାମଦାୟକ, ସ୍ଥାୟୀ ଗୁଣବତ୍ତା ତଥା ସୁଲଭତାକୁ ପ୍ରାଥମିକାତ ପ୍ରଦାନ କରିବା ସହିତ ବ୍ରାଣ୍ଡର ଉତ୍ପାଦ ବିତରଣ ପାଇଁ ମଧ ପ୍ରତିଶ୍ରୁତିବଦ୍ଧ ରହିଛି। ଏପରିକି ଏକ ପାରମ୍ପରିକ ସମ୍ଭାର ପରି ଯାହା ଆଭ୍ୟନ୍ତରିଣ ପୋଷାକକୁ ପ୍ରିମିୟମ କିମ୍ବା ସଠିକ୍ ମୂଲ୍ୟ ଯୁକ୍ତ ବର୍ଗରେ ବିଭକ୍ତ କରିଥାଏ। ସେଥିପାଇଁ ରାମରାଜ ଏକ ନିଆରା ମଧମ ସ୍ଥାନ ପ୍ରଦାନକାରୀ ସହ ବିଭିନ୍ନ ଗ୍ରାହକ ଆଧାରର ଉଚ୍ଚ-ଗୁଣାତ୍ମକ ଉତ୍ପାଦ ପ୍ରଦାନର ଆବଶ୍ୟକତାକୁ ପୂରଣ କରିଥାଏ।

# ବିଏସ୍‌ଏନ୍‌ଏଲ୍ ବନ୍ଦ କଲା ଇଣ୍ଟରନେଟ୍ ସେବା

ନୂଆଦିଲ୍ଲୀ,୧୫।୧:ଭାରତ ସଞ୍ଚାର ନିଗମ ଲିମିଟେଡ (ବିଏସ୍‌ଏନ୍‌ଏଲ୍) ଗ୍ରାହକମାନଙ୍କୁ ଏକ ବଡ଼ ଝଟକା ଲାଗିବାକୁ ଯାଉଛି। ଏହି ସରକାରୀ ଟେଲିକମ କମ୍ପାନୀ ଆଜିଠାରୁ ଏହାର ଗୋଟିଏ ସେବା ବନ୍ଦ କରିବାକୁ ଯାଉଛି। ଯାହା ଲକ୍ଷ ଲକ୍ଷ ଗ୍ରାହକଙ୍କୁ ପ୍ରଭାବିତ କରିବ। ସାରା ଦେଶରେ ୪ଜି ସେବା ଆରମ୍ଭ କରିବା ପୂର୍ବରୁ କମ୍ପାନୀ ଏହି ବଡ଼ ନିଷ୍ପତ୍ତି ନେଇଛି। ପ୍ରକୃତରେ, କମ୍ପାନୀ ଆଜିଠାରୁ ବିହାରରେ ଏହାର ୩ଜି ସେବା ବନ୍ଦ କରିବାକୁ ଯାଉଛି। ପ୍ରଥମ ପର୍ଯ୍ୟାୟରେ, କମ୍ପାନୀ ମୋତିହାରୀ, କଟିହାର, ଖଗାରିଆ ଏବଂ ମୁଙ୍ଗେର ଭଳି ଜିଲାରେ ଏହି ସେବା ବନ୍ଦ କରିଦେଇଥିଲା। ଆଜିଠାରୁ ପାଟନା ଏବଂ ଅନ୍ୟାନ୍ୟ ଜିଲାରେ ଏହି ସେବା ବନ୍ଦ ହୋଇଯିବ।

ବିଏସ୍‌ଏନ୍‌ଏଲ୍‌ର ଏହି ନିଷ୍ପତ୍ତି ୩ଜି ସିମ ଥିବା ଗ୍ରାହକଙ୍କ ଉପରେ ସବୁଠାରୁ ଅଧିକ ପ୍ରଭାବ ପକାଇବ। ସେବା ବନ୍ଦ ହେବା ପରେ, ସେମାନେ କେବଳ ନିଜ ମୋବାଇଲରୁ କଲ ଏବଂ ଏସଏମଏସ ପଠାଇପାରିବେ, କିନ୍ତୁ ଇଣ୍ଟରନେଟ ଉପଭୋଗ କରିପାରିବେ ନାହିଁ। କିଛି ଦିନ ପୂର୍ବରୁ, ବିଏସ୍‌ଏନ୍‌ଏଲ୍ ଅଧିକାରୀମାନେ ସୂଚନା ଦେଇଥିଲେ ଯେ ରାଜ୍ୟରେ ୪ଜି ନେଟୱାର୍କ ଅପଡେଟ କରାଯାଇଛି। ସେଥିପାଇଁ ୩ଜି ସେବା ବନ୍ଦ କରାଯାଉଛି। ଆପଣଙ୍କୁ ଜଣାଇ ଦେଉଛୁ ଯେ ଏହି ବର୍ଷ କମ୍ପାନୀ ୪ଜି ନେଟୱାର୍କକୁ ଅପଗ୍ରେଡ କରିବା ଏବଂ ସାରା ଦେଶରେ 5G ସେବା ଆରମ୍ଭ କରିବାର ଯୋଜନା ସହିତ ଆଗକୁ ବଢ଼ୁଛି। ଯଦି ୩ଜି ସିମ ବ୍ୟବହାରକାରୀମାନେ ଡାଟା ଉପଭୋଗ କରିବାକୁ ଚାହାଁନ୍ତି, ତେବେ ସେମାନଙ୍କୁ ସେମାନଙ୍କର ସିମ ଅପଗ୍ରେଡ କରିବାକୁ ପଡିବ। ବିଏସ୍‌ଏନ୍‌ଏଲ୍ ତାର ଗ୍ରାହକମାନଙ୍କୁ ବିନା ମୂଲ୍ୟରେ ୩ଜି ସିମ ବଦଳରେ ୪ଜି ସିମ ଯୋଗାଇ ଦେଉଛି। ଭବିଷ୍ୟତରେ, ଏହି ସିମ୍‌ରେ 5G ଉପଭୋଗ କରାଯାଇପାରିବ। ପ୍ରଭାବିତ ଉପଭୋକ୍ତାମାନେ ବିଏସ୍‌ଏନ୍‌ଏଲ୍ କାର୍ଯ୍ୟାଳୟକୁ ଯାଇ ସେମାନଙ୍କର ସିମ ବଦଳାଇ ପାରିବେ। ଏଥିପାଇଁ ସେମାନଙ୍କୁ ନିଜ ପରିଚୟପତ୍ର ସାଙ୍ଗରେ ନେବାକୁ ପଡିବ। କହିରଖୁଛୁ କି, ବିହାର ବ୍ୟତୀତ, ବିଏସ୍‌ଏନ୍‌ଏଲ୍ ଅନ୍ୟ ଅନେକ ରାଜ୍ୟରେ ଏହାର ୩ଜି ସେବା ବନ୍ଦ କରିଦେଇଛି। କିଛି ସମୟ ଧରି, ବିଏସ୍‌ଏନ୍‌ଏଲ୍ ଗ୍ରାହକଙ୍କ ସଂଖ୍ୟାରେ ବୃଦ୍ଧି ଘଟିଛି। ପ୍ରକୃତରେ, ଲୋକମାନେ ଘରୋଇ ଟେଲିକମ କମ୍ପାନୀଗୁଡ଼ିକର ମହଙ୍ଗା ରିଚାର୍ଜ ପ୍ଲାନ ଯୋଗୁଁ କଷ୍ଟ ପାଉଛନ୍ତି। ଏହି କମ୍ପାନୀଗୁଡ଼ିକ ସେମାନଙ୍କର ଅନେକ ରିଚାର୍ଜ ପ୍ଲାନକୁ ଅନେକ ଥର ମହଙ୍ଗା କରିଛନ୍ତି। ଏଥିରେ ଅସୁବିଧା ଭୋଗୁଥିବା ଗ୍ରାହକମାନେ ବିଏସ୍‌ଏନ୍‌ଏଲ୍‌ର ସେବାର ସୁଯୋଗ ନେଉଛନ୍ତି।

# ରିଲାଏନ୍ସ ଜୁଏଲ୍ସର ଡ୍ରିମ୍ ଡାଇମଣ୍ଡ ସେଲ୍



**ମୁମ୍ବାଇ,୧୫।୧:** ରିଲାଏନ୍ସ ଜୁଏଲ୍ସର ବହୁ ପ୍ରତୀକ୍ଷିତ ତଥା ବାର୍ଷିକ ଅଭିଯାନ 'ଡ୍ରିମ୍ ଡାଇମଣ୍ଡ ସେଲ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହି ସେଲ୍ ଗ୍ରାହକଙ୍କୁ ହୀରାର କାଳଜୟୀ ଉତ୍କର୍ଷକୁ ପାଳନ କରିବା ପାଇଁ ଏକ ସୁଯୋଗ ପ୍ରଦାନ କରୁଛି। ଉଲ୍ଲେଖଯୋଗ୍ୟ, ୨୦୨୫ ଫେବୃଆରୀ ୧୬ ପର୍ଯ୍ୟନ୍ତ ପରିଚାଳିତ ହେବାକୁ ଥିବା ଏହି ସ୍ୱତନ୍ତ୍ର ସେଲ୍ ଉପରେ ଗ୍ରାହକଙ୍କୁ ଆକର୍ଷଣୀୟ ଅଫର ଯୋଗାଇ ଦିଆଯାଉଛି। ଏପରିକି ହୀରା ମୂଲ୍ୟ ଓ ମେକିଂ ଚାର୍ଜ ଉପରେ ୩୦% ପର୍ଯ୍ୟନ୍ତର ରିହାତି ପ୍ରଦାନ କରିବା ସହିତ ଅଳଙ୍କାର ସଂଗ୍ରହରେ ଉଜ୍ଜ୍ୱଳିତ ହୀରାଗୁଡିକୁ ସାମିଲ କରିବା ପାଇଁ ଏହି ସେଲ୍ ଗ୍ରାହକଙ୍କୁ ଏକ ଉପଯୁକ୍ତ ସୁଯୋଗରେ ପରିଣତ କରୁଛି।ସେହିଭଳି ଏକ ବିସ୍ତୃତ ଶୃଙ୍ଖଳାର ହୀରା ଅଳଙ୍କାର ସହ ଚଳିତ ବର୍ଷର ଏହି ଡ୍ରିମ୍ ଡାଇମଣ୍ଡ ସେଲ୍ ପ୍ରତ୍ୟେକ ଅବସରର ଆବଶ୍ୟକତାକୁ ପୂରଣ କରୁଛି। ବିଶେଷକରି ଷ୍ଟେଟ୍‌ମେଣ୍ଟ ବ୍ରାଇଡାଲ ସେଲ୍‌ରୁ ଆରମ୍ଭକରି ସୁନ୍ଦର ରିଙ୍ଗ୍, ସୂକ୍ଷ୍ମ ଇୟରରିଂ, ବହୁମୁଖୀ ବ୍ୟାଙ୍ଗେଲ୍ ଓ ଗ୍ରାଣ୍ଡ ନେକ୍‌ଲେସ୍ ପର୍ଯ୍ୟନ୍ତ ରିଲାଏନ୍ସ ଜୁଏଲ୍ସ ଡାଇମଣ୍ଡ ସେଲ୍ ପ୍ରତ୍ୟେକ ଷ୍ଟାଇଲ ଓ ଅବସର ପାଇଁ କିଛି ଚମତ୍କାର ଉପତ୍ପାଦ ପ୍ରଦାନ କରୁଛି। ଏ ସମ୍ପର୍କରେ ରିଲାଏନ୍ସ ଜୁଏଲ୍ସର ସିଇଓ ସୁନୀଲ ନାୟକ କହିଛନ୍ତି, ଆମେ ହୀରାର କାଳଜୟୀ ଆକର୍ଷଣ ଓ ସେଗୁଡିକ ସୂଚିତ କରୁଥିବା ଭାବନାକୁ ଭଲ ଭାବେ ବୁଝିଛୁ। ଡ୍ରିମ୍ ଡାଇମଣ୍ଡ ସେଲ୍‌କୁ ଏଭଳି ମୂଲ୍ୟବାନ୍ ରତ୍ନଗୁଡ଼ିକୁ ଅଧିକ ପହଞ୍ଚଯୋଗ୍ୟ କରିବା ପାଇଁ ଯତ୍ନର ସହ ନିର୍ମାଣ କରାଯାଇଛି, ଯାହା ଗ୍ରାହକଙ୍କୁ ସ୍ୱତନ୍ତ୍ର ମୁହୂର୍ତ୍ତଗୁଡିକ ପାଳନ କରିବା ଏବଂ ସମୃଦ୍ଧତା ପାଇଁ ଏକ ଦୈନନ୍ଦିନ ଉତ୍କର୍ଷରେ ନିମଜ୍ଜିତ ହେବାକୁ ଅନୁମତି ଦେଉଛି। ଆମର ଅତୁଳନୀୟ ଅଫର ଓ ହୀରାର ଏକ ବିସ୍ତୃତ କଲେକ୍ସନ ସହ ଆମେ ଚଳିତ ସିଜନରେ ଆନନ୍ଦ ଓ ଉତ୍କର୍ଷ ବିସ୍ତାର କରିବା ପାଇଁ ଉତ୍ସାହିତ ରହିଛୁ।

# ଚୀନ୍‌ଠୁ ଟିକ୍‌ଟକ୍‌କୁ କିଣିବେ ମସ୍କ

## ଖବରକୁ କମ୍ପାନୀର ଦୃଢ଼ ଖଣ୍ଡନ

**ନୂଆଦିଲ୍ଲୀ, ୧୫।୧:** ଭାରତରେ ନିଷିଦ୍ଧ ଥିବା ଚୀନ୍‌ର ଲୋକପ୍ରିୟ ଆପ୍ ଟିକ୍‌ଟକ୍ ଏହାର ଆମେରିକା ବ୍ୟବସାୟକୁ ଟେସ୍‌ଲା ମୁଖ୍ୟ ଏଲନ୍ ମସ୍କଙ୍କୁ ବିକ୍ରି କରିବା ଉପରେ ବିଚାର କରୁଛି। ଆମେରିକାର ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ୍ ନିର୍ବାଚିତ ହୋଇଥିବାରୁ ଆପ୍‌କୁ ନିଷିଦ୍ଧ କରାଯିବାର ପ୍ରବଳ ସମ୍ଭାବନା ରହିଛି। ସେଭଳି କୌଣସି ପ୍ରକାର ଅଭାବନୀୟ ସ୍ଥିତିକୁ ଏଡ଼ାଇବା ଲାଗି ଟିକ୍‌ଟକ୍‌ର ଆମେରିକା କାରବାରକୁ ଟ୍ରମ୍ପଙ୍କ ଅତ୍ୟନ୍ତ ଘନିଷ୍ଠ ମସ୍କଙ୍କୁ ବିକ୍ରି କରିବା ପାଇଁ ଚୀନ୍‌ର ଅଧିକାରୀମାନେ କଥାବାର୍ତ୍ତା ଆରମ୍ଭ କରିଥିବା କୁହାଯାଉଛି। ତେବେ ଏହି ଖବରକୁ ଟିକ୍‌ଟକ୍ ପକ୍ଷରୁ ଦୃଢ଼ ଭାବେ ଖଣ୍ଡନ କରାଯିବା ସହ ଏହା ସମ୍ପୂର୍ଣ୍ଣ ରୂପେ ମନଗଢ଼ା କାହାଣୀ ବୋଲି କୁହାଯାଇଛି। ମସ୍କଙ୍କ ପାଖରେ ବିଶ୍ୱର ଅନ୍ୟତମ ବୃହତ୍ ସୋସିଆଲ ମିଡିଆ 'ଏକ୍ସ' (ପୂର୍ବରୁ ଟ୍ୱିଟର୍) ରହିଛି। ଟିକ୍‌ଟକ୍‌କୁ କିଣିବା ପରେ ଏହି କ୍ଷେତ୍ରରେ ମସ୍କଙ୍କ ପତିଆରା ଆହୁରି ବଢ଼ିବ। ଆମେରିକାରେ ଟିକ୍‌ଟକ୍‌କୁ ୧୭ କୋଟିରୁ ଅଧିକ ଲୋକ ବ୍ୟବହାର କରୁଛନ୍ତି। ପୂର୍ବରୁ ଆମେରିକା ଟିକ୍‌ଟକ୍‌କୁ ଏକ ସମୟ ସୀମା ପ୍ରଦାନ କରିଛି।

# ମୁଥୁଟ୍ ଫାଇନାନ୍ସକୁ ଗ୍ରେଡ୍ ପ୍ଲେସ୍ ଟୁ ୱର୍କର ମାନ୍ୟତା




ନୂଆଦିଲ୍ଲୀ,୧୫।୧: ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଅଗ୍ରଣୀ ଫାଇନାନ୍ସିଆଲ ସର୍ଭିସ୍ ବ୍ରାଣ୍ଡ ମୁଥୁଟ୍ ଫାଇନାନ୍ସକୁ ନିକଟରେ ଆଉ ଏକ ସମ୍ମାନ 'ଗ୍ରେଡ୍ ପ୍ଲେସ୍ ଟୁ ଓ୍ୱାର୍କ'ର ମାନ୍ୟତା ମିଳିଛି। ଏପରିକି କ୍ରମାଗତ ୪ର୍ଥ ଥର ପାଇଁ କମ୍ପାନୀକୁ ଏହି ମାନ୍ୟତା ପ୍ରଦାନ କରାଯାଇଛି। ସେହିଭଳି ଦେଶର ଏକ ବିଶ୍ୱସନୀୟ ଘରୋଇ ସଂସ୍ଥା ତଥା କାର୍ଯ୍ୟସ୍ଥଳୀ ଭାବେ ମୁଥୁଟ୍ ଫାଇନାନ୍ସ ପୂର୍ବ ପରି ମାନ୍ୟତା ବଜାୟ ରଖିବା ସହିତ ସବୁବର୍ଗର ଲୋକ ଓ ଗ୍ରାହକ ଏବଂ କର୍ମଚାରୀଙ୍କ ବିଶ୍ୱାସଭାଜନ ହୋଇପାରିଛି। ଉଲ୍ଲେଖଯୋଗ୍ୟ, ବୈଶ୍ୱିକ ସ୍ତରରେ ସଂସ୍ଥା (ଗ୍ରେଡ୍ ପ୍ଲେସ୍ ଅଫ୍ ଓ୍ୱାର୍କ) କାର୍ଯ୍ୟସ୍ଥଳର ପରମ୍ପରା, ସଂସ୍କୃତି ଓ କର୍ମଚାରୀ ଆତ୍ମତୃପ୍ତିକୁ ବିଚାରକୁ ନେଇ ସମ୍ପୃକ୍ତ କମ୍ପାନୀ ଏବଂ ସଂସ୍ଥାକୁ ଏହି ପ୍ରମାଣନପତ୍ର ସଂସ୍ଥା ପକ୍ଷରୁ ଦିଆଯାଇଥାଏ। ଏ ସମ୍ପର୍କରେ ମୁଥୁଟ୍ ଗ୍ରୁପ୍‌ର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ଆଲେକ୍‌ଜାଣ୍ଡର ଜର୍ଜ ମୁଥୁଟ୍ କହିଥିଲେ, କମ୍ପାନୀ ଏହି ସଫଳତା ଓ ମାନ୍ୟତା ମିଳୁଥିବାରୁ ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ୪ଥର ପାଇଁ ଆମକୁ ଏହି ପ୍ରମାଣନପତ୍ର ଦିଆଯାଇଥିଲାବେଳେ ଆମର ସମସ୍ତ କର୍ମଚାରୀଙ୍କୁ ସମାନ ସୁଯୋଗ ଓ ସୁବିଧା ସାଙ୍ଗକୁ ବିଶ୍ୱାସ, ଭରସା ଏବଂ ଦାୟିତ୍ୱ ନିର୍ବାହକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଥାଏ।

# ମହାକୁମ୍ଭରେ ରିଲାଏନ୍ସ କରିବ 'କାମ୍ପା ଆଶ୍ରମ'

ପ୍ରୟାଗରାଜ, ୧୫।୧: ରିଲାଏନ୍ସ କଞ୍ଜ୍ୟୁମର ପ୍ରଡକ୍ଟ ଲିମିଟେଡ୍ (ଆରସିପିଏଲ୍) ମହାକୁମ୍ଭରେ 'କାମ୍ପା ଆଶ୍ରମ' ନିର୍ମାଣ କରିବାକୁ ଯାଉଛି। ସେଥିରେ ତୀର୍ଥଯାତ୍ରୀମାନେ ବିଶ୍ରାମ ନେବା ସହିତ ଜଳପାନ କରିପାରିବେ। ତୀର୍ଥଯାତ୍ରୀମାନଙ୍କୁ ଏକ ନିରାପଦ ଏବଂ ଶାନ୍ତିପୂର୍ଣ୍ଣ ସ୍ଥାନ ଯୋଗାଇବା ପାଇଁ ଏହି ଆଶ୍ରମ ପରିକଳ୍ପନା କରାଯାଇଛି। ରିଲାଏନ୍ସ ମହାକୁମ୍ଭ ଅଞ୍ଚଳରେ ତୀର୍ଥଯାତ୍ରୀମାନଙ୍କ ପାଇଁ ସ୍ପଷ୍ଟ ଓ ସହଜରେ ପଢ଼ି ହେବା ଭଳି ସୂଚନା ଫଳକ ଏବଂ ଦିଗସୂଚକ ବୋର୍ଡ ସ୍ଥାପନ କରୁଛି। ଏହି ଅବସରରେ କମ୍ପାନି ସିଇଓ କେତନ ମୋଦୀ କହିଛନ୍ତି ଯେ ପ୍ରୟାଗରାଜ ମହାକୁମ୍ଭ ୨୦୨୫ରେ ଆମ ଅଂଶଗ୍ରହଣ ଏହି ଭବ୍ୟ ଆଧାତ୍ମିକ ସମାବେଶର ଭାବନାକୁ ସମ୍ମାନ ଜଣାଇବା ପାଇଁ ଉଦ୍ଦିଷ୍ଟ। ଏକ କମ୍ପାନି ଭାବରେ ଆମେ ଭାରତୀୟ ପରମ୍ପରା ସହିତ ଗଭୀର ଭାବରେ ସଂଯୁକ୍ତ। ଏହି ପବିତ୍ର ଆୟୋଜନ ଅବସରରେ ଲୋକମାନଙ୍କ ସେବା ଦ୍ୱାରା ଆମେ ଭାରତୀୟ ଗ୍ରାହକଙ୍କ ପରମ୍ପରାକୁ ନୂଆ ରୂପ ଦେଉଛୁ ବୋଲି ସେ କହିଛନ୍ତି।

## ବଜେଟ ୨୦୨୫: ଚାହିଦା ବଢ଼ାଇବାକୁ ଆସିପାରେ ମାଷ୍ଟରଷ୍ଟ୍ରୋକ୍

# ନିଯୁକ୍ତି ଓ ଘରୋଇ ନିବେଶକୁ ଦିଆଯିବ ପ୍ରାଥମିକତା

**ନୂଆଦିଲ୍ଲୀ,୧୫।୧:** ଫେବୃଆରୀ ୧ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୦୨୫-୨୬ ଆର୍ଥିକବର୍ଷର ବଜେଟ୍ ଦସ୍ତାବିଜ୍‌କୁ ଉପସ୍ଥାପନ କରିବେ। ଏଥର ଅର୍ଥନୀତି ଆଗରେ ରହିଛି ଅନେକ ଆହ୍ୱାନ। ମନ୍ଥର ଅଭିବୃଦ୍ଧି ଏବଂ ଚାହିଦାକୁ ଟ୍ରାକ୍‌କୁ ଆଣିବା ପାଇଁ ଅର୍ଥମନ୍ତ୍ରୀ କରିପାରନ୍ତି ବଡ଼ ଘୋଷଣା। ଧୀମା ଅର୍ଥନୀତିକୁ ଏବେ ସାହାରା ଲୋଡ଼ା। ଏ ଦିଗରେ ବଜେଟ ପ୍ରସ୍ତାବ ଆସିବା ସ୍ୱାଭାବିକ। ଏଥର ବଜେଟ୍‌ରୁ ଅନେକ ଆଶା ରହିଛି। ମଧ୍ୟବିତ୍ତଙ୍କୁ ଟିକସ ରିହାତି, କୌଣସି ପ୍ରକାର ପ୍ରତିକୂଳ ବାହ୍ୟ ପରିବେଶକୁ ଆଖି ଆଗରେ ରଖି ଶିଳ୍ପଗୁଡ଼ିକ ପାଇଁ ଟାରିଫ୍ ସହାୟତା ଏବଂ ନିଯୁକ୍ତି ଓ ଘରୋଇ ନିବେଶକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରସ୍ତାବ ଆଣିପାରନ୍ତି ଅର୍ଥମନ୍ତ୍ରୀ ସୀତାରମଣ। ପ୍ରକ୍ରିୟା ସହ ଜଡ଼ିତ ଏକ ସୂତ୍ରରୁ ଏହା ଜଣାପଡ଼ିଛି।

ଗତ ସପ୍ତାହରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଏକ ବୈଠକ ହୋଇଥିଲା, ଯେଉଁଥିରେ ବଜେଟ୍‌କୁ ନେଇ ଅନେକ ଆଲୋଚନା ହୋଇଛି। ଆଗକୁ ମଧ୍ୟ ଏପରି ଆହୁରି ଅନେକ ବୈଠକ ହେବାକୁ ଯାଉଥିବା ଜଣାପଡ଼ିଛି। ବଜେଟ୍‌ରେ ସଂସ୍କାର, ଇଜ୍



ଅଫ୍ ଡୁଇଙ୍ଗ୍ ବିଜ୍‌ନେସ୍ ଏବଂ ଲିଭିଂ ଉପରେ ଗୁରୁତ୍ୱ ଦିଆଯାଇପାରେ। ଆଲୋଚନାମାନ ଆରମ୍ଭ ହୋଇଗଲାଣି। ବଜେଟ୍‌ରେ କିଛି ଦୃଢ଼ ସଂକେତ ଆସିପାରେ ବୋଲି ଜଣେ ଅଧିକାରୀ ନାମ ଗୋପନ ରଖି କହିଛନ୍ତି। ୨୦୨୪-୨୫ ଆର୍ଥିକବର୍ଷରେ ଦେଶର ଅର୍ଥନୈତିକ ଅଭିବୃଦ୍ଧି ୪ ବର୍ଷର ସର୍ବନିମ୍ନ ସ୍ତର ୬.୪%କୁ ଖସିପାରେ ବୋଲି ଆକଳନ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ଚାହିଦା ଏବଂ ନିବେଶ ବଢ଼ାଇବା ପାଇଁ ପ୍ରସ୍ତାବ ଆସିପାରେ ବୋଲି ଅନୁମାନ କରାଯାଇଛି। ନୂଆ ଟିକସ ବ୍ୟବସ୍ଥାରେ ବ୍ୟକ୍ତିଗତ ଟିକସଦାତାଙ୍କ ପାଇଁ ରିହାତି ଉପରେ ଆଲୋଚନା ହୋଇଛି। କମ୍ପାନି ଟିକସର ସରଳୀକରଣ ଏବଂ ସହଜ ଟିଡିଏସ୍ ବ୍ୟବସ୍ଥା ଉପରେ ବି ଆଲୋଚନା ହୋଇଥିବା ଜଣାପଡ଼ିଛି। ସହରାଞ୍ଚଳରେ ଚାହିଦା ପ୍ରଭାବିତ ହୋଇଛି। ଏଭଳି ସ୍ଥିତିରେ ନୂଆ ଟିକସ ବ୍ୟବସ୍ଥା ଅଧୀନରେ ସ୍ଲାବ୍‌କୁ ପ୍ରଶସ୍ତ କରିବା ପାଇଁ ଦାବି ହେଉଛି। ବଜେଟ୍‌ରେ ଏହା ଉପରେ କିଛି ଘୋଷଣା ହୋଇପାରେ। ସମ୍ପ୍ରତି ବାର୍ଷିକ ୧୫ ଲକ୍ଷ ଟଙ୍କାର ଆୟ ଉପରେ ସର୍ବୋଚ୍ଚ ସ୍ଲାବ୍ ୩୦% ଲାଗୁଛି। ଟିକସ ବୋଝ କମାଇବା ଦ୍ୱାରା ସହରାଞ୍ଚଳରେ ଚାହିଦା ବଢ଼ିବ। ନିଯୁକ୍ତିକୁ ତ୍ୱରାନ୍ୱିତ କରିବା ପାଇଁ ବଜେଟ୍‌ରେ କିଛି ପ୍ରସ୍ତାବ ଆସିପାରେ। ନିର୍ବାଚନ ଯୋଗୁ ଚଳିତ ଆର୍ଥିକବର୍ଷରେ ସରକାରଙ୍କ ପୁଞ୍ଜି ବ୍ୟୟ କମିଛି। ଏଥର ବଜେଟ୍‌ରେ ଏହା ଉପରେ ଯଥେଷ୍ଟ ପ୍ରାଧାନ୍ୟ ଦେଇପାରନ୍ତି କେନ୍ଦ୍ର ସରକର। ଘରୋଇ ନିବେଶ ଠୁଳ କରିବା ଉପରେ ଜୋର ଦିଆଯାଇପାରେ। ଏହାସହିତ ଘରୋଇ ଶିଳ୍ପକୁ ଚୀନ୍‌ରୁ ଆସୁଥିବା ଶସ୍ତା ଆମଦାନିରୁ ବଞ୍ଚାଇବା ପାଇଁ ମୂଳ ସୀମା ଶୁଳ୍କରେ ବି ପରିବର୍ତ୍ତନ କରଯାଇପରେ। ଆମେରିକାରେ ରାଷ୍ଟ୍ରପତି ପଦରେ ଅବସ୍ଥାପିତ ହେବାକୁ ଯାଉଥିବା ଡୋନାଲ୍ଡ ଟ୍ରମ୍ପ ଚୀନ୍ ସାମଗ୍ରୀ ଉପରେ ଟାରିଫ୍ ବଢ଼ାଇବା ପାଇଁ ଘୋଷଣା କରିଛନ୍ତି। ଏହାଦ୍ୱାରା ଭାରତରେ ଚୀନ୍‌ର ଶସ୍ତା ସାମଗ୍ରୀର ଡମ୍ପିଂ ଆଶଙ୍କା ବଢ଼ିଯାଇଛି। ଏଭଳି କ୍ଷେତ୍ରରେ ଚୀନ୍ ସାମଗ୍ରୀ ଉପରେ ଲଗାମ ଲଗାଇବା ପାଇଁ ବଜେଟରେ କଠୋର ନୀତି ଆସିପାରେ। ସୂତ୍ର ଅନୁସାରେ, ବିଦେଶୀ ନିବେଶ ବ୍ୟବସ୍ଥାକୁ ସହଜ କରିବାର ଉପାୟ ଉପରେ ବି ଆଲୋଚନା ହୋଇଛି ଏବଂ ବଜେଟ୍‌ରେ ଏହାର ଝଲକ ଦେଖିବାକୁ ମିଳିପାରେ।

## ଶ୍ରୀ ଶ୍ରୀ ବଳଦେବଜୀଉ ମନ୍ଦିରରେ ରାଜାଭିଷେକ ଉତ୍ସବ



**ଜଗତସିଂହପୁର,୧୫।୧ (ସଂଚାର ବ୍ୟୁରୋ) :** ଜଗତସିଂହପୁର ବ୍ଲକ ମୁଦୁପୁର ପଞ୍ଚାୟତ ସିଦ୍ଧଳ ସ୍ଥିତ ଶ୍ରୀଶ୍ରୀବଳଦେବଜୀଉ ମନ୍ଦିର ପରିସରରେ ରାଜାଭିଷେକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଠାକୁର ରାଜା ଭାବେ ଜିଲ୍ଲାପାଳ ଜେ ସୋନାଲ ଏବଂ ଜିଲ୍ଲାପାଳଙ୍କ ସହଧର୍ମିଣୀ, ମନ୍ତ୍ରୀ ପାରିଷଦ ଭାବେ ଏସପି ଭବାନୀ ଶଙ୍କର ଉଦଗାତା, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ତହସିଲଦାର, ଜଗତସିଂହପୁର, ତାରିଣୀ ରଞ୍ଜନ ରାୟ ପୌର ପରିଷଦ ନିର୍ବାହୀ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଜିଲ୍ଲା ସଂସ୍କୃତି ଅଧିକାରୀ, ଜିଲ୍ଲା ମହିଳା ଓ ଶିଶୁ କଲ୍ୟାଣ ଅଧିକାରୀ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଜଗତସିଂହପୁର ପୌରପରିଷଦ ନିର୍ବାହୀ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ବଡ଼ ଦାଣ୍ଡରୁ ଶତାଧିକ ସେବାୟତ, ମହିଳା ସ୍ୱୟଂ ସହାୟକ ଦଳର କର୍ମୀ ଠାକୁର ରାଜା ଓ ସମସ୍ତ ପରିଷଦଗଣଙ୍କୁ ଏକ ସଂକୀର୍ତ୍ତନ ଶୋଭାଯାତ୍ରାରେ ଶ୍ରୀ ଶ୍ରୀ ବଳଦେବଜୀଉ ମନ୍ଦିରକୁ ପାଛୋଟି ନେଇ ବେଢ଼ା ପରିକ୍ରମା କରାଇବା ସହିତ ଶ୍ରୀଜିୟୁମାନଙ୍କୁ ଦର୍ଶନ କରାଇଥିଲେ।ଏହା ପରେ ନାଟ ମଣ୍ଡପ ଠାରେ ରାଜାଭିଷେକ ଉତ୍ସବ ଅନୁଷ୍ଠିତ ହୋଇଥିଲା।

# ଅପରାଧୀଙ୍କ ଆଡ୍ଡାସ୍ଥଳ ପାଲଟିଛି ସୁବର୍ଣ୍ଣପୁର

## ବନ୍ଧୁକ ମୁନରେ ବ୍ୟବସାୟୀଙ୍କ ଠାରୁ ଲକ୍ଷାଧିକ ଟଙ୍କା ଲୁଟ୍

**ସୁବର୍ଣ୍ଣପୁର,୧୫।୧ (ସଂଚାର ବ୍ୟୁରୋ):** ଦିନକୁ ଦିନ ସୁବର୍ଣ୍ଣପୁର ଜିଲ୍ଲାରେ ଅସାମାଜିକ କାର୍ଯ୍ୟକଳାପ ବଢ଼ି ବଢ଼ି ଚାଲିଛି। କେତେବେଳେ ମନ୍ଦିରରୁ ଚୋରି ତ କେତେବେଳେ ବିଚ୍ ବଜାରରେ ଲୁଟ୍ ହେଉଛି। ତେବେ ମଙ୍ଗଳବାର ସନ୍ଧ୍ୟାର ଘଟଣା ସାରା ଜିଲ୍ଲାରେ ଭୟର ବାତାବରଣ ଖେଳାଇ ଦେଇଛି । ମହାନଦୀର ଆରପାଖ ଧର୍ମଶାଳା ଛକରେ ଜନସେବା କେନ୍ଦ୍ର ଖୋଲିଥିବା ଲେହେଡି ନିବାସୀ ନୀଳାମ୍ବର ମହାପାତ୍ରଙ୍କ ଠାରୁ ବନ୍ଧୁକ ମୂନରେ ଲକ୍ଷାଧିକ ଟଙ୍କା ଲୁଟ୍ ହୋଇଛି। ସବୁଦିନ ଭଳି ସନ୍ଧ୍ୟା ସାଢ଼େ ୬ଟାରେ ଜନସେବା କେନ୍ଦ୍ର ବନ୍ଦ କରି ଜାଲୋଏ ରାସ୍ତାର ଲେହେଡି ସ୍ଥିତ ନିଜ ଘରକୁ ନୀଳାମ୍ବର ଫେରୁଥିଲେ। ଏକ ଲାଲ ରଙ୍ଗର ରେସିଂ ବାଇକ୍‌ରେ ତିନି ଜଣ ଲୁଟେରା ଆସି ଅଧାବାଟରେ ଅତର୍କିତ ଭାବେ ନୀଳାମ୍ବରଙ୍କୁ ଆକ୍ରମଣ କରିଥିଲେ। ନୀଳାମ୍ବର ଧରିଥିବା ଟଙ୍କା ବ୍ୟାଗକୁ ଜୋର ଜବରଦସ୍ତି ଛଡାଇବା ପାଇଁ ସେମାନେ ଉଦ୍ୟମ କରିଥିଲେ। ହେଲେ ସେ ଏହାର ପ୍ରତିରୋଧ କରିବାରୁ ଲୁଟେରାମାନେ ନୀଳାମ୍ବରଙ୍କ ମୁଣ୍ଡକୁ ପିସ୍ତଲର ପଛପଟେ ଆକ୍ରମଣ କରିଥିଲେ। ନୀଳାମ୍ବର ଗୁରୁତର ଅବସ୍ଥାରେ ସେଠାରେ ପଡି



ଯିବାରୁ ଲୁଟେରାମାନେ ଟଙ୍କା ବ୍ୟାଗ ଧରି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ । ଗୁରୁତର ଅବସ୍ଥାରେ ନୀଳାମ୍ବରଙ୍କୁ ଘଟଣାସ୍ଥଳରୁ କିଛି ସ୍ଥାନୀୟ ଲୋକେ ଉଦ୍ଧାର କରି ଜିଲ୍ଲା ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି ଓ ମୁଣ୍ଡରେ ୧୫ ରୁ ଉର୍ଦ୍ଧ୍ୱ ଷ୍ଟିଚ୍ ପଡିଛି ।

ଏହା ଏକ ବ୍ୟାଙ୍କର ଜନସେବା କେନ୍ଦ୍ର ହୋଇଥିବାରୁ ଲୋକେ ଜମା ଦେଇଥିବା ଦେଢ଼ ଲକ୍ଷ ଟଙ୍କା ବ୍ୟାଗରେ ଥିଲା ବୋଲି ନୀଳାମ୍ବର କହିଛନ୍ତି । ଅଭିଯୋଗ ପାଇ ହିକୁଡି ଫାଣ୍ଡି ପୁଲିସ୍ ତୁରନ୍ତ ଘଟଣାସ୍ଥଳରେ ଓ ମେଡିକାଲ୍‌ରେ ପହଞ୍ଚି ଅନୁସନ୍ଧାନ ଆରମ୍ଭ କରିଛି । ଘଟଣାସ୍ଥଳରୁ ଏକ ଜୀବନ୍ତ ଗୁଳି ଜବତ ହୋଇଛି।

ପ୍ରକାଶ ଥାଉ କି ଯେ ଦୀର୍ଘ ବର୍ଷ ପୂର୍ବରୁ ଧର୍ମଶାଳା ଷ୍ଟେଟ ବ୍ୟାଙ୍କରୁ ମଧ୍ୟ ଏକ ବଡ ଧରଣ ର ଡକାୟତି ହୋଇଥିବା ଓ ଏଥିରେ ସମ୍ବଲପୁର ଓ ବିହାର ଅଞ୍ଚଳର ଲୁଟେରା ସାମିଲ୍ ଥିଲେ ବୋଲି ଜଣା ପଡିଥିଲା। ଘଟଣାର ସୂଚନା ପାଇ ସ୍ଥାନୀୟ ବିଧାୟକ ରଘୁନାଥ ଜଗଦଲା ରାତିରେ ଆହତଙ୍କ ଘରେ ପହଂଚି ସ୍ୱାସ୍ଥ୍ୟାବସ୍ଥା ବୁଝିଥିବା ଜଣାପଡ଼ିଛି।



## ଦୟାନଦୀ ପାଣି ବ୍ୟବହାର ନ କରିବାକୁ ପରାମର୍ଶ

**କଣାସ,୧୫।୧ (ସଂଚାର ବ୍ୟୁରୋ):** କଣାସ ବ୍ଲକ ଗଡ଼ିଶାଗୋଦା ଗ୍ରାମପଞ୍ଚାୟତର ନୂଆଗାଁ ଗ୍ରାମରେ ଦୀର୍ଘ ୧୪ଦିନ ହେଲା ଝାଡାବାନ୍ତି ଲାଗିରହିବା ସହିତ ଦୁଇ ଜଣଙ୍କର ମୃତ୍ୟୁ ହୋଇଯାଇଛି। ୧୨ଦିନ ହେଲା ଉକ୍ତ ଗ୍ରାମର ଆଶା ଦିଦି ରୋଗୀମାନଙ୍କୁ ଔଷଧ ବିତରଣ କରୁଥିଲେ। ଦୁଇଦିନ ତଳେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରଚାର ହେବାପରେ ଗତକାଲି କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରରୁ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ଉକ୍ତ ଗ୍ରାମକୁ ଯାଇ ବୁଲି ଫେରିଆସିଥିଲେ। ଉକ୍ତ ଗ୍ରାମରେ ୨୫ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ ହୋଇଥିବା ବେଳେ ନିକଟସ୍ଥ ଜାଗୁଲେଇପଦର ଗ୍ରାମରେ ୧୫ରୁ ଉର୍ଦ୍ଧ୍ୱ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ସେହିପରି ଗଡ଼ିଶାଗୋଦା ଗ୍ରାମରେ ୫ଜଣ, ହରିପୁର ଗ୍ରାମରେ ୨ଜଣ ଆଜି ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ଆଜି ପୁରୀରୁ ଡିପିଏଚ୍‌ଓ ବ୍ରଜ ଶଙ୍କର ରଥ ଇପିଡେମୋଲୋଜିଷ୍ଟି ଡାକ୍ତର ସିଲ୍ପି ଦାସ, କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ସମ୍ବିଦ୍ ରଞ୍ଜନ ଜେନା, ଡାକ୍ତର ଜଗନ୍ନାଥ ବେହେରା, ଡାକ୍ତର ଅବନିରଞ୍ଜନ ପାତ୍ର, ସ୍ୱର୍ଣ୍ଣଲତା ରଥ, ପି.ଏଚ୍.ଇ.ଓ ଦେବଦର୍ଶିନୀ ମହାନ୍ତ, ପ୍ରଭୃତି ନୂଆଗାଁ, ଜାଗୁଲେଇପଦର, ଗଡ଼ିଶାଗୋଦା, ହରିପୁର ଗ୍ରାମକୁ ଯାଇ ଝାଡାବାନ୍ତିରେ ଆକ୍ରାନ୍ତ ହେଉଥିବା ଲୋକମାନଙ୍କୁ ଔଷଧ ବିତରଣ କରିଥିଲେ। ଦୟାନଦୀର ଦୂଷିତ ଜଳ ବ୍ୟବହାର ଯୋଗୁଁ ଝାଡାବାନ୍ତି ବ୍ୟାପୁ ଥିବା ଡାକ୍ତରମାନେ ସୂଚନା ଦେବାସହ ଦୟାନଦୀର ଜଳକୁ ବ୍ୟବହାର ନ କରିବାପାଇଁ ଡାକ୍ତରମାନେ ଗ୍ରାମବାସୀମାନଙ୍କୁ ସଚେତନ କରାଇଥିଲେ। ୭ଦିନ ଧରି ଅସ୍ଥାୟୀ ସ୍ୱାସ୍ଥ୍ୟ କ୍ୟାମ୍ପ ନୂଆଗାଁ ଠାରେ ଖୋଲାଯିବ ବୋଲି ଡିପିଏଚଓ, ଡାକ୍ତର ବ୍ରଜ ଶଙ୍କର ରଥ ସୂଚନା ଦେଇଥିଲେ।

## ମା ରାବାୟଣୀ ମକର ମେଳା କମିଟି ପକ୍ଷରୁ ରକ୍ତଦାନ ଶିବିର

**ନୀଳଗିରି,୧୫।୧ (ସଂଚାର ବ୍ୟୁରୋ) :** ନୀଳଗିରି ଏନଏସି ଅନ୍ତର୍ଗତ ବାଣପୁର ଗ୍ରାମରେ ବିଦ୍ୟମାନ ଅଧିଷ୍ଠିତ ଦେବୀ ମା ରାବାୟଣୀ ମକର ମେଳା କମିଟି ପକ୍ଷରୁ ମା'ଙ୍କ ପୀଠସ୍ଥଳୀ ପରିସରରେ ଏକ ରକ୍ତ ଦାନ ଶିବିର ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ନୀଳଗିରି ଥାନା ଭାରପ୍ରାପ୍ତ ଅଧିକାରୀ ଗୋପାଳ ଚନ୍ଦ୍ର କର୍ଣ୍ଣ ଯୋଗଦେଇ ସ୍ୱେଚ୍ଛାସେବୀ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ପରେ ମା' ରାବାୟଣୀ ପୀଠସ୍ଥଳୀ ବୁଲି ଆଶିଷ ନେଇଥିଲେ। କାର୍ଯ୍ୟକ୍ରମରେ ୩୪ ୟୁନିଟ ରକ୍ତ ସଂଗୃହିତ ହୋଇଥିବା ବେଳେ ନୀଳଗିରି ରକ୍ତ ଭଣ୍ଡାରର ଡାକ୍ତର ଶିବାଶିଷ ନାୟକଙ୍କ ତତ୍ତ୍ୱାବଧାନରେ ସମସ୍ତ ରକ୍ତ ସଂଗ୍ରହ କରାଯାଇଥିଲା।

### ବର୍ଦ୍ଧିତ ଭତ୍ତା ବିତରଣ

## ରାୟଗଡରେ ଉପକୃତ ହେବେ ୬୦୫୮ ହିତାଧିକାରୀ




**ରାୟଗଡା,୧୫।୧ (ସଂଚାର ବ୍ୟୁରୋ) :** ଆଜି ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସି ଦ୍ୱାରା ସିଧା ପ୍ରସାରଣ ମାଧ୍ୟମରେ କେନ୍ଦୁଝର ଜିଲ୍ଲାରୁ କାର୍ଯ୍ୟକ୍ରମରେ ଯୋଗଦେଇ ବର୍ଦ୍ଧିତ ଭତ୍ତା ପ୍ରଦାନର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ରାୟଗଡ଼ ଠାରେ ଜିଲ୍ଲାପାଳ ରାୟଗଡ ଶ୍ରୀମତୀ ପାରୁଲ ପଟାୱାରୀ ୮୦ ବର୍ଷରୁ ଉର୍ଦ୍ଧ୍ୱ ବୟୋଜ୍ୟେଷ୍ଠ ଓ ଦିବ୍ୟାଙ୍ଗ ବ୍ୟକ୍ତି ମାନଙ୍କୁ ବର୍ଦ୍ଧିତ ଭତ୍ତା ୩୫୦୦/- ବଣ୍ଟନ କରିଛନ୍ତି। ଓଡିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓଡିଶାଙ୍କ ନିର୍ଦ୍ଦେଶ କ୍ରମେ ରାୟଗଡ଼ ଜିଲ୍ଲାର ବିଭିନ୍ନ ବ୍ଲକ, ପୌରପରିଷଦ, ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ପ୍ରତ୍ୟେକ ଗ୍ରାମପଂଚାୟତ କାର୍ଯ୍ୟାଳୟରେ ଏହି ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯାଇଛି। ବର୍ଦ୍ଧିତ ଭତ୍ତା ମାଧ୍ୟମରେ ମଧୁବାବୁ ପେନସନ ଯୋଜନା ରାୟଗଡ ଜିଲ୍ଲାରୁ ୮୦ବର୍ଷରୁ ଉର୍ଦ୍ଧ ୫୦୪୪ ଜଣ, ଏବଂ ୮୦%ରୁ ଉର୍ଦ୍ଧ ଦିବ୍ୟାଙ୍ଗ ୧୦୧୪ ଜଣକୁ ମିଶାଇ ଜିଲ୍ଲାରେ ସର୍ବ ମୋଟ ୬୦୫୮ ଜଣ ପାଇବେ। ସେଥିମଧ୍ୟରୁ ୮୦ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ବ୍ୟକ୍ତି ୪୫୪ ଏବଂ ୮୦%ରୁ ଅଧିକ ଦିବ୍ୟାଙ୍ଗ ୨୫୭ ଜଣଙ୍କୁ ବର୍ଦ୍ଧିତ ହାରରେ ୩୫୦୦/-ଲେଖାଏଁ ଭତ୍ତା ପ୍ରଦାନ କରାଯାଇଛି।

## ଖୁଣ୍ଟାପୁରରେ ମକର ମହୋତ୍ସବ ଉଦ୍‌ଘାଟିତ

**ବୈଶିଙ୍ଗା,୧୫।୧ (ସଂଚାର ବ୍ୟୁରୋ):** ସନାତନୀ ପରମ୍ପରା ସହିତ ଓଡିଆ ଅସ୍ମିତାର ଧାର୍ମିକ ପରମ୍ପରା ସ୍ୱରୁପ ଗ୍ରାମାଞ୍ଚଳରେ ବିଭିନ୍ନ ସ୍ଥାନରେ ଧର୍ମାଲୋଚନା ଅବଲୋକନ ଏବେବି ଲୋକଙ୍କ ମନରେ ଉଜ୍ଜୀବିତ ରହିଥିବାର ଦେଖାଯାଇଛି। ଏହାକୁ ପାଥେୟ କରି ଆଜକୁ ୧୭ ବର୍ଷ ହେବ ବୈଶିଙ୍ଗା ଉପକଣ୍ଠ ଖୁଣ୍ଟାପୁର ସ୍ଥିତ ହାଇସ୍କୁଲ ପଡ଼ିଆରେ ମକର ସଂକ୍ରାନ୍ତି ଠାରୁ ନବଦିନ ବ୍ୟାପି ମକର ମହୋତ୍ସବ ହର୍ଷ ଉଲ୍ଲାସର ସହିତ ପାଳିତ ହୋଇ ଆସୁଛି। ଚଳିତ ବର୍ଷ ଗତ ୧୪ ତାରିଖ ମଙ୍ଗଳବାର ଦିନ ଏହି ମକର ମହୋତ୍ସବ ଉଦଘାଟିତ ହୋଇ ଯାଇଛି । ପ୍ରବୀଣ ବ୍ରାହ୍ମଣ ମାନଙ୍କ ଦ୍ୱାରା ଯଜ୍ଞ ଅନୁଷ୍ଠାନ କରାଯାଇ ଥିଲା । ଏଥିପାଇଁ ଖୁଣ୍ଟାପୁର ବଡ ପୋଖରୀରୁ ଶତାଧିକ ଶ୍ରଦ୍ଧାଳୁ ଘଟୋତ୍ତଳନ କରି ବିରାଟ ଶୋଭାଯାତ୍ରାରେ ମହୋତ୍ସବ ସ୍ଥଳିକୁ ଆଣିଥିଲେ । ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଜାରି ରହିବ।

### ଅସ୍ତରଙ୍ଗ ବ୍ଲକରେ ଖୋଲିଲା ଧାନ ମଣ୍ଡି, ଖୁସିହେଲେ ଚାଷୀ

## କନ୍ତପଏଁରା ଓ ଚକରପଡାରେ ଧାନକିଣା ଆରମ୍ଭ



**କାକଟପୁର/ଅସ୍ତରଙ୍ଗ,୧୫।୧ (ସଂଚାର ବ୍ୟୁରୋ):** ଖରିଫ ଋତୁ ପାଇଁ ପୁରୀ ଜିଲ୍ଲା ଅସ୍ତରଙ୍ଗ ରେ ଖୋଲିଲା ଧାନ ମଣ୍ଡି । ଏଣିକି ଚାଷୀମାନେ ନିଜ କଷ୍ଟ ଅର୍ଜିତ ଫସଲ ବିକ୍ରି କରି ପାରିବେ । ପୁରୀ ଜିଲ୍ଲା ସମ୍ମିଳିତ ପୁରୀ ନିମାପଡା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଂ ଅସ୍ତରଙ୍ଗ ଶାଖା ଅଧୀନ କନ୍ତପଏଁରା ଓ ଚକରପଡା ସେବା ସମବାୟ ସମିତି ତରଫରୁ ବୁଧବାର ଧାନମଣ୍ଡିରେ ଚାଷୀଙ୍କ ଠାରୁ ଖରିଫ ଧାନ କ୍ରୟ ଶୁଭାରମ୍ଭ ହୋଇଛି।

ଚଳିତ ବର୍ଷ ଅସ୍ତରଙ୍ଗ ବ୍ଲକର ୧୦ଟି ସେବା ସମବାୟ ସମିତିରେ ୨୭୧୩ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜିକରଣ କରିଛନ୍ତି। ଧାର୍ଯ୍ୟ ବାରରେ ସକାଳ ୮ଟାରୁ ଦିନ ୨ଟା ମଧ୍ୟରେ ଧାନ ବିକ୍ରି କରି ପାରିବେ ଚାଷୀ। ତେବେ ସାଧାରଣ ମାନ କୁଇଣ୍ଟାଲ ପିଛା ୨୩ଶହ ଟଙ୍କା ଏବଂ ଗ୍ରେଡ଼ ଏ ମାନର ଧାନ କୁଇଣ୍ଟାଲ ପିଛା ୨୩ଶହ ୨୦ଟଙ୍କାରେ ସଂଗ୍ରହ କରାଯାଉଛି। କନ୍ତପଏଁରା ସେବା ସମବାୟ ସମିତିରେ ୩୫୮ଜଣ ଚାଷୀ ପଞ୍ଜିକରଣ କରିଥିବା ବେଳେ ପ୍ରଥମ ଦିନରେ ୮ଜଣ ଚାଷୀ ୬ଶହ କୁଇଣ୍ଟାଲ ଧାନ ଓ ଚକରପଡା ସେବା ସମବାୟ ସମିତିରେ ୪୨୦ଜଣ ଚାଷୀ ପଞ୍ଜିକରଣ କରିଥିବା ବେଳେ ପ୍ରଥମ ଦିନରେ ୬ଜଣ ଚାଷୀ ୩ଶହ କୁଇଣ୍ଟାଲ ଧାନ ମଣ୍ଡିରେ ଦେଇଛନ୍ତି। ଧାନ ଦେବାର ଚାଷୀ ଯେଭଳି କୌଣସି ସମସ୍ୟାର ସମ୍ମୁଖୀନ ନ ହେବେ ସେଥିପ୍ରତି ଦୃଷ୍ଟି ଦେବାକୁ କୁହାଯାଇଛି। ଚଳିତ ବର୍ଷ ଶତ ପ୍ରତିଶତ ଧାନ ଉଠାଇବାକୁ ଲକ୍ଷ ରଖିଛି ପ୍ରଶାସନ। ଚାଷୀ ମାନେ ମଣ୍ଡିରେ ଧାନ ଦେଇ ଖୁସି ହୋଇଥିଲେ।

## ଉକ୍ଳେଲା ପଞ୍ଚାୟତର ନୂତନ ପିଇଓଙ୍କୁ ମିଳୁନି ଦାୟିତ୍ୱ

**କଳାହାଣ୍ଡି,୧୫।୧ (ସଂଚାର ବ୍ୟୁରୋ):** ଏକ ସୂଚନା ଅଧିକାର ଆଇନର ତଥ୍ୟ ଅନୁସାରେ ବର୍ତ୍ତମାନ କେସିଙ୍ଗା ବ୍ଲକର ଭାରପ୍ରାପ୍ତ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଭାବେ କାର୍ଯ୍ୟରତ ଲମ୍ବୁ ଶିଖା ପୂର୍ବରୁ ଚାଞ୍ଚେର ଓ ଉକ୍ଳେଲା ପଞ୍ଚାୟତର ପଞ୍ଚାୟତ ନିର୍ବାହୀ ଅଧିକାରୀ ଥିଲେ। ଦୁଇ ସରପଞ୍ଚଙ୍କ ସହ ସଲାସୁତରା କରି ବେଆଇନ ଭାବେ ଲକ୍ଷ ଲକ୍ଷ ଟଙ୍କା ହେରଫେର କରିଥିଲା ବେଳେ କୌଣସି ସତ୍ୟ ପ୍ରାମାଣିକ କାଗଜ ପତ୍ର ନଥିବାରୁ ଆଜିଯାଏ ଚାର୍ଜ ଦେଇପାରି ନଥିବା ଜଣାପଡିଛି।



ସୂଚନାରୁ ପ୍ରକାଶ ଯେ କେସିଙ୍ଗା ବ୍ଲକ ଅନ୍ତର୍ଗତ ଚାଞ୍ଚେର ଓ ଉକ୍ଳେଲା ପଞ୍ଚାୟତର ଶ୍ରୀ ଶିଖା ପିଇଓ ଭାବେ ଦାୟିତ୍ୱରେ ଥିବାବେଳେ ବ୍ଲକର ସ୍ଥାୟୀ ଜିପିଡିଓଙ୍କର ବଦଳି ଯୋଗୁଁ ତାଙ୍କୁ ଭାରପ୍ରାପ୍ତ ଜିପିଡିଓ ଭାବେ ଅବସ୍ଥାପିତ କରାଯାଇଥିଲା। ଉକ୍ଳେଲା ପଞ୍ଚାୟତର ପିଇଓ ଶ୍ରୀ ଶିଖାଙ୍କ ସ୍ଥାନରେ ପ୍ରଥମେ କୃତାଞ୍ଜଳୀ ମାଝୀଙ୍କୁ ପିଆଇଓ ଭାବରେ ନିଯୁକ୍ତି ଦିଆଯାଇଥିଲା ବେଳେ ସେ ମାତ୍ର ମାସେ କାର୍ଯ୍ୟ କରିବା ପରେ ତାଙ୍କର ବଦଳି ହେବା ଯୋଗୁଁ ତାଙ୍କ ସ୍ଥାନରେ ରୁଦ୍ରାକ୍ଷ ସ୍ୱାଇଁଙ୍କୁ ପିଆଇଓ ଭାବେ ନିଯୁକ୍ତି ମିଳିଥିଲା। ତେବେ ୧୪୧ ଅଫ୍ ଓଜିପି ୧୯୧୪ ଆକ୍ଟ ନିୟମ ଅନୁସାରେ ସଂପୃକ୍ତ ଜଣେ ବିଭାଗୀୟ ଅଫିସର କିମ୍ବା କର୍ମଚାରୀ ବଦଳି ହେବାର ୭ ଦିନ ଭିତରେ ସମ୍ପୂର୍ଣ୍ଣ ଦାୟିତ୍ୱ ହସ୍ତାନ୍ତର କରିବା କଥା। କିନ୍ତୁ ଶ୍ରୀ ଶିଖା ଲକ୍ଷ ଲକ୍ଷ ଟଙ୍କା ହେରଫେର କରିଥିବା ଯୋଗୁଁ ଆଜିଯାଏ ସମ୍ପୂର୍ଣ୍ଣ ଦାୟିତ୍ୱ ହସ୍ତାନ୍ତର କରି ପାରିନାହାଁନ୍ତି। ଏଣୁ ପୂର୍ବତନ ପିଇଓ ଶ୍ରୀ ସ୍ୱାଇଁ ଓଜିପି ରୁଲ୍ ୨୦୧୪ ଆକ୍ଟ ଅନୁସାରେ ଉକ୍ଳେଲା ପଞ୍ଚାୟତର ତା.୧.୪.୨୦୨୨ ରୁ ୨୪.୯.୨୦୨୪ ପର୍ଯ୍ୟନ୍ତ ସ୍ପେଶାଲ ଅଡିଟ୍ କରିବାକୁ ପୂର୍ବତନ ବିଡ଼ିଓଙ୍କୁ ନିବେଦନ କରିଥିଲେ।

ତେବେ ଏହି ଫଣ୍ଡର କାରବାର ପବ୍ଲିକ ଫଣ୍ଡ ମ୍ୟାନେଜମେଣ୍ଟ ସିଷ୍ଟମ ପୋର୍ଟାଲରେ ଅନଲାଇନ୍ ପେମେଣ୍ଟ ହେବାକୁ ଥିଲାବେଳେ ପିଇଓ ଶ୍ରୀ ଶିଖା ଓ ସରପଞ୍ଚ ନରେନ୍ଦ୍ର ମାଝି କେବଳ ଚେକ୍ ମାଧ୍ୟମରେ ଉଠାଣ କରି ପାସ୍ ବୁକ୍ ରେ କମ୍ ଥିଲାବେଳେ କ୍ୟାସ୍ ବୁକ୍ ରେ ୭୦,୦୫, ୮୩୭ ଟଙ୍କା ଥିବା ବ୍ଲକ ଫାଇନାନ୍ସ ଅଫିସର ତଦନ୍ତରୁ ଜାଣିପାରିଥିଲେ। ଏହି ତଦନ୍ତ ରିପୋର୍ଟ ତଦନ୍ତକାରୀ ଅଧିକାରୀ ପୂର୍ବତନ ବିଡ଼ିଓଙ୍କୁ ଦେଲାପରେ ବ୍ଲକ କାର୍ଯ୍ୟାଳୟ ଚିଠି ନଂ ୬୩୭୯/ ତା.୧୫.୧୦. ୨୦୨୪ ରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ। ହେଲେ ପରିତାପର ବିଷୟ ଦୀର୍ଘ ୨ ମାସ ହୋଇଯାଇଥିଲେ ହେଁ କୌଣସି ପଦକ୍ଷେପ ନିଆଯାଇନଥିବା ରୁ ଦୁର୍ନୀତି କରିଥିବା ଅଧିକାରୀଙ୍କୁ ସୁହାଉଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏଥିପ୍ରତି ରାଜ୍ୟ ସରକାର ଦୃଷ୍ଟି ଦେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

## ବର୍ଦ୍ଧିତ ଭତ୍ତା ପାଇଲେ ୨୬୧୩୪ ହିତାଧିକାରୀ

**ବ୍ରହ୍ମପୁର,୧୫।୧ (ସଂଚାର ବ୍ୟୁରୋ):** ପ୍ରତିଶ୍ରୁତି ପୂରଣ ଦିଗରେ ଆଉ ଏକ ବଡ ପଦକ୍ଷେପ ନେଇଛନ୍ତି ରାଜ୍ୟ ସରକାର। ସେଥିମଧ୍ୟରୁ ପେନ୍‌ସନ୍ ଯୋଜନା ଅନ୍ୟତମ। ଯୋଗ୍ୟ ହିତାଧିକାରୀ ତଥା ଦିବ୍ୟାଙ୍ଗ, ବିଧବା, ବାର୍ଦ୍ଧକ୍ୟ ଭତ୍ତା ସରକାରଙ୍କ ପକ୍ଷରୁ ପ୍ରତି ମାସରେ ପେନସନ ଯୋଜାନରେ ସାମିଲ କରି ସେମାନଙ୍କୁ ଭତ୍ତା ପ୍ରଦାନ କରିଥାନ୍ତି। ୮୦ ପ୍ରତିଶତ ଅଧିକ ଦିବ୍ୟାଙ୍ଗ ଏବଂ ୮୦ ବର୍ଷରୁ ଅଧିକ ହିତାଧିକାରୀ ଏଣିକି ୩୫ଶହ ଟଙ୍କା ମିଳିବ। ଏହି ଅବସରରେ ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଛତ୍ରପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବାଣିଜ୍ୟ, ପରିବହନ, ଖଣି ଓ ଇସ୍ପାତ ବିଭାଗୀୟ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗଦେଇ ବର୍ଦ୍ଧିତ ଭତ୍ତା ବଣ୍ଟନ କରିଥିଲେ। ଗଞ୍ଜାମ ଜିଲାରେ ୨୬ ହଜାର ୧୩୪ ଜଣ ହିତାଧିକାରୀ ଏଥିରେ ଉପକୃତ ହୋଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ମଧୁବାବୁ ପେନ୍‌ସନ୍ ଯୋଜନାରେ ୮୦ ବର୍ଷରୁ ଅଧିକ ୮୯୦୬ ଜଣ ରହିଥିବା ବେଳେ ଜାତୀୟ ସାମାଜିକ ସହାୟତା ପେନ୍‌ସନ୍ ଯୋଜନାରେ ୧୦ହଜାର ୬୧୮ ଜଣ ରହିଛନ୍ତି। ସେହିପରି ମଧୁବାବୁ ପେନ୍‌ସନ୍ ଯୋଜାନରେ ୮୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ ୩୯୦୯ ଜଣ ଓ ଜାତୀୟ ସାମାଜିକ ସହାୟତା ପେନ୍‌ସନ୍ ଯୋଜନାରେ ୮୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ ୨୭୦୧ ଜଣ ରହିଥିବା ବିଭାଗ ପକ୍ଷରୁ କୁହାଯାଇଛି। କଥା ଦେଇ କଥା ରଖିଲେ ମୋହନ ସରକାର। ଲୋକଙ୍କୁ ଯେଉଁ ପ୍ରତିଶ୍ରୁତି ଦିଆଯାଇଥିଲା ଏବେ ତାହା ପୂରଣ କରାଯାଉଛି ବୋଲି ମନ୍ତ୍ରୀ କହିଥିଲେ। ଏଥି ସହିତ ଚୟନ ହୋଇଥିବା ଛତ୍ରପୁର ଉପଖଣ୍ଡର ଜୀବନ ଜୀବିକା ଯୋଜନର ହିତାଧିକାରୀଙ୍କୁ ଇ-ରିକ୍ସା ବଣ୍ଟନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଛତ୍ରପୁର ବ୍ଲକ ଅଧ୍ୟକ୍ଷା କିରଣ କୁମାରୀ ଦାଶ, ଉପାଧ୍ୟକ୍ଷା ଏସ୍. ସାରଦା ରେଡ୍ଡୀ, ଜିଲାପରିଷଦ ସିଡିଓ ମଧୁମିତା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ବେହେରାଙ୍କ ସମେତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଅବହେଳିତ ଅବସ୍ଥାରେ ମିତ୍ରପୁର ସ୍ୱାସ୍ଥ୍ୟକେନ୍ଦ୍ର

**ନୀଳଗିରି,୧୫।୧ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଅଧିନ ମିତ୍ରପୁର ସ୍ୱାସ୍ଥ୍ୟ ସେବାକେନ୍ଦ୍ର ଦୀର୍ଘଦିନ ଧରି ଅବ୍ୟବସ୍ଥା ଭିତରେ ଗତି କରୁଛି। ସରକାରୀକରଣ କରିବା ଓ ଅବ୍ୟବସ୍ଥାର ସୁଧାର ହେବା ନେଇ ବାରମ୍ବାର ପ୍ରତିଶ୍ରୁତି ମିଳୁଛି, ହେଲେ ପ୍ରତିଶ୍ରୁତି ପାଣିର ଗାର ସଦୃଶ ପାଲଟିଛି।

ସୂଚନାଯୋଗ୍ୟ ଯେ, ନୀଳଗିରି ଠାରୁ ୧୦ କିଲୋମିଟର ଦୂର ମିତ୍ରପୁରଠାରେ ଏକ ଘରୋଇ ସ୍ୱାସ୍ଥ୍ୟ କେନ୍ଦ୍ର ରହିଛି। ୨୦୦୪ ମସିହା ଏପ୍ରିଲ ୧ ତାରିଖରେ ସ୍ଥାନୀୟ କେତେକ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ଏହି ଦାତବ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା ହୋଇଥିଲା। ଡାକ୍ତରଖାନା ନାମରେ ଏ୧.୮୦ଡି. ଜମି ମଧ୍ୟ ଅଞ୍ଚଳବାସୀ ଦାନ କରିଅଛନ୍ତି। ୧,୦୦୦ ବର୍ଗଫୁଟରେ ନିଜସ୍ୱ ପକ୍କାଘର ରହିଛି। ଉକ୍ତ ଚିକିତ୍ସାଳୟ ଉପରେ ମିତ୍ରପୁର ଆଖପାଖ ୭ ଗୋଟି ପଞ୍ଚାୟତର ଅଧିବାସୀ ସ୍ୱାସ୍ଥ୍ୟ ସେବା ପାଇ ଆସୁଅଛନ୍ତି। ଦୈନିକ ହାରାହାରି ୬୦ରୁ ୭୦ ରୋଗୀ ଏଠାରେ ଚିକିତ୍ସିତ ହୋଇଥାନ୍ତି। ଏବେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚଳାଇବା ଅଞ୍ଚଳବାସୀଙ୍କ ପାଇଁ କଷ୍ଟକର ହୋଇପଡୁଛି। ସାସ୍ଥ୍ୟ କେନ୍ଦ୍ରରେ ନିୟୋଜିତ ସ୍ୱାସ୍ଥ୍ୟକର୍ମୀଙ୍କୁ ପାରିଶ୍ରମିକ ଦେବା ପାଇଁ ବହୁ କଷ୍ଟ ସାଧ୍ୟ ହେଉଅଛି।




ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଓଡ଼ିଶା ସରକାର ସ୍ୱାସ୍ଥ୍ୟ ବିଭାଗ ନିଜ ହାତକୁ ନେଇ ସରକାରୀ ଡାକ୍ତରଖାନା କରିବା ପାଇଁ ବାଲେଶ୍ୱର ଜିଲ୍ଲାପାଳ ଓ ମୁଖ୍ୟ ଚିକିତ୍ସାଧିକାରୀ ମହୋଦୟ ତଥା ବହୁ ରାଜନେତା ସ୍ୱାସ୍ଥ୍ୟ ବିଭାଗକୁ ବହୁବାର ପତ୍ର ମାଧ୍ୟମରେ ସୁପାରିଶ କରିଥିଲେ ମଧ୍ୟ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ସରକାରୀ ହୋଇ ପାରି ନାହିଁ । ଓଡ଼ିଶା ସରକାର ସ୍ୱାସ୍ଥ୍ୟ ବିଭାଗ ମିତ୍ରପୁର ସ୍ୱାସ୍ଥ୍ୟ କେନ୍ଦ୍ରଟିକୁ ସରକାରୀସ୍ତରରେ ଅବହେଳାର କାରଣ ଏବେବି ଅସ୍ପଷ୍ଟ ସହ ସରକାରୀକରଣ ନ ହେବାର କାରଣ ଏ ଅଞ୍ଚଳବାସୀ ଜାଣି ପାରୁନାହାନ୍ତି। ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଠାରୁ ଅନ୍ୟ ସ୍ୱାସ୍ଥ୍ୟ କେନ୍ଦ୍ର ୧୦ ରୁ ୧୫ କି.ମି. ଦୂର। ଏ ଅଞ୍ଚଳର ରୋଗୀମାନେ ଆର୍ଥିକ ଦୃଷ୍ଟିରୁ ବହୁତ ଦୁର୍ବଳ ହୋଇଥିବାରୁ ଏତେ ଦୂର ଯାଇ ଚିକିତ୍ସା ହେବା ବହୁତ କଷ୍ଟସାଧ୍ୟ । କାରଣ ଏ ଅଞ୍ଚଳରରେ ୮୦ ଭାଗ ଆଦିବାସୀ ଓ ଶ୍ରମିକ ଶ୍ରେଣୀର ଅଧିବାସୀ ଅଟନ୍ତି । ମିତ୍ରପୁର ସ୍ୱାସ୍ଥ୍ୟକେନ୍ଦ୍ର ବିଷୟରେ ବାଲେଶ୍ୱର ମୁଖ୍ୟଚିକିତ୍ସା ଅଧିକାରୀ ସମ୍ପୂର୍ଣ୍ଣଭାବେ ଅବଗତ ଅଛନ୍ତି । ବହୁବାର ମଧ୍ୟ ଓଡ଼ିଶା ସ୍ୱାସ୍ଥ୍ୟ ବିଭାଗକୁ ପତ୍ର ମାଧ୍ୟମରେ ସୁପାରିଶ କରିଅଛନ୍ତି। ତାଙ୍କ ନିର୍ଦ୍ଦେଶରେ ସପ୍ତାହରେ ୧ ଦିନ ସରକାରୀ ଡାକ୍ତର ଆସୁଅଛନ୍ତି । ପ୍ରତ୍ୟେକ ମାସରେ ଔଷଧ ମଧ୍ୟ ଦେଇ ଅଛନ୍ତି । ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରକୁ ମିନି ସ୍ୱାସ୍ଥ୍ୟ କେନ୍ଦ୍ରର ମାନ୍ୟତା ଦିଆଗଲେ ଏ ଅଞ୍ଚଳର ଦୀର୍ଘ ବର୍ଷର ଆଶା ଏବଂ ଆକାଂକ୍ଷାର ପୂରଣ ହେବା ସହିତ ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟସେବାର ଉନ୍ନତିର ପରିଲିଖିତ ହେବ। ଏନେଇ ବୁଧବାର ଦିନ ଅଞ୍ଚଳବାସୀଙ୍କ ପକ୍ଷରୁ ନିଳଗିରି ଉପ ଜିଲ୍ଲାପାଳ ଶୁଭଶ୍ରୀ ରଥଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

## ବଣାଇ ସର୍କଲର ପ୍ରାଥମିକ କୃଷି ସମବାୟ ସମିତି ସଦସ୍ୟଙ୍କ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ

**ସୁନ୍ଦରଗଡ,୧୫।୧ (ସଂଚାର ବ୍ୟୁରୋ) :** ବୁଧବାର ଦିନ ବଣାଇ ସର୍କଲ ଅନ୍ତର୍ଗତ ୧୩ ଗୋଟି ବୃହଦାକାର ବହୁମୁଖି ଆଦିବାସୀ କୃଷି ସମବାୟ ସମିତି ପରିଚାଳନା ପରିଷଦ ସଭ୍ୟ ସଭ୍ୟା ମାନଙ୍କ ଦକ୍ଷତା ବିକାଶ ନିମନ୍ତେ ଏକ ତାଲିମ ଶିବିର ବଣାଇ ସ୍ଥିତ ଆଇଟିଡିଏ ହଲରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବ୍ୟାଙ୍କର ସଭାପତି ଡ.ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରି ପରିଚାଳନା



ପରିଷଦ ସଦସ୍ୟଙ୍କ ପାଇଁ ତାଲିମର ଆବଶ୍ୟକତା ତଥା ୨୦୨୦ ମସିହାରେ କେନ୍ଦ୍ର ସରକାର ସମବାୟ ବିଭାଗ ସୃଷ୍ଟି କରି ଏବଂ ତାର ଦ୍ୱାୟିତ୍ୱ ଅମିତ୍ ଶାହା ନେଲାପରେ ଅନ୍ୟାନ୍ୟ ରାଜ୍ୟ ସମେତ ଓଡ଼ିଶାରେ ମଧ୍ୟ ସମବାୟ ଆନ୍ଦୋଳନକୁ ଅଧିକ କ୍ରିୟାଶୀଳ କରିବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଉଥିବା ପେରିପେକ୍ଷିରେ ପରିଚାଳନା ପରିଷଦର ଭୂମିକା ବିଷୟରେ କହିଥିଲେ। ବରିଷ୍ଠ ସହକାରୀ ନିବନ୍ଧକ ଅଜୟ କୁମାର ସେଠୀ ଯୋଗଦେଇ ପରିଚାଳନା ପରିଷଦର କାର୍ଯ୍ୟ, କର୍ତ୍ତବ୍ୟ,ଦାୟିତ୍ୱ ବିଷୟରେ ସବିଶେଷ ତାଲିମ ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ଏଜିଏମ୍ ପ୍ରଦ୍ୟୁମ୍ନ କୁମାର ନନ୍ଦ ଯୋଗଦେଇ ବ୍ୟାଙ୍କ ତଥା ଲ୍ୟାମ୍ପସ ର ସମ୍ପର୍କ ଉପରେ ଏବଂ ଦୂରଦୃଷ୍ଟି ରଖି ପ୍ରତ୍ୟେକ ପରିଷଦ କାମ କରିବା ଉଚିତ୍ ବୋଲି ବୁଝାଇଥିଲେ।

## ନୀଳାଚଳ କାରଖାନାରୁ ଗୃହପାଳିତ ପଶୁଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଉ

**କଳିଙ୍ଗନଗର,୧୫।୧ (ସଂଚାର ବ୍ୟୁରୋ) :** ଯାଜପୁର ଜିଲ୍ଲା କଳିଙ୍ଗନଗର ଶିଳ୍ପାଞ୍ଚଳ ସ୍ଥିତ ନୀଳାଚଳ କାରଖାନା ପରିସରରେ ଥିବା ଗୃହ ପାଳିତ ପଶୁଗୁଡିକୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ପାଇଁ ପତ୍ର ଲେଖି ବିଭାଗୀୟ ମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି ରାଧାକୃଷ୍ଣ ଗୋଶାଳାର ସଭାପତି ବୁଲୁ ଯାଦବ ଓ ସମ୍ପାଦକ ଦୋଳ ଗୋବିନ୍ଦ ମହାନ୍ତ। ସେମାନଙ୍କ କହିବା କଥା ନୀଳାଚଳ କାରଖାନା ବନ୍ଦ ରହିଥିବା ବେଳେ ପାଚେରୀ ଭାଙ୍ଗି କିଛି ଅସାମାଜିକ ଲୋକ ଚୋରୀ କରୁଥିଲେ। ସେ ସମୟରେ ସ୍ଥାନୀୟ ଅଞ୍ଚଳର ଅନେକଗୃହ ପାଳିତ ପଶୁ ଗାଈ, ମଇଁଷି ଓ ଷଣ୍ଢ କାରଖାନା ଭିତରକୁ ପଶି ଯାଇଥିଲେ। ୨୦୨୨ ମସିହା ଜୁଲାଇ ମାସ ୪ ତାରିଖରେ ଟାଟା କମ୍ପାନୀ ନୀଳାଚଳ କାରଖାନାକୁ ଅଧିଗ୍ରହଣ କରିବା ପରେ ଭଙ୍ଗା ଯାଇଥିବା ପାଚେରୀକୁ ମରାମତି କରି ବନ୍ଦ କରିଦେଲେ। କିନ୍ତୁ ଗୃହ ପାଳିତ ପଶୁ ଗୁଡିକୁ ବାହାର କଲେ ନାହିଁ। କାରଖାନା ଚାଲିବା ଆରମ୍ଭ ହେବା ପରେ ବିଷାକ୍ତ ଗ୍ୟାସ, ଗରମ ବାୟୁ ମଣ୍ଡଳ, ଧୂଆଁ ଧୂଳିରେ ପଶୁ ଗୁଡିକ ରହିବା ପାଇଁ କଷ୍ଟକର ହୋଇ ପଡୁଛି। ତେଣୁ ସେ ଗୁଡିକୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ପାଇଁ ଓଡିଶା ସରକାରଙ୍କ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କୁ ନିବେଦନ କରିଛନ୍ତି।

## ବିବେକାନନ୍ଦ ସଂସ୍କୃତି ମେଳା ଉଦ୍‌ଯାପିତ




**ବ୍ରହ୍ମପୁର,୧୫।୧ (ସଂଚାର ବ୍ୟୁରୋ) :** ବିବେକାନନ୍ଦ ବିଦ୍ୟାମନ୍ଦିର ତରଫରୁ ହରିଡ଼ାଖଣ୍ଡି ପୋଖରୀ ନିକଟସ୍ଥ ଦ୍ୱାରିକାନଗର ବିବେକାନନ୍ଦ ଖେଳପଡିଆରେ ଚାଲିଥିବା ବିବେକାନନ୍ଦ ସଂସ୍କୃତି ମେଳା ଉଦଯାପିତ ହୋଇଯାଇଛି।

ମେଳାର ପ୍ରଥମ ଦିନରେ ବିଭିନ୍ନ ବିଭାଗର ଶିଶୁ ମାନଙ୍କୁ ନେଇ ଭିନ୍ନ ଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିଶୁ ଗଣ ସର୍ବମୋଟ ୩୭ଟି ବିଭାଗ ରେ ଅଂଶ ଗ୍ରହଣ କରି ନିଜର ପାରଦର୍ଶିତା ହାସଲ କରି ସମ୍ମାନିତ ହୋଇଥିଲେ।

ସେହିପରି ଦ୍ୱିତୀୟ ଦିନରେ ବିଭିନ୍ନ ବିଭାଗରେ ଅଂଶଗ୍ରହଣ କରିଥିବା ଶିଶୁ ଓ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଅନ୍ୟପକ୍ଷରେ ତୃତୀୟ ଦିନରେ ବିବେକାନନ୍ଦ ବିଦ୍ୟାମନ୍ଦିର ଶିଶୁ ଗଣଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଆୟୋଜିତ ହୋଇଥିଲା । ଉକ୍ତ ତିନିଦିନିଆ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା, ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ଭୁବନେଶ୍ୱର ରାମକୃଷ୍ଣ ମଠର ମିହିର ମହାରାଜ, ଜିଲ୍ଲା ଶିକ୍ଷା ଅଧିକାରୀ ଲିଙ୍ଗରାଜ ସ୍ୱାଇଁ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଶୁଶାନ୍ତ ସାବତ, ପ୍ରକାଶ ପଟ୍ଟନାୟକ, ଶୁଶାନ୍ତ ନାୟକ, ଆନନ୍ଦ ମହାକୁଡ଼ ଉପସ୍ଥିତ ହୋଇ କାର୍ଯ୍ୟକ୍ରମର ଶୋଭା ବର୍ଦ୍ଧନ କରିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ପ୍ରତିଷ୍ଠାତା ମିହିର ରଞ୍ଜନ ତ୍ରିପାଠୀ ଓ ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ସୁଚାରୁ ରୂପେ ସମ୍ପାଦନା କରିଥିଲେ।

## ପ୍ରଚଣ୍ଡ ଶବ୍ଦରେ ଲୋକେ ଆତଙ୍କିତ

**ଟାଙ୍ଗୀ-ଚୌଦ୍ୱାର,୧୫।୧ (ସଂଚାର ବ୍ୟୁରୋ) :** ବୁଧବାର ସକାଳ ପ୍ରାୟ ୭ଟା ୩୦ମି ସମୟରେ ହଠାତ୍ ଏକ ପ୍ରଚଣ୍ଡ ଶବ୍ଦ ଚୌଦ୍ୱାର ଓ ଏହାର ଆଖପାଖ ଅଞ୍ଚଳବାସୀ ଶୁଣିବାକୁ ପାଇଥିଲେ। ଶବ୍ଦରେ ଘରର ଝରକା, କବାଟ, ଖଟ, ଆଲମୀରା ଅଦି କିଛି ସମୟ ପାଇଁ ଦୋହଲି ଯାଇଥିଲା। ଭୟରେ ଲୋକେ ଘର ଭିତରୁ ପଦାକୁ ଚାଲି ଆସିଥିଲେ। ଶବ୍ଦ କେଉଠି ହେଲା ଏବଂ କଣ ପାଇଁ ହେଲା କେହି ହଠାତ୍ ବୁଝି ପାରିନଥିଲେ। କିଛି ଲୋକ ଏହାକୁ ଭୂମିକମ୍ପ କହୁଥିବା ବେଳେ ଅନ୍ୟକିଛି ବଡ ଧରଣର ବିସ୍ଫୋରଣ ବୋଲି କହି ଭୟଭୀତ ହୋଇ ପଡ଼ିଥିଲେ। ପରବର୍ତ୍ତି ମୁହୂର୍ତ୍ତରେ ଚୌଦ୍ୱାରସ୍ଥିତ ଇମ୍ଫା କରାଖାନା ଭିତରୁ ଏଭଳି ଶବ୍ଦ ବାହାରିଥିବା ଜଣାପଡ଼ିବା ଫଳରେ ଲୋକେ ଆସ୍ୱସ୍ତି ଲାଭ କରିଥିଲେ। କମ୍ପାନୀ ପରିସରରେ ଥିବା ଏକ ଫରନେସ କୌଣସି କାରଣବସତଃ ଫାଟି ଯିବା ହେତୁ ଏଭଳି ଶବ୍ଦ ହୋଇଥିବା ବିଶେଷ ସୂତ୍ରରୁ ଜଣାପଡ଼ିଥିଲା।